ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜୁଲାଇ ୧୨/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, July 12/2023 | Page 16 | ₹ 7.00 | SAMBALPUR
୪୯ଶ ଭାଗ ୨୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 227 | ମୂଲ୍ୟ ₹୭/-



**ନଗ୍ନତାକୁ ପସନ୍ଦ କରନ୍ତିନି ନର୍ଗିସ୍**
ଅଭିନେତ୍ରୀ ନର୍ଗିସ୍ ଫକରୀଙ୍କୁ ନଗ୍ନତା ପସନ୍ଦ ନ ଥିବାରୁ ସେ କେବେ ବି ନଗ୍ନତାପୂର୍ଣ୍ଣ ଶୁଟ୍ କରିବେନି ବୋଲି ଏକ ସାକ୍ଷାତ୍କାରରେ କହିଛନ୍ତି। **୧୨**

**୧୬** **ଭୋଣ୍ଡ୍ରୋସୋଭା ସେମିଫାଇନାଲରେ**
ଚେକ୍ ରିପବ୍ଲିକର ମାର୍କେଟା ଭୋଣ୍ଡ୍ରୋସୋଭା ୱିମ୍ବଲଡନ ଓପନ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।





ଜୁଲାଇ ୧୪ରେ ଉତ୍କ୍ଷେପଣ କରାଯିବାକୁ ଥିବା ଚନ୍ଦ୍ରଯାନ-୩ ମିଶନର ଅବଗଣନା ଆରମ୍ଭ ହୋଇଛି। ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ସ୍ପେସ୍ ସେଣ୍ଟରର ଲଞ୍ଚ୍‌ପ୍ୟାଡ୍‌ରେ ଚନ୍ଦ୍ରଯାନ-୩ ସହ ଏହାର ଲଞ୍ଚ୍ ଭେହିକିଲ୍ ମାର୍କ-୩ୟ (ଏଲ୍‌ଭିଏମ୍୩) ଏମ୍୪ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇରହିଛି।

# ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି ବେଆଇନ

- **୩ ଥର ଅବଧି ବଢ଼ାଇଥିବା କେନ୍ଦ୍ରକୁ ସୁପ୍ରିମକୋର୍ଟ ଝଟକା**
- **ଜୁଲାଇ ୩୧ରେ ପଦ ଛାଡ଼ିବାକୁ ସଞ୍ଜୟ ମିଶ୍ରାଙ୍କୁ ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୧୧।୭**

ବିରୋଧୀ ଦଳଗୁଡ଼ିକର ମୁହଁ ବନ୍ଦ ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ଅଭିଯୋଗ ବଢ଼ିବାରେ ଲାଗିଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟ ସଞ୍ଜୟ କୁମାର ମିଶ୍ରାଙ୍କ କାର୍ଯ୍ୟକାଳ ବୃଦ୍ଧି ପ୍ରସଙ୍ଗରେ ମଙ୍ଗଳବାର କେନ୍ଦ୍ରକୁ ସୁପ୍ରିମକୋର୍ଟ ଝଟକା ଲାଗିଛି। ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସଞ୍ଜୟଙ୍କ ତୃତୀୟ କାର୍ଯ୍ୟକାଳ ବୃଦ୍ଧିକୁ ବେଆଇନ ଦର୍ଶାଇ ଜୁଲାଇ ୩୧ରେ ପଦ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ରେ ସର୍ବୋଚ୍ଚ ଅଦାଲତଙ୍କ ଏକ ନିର୍ଦ୍ଦେଶନାମା ବଳରେ ସଞ୍ଜୟ ସର୍ବାଧିକ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ଇଡି ମୁଖ୍ୟ ପଦରେ ରହିବା କଥା ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ସଞ୍ଜୟ ମିଶ୍ରା ହେଉଛନ୍ତି ୧୯୮୪ ବ୍ୟାଚ୍‌ର ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ। କେନ୍ଦ୍ର ସରକାରଙ୍କ ମତରେ ୬୩ ବର୍ଷୀୟ ସଞ୍ଜୟ ଜଣେ ଅର୍ଥନୀତି ବିଶେଷଜ୍ଞ। ସଞ୍ଜୟ ଦିଲ୍ଲୀରେ ଆୟକର ବିଭାଗର ମୁଖ୍ୟ କମିଶନର ଥିବାବେଳେ ଅନେକ ଉଚ୍ଚସ୍ତରୀୟ ମାମଲାର ତଦନ୍ତ କରି ସଫଳତା ହାସଲ କରିଥିବା ଦର୍ଶାଇ ତାଙ୍କୁ ୨୦୧୮ ଅକ୍ଟୋବରରେ ୩ ମାସ ପାଇଁ ଇଡିର ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତ କରାଯାଇଥିଲା। ପରେ ତାଙ୍କୁ ପୂର୍ଣ୍ଣକାଳୀନ ମୁଖ୍ୟ ଭାବେ ନିଯୁକ୍ତି ମିଳିଥିଲା। ୨୦୨୦ ନଭେମ୍ବରରେ ସଞ୍ଜୟ ୬୦ ବର୍ଷରେ ଉପନୀତ ହୋଇ ଅବସର ନେଇଥାନ୍ତେ। କିନ୍ତୁ ତାଙ୍କ ୨ ବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ବର୍ଷେ ବଢ଼ାଇଦେଇଥିଲେ। ସେତେବେଳେ ଏନ୍‌ଜିଓ କମନ୍ କଜ୍ ଏହି ନିଯୁକ୍ତିକୁ ଚ୍ୟାଲେଞ୍ଜ କରିଥିଲା। ତେବେ ୨୦୨୧ରେ ସୁପ୍ରିମକୋର୍ଟ ସଞ୍ଜୟଙ୍କ ନିଯୁକ୍ତି ଅବଧି ବୃଦ୍ଧିକୁ ଅନୁମତି ଦେଇଥିଲେ। କାରଣ କେନ୍ଦ୍ର ସରକାର ଏହା ପୂର୍ବରୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଆଇନ ଏବଂ ଦିଲ୍ଲୀ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ ଆକ୍ଟରେ ସଂଶୋଧନ ଆଣିଥିଲେ। ଉକ୍ତ ସଂଶୋଧନ ଫଳରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମୁଖ୍ୟ ନିଜ ୨ ବର୍ଷିଆ କାର୍ଯ୍ୟକାଳ ପୂରଣ କରିବା ପରେ ଆଉ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ବ୍ୟବସ୍ଥା ହୋଇଛି। ଏହି ଦୃଷ୍ଟିରୁ ସଞ୍ଜୟଙ୍କ ଅବଧି ୨୦୨୧ ନଭେମ୍ବରରେ ଶେଷ ହେବାକୁ ଥିବାବେଳେ ସରକାର ଏହାକୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ପୁଣି ବଢ଼ାଇଥିଲେ। ସଞ୍ଜୟଙ୍କ ଶେଷ ବର୍ଦ୍ଧିତ ଅବଧି ୨୦୨୩ ନଭେମ୍ବର ପର୍ଯ୍ୟନ୍ତ ରହିଥିଲା। ଥରକୁ ଥର ଅବଧି ବୃଦ୍ଧି ମଧ୍ୟରେ ସଞ୍ଜୟ ଅନେକ ହାଇ-ପ୍ରୋଫାଇଲ ରାଜନେତା ବିଶେଷକରି ବିରୋଧୀ ଦଳଗୁଡ଼ିକର ନେତାଙ୍କ ବିରୋଧରେ ତଦନ୍ତ ଚଳାଇ ଚର୍ଚ୍ଚିତ ହୋଇଥିଲେ। ☞ପୃଷ୍ଠା-୪



ସଞ୍ଜୟ କୁମାର ମିଶ୍ରା

## ଅଗଷ୍ଟ ୧୨କୁ ଘୁଞ୍ଚିଲା ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି

**ନୂଆଦିଲ୍ଲୀ, ୧୧।୭**

ମହାନଦୀ କ୍ଷେତ୍ର ପରିଦର୍ଶନରେ ଯାଇଥିବା ବିଶେଷଜ୍ଞମାନେ ସାଧାରଣ ସୂଚନା ଫର୍ମାଟ୍‌ରେ ପଶ୍ଚିମ ଅବବାହିକା ଅଞ୍ଚଳକୁ ମହାନଦୀ ବେସିନ୍‌ରେ ସାମିଲ କରିଥିବାରୁ ଓଡ଼ିଶା ସରକାର ମଙ୍ଗଳବାର ଏହାର ପ୍ରତିବାଦ କରିଥିଲେ। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ୩ ଜଣିଆ ବେଞ୍ଚ୍ ଉକ୍ତ ପ୍ରସଙ୍ଗର ସମାଧାନ ପାଇଁ ଓଡ଼ିଶାକୁ ୪ ସପ୍ତାହ ସମୟ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୨କୁ ଧାର୍ଯ୍ୟ କରିଛନ୍ତି।

ଶୁଣାଣି ବେଳେ ଓଡ଼ିଶା ସରକାରଙ୍କ ଓକିଲ ଟ୍ରିବ୍ୟୁନାଲଙ୍କୁ କହିଥିଲେ, ମହାନଦୀ ବେସିନ୍‌ର ଅଂଶବିଶେଷ ନ ଥିବା ଚିଲିକା ହ୍ରଦ ସମେତ ପଶ୍ଚିମ ଭାଗରେ ଥିବା ଅବବାହିକାକୁ ସାଧାରଣ ସୂଚନା ଫର୍ମାଟରେ ସାମିଲ କରାଯାଇଛି। ଏନେଇ ବିଶେଷଜ୍ଞମାନଙ୍କ ସହ ଆଲୋଚନା ପାଇଁ ଓଡ଼ିଶା ସରକାର ସମୟ ଚାହିଁଥିଲେ। ସୂଚନାଯୋଗ୍ୟ, ଟ୍ରିବ୍ୟୁନାଲର ବିଚାରପତି ଏବଂ ବିଶେଷଜ୍ଞମାନଙ୍କ ସହ ଓଡ଼ିଶା ଓ ଛତିଶଗଡ଼ ଟିମ୍ ଗତ ଏପ୍ରିଲ, ମେ'ରେ ମହାନଦୀ ବେସିନ୍ ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ।

**ଆଜିର ସମ୍ପାଦକୀୟ** ଆଜି ସେମାନେ, କାଲି ଆମେ

## ଡିଗ୍ରୀ ପାଠ୍ୟକ୍ରମ ପାଇଁ ଏସ୍‌ସି/ଏସ୍‌ଟି ଛାତ୍ରଙ୍କୁ ମିଳିବ ୫୦ ହଜାର

**ଜନଜାତି ଉପଦେଷ୍ଟା ପରିଷଦ ବୈଠକ**

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- **ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପାଇଁ ୫୦୦ କୋଟି ବ୍ୟୟବରାଦ**
- **ଜନଜାତି ଶିକ୍ଷା, ଜୀବନଜୀବିକା, ଅଧିକାର ସୁରକ୍ଷା ସରକାରଙ୍କ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୧୧।୭(ଅନିଲ ଦାସ)**

ଚଳିତ ବର୍ଷରୁ କୌଣସି ସରକାରୀ କଲେଜରେ ଡିଗ୍ରୀ ପାଠ୍ୟକ୍ରମ ପାଇଁ ଅସହାୟ ତଥା ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ଏକକାଳୀନ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବେ। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବଣ ଜଙ୍ଗଲରେ ବାସ କରୁଥିବା ଯୋଗ୍ୟ ଆଦିବାସୀମାନଙ୍କୁ ସେମାନଙ୍କ ଭୂମି ଅଧିକାର ଦେବା ସକାଶେ ରାଜ୍ୟ ସରକାର ନୂଆ ଯୋଜନା 'ମୋ ଜଙ୍ଗଲ ଜମି' କାର୍ଯ୍ୟକାରୀ କରିଛନ୍ତି। ଏଥିସହିତ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଜଙ୍ଗଲ ଅଧିକାର ଆଇନକୁ କାର୍ଯ୍ୟକାରୀ କରିଛି। ଜନଜାତିମାନଙ୍କର ଜୀବିକାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ରାଜ୍ୟ ଯୋଜନାରୁ ମୁଖ୍ୟମନ୍ତ୍ରୀ ଜୀବିକା ମିଶନ କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ରାଜ୍ୟ ବଜେଟରେ ୫୦୦ କୋଟି ଟଙ୍କାର ବଜେଟ ଅନୁମୋଦନ କରାଯାଇଛି। ଏହି ଯୋଜନା ଆଦିବାସୀ ଉପଯୋଜନା ଅନ୍ତର୍ଭୁକ୍ତ ୨୧୨ଟି ବ୍ଲକରେ ଆସନ୍ତା ୩ ବର୍ଷ ଅର୍ଥାତ୍ ୨୦୨୨-୨୩ରୁ ୨୦୨୫-୨୬ ଯାଏ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ୭ ବର୍ଷ ଯାଏ ୧୧୩୮ ବିଲୁପ୍ତପ୍ରାୟ ଆଦିମ ଜନଜାତି(ପିଭିଟିଜି) ଗ୍ରାମଗୁଡ଼ିକରେ ଓଡ଼ିଶା ପିଭିଟିଜି ସଶକ୍ତୀକରଣ ଓ ଜୀବନଜୀବିକା ଉନ୍ନତୀକରଣ ଯୋଜନା କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଏ ନେଇ ପ୍ରସ୍ତାବ ଦେଇଛନ୍ତି। ଜନଜାତି ବର୍ଗଙ୍କର ସାମାଜିକ-ଆର୍ଥିକ ବିକାଶ ପାଇଁ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି। ☞ପୃଷ୍ଠା-୪

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୯୦୨ ନୂଆ ପଦବୀ ସୃଷ୍ଟି

**ନିଯୁକ୍ତି ପାଇବେ ୬୪୨ ଶିକ୍ଷକ, ୨୬୦ ଅଣଶିକ୍ଷକ**

**ଭୁବନେଶ୍ୱର,୧୧।୭(ଅନୁରାଧା ମହାରଣା)**

ରାଜ୍ୟର ୧୦୬ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ନୂତନ ପଦବୀ ସୃଷ୍ଟି ହୋଇଛି। ରାଜ୍ୟ ସରକାର ମୋଟ ୯୦୨ଟି ପଦବୀ ସୃଷ୍ଟି କରିଛନ୍ତି। ଏଥିମଧ୍ୟରେ ୬୪୨ଟି ଶିକ୍ଷକ ଓ ୨୬୦ଟି ଅଣଶିକ୍ଷକ ପଦବୀ ରହିଛି। ଖୁବ୍‌ଶୀଘ୍ର ଏନେଇ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ୬୪୨ ପୋଷ୍ଟ ଗ୍ରାଜୁଏଟ ଟିଚର (ପିଜିଟି) ପଦବୀ ସମେତ ୨୪ ଲାବୋରେଟୋରୀ ଆସିଷ୍ଟାଣ୍ଟ, ୨୪ ଲାବୋରେଟୋରୀ ଆଟେଣ୍ଡାଣ୍ଟ, ୧୦୬ ଆସିଷ୍ଟାଣ୍ଟ ଲାଇବ୍ରେରିଆନ, ୧୦୬ ଜୁନିୟର କ୍ଲର୍କ ପଦବୀ ସୃଷ୍ଟି କରାଯାଇଛି। ଚଳିତ ବର୍ଷ ୧୦୬ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ☞ପୃଷ୍ଠା-୪

## ଅନ୍‌ଲାଇନ୍ ଗେମିଂରେ ଲାଗିବ ୨୮% ଜିଏସ୍‌ଟି

- **କ୍ୟାନ୍‌ସର ଔଷଧ ଜିଏସ୍‌ଟିରୁ ବାଦ୍**
- **କାଉନ୍‌ସିଲ ବୈଠକରେ ନିଷ୍ପତ୍ତି**

**ନୂଆଦିଲ୍ଲୀ, ୧୧।୭**

ଅନ୍‌ଲାଇନ ଗେମିଂ, କାସିନୋ ଏବଂ ହର୍ସ ରେସିଂରେ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ କରିବା ପାଇଁ ମଙ୍ଗଳବାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) କାଉନ୍‌ସିଲ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ସିନେପ୍ଲେକ୍ସ ଭିତରେ ଥିବା ରେଷ୍ଟୁରାଣ୍ଟରେ ଜିଏସ୍‌ଟି ପରିମାଣ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବାବେଳେ କ୍ୟାନ୍‌ସର ଔଷଧ ଡିନୁଟୁକ୍ସିମାବ୍ ଏବଂ ସ୍ୱତନ୍ତ୍ର ମେଡିକାଲ ଉଦ୍ଦେଶ୍ୟର ଖାଦ୍ୟକୁ ଜିଏସ୍‌ଟିରୁ ବାଦ୍ ଦିଆଯାଇଛି। ନୂଆଦିଲ୍ଲୀରେ ଜିଏସ୍‌ଟି କାଉନସିଲ୍‌ର ୫୦ତମ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଅନ୍‌ଲାଇନ ଗେମିଂ ସମେତ କାସିନୋ ଏବଂ ହର୍ସ ରେସିଂରେ ଟିକସ ଲଗାଇବା ପ୍ରସ୍ତାବରେ ପୂର୍ବରୁ ମନ୍ତ୍ରୀଗୋଷ୍ଠୀ ବୈଠକରେ ସହମତି ପ୍ରକାଶ ପାଇଥିଲା। ଦକ୍ଷତା ଗେମ୍ ଏବଂ ସୁଯୋଗର ଗେମ୍ ମଧ୍ୟରେ କୌଣସି ପ୍ରାର୍ଥକ୍ୟ ରହିବା ଉଚିତ ନୁହେଁ ବୋଲି କାଉନସିଲ ☞ପୃଷ୍ଠା-୪

## ୧୫ ବର୍ଷରେ ଦାରିଦ୍ର୍ୟରୁ ମୁକ୍ତ ହେଲେଣି ୪୧.୫ କୋଟି ଭାରତୀୟ

**ଜାତିସଂଘ ରିପୋର୍ଟ**

**ଜାତିସଂଘ,୧୧।୭**

ବିଶ୍ୱର ଜନବହୁଳ ଦେଶ ଭାରତରେ ଦାରିଦ୍ର୍ୟ ଧୀରେ ଧୀରେ କମିବାରେ ଲାଗୁଥିବା ମଙ୍ଗଳବାର ଜାତିସଂଘ ପକ୍ଷରୁ ପ୍ରକାଶ ପାଇଥିବା ଗ୍ଲୋବାଲ ମଲ୍ଟିଡାଇମେନ୍‌ଶନାଲ ପଭର୍ଟି ଇନ୍‌ଡେକ୍ସ (ଏମ୍‌ପିଆଇ) ରିପୋର୍ଟରୁ ଜଣାପଡ଼ିଛି। ଗତ ୧୫ ବର୍ଷ ମଧ୍ୟରେ ଦେଶର ୪୧.୫ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୟୁନାଇଟେଡ୍ ନେଶନ୍ ଡେଭଲପମେଣ୍ଟ ପ୍ରୋଗ୍ରାମ (ୟୁଏନ୍‌ଡିପି) ଏବଂ ଦ ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମାନ୍ ଡେଭଲପମେଣ୍ଟ ଇନିସିଏଟିଭ୍ (ଓପିଏଚ୍‌ଆଇ) ପକ୍ଷରୁ ମିଳିତ ଭାବେ ୨୦୦୫-୦୬ରୁ ୨୦୧୯-୨୧ ବର୍ଷର ଡେଟାକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ। ଭାରତ, କାମ୍ବୋଡିଆ, ଚାଇନା, କଙ୍ଗୋ, ହଣ୍ଡୁରାସ, ଇଣ୍ଡୋନେସିଆ, ମରକୋ, ସର୍ବିଆ ଓ ଭିଏତ୍‌ନାମ ସମେତ ୨୫ ଦେଶ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ଏଥିରେ ଉଲ୍ଲେଖ ରହିଛି।

ଅନ୍ୟ ଦେଶ ତୁଳନାରେ ଭାରତରେ ସର୍ବାଧିକ ଲୋକ ଦାରିଦ୍ର୍ୟରୁ ବାହାରିବା ଗ୍ରହଣୀୟ। ୨୦୦୫-୨୦୦୬ ମଧ୍ୟରେ ଦେଶରେ ୬୪.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବାବେଳେ ୨୦୧୫-୧୬ରେ ☞ପୃଷ୍ଠା-୪



**ଇମ୍ରାନ୍‌ଙ୍କୁ ଗିରଫ ପରୱାନା ଜାରିକଲେ ପାକ୍ ନିର୍ବାଚନ କମିଶନ**

ପାକିସ୍ତାନ ନିର୍ବାଚନ କମିଶନ (ଇସିପି) ଏକ ଅବମାନନା ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏବଂ ପୂର୍ବତନ ସୂଚନା ପ୍ରସାରଣ ଓ ବ୍ରଡ୍‌କାଷ୍ଟିଂ ମନ୍ତ୍ରୀ ଫୱାଦ ଚୌଧରୀଙ୍କୁ ମଙ୍ଗଳବାର ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। ନିର୍ବାଚନ କମିଶନ ଏବଂ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ଅସଂଯମ ଭାଷା ବ୍ୟବହାର ଅଭିଯୋଗରେ ଗିରଫ ପରୱାନା ଜାରି ହୋଇଛି।

## ସଂକ୍ଷେପରେ

### ଭୂସ୍ଖଳନରେ ୪ ତୀର୍ଥଯାତ୍ରୀ ମୃତ

**ଉତ୍ତରକାଶୀ, ୧୧।୭(ପି.ଟି.):** ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଯୋଗୁ ଗଙ୍ଗୋତ୍ରୀ ଜାତୀୟ ରାଜପଥର ଗଙ୍ଗନାନି ବ୍ରିଜ୍ ନିକଟରେ ଭୂସ୍ଖଳନ ଘଟି ୩ ଗାଡ଼ି ପୋତିହୋଇ ପଡ଼ିବା ସହ ମଧ୍ୟପ୍ରଦେଶର ୪ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି। ସୋମବାର ରାତିରେ ଘଟିଥିବା ଏହି ଭୂସ୍ଖଳନରେ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ପୋଲିସ ଓ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ନିୟୋଜିତ ହୋଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ପ୍ରବଳ ବର୍ଷା ସମୟରେ ଅଯଥା ଭ୍ରମଣ ନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

### ଦିଲ୍ଲୀରେ ୨ ମଜୁରିଆଙ୍କୁ ଗୁଳିକରି ହତ୍ୟା

**ନୂଆଦିଲ୍ଲୀ, ୧୧।୭(ପି.ଟି.):** ଉତ୍ତରପୂର୍ବ ଦିଲ୍ଲୀର ୱେଲ୍‌କମ୍ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ୨ଜଣ ଦିନ ମଜୁରିଆଙ୍କୁ ଦୁର୍ବୃତ୍ତମାନେ ଗୁଳିକରି ହତ୍ୟା କରିଛନ୍ତି। ମୃତକ ପ୍ରଦୀପ ଓ ବବ୍‌ଲୁଙ୍କ ବୟସ ୪୦ ବର୍ଷ। ୩୦୦ ମିଟର ବ୍ୟବଧାନରେ ୨ଟି ମୃତଦେହ ପଡ଼ିଥିଲା। ପୋଲିସ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ବବ୍‌ଲୁଙ୍କ ନାମରେ ଛିନ୍‌ତାଇ, ଚୋରି ଆଦି ୧୩ଟି ମାମଲା ଥିଲା ବୋଲି ପୋଲିସ କହିଛି।

### କେଏନ୍‌ପିରେ ଆଖି ବୁଜିଲା ତେଜସ୍



**ଭୋପାଳ,୧୧।୭:** ଦକ୍ଷିଣ ଆଫ୍ରିକାରୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନ (କେଏନ୍‌ପି)କୁ ଅଣାଯାଇଥିବା ଚିତାଙ୍କ ମଧ୍ୟରୁ ମଙ୍ଗଳବାର ତେଜସର ମୃତ୍ୟୁ ଘଟିଛି। ସକାଳ ୧୧ଟାବେଳେ ମନିଟରିଂ ଟିମ୍ ତେଜସର ଗଳାରେ କ୍ଷତ ଚିହ୍ନ ଦେଖିବାକୁ ପାଇଥିଲେ। ଏହାପରେ ପାଲପୁର ହେଡ୍‌କ୍ୱାର୍ଟର୍ସରେ ଥିବା ଭେଟେରିନାରି ଅଧିକାରୀଙ୍କୁ ଏହାର ସୂଚନା ଦିଆଯାଇଥିଲା। ପଶୁ ଡାକ୍ତରୀ ଟିମ୍ ପକ୍ଷରୁ ପ୍ରାଥମିକ ଚିକିତ୍ସା ଆରମ୍ଭ କରାଯିବା ପରେ ଅପରାହ୍ନ ୨ଟାବେଳେ ତେଜସର ମୃତ୍ୟୁ ଘଟିଥିଲା। ଅଦ୍ୟାବଧି କେଏନ୍‌ପିରେ ୩ ଚିତାଙ୍କ ସମେତ ୩ ଶାବକଙ୍କ ମୃତ୍ୟୁ ଘଟିଛି।

### ବନ୍ୟାରେ ପୋଲ ଭାସିଗଲା

**ବହୁ ସୀମାନ୍ତ ଗ୍ରାମ ସହ ଯୋଗାଯୋଗ ବିଚ୍ଛିନ୍ନ**

**ଗୋପେଶ୍ୱର, ୧୧।୭:** ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲା ଅନ୍ତର୍ଗତ ଜୁମାଗଡ଼ ନଦୀରେ ବନ୍ୟା ଆସି ଏକ ବ୍ରିଜ୍ ଭାସିଯିବାରୁ ଇଣ୍ଡୋ-ତିବ୍ବତ ସୀମାନ୍ତ ରାସ୍ତା ଅବରୋଧ ହୋଇଛି। ଫଳରେ ବହୁ ସୀମାନ୍ତ ଗ୍ରାମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜୋଶୀମଠ-ନିତି ରାଜପଥର ଜୁମ୍ମା ଗ୍ରାମ ନିକଟରେ ଜୁମାଗଡ଼ ନଦୀରେ ସୋମବାର ରାତି ପର୍ଯ୍ୟନ୍ତ ବନ୍ୟାପାଣିର ପ୍ରଖର ସ୍ରୋତ ଯୋଗୁ ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା। ଜୁମ୍ମାଠାରୁ କାଗା, ଗାରପାକ୍, ଦ୍ରୋଣଗିରି ଜେଲୁମ୍ କୋସା, ମଲାରି, ମହାରଗାଁଓ, କୈଳାସପୁର, ପ୍ରକିୟା, ବମ୍ପା, ଗାମଶାଲି ଏବଂ ନିତି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବା ଚାମୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।



ଆଇସ୍‌ଲାଣ୍ଡର ରେକ୍‌ଜାଭିକ୍‌ର ଲିଟ୍‌ଲି ହୃଟୁର ନିକଟରେ ଲାଭା ଉଦ୍‌ଗିରଣ ବେଳର ଦୃଶ୍ୟ।

# ଆଇସ୍‌ଲାଣ୍ଡର ରେକ୍‌ଜାଭିକ୍‌ରେ ଲାଭା ଉଦ୍‌ଗିରଣ

**ଲୋକଙ୍କ ଭିଡ଼ ପରେ କଟକଣା ଜାରି**

ରେକ୍‌ଜାଭିକ, ୧୧।୭

ସାଧାରଣ ଭାବେ ଆଗ୍ନେୟଗିରି ଉଦ୍‌ଗିରଣ ବେଳେ ସୁରକ୍ଷା ଦୃଷ୍ଟିରୁ ଆଖପାଖ ଅଞ୍ଚଳକୁ ଖାଲି କରାଯାଏ। କିନ୍ତୁ ଆଇସ୍‌ଲାଣ୍ଡସର ରେକ୍‌ଜାଭିକ୍‌ର ଲିଟ୍‌ଲି ହୃଟୁରରେ ଲାଭା ଉଦ୍‌ଗିରଣ ଦେଖିବା ଲାଗି ଲୋକଙ୍କ ଭିଡ଼ ଲାଗିଛି। ଅନ୍ୟ ଉଦ୍‌ଗିରଣ ତୁଳନାରେ ଏହା ଭିନ୍ନ ରହିଥିବା ସେଠାକୁ ଆସୁଥିବା ଲୋକେ କହିଛନ୍ତି। ଲାଭା ବାହାରୁଥିବା ସ୍ଥାନଟି ଅତ୍ୟଧିକ ଉଜ୍ଜ୍ୱଳ ଦେଖାଯାଉଥିବାବେଳେ ଏହାର ମଧ୍ୟଭାଗ ସୂର୍ଯ୍ୟଙ୍କ ଭଳି କମଳା ରଙ୍ଗ ଦେଖାଯାଉଛି। ଉଦ୍‌ଗିରଣ ସ୍ଥାନରୁ ସଲଫର ଡାଇଅକ୍ସାଇଡ୍ ଭଳି ମାରାତ୍ମକ ଗ୍ୟାସ ପ୍ରଚୁର ପରିମାଣରେ ନିର୍ଗତ ହେଉଛି।

ବର୍ତ୍ତମାନ ସମୟରେ କମ୍ ପରିମାଣରେ ଓ ମନ୍ଥର ଗତିରେ ଲାଭା ବାହାରୁଥିବାବେଳେ ଆଗକୁ ଏହାର ବେଗ ବଢ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ୨୦୨୧ ଏବଂ ୨୦୨୨ରେ ରେକଜାନେସ ପେନିନସୁଲାରେ ଦେଖିବାକୁ ମିଳିଥିବା ଉଦ୍‌ଗିରଣ ତୁଳନାରେ ଏବେର ସ୍ଥିତି ଅଧିକ ଜଟିଳ ହେବାକୁ ଯାଉଥିବା କୁହାଯାଉଛି। ଆଗାମୀ ଦିନରେ ଏହା ଭୟଙ୍କର ରୂପ ନେବ। ଉଦ୍‌ଗିରଣ ସ୍ଥାନରୁ ଆସୁଥିବା ପବନ ଅପେକ୍ଷାକୃତ କମ୍ ଗରମ ବୋଲି ସ୍ଥାନୀୟ ଗାଇଡ୍ କହିଛନ୍ତି। କିନ୍ତୁ ଲାଭା ବାହାରୁଥିବା ସ୍ଥାନର ବିପରୀତ ପାର୍ଶ୍ୱରେ ଅସହ୍ୟ ତାତି ଅନୁଭୂତ ହେଉଥିବାବେଳେ ସେହି ସ୍ଥାନର ତାପମାତ୍ରା ୧୦୦୦ ଡିଗ୍ରୀ ସେଲସିୟସ୍ ରହିଛି। ସ୍ଥାନୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୋମବାର ସନ୍ଧ୍ୟାରେ ଉକ୍ତ ସ୍ଥାନକୁ ବନ୍ଦ କରିଦିଆଯାଇଛି।

# ଅଗଷ୍ଟରୁ ‘୩୭୦’ ବିଚାର

**୫ ଜଣିଆ ସାମ୍ବିଧାନିକ ପୀଠରେ ହେବ ଦୈନନ୍ଦିନ ଶୁଣାଣି**

ନୂଆଦିଲ୍ଲୀ,୧୧।୭

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଉଚ୍ଛେଦ କରିଥିଲେ। ଏହାର ୪ ବର୍ଷ ପରେ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଶୁଣାଣି ଆରମ୍ଭ କରିବାକୁ ଯାଉଛନ୍ତି। ଉପତ୍ୟକାର ସ୍ୱାୟତ୍ତତାକୁ ସୀମିତ କରିଦେଇଥିବା ମୋଦି ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ଦାଖଲ ଅନେକ ଆବେଦନର ଶୁଣାଣି ଅଗଷ୍ଟ ୨ରୁ ଦୈନନ୍ଦିନ ଭିତ୍ତିରେ କରାଯିବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ଜୁଲାଇ ୨୭ ସୁଦ୍ଧା ନିଜ ନିଜ ଲିଖିତ ଯୁକ୍ତି ଉପସ୍ଥାପନ ପାଇଁ ସମସ୍ତ ପକ୍ଷଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ର ସରକାର ୪ ବର୍ଷ ତଳେ ଅନୁଚ୍ଛେଦ ୩୭୦ ଏବଂ ୩୫ଏକୁ ଉଚ୍ଛେଦ କରିଦେଇଥିଲେ। ଏହାସହ ଜମ୍ମୁ-କଶ୍ମୀର ପାଇଁ ଥିବା ସ୍ୱତନ୍ତ୍ର ସମ୍ବିଧାନ



ସମେତ ଅନ୍ୟ ସମସ୍ତ ନିୟମ ସ୍ୱତଃ ଉଚ୍ଛେଦ ହୋଇଯାଇଥିଲା। ସେହିପରି ଜମ୍ମୁ-କଶ୍ମୀରଠାରୁ ଲଦାଖକୁ ଅଲଗା କରି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ପ୍ରତିଷ୍ଠା କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଗତ କରିଥିବା ପ୍ରସ୍ତାବ ପାର୍ଲାମେଣ୍ଟରେ ଗୃହୀତ ହେବା ସହ



ଭାରତର ଆତ୍ମାକୁ ଥରାଇଦେଇଥିବା ଦୀର୍ଘ ୭୨ ବର୍ଷ ପୁରୁଣା ସମସ୍ୟାର ସମାଧାନ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳି ଶାସନରେ ସବୁଠୁ ଦୁଃସାହସିକ ବୋଲି କୁହାଯାଉଥିବା ଏହି ଐତିହାସିକ ପଦକ୍ଷେପକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଅଂଶୀଦାର ଦଳଗୁଡ଼ିକ ସ୍ୱାଗତ କରି ଉତ୍ସବ ମନାଇଥିବାବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଥିଲେ। ଏହି ପଦକ୍ଷେପର ସପ୍ତାହେ ପୂର୍ବରୁ ଉପତ୍ୟକାକୁ ୩୮ ହଜାର ସୈନ୍ୟ ପଠାଯାଇଥିଲା। ୩୭୦ ଉଚ୍ଛେଦ ପରେ ୩ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା, ଓମାର ଅବ୍‌ଦୁଲ୍ଲା ଏବଂ ମେହବୁବା ମୁଫ୍‌ତିଙ୍କ ସମେତ ଅନେକ ନେତାଙ୍କୁ ଦୀର୍ଘ ସମୟ ଧରି ଗୃହବନ୍ଦୀ ରଖାଯାଇଥିଲା। କେନ୍ଦ୍ରର ଏହି ପଦକ୍ଷେପକୁ ନେଇ କେବଳ କଶ୍ମୀର କି ଭାରତ ନୁହେଁ, ବିଦେଶରେ ମଧ୍ୟ ଜୋର୍ ଧରିଥିଲା ବିବାଦ ଓ ବିତର୍କ, ଯାହାକି ଅଦ୍ୟାବଧି ଜାରି ରହିଛି। ୩୭୦ ଉଚ୍ଛେଦ ବିରୋଧରେ ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଖଲ ହୋଇଛି। ମୋଦି ସରକାର ସୋମବାର ଏହା ଉପରେ ଏକ ସତ୍ୟପାଠ ଦାଖଲ କରିଛନ୍ତି। ୩୭୦ ଉଚ୍ଛେଦ ଫଳରେ ଉପତ୍ୟକାରେ ଶାନ୍ତି, ଉନ୍ନତି ଓ ସମୃଦ୍ଧି ସହ ଅନେକ ପରିବର୍ତ୍ତନ ଆସିଥିବା ଏଥିରେ ଦର୍ଶାଇଛନ୍ତି। ଇତିମଧ୍ୟରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଶାହା ଫୈଜଲ ଏବଂ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ର ପ୍ରାକ୍ତନ ଛାତ୍ରନେତା ଶେହଲା ରଶିଦ୍ ୩୭୦ ଉଚ୍ଛେଦ ପ୍ରତିବାଦରେ ଦାଖଲ କରିଥିବା ଆବେଦନକୁ ପ୍ରତ୍ୟାହାର କରିନେଇଛନ୍ତି। ସିଜେଆଇ ଚନ୍ଦ୍ରଚୂଡ଼ ଦୁହିଁଙ୍କୁ ଆବେଦନ ପ୍ରତ୍ୟାହାର ପାଇଁ ଅନୁମତି ପ୍ରଦାନ ସହ ଆବେଦନକାରୀଙ୍କ ତାଲିକାରୁ ଉଭୟଙ୍କ ନାମ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ଫୈଜଲ ଟୁଇଟ୍ କରିଥିଲେ, ‘ଅନୁଚ୍ଛେଦ ୩୭୦ ବର୍ତ୍ତମାନ ଅତୀତର ଏକ ବିଷୟ ହୋଇଯାଇଛି’। ଜମ୍ମୁ-କଶ୍ମୀରର ରାଜନୈତିକ ଦଳଗୁଡ଼ିକ ସର୍ବୋଚ୍ଚ ଅଦାଲତଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବ୍‌ଦୁଲ୍ଲା କହିଛନ୍ତି, ମାମଲାର ଶୁଣାଣି ଆରମ୍ଭ କରିବା ପାଇଁ ୪ ବର୍ଷ ଲାଗିଗଲା। ତଥାପି ଅନୁଚ୍ଛେଦ ୩୭୦ ଫେରିବା ନେଇ ସେ ଆଶାବାଦୀ। ସେହିପରି ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି କେନ୍ଦ୍ରର ସତ୍ୟପାଠ ଉପରେ ନିର୍ଭର କରିବ ନାହିଁ।

## ଅକ୍ଟୋବର ସୁଦ୍ଧା କେନ୍ଦ୍ରକୁ ଜବାବ ଦାଖଲ ନିର୍ଦ୍ଦେଶ

**ଉପାସନା ସ୍ଥଳ ଆଇନକୁ ଚ୍ୟାଲେଞ୍ଜ**

ନୂଆଦିଲ୍ଲୀ, ୧୧।୭(ପି.ଟି.)

୧୯୯୧ର ଉପାସନା ସ୍ଥଳ ଆଇନର କେତେକ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଜବାବ ଚାହିଁଛନ୍ତି। ଅକ୍ଟୋବର ୩୧ ସୁଦ୍ଧା ଜବାବ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ସମୟ ଦେଇଛନ୍ତି। ୧୯୯୧ର ଆଇନ ଅନୁଯାୟୀ କୌଣସି ଉପାସନା ସ୍ଥଳୀକୁ ନିଜର ବୋଲି ଦାବିକରି ମାମଲା ଦାଏର କରାଯାଇପାରିବ ନାହିଁ କିମ୍ବା ୧୯୪୭ ଅଗଷ୍ଟ ୧୫ରେ ଥିବା ଏହାର କିସମରେ ପରିବର୍ତ୍ତନ ପାଇଁ ଆବେଦନ କରାଯାଇପାରିବ ନାହିଁ। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି ସରକାର ବିସ୍ତୃତ ରିପୋର୍ଟ ଦାଖଲ କରିବେ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ପି.ଏସ୍. ନରସିଂହ ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠକୁ କହିଥିଲେ। ଏହାକୁ ବିଚାରକୁ ନେଇ ଖଣ୍ଡପୀଠ ଅକ୍ଟୋବର ୩୧ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଚୂଡ଼ାନ୍ତ ଶୁଣାଣି ପାଇଁ ତାଲିକାଭୁକ୍ତ କରିବା ଲାଗି ଭାଜପା ନେତା ସୁବ୍ରମଣ୍ୟନ ସ୍ୱାମୀ ଅଦାଲତଙ୍କୁ ନିବେଦନ କରିଥିଲେ।

# ନେପାଳରେ ହେଲିକପ୍ଟର ଦୁର୍ଘଟଣା: ୬ ମୃତ

**ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୫ ଜଣ**

କାଠମାଣ୍ଡୁ, ୧୧।୭(ପି.ଟି.)

ପୂର୍ବ ନେପାଳର ଏଭେରେଷ୍ଟ ଶୃଙ୍ଗ ନିକଟରେ ମଙ୍ଗଳବାର ସକାଳେ ଏକ ଘରୋଇ ବ୍ୟବସାୟିକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ମେକ୍ସିକୋର ଏକ ପରିବାରର ୫ ସଦସ୍ୟ ଅଛନ୍ତି। ଖବର ଅନୁଯାୟୀ ମନାଙ୍ଗ ଏୟାର ଏନ୍‌ଏ-ଏମ୍‌ଭି ହେଲିକପ୍ଟର ସକାଳ ୧୦ଟା ୪ ମିନିଟ୍‌ରେ ସୋଲୁଖୁମ୍ବୁ ଜିଲାର ସୁର୍କେ ବିମାନବନ୍ଦରରୁ କାଠମାଣ୍ଡୁ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ୧୦ଟା ୧୩ ମିନିଟ୍ ସମୟରେ ହେଲିକପ୍ଟରଟି ୧୨,୦୦୦ ଫୁଟ୍ ଉଚ୍ଚରେ ଉଡୁଥିବାବେଳେ ହଠାତ୍ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା



ବୋଲି ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରର ପରିଚାଳକ କହିଛନ୍ତି। ଏହା ସୋଲୁଖୁମ୍ବୁ ଜିଲାର ଲିଖୁପିକେ ରୁରାଲ ମ୍ୟୁନିସିପାଲିଟିର ଲାମଜୁରାରେ ଦୁର୍ଘଟଣାଗ୍ରସ୍ତ ହେବା ସହ ସମସ୍ତ ୬ ଜଣ ପ୍ରାଣ ହରାଇଥିବା ବିମାନବନ୍ଦର ମୁଖପାତ୍ର କହିଛନ୍ତି। ଦୁର୍ଘଟଣାସ୍ଥଳରୁ ସେମାନଙ୍କ ମୃତଦେହ ମିଳିଛି।

## ଟ୍ରାନ୍ସଜେଣ୍ଡର ମଡେଲ ରିକି ଜିତିଲେ ‘ମିସ୍ ନେଦରଲାଣ୍ଡସ’ ମୁକୁଟ

**ଆମଷ୍ଟରଡାମ୍,୧୧।୭:** ଚଳିତବର୍ଷର ଟ୍ରାନ୍ସଜେଣ୍ଡର ମଡେଲ ରିକି ଭାଲେରି କୋଲେ ମିସ୍ ନେଦରଲାଣ୍ଡସ ମୁକୁଟ ଜିତିଛନ୍ତି। ୨୨ ବର୍ଷୀୟା ରିକିଙ୍କ ଘର ବ୍ରେଡା ସହରରେ। ମଡେଲ ସାଙ୍ଗକୁ ରିକି ଜଣେ ଅଭିନେତ୍ରୀ ମଧ୍ୟ। ମିସ୍ ନେଦରଲାଣ୍ଡସ ମୁକୁଟ ଜିତିବା ନେଇ ଏକ ଭିଡିଓ ରିକି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହାକୁ ୟୁଜର୍ସ ପସନ୍ଦ ମଧ୍ୟ କରିଛନ୍ତି। କ୍ୟାରିୟରକୁ ଆଗକୁ ବଢ଼ାଇବାର ଆଗ୍ରହ ଓ ଏଲ୍‌ଜିବିଟିକ୍ୟୁ କମ୍ୟୁନିଟି ପାଇଁ କିଛି କରିବାର ଆଗ୍ରହ ତାଙ୍କୁ ସଫଳତା ଦେଇଥିବା ରିକି କହିଛନ୍ତି। ସମାଜ ତାଙ୍କୁ ସହଜରେ ଗ୍ରହଣ କରିପାରୁ ନ ଥିବାବେଳେ ତାଙ୍କ ପରିବାର ଲୋକଙ୍କ ସହଯୋଗ ସଫଳତାର ମୁଖ୍ୟ ଉତ୍ସ ବୋଲି ସେ କହିଛନ୍ତି। ପୁଅ ହୋଇ ଜନ୍ମ ହୋଇଥିବା ରିକି ଗତ ଜାନୁୟାରୀରେ ନିଜର ଅସ୍ତ୍ରୋପଚାର କରାଇ ସମ୍ପୂର୍ଣ୍ଣ ଝିଅ ହୋଇଛନ୍ତି। ମାତ୍ର ୧୧ ବର୍ଷ ବୟସରେ ରିକ୍ ନାଁକୁ ବଦଳାଇ ସେ ରିକି କରିଦେଇଥିଲେ। ଚଳିତବର୍ଷ ହେବାକୁ ଥିବା ୭୨ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ରିକି ଭାଗ ନେବେ। ତେବେ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇଥିବା ସମଲିଙ୍ଗୀ ମଡେଲଙ୍କ ମଧ୍ୟରେ ରିକି ଦ୍ୱିତୀୟ। ତାଙ୍କ ପୂର୍ବରୁ ୨୦୧୮ରେ ସ୍ପେନ୍‌ର ଆଞ୍ଜେଲା ପୋନ୍ସ ପ୍ରଥମ ସମଲିଙ୍ଗୀ ମଡେଲ ହିସାବରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆମଷ୍ଟରଡାମ୍‌ର ନାଥାଲି ମୋଜବେଲଜାଡା ଏ ବର୍ଷର ରନର୍ସ ଅପ୍ ହୋଇଛନ୍ତି । ସେହିପରି ହାବିବା ମୋଷ୍ଟାଫା ମିସ୍ କଞ୍ଜେନିଆଲିଟି ଏବଂ ଲୋଉ ଡିଟର୍ସ ମିସ୍ ସୋସିଆଲ ମିଡିଆ ହୋଇଛନ୍ତି।




ରିକି ଭାଲେରି କୋଲେ

## ହଷ୍ଟେଲ ପରିଦର୍ଶନବେଳେ ଆଦିବାସୀ ନାବାଳିକାଙ୍କୁ ଯୌନଶୋଷଣ: ଏସ୍‌ଡିଏମ୍ ଗିରଫ

**ଅଭିଯୋଗ ପରେ ନିଲମ୍ବିତ**

ଭୋପାଳ, ୧୧।୭

ଏକ ସରକାରୀ ହଷ୍ଟେଲରେ ଆଦିବାସୀ ନାବାଳିକାମାନଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ମଧ୍ୟପ୍ରଦେଶ ଝାବୁଆ ଜିଲାର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍) ଗିରଫ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଗତ ରବିବାର ଏସ୍‌ଡିଏମ୍ ସୁନୀଲ କୁମାର ଝା ଆଦିବାସୀ ବାଳିକାମାନଙ୍କ ହଷ୍ଟେଲ ପରିଦର୍ଶନରେ ଯାଇଥିବାବେଳେ ନାବାଳିକା ଛାତ୍ରୀମାନଙ୍କ ସହ ଅଶ୍ଳୀଳ କାର୍ଯ୍ୟ କରିଥିଲେ ବୋଲି ଏସ୍‌ପି ଆଗମ ଜୈନ କହିଛନ୍ତି। ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ ପରେ ସୁନୀଲଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ତାଙ୍କ ବିରୋଧରେ ଆଇପିସିର ଦଫା ୩୫୪, ୩୫୪ଏ, ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଆଇନ ଏବଂ ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିରାକରଣ) ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ଏତଲା ଅନୁଯାୟୀ ସୁନୀଲ ୧୧ରୁ ୧୩ ବର୍ଷ ବୟସର ଝିଅମାନଙ୍କୁ ସ୍ପର୍ଶ କରିବା ସହ ଚୁମ୍ବନ ଦେଇଥିଲେ ଏବଂ ସେମାନଙ୍କ ଋତୁସ୍ରାବ ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ଝାବୁଆ ଜିଲାପାଳଙ୍କ ରିପୋର୍ଟ ଆଧାରରେ ଇନ୍ଦୋର ଡିଭିଜନାଲ କମିଶନର ପୱନ କୁମାର ଶର୍ମା ସୁନୀଲଙ୍କୁ ନିଲମ୍ବନ କରିଛନ୍ତି।

# ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ଟିଏମ୍‌ସିର ବାଜିମାତ୍

**୧୬,୩୩୦ ଆସନରେ ବିଜୟୀ, ୩,୦୦୨ରେ ଆଗରେ**

କୋଲକାତା, ୧୧।୭(ପି.ଟି.)

ପଶ୍ଚିମବଙ୍ଗର ହିଂସା ପ୍ରଭାବିତ ପଞ୍ଚାୟତ ନିର୍ବାଚନରେ ଶାସକ ଟିଏମ୍‌ସି ବଡ଼ ବିଜୟ ହାସଲ କରିବାକୁ ଯାଉଛି। ମଙ୍ଗଳବାର ସନ୍ଧ୍ୟା ୫ଟା ୩୦ ସୁଦ୍ଧା ୨୩,୩୪୪ ଗ୍ରାମ ପଞ୍ଚାୟତ ଆସନର ଫଳାଫଳ ଘୋଷଣା କରାଯାଇଥିବାବେଳେ ସେଥିରୁ ଟିଏମ୍‌ସି ୧୬,୩୩୦ ଆସନରେ ବିଜୟୀ ହୋଇଛି। ଏହା ବ୍ୟତୀତ ଉକ୍ତ ଦଳ ୩,୦୦୨ ଆସନରେ ଆଗରେ ରହିଛି। ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ୩,୭୯୦ ଆସନ ଜିତିଥିବାବେଳେ ୮୦୨ ଆସନରେ ଆଗୁଆ ଥିବା ଜଣାପଡ଼ିଛି। ମୋଟ ୬୩,୨୨୯ ଗ୍ରାମ ପଞ୍ଚାୟତ ଆସନ ପାଇଁ ନିର୍ବାଚନ ହୋଇଥିଲା। ବାମ ସାମ୍ମୁଖ୍ୟ ୧,୩୬୫ ଆସନ ଜିତିଥିବାବେଳେ



ପଞ୍ଚାୟତ ନିର୍ବାଚନରେ ଟିଏମ୍‌ସିର ବିଜୟରେ ଦଳୀୟକର୍ମୀମାନେ ଉତ୍ସବ ମନାଉଛନ୍ତି।

୬୨୧ ଆସନରେ ଆଗରେ ରହିଛି। ସେହିପରି କଂଗ୍ରେସ ୮୮୬ ଆସନ ହାତେଇବା ସହ ୨୫୬ଟିରେ ଆଗୁଆ ଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟ ଦଳ ମଧ୍ୟରେ ନବଗଠିତ ଆଇଏସ୍‌ଏଫ୍ ୯୩୭ ଆସନ ଜିତିବା ସହ ୧୯୦ଟିରେ ଆଗରେ ଅଛି। ସେହିପରି ସ୍ୱାଧୀନ ପ୍ରାର୍ଥୀ ୪୧୮ ଆସନ ଜିତିଛନ୍ତି। ଜିଲା ପରିଷଦର ମୋଟ ୯୨୮ ଆସନ ମଧ୍ୟରୁ ସନ୍ଧ୍ୟା ସୁଦ୍ଧା ଘୋଷିତ ସମସ୍ତ ୧୮ ଆସନ ଟିଏମ୍‌ସି ଜିତିନେଇଛି। ଏହା ବ୍ୟତୀତ ୩୦ ଆସନରେ ଏହି ଦଳ ଆଗରେ ରହିଛି। ଟିଏମ୍‌ସି ଏବଂ ରାଜ୍ୟ ସରକାରଙ୍କ ଉପରେ ଜନସାଧାରଣଙ୍କ ଆସ୍ଥା ରହିଥିବା ପଞ୍ଚାୟତ ନିର୍ବାଚନ ଫଳାଫଳରୁ ପ୍ରତିଫଳିତ ହୋଇଛି। ଭୋଟରମାନେ ଭାଜପାର ବିଭାଜନକାରୀ ରାଜନୀତି ଏବଂ କଂଗ୍ରେସ, ସିପିଆଇ(ଏମ୍)ର ନକାରାତ୍ମକ ରାଜନୀତିକୁ ବର୍ଜନ କରିଥିବା ଟିଏମ୍‌ସି ମୁଖପାତ୍ର କୁଣାଲ ଘୋଷ କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ପଞ୍ଚାୟତ ନିର୍ବାଚନ ସେମିଫାଇନାଲ ସଦୃଶ ହୋଇଥିବାରୁ ଦଳଗୁଡ଼ିକ ସବୁ ସାମର୍ଥ୍ୟ ଲଗାଇ ଲଢ଼ିଥିଲେ। ମତଦାନ ଦିନ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟି ୧୧ ଟିଏମ୍‌ସି କର୍ମୀଙ୍କ ସମେତ ୧୫ ଜଣଙ୍କ ଜୀବନ ଯାଇଥିଲା। ନିର୍ବାଚନ ଘୋଷଣା ହେବା ଦିନଠାରୁ ହିଂସାକାଣ୍ଡରେ ୩୩ ଜଣଙ୍କ ମୃତ୍ୟୁ ଘଟିଛି। ଭୋଟ୍ ଜାଲିଆତି ଏବଂ ହିଂସାକାଣ୍ଡ ଅଭିଯୋଗକୁ ନେଇ ୬୯୬ ଆସନରେ ସୋମବାର ପୁନି ମତଦାନ ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ। କାଲ୍‌କାଟା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମତଦାନ ଏବଂ ଭୋଟଗଣତି ଦିନ କେନ୍ଦ୍ରୀୟ ପୋଲିସ ବଳ ନିୟୋଜିତ କରାଯାଇଥିଲା। ଶନିବାର ୮୦.୭୧ ପ୍ରତିଶତ ମତଦାନ ହୋଇଥିଲା।




# ବୃଦ୍ଧଙ୍କୁ ଦଳିଦେଲା ହାତୀ

ତେନ୍ତୁଳିଖୁଣ୍ଟି/ନବରଙ୍ଗପୁର, ୧୧ ।୭(ଚିଦାନନ୍ଦ ସାହୁ/ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁ ଜଙ୍ଗଲରେ ମଙ୍ଗଳବାର ଜଣେ ବୃଦ୍ଧଙ୍କୁ ହାତୀ ଦଳିଦେଇଛି। ମୃତକ ହେଲେ ଗାଁର ବୁଧନ ସୌରା (୬୦)। ସୂଚନାନୁଯାୟୀ, କଣ୍ଟାଗାଁରେ ଜଙ୍ଗଲର ରାକ୍ଷଣାବେକ୍ଷଣ ପାଇଁ ଗାଁ କମିଟି ପାଳି କରି ଜଗିଥାନ୍ତି। ବୁଧନ ଗାଁର ସୁନାଶିର ଦିଶାରୀଙ୍କ ସହ ମଙ୍ଗଳବାର ସକାଳୁ ଜଙ୍ଗଲ ଜଗିବା ପାଇଁ ଯାଇଥିଲେ। ଜଙ୍ଗଲରେ ହାତୀକୁ ଦେଖି ସୁନାଶିର ଲୁଚି ଯାଇଥିଲେ। କିନ୍ତୁ ବୁଧନ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ବୁଧନଙ୍କ ମୃତ୍ୟୁ ହୋଇଛି। ଖବର ଲେଖାଯିବା ସୁଦ୍ଧା ମୃତଦେହ ଜଙ୍ଗଲରେ ପଡ଼ି ରହିଥିବା ଜଣାପଡ଼ିଛି। ଅତିରିକ୍ତ ବନ ସଂରକ୍ଷକ ଧନୁର୍ଯ୍ୟୟ ମହାପାତ୍ରଙ୍କୁ ପଚାରିବାରୁ ଝରିଗାଁ, ଡାବୁଗାଁ ଓ ନବରଙ୍ଗପୁର ରେଞ୍ଜର ଟିମ୍ ଉକ୍ତ ସ୍ଥାନକୁ ଯାଇଛନ୍ତି। ରାତିରେ ହାତୀକୁ ଘଉଡ଼ାଇବା ଉଦ୍ୟମ ଚାଲିଛି। ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ମୃତଦେହ ଜବତ ହୋଇପାରିନାହିଁ। ସୋମବାର ଗାଁ ପାଖକୁ ଗୋଟିଏ ହାତୀ ପଶି ପୁଣି ଫେରି ଯାଇଥିବା ଖବର ଥିଲା। କିନ୍ତୁ ହାତୀ ପୁଣି ଆସିଥିବା ସୂଚନା ନ ଥିଲା ବୋଲି ସେ କହିଛନ୍ତି।

# ୧୩ ଯାଏ ବଢ଼ିଲା +୨ ପରୀକ୍ଷାଖାତା ରିଚେକିଂ ପ୍ରକ୍ରିୟା

**ଭୁବନେଶ୍ୱର,୧୧।୭ (ଅନୁରାଧା ମହାରଣା)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚଳାଳିତ ଯୁକ୍ତ୨ ପରୀକ୍ଷାଫଳକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରଙ୍କ ଖାତା ରିଚେକିଂ ବା ରିଆଡିସନ ପାଇଁ ଆବେଦନ ତାରିଖରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଏ ନେଇ ମଙ୍ଗଳବାର ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜୁନ୍ ୨୨ରୁ ଜୁଲାଇ ୩ ମଧ୍ୟରେ ଉତ୍ତରଖାତାର କପି ପାଇବା ପାଇଁ ଆବେଦନକାରୀଙ୍କ ମୋବାଇଲ୍ ନମ୍ବର କିମ୍ବା ଇ-ମେଲ୍ ଆଇଡିକୁ ଏକ ଲିଙ୍କ ପଠାଯିବାକୁ ଥିବାବେଳେ ଏହି ଅବଧି ଜୁଲାଇ ୧୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆବେଦନକାରୀ ଉତ୍ତରଖାତା ଡାଉନଲୋଡ୍ ନ କରିପାରିଲେ ବା ଅନ୍ୟ କୌଣସି ସମସ୍ୟା ହେଲେ ସିଏଚ୍ଏସ୍ଇକୁ ଅବଗତ କରାଇପାରିବେ। ଜୁଲାଇ ୧୪ ତାରିଖ ମଧ୍ୟରେ cochserecheck@gmailରେ ମେଲ୍ କରି ପିଲାମାନେ କର୍ତ୍ତୃପକ୍ଷଙ୍କୁ ଅବଗତ କରିପାରିବେ। ପରୀକ୍ଷାଖାତା ଡାଉନଲୋଡ୍ କରିବା ପରେ ଅଭିଯୋଗ ଦାଖଲ ପାଇଁ ଜୁଲାଇ ୧୫କୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ସୂଚନା ଥାଉ କି, ଥିଓରି ପେପରଗୁଡ଼ିକର ପୁନଃ ମୂଲ୍ୟାଙ୍କନ ଅନଲାଇନ୍ ମାଧ୍ୟମରେ ହୋବାକୁ ଥିବାବେଳେ ଧନ୍ଦାମୂଳକ ବିଷୟର କେତେକ ବିଷୟବସ୍ତୁ ଓ ବିଜ୍ଞାନ ବିଭାଗର ପ୍ରାକ୍ଟିକାଲ ପରୀକ୍ଷାର ମୂଲ୍ୟାଙ୍କନ ଅଫଲାଇନ୍‌ରେ କରାଯିବ।

# ଟ୍ରେନ୍ ଧକ୍କାରେ ୨ ହାତୀ ମୃତ

## ରେଳଧାରଣା ପାର ବେଳେ ଦୁର୍ଘଟଣା

**କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)/ ଢେଙ୍କିକୋଟ,(ନୀଳମଣି ମଣ୍ଡଳ),୧୧।୭**

ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଓ ସତର୍କତା ସତ୍ତ୍ୱେ କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡ ଅଧୀନ ଦଇତାରି ରେଞ୍ଜର ବ୍ରାହ୍ମଣୀପାଳ ନିକଟରେ ଟ୍ରେନ୍ ଧକ୍କାରେ ୨ ହାତୀଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ଭୋର୍ ସମୟରେ ହାତୀପଲ ଯଖପୁରା- ବାଂଶପାଣି ରେଳଧାରଣା ପାରହେବା ସମୟରେ ଏକ ମାଲବାହୀ ଟ୍ରେନ୍ ଧକ୍କାଦେବାରୁ ୨ ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ କେତେକ ହାତୀ ଆହତ ହୋଇଥିବା ସୂଚନା ମିଳିଛି। ଖବରପାଇ ବାରିପଦାସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି.କେ. ଗୁଗନାନି, ଡିଏଫ୍ଓ ଅଭୟ କୁମାର ଦଳେଇ, ଏସିଏଫ୍ ପ୍ରଫୁଲ୍ଲ ମଲ୍ଲିକ, ଦଇତାରି ରେଞ୍ଜ ଅଧିକାରୀ ରମାକାନ୍ତ ସେଠୀଙ୍କ ସମେତ ଯଖପୁରାରୁ ରେଲୱେ ଟ୍ରାଫିକ ଇନ୍ସପେକ୍ଟର ପ୍ରମୁଖ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଟ୍ରେନଟି କେନ୍ଦୁଝରରୁ ଯଖପୁରା ଆଡ଼କୁ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ପ୍ରାଣୀ ଚିକିତ୍ସକ ରଘୁନାଥ ଜେରାଇ ଓ ସହକାରୀ ପଶୁ ଚିକିତ୍ସକ ସଂଘମିତ୍ରା ଦେହୁରୀଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ୨ ହାତୀ ମୃତଦେହକୁ ମାଟିରେ ପୋତି ଦିଆଯାଇଛି।





ହାତୀ ଚଳପ୍ରଚଳ ଅଞ୍ଚଳ ଜଙ୍ଗଲ ଦେଇ ଯାଇଥିବା ରେଳପଥରେ ଟ୍ରେନ ଚଳାଚଳ ନେଇ ଏସ୍ଓପି ରହିଛି। ହାତୀମାନଙ୍କ ଚଳପ୍ରଚଳ ନିରୀକ୍ଷଣ ପାଇଁ ହାତୀ ସ୍କ୍ୱାଡ୍ ରହିଛନ୍ତି। ରେଳପଥ ନିକଟରେ ହାତୀ ଚଳାଚଳ କଲେ ବନ ବିଭାଗ ରେଲୱେକୁ ସୂଚନା ଦେଇଥାଏ। ତଦନୁଯାୟୀ ଦୁର୍ଘଟଣା ଏଡ଼ାଇବା ପାଇଁ ରେଲୱେ ବିଭାଗ ରେଳର ବେଗ ନିୟନ୍ତ୍ରଣ କରିଥାଏ। ଏନେଇ ନିୟମିତ ବନ ବିଭାଗ, ରେଲୱେ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ବସି ଆଲୋଚନା ହେଉଛି। ଏହା ସତ୍ତ୍ୱେ ଦୁର୍ଘଟଣା ଘଟୁଥିବାରୁ ଏହା ଚିନ୍ତାର ବିଷୟ ପାଲିଟିଛି। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆଗକୁ ଯେଭଳି ଏପରି ଘଟଣା ନ ଘଟେ ସେ ନେଇ ପଦକ୍ଷେପ ନେବାକୁ କେନ୍ଦୁଝର ନାଗରିକ ମଞ୍ଚ ସଭାପତି ଅଜୟ ସାହୁ ଦାବି କରିଛନ୍ତି। ମାଲବାହୀ ଟ୍ରେନର ଚାଳକ, ସହକାରୀ ଚାଳକ ଏବଂ ଗାର୍ଡଙ୍କୁ ଚିହ୍ନଟ କରାଯାଇଛି। ତେବେ ଅଦ୍ୟାବଧି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ASBM UNIVERSITY
ADMISSION - 2023
UG PROGRAMMES
BA-LLB (Hons.) | BBA-LLB (Hons.) | BBA (Hons.)
BA-Liberal Arts (Hons.) | BA-English (Hons.)
B.Com (Hons.) | BA-Economics (Hons.)
BA-Psychology (Hons.) | B.S-IT Management (Hons.)
B.S-Computer Science (Hons.) | BCA (Hons.)
PG PROGRAMMES
MBA-HR | Marketing | Finance | Operations & LSCM | Business Analytics
MBA-Agri-Business | MBA for Working Professionals
M.Com | M.Com-Financial Analytics | MCA
M.S-Computer Science | MA-English | MA-Economics
MA-Applied Psychology | MA-Comm. & Media
for more details, please visit : www.asbm.ac.in
Bhola, Chandaka, Bhubaneswar-754012
Tel.: 0674 - 2744881 / 82 | Mob.: 9040884628 / 7749939643
Email: admission@asbm.ac.in






**ଆଜିର ମନ୍ତବ୍ୟ**

"ଦୁର୍ନୀତିଗ୍ରସ୍ତ ଏବଂ ଆଇନର ଭୁଲ୍ ପାର୍ଶ୍ୱରେ ଥିବା ଲୋକଙ୍କ ପ୍ରତି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଆଭିମୁଖ୍ୟ ପୂର୍ବଭଳି ରହିବ। ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ସମ୍ପର୍କିତ ସୁପ୍ରିମକୋର୍ଟ ରାୟକୁ ନେଇ ସେମାନେ ଖୁସି ହେବା ଅନୁଚିତ।

– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛତା ଟେକିବ ସିଆଡ଼େ
ବରଷା ହେବ ଯୁଆଡ଼େ।**

ସାଧାରଣତଃ ଯେଉଁଆଡ଼େ କିଛି ପାଇବାର ଆଶା ଥାଏ କିଛି ଲୋକ ସେଇଆଡ଼େ ଧାଉଁଥିବାର ଦେଖିବାକୁ ମିଳିଥାଏ। ସ୍ୱାର୍ଥୀ ବା ସୁବିଧାବାଦୀ ଲୋକଙ୍କର ଏଭଳି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛ'ନାରୀ ତିନି ପୁରୁଷା
ଯହିଁ ଗଲେ ତହିଁ ଫସରଫଟା।**

ସାଧାରଣତଃ ଛ'ଜଣ ନାରୀ ଓ ତିନିଜଣ ପୁରୁଷ ଏକସଙ୍ଗେ ଯୁଆଡ଼େ ଯାଆନ୍ତି ତେଣେ କିଛି କାମ ହୁଏ ନାହିଁ ବୋଲି ଜଣାଯାଇଥାଏ। ଏପରି ଯିବା ଦ୍ୱାରା ଅନୁକୂଳରେ ପ୍ରଳମ୍ବ ଅଶୁଦ୍ଧି ଘଟିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ସିଗ୍ନାଲିଂ ବ୍ୟବସ୍ଥା ବିକଶିତ କରିବେ ଓଡ଼ିଆ ଆଇଆଇଟି ପ୍ରଫେସର

**ଭୁବନେଶ୍ୱର, ୧୧।୭**

ବାହାନଗାରେ ଟ୍ରିପଲ ଟ୍ରେନ୍ ଦୁର୍ଘଟଣା ପରେ ଭାରତୀୟ ରେଳପଥ ସିଗ୍ନାଲିଂ ବ୍ୟବସ୍ଥାକୁ ବିକଶିତ କରିବା ଉପରେ ଏବେ ଲକ୍ଷ୍ୟ କେନ୍ଦ୍ରିତ କରିଛି। ଏହି କ୍ରମରେ ଆଇଆଇଟି ଖଡ଼ଗପୁରରେ ଇଲେକ୍ଟ୍ରିକାଲ ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗ ଓଡ଼ିଆ ପ୍ରଫେସର ଅରବିନ୍ଦ ରାଉତରାୟଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେ ବ୍ଲକ୍‌ଚେନ୍ ଉପରେ ଆଧାରିତ ଟାମ୍ପର ପ୍ରୁଫ୍ ସିଗ୍ନାଲିଂ ସିଷ୍ଟମ ବିକଶିତ ସଂକ୍ରାନ୍ତ ପ୍ରକଳ୍ପର ନେତୃତ୍ୱ ନେଇଛନ୍ତି। ବର୍ତ୍ତମାନ ସେ ରେଲୱେ ଅଧିକାରୀଙ୍କ ସହ ମିଶି ଏହି ଉନ୍ନତ ଜ୍ଞାନକୌଶଳର ଡିଜାଇନ୍ ଦିଗରେ କାର୍ଯ୍ୟ କରୁଛନ୍ତି। ଏହି ଡିଜାଇନ୍ ଶେଷ କରିବା ଲାଗି ଆହୁରି ୧୫ ଦିନ ସମୟ ଲାଗିବ ବୋଲି କୁହାଯାଉଛି।

ବାହାନଗା ରେଳ ଦୁର୍ଘଟଣା ପରେ ସିଗ୍ନାଲିଂ ବ୍ୟବସ୍ଥାରେ ହେରଫେରକୁ ରୋକିବା ଦିଗରେ ଚାର୍ଟ ପ୍ରସ୍ତୁତ କରିବା ନିମନ୍ତେ ଆମେ ରେଲୱେ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଥିଲୁ ଓ ସେହି ଦିଗରେ କାର୍ଯ୍ୟ ଚାଲିଛି ବୋଲି ପ୍ରଫେସର ରାଉତରାୟ କହିଛନ୍ତି। ଏବେ ଉକ୍ତ ପ୍ରକଳ୍ପର ଡିଜାଇନ୍ କରାଯାଉଛି। ତାହାକୁ ଯଦି ମନ୍ତ୍ରଣାଳୟ ମଞ୍ଜୁର ପ୍ରଦାନ କରିବ, ତାହା ହେଲେ ଆମେ ସେହି ଦିଗରେ ଆଗେଇବୁ ବୋଲି ସେ କହିଛନ୍ତି। ରାଉତରାୟଙ୍କ କହିବା ଅନୁଯାୟୀ, ବ୍ଲକଚେନ୍ ବ୍ୟବସ୍ଥା ହେଉଛି ଟାମ୍ପର-ପ୍ରୁଫ୍ ଡାଟାବେସ୍, ଯେଉଁଥିରେ ତାହାକୁ ହ୍ୟାକ୍ କରିବା ବା ସେଥିରେ ହେରଫେର କରାଯାଇପାରିବ ନାହିଁ। ଫଳରେ ଲୋକୋ ପାଇଲଟ, ସିଗ୍ନାଲ ମ୍ୟାନେଜର ଓ ଷ୍ଟେଶନ ମ୍ୟାନେଜରଙ୍କ ଭଳି ଟ୍ରେନ୍ ପରିଚାଳନା ବ୍ୟବସ୍ଥା ସହ ସମ୍ପୃକ୍ତ ଥିବା ବ୍ୟକ୍ତି ରିୟଲ-ଟାଇମ୍ ଡେଟାକୁ ସହଜରେ ବ୍ୟବହାର କରିବାର ସୁବିଧା ପାଇପାରିବେ। ଏହି ବ୍ୟବସ୍ଥା ବହୁଳ ଭାବେ କ୍ରିପ୍ଟୋକରେନ୍ସି ଓ ବ୍ୟାଙ୍କ କାରବାରରେ ବ୍ୟବହୃତ ହେଉଛି।

ବାହାନଗା ରେଳ ଦୁର୍ଘଟଣାର ବହୁପୂର୍ବରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଧୁନିକ ଟ୍ରେନ୍ ଗମନାଗମନ, ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ଆଇଆଇଟି ଭୁବନେଶ୍ୱର ଓ ଖଡ଼ଗପୁରକୁ ଦାୟିତ୍ୱ ଦେଇଥିଲେ। ତେବେ ରାଉତରାୟ କହିଛନ୍ତି, ଯଦି ବ୍ଲକଚେନ୍ ଟେକ୍ନୋଲୋଜି ସିଷ୍ଟମ୍‌ର ଡିଜାଇନ୍ ଭାରତୀୟ ରେଳପଥ ଦ୍ୱାରା ମଞ୍ଜୁରୀ ପାଇଯାଏ, ତାହା ହେଲେ ଆଇଆଇଟି ଖଡ଼ଗପୁର ଓ ଭୁବନେଶ୍ୱରର ୫୦ ଜଣ ସଦସ୍ୟଙ୍କୁ ଏହି ପ୍ରକଳ୍ପ ଲାଗି ନିୟୋଜିତ କରାଯିବ। ଏହା ଦୁଇବର୍ଷ ମଧ୍ୟରେ ଶେଷ ହେବ ବୋଲି ରାଉତରାୟ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଜୁନ୍ ୨ ତାରିଖରେ ବାଲେଶ୍ୱର ଜିଲା ବାହାନଗାରେ ୩ଟି ଟ୍ରେନ୍ ମଧ୍ୟରେ ଘଟିଥିବା ଦୁର୍ଘଟଣାରେ ୨୯୩ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ଅନେକ ଶହ ଲୋକ ଆହତ ହୋଇଥିଲେ।

# ୪ ମାଓବାଦୀ ଗିରଫ

**ରାୟଗଡ଼ା, ୧୧।୭ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ମଙ୍ଗଳବାର ୪ ମାଓବାଦୀଙ୍କୁ ଗିରଫ କରିଛି। ଗିରଫ ମାଓବାଦୀମାନେ ହେଲେ ମୁନିଗଡ଼ା ବ୍ଲକ କାଦ୍ରାପାଙ୍ଗା ଗ୍ରାମର ନୂଆମାଝି କାଦ୍ରାକା, ପାଟରାଣୀ ଗ୍ରାମର ରାଗିଡ଼ି ଗାଗରାଙ୍ଗା, ବଡ଼ଡେଙ୍ଗୁଣି ଗ୍ରାମର ବଇ କରକରିଆ ଓ ଚନ୍ଦ୍ରପୁର ବ୍ଲକ ଗୁନାଖାଲ ଗ୍ରାମର ପାଗୁଡ଼ା କିମ୍ବାକା। ମୁନିଗୁଡ଼ା ପୋଲିସ ଏକ ମାମଲା ରୁଜୁକରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ପୋଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ଗତ କିଛିଦିନ ହେବ ମାଓବାଦୀଙ୍କୁ ବିଭିନ୍ନ ପ୍ରକାର ସହାୟତା କରିଆସୁଥିଲେ। ଜଙ୍ଗଲ ଭିତରେ ମାଓବାଦୀ ସଙ୍ଗଠନର ସଭ୍ୟାସଭ୍ୟଙ୍କ ରହିବା ଓ ଖାଇବା ବ୍ୟବସ୍ଥା ସହ ପୋଲିସର ସ୍ଥିତି ସମ୍ପର୍କରେ ସୂଚନା ଦେଉଥିଲେ। ସିପିଆଇ (ମାଓବାଦୀ) ସଙ୍ଗଠନର ରୀତା, ନିଖିଲ ଓ ବର୍ଷିଙ୍କ ମୁଖ୍ୟ ସୂଚନାଦାତା ଏବଂ ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ପୋଲିସ ଗୋଇନ୍ଦା ସୂତ୍ରରୁ ଜାଣିବାକୁ ପାଇବା ପରେ ଅଚାନକ ଚଢ଼ାଉ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି।

ପ୍ରକାଶ ଥାଉକି, ଗତ କିଛିଦିନ ହେବ ମୁନିଗୁଡ଼ା, ଅମ୍ବାଦଳା ଓ ଚନ୍ଦ୍ରପୁର ଥାନା ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ବୃଦ୍ଧି ପାଇବାରେ ଲାଗିଛି। ଗତ ୧ ତାରିଖରେ ମୁନିଗୁଡ଼ା ଥାନା ଅନ୍ତର୍ଗତ ଦେଓକୁପୁଲି ଗାଁ ନିକଟରେ ଥିବା ଠିକା କ୍ରଶର ଉପରେ ମାଓବାଦୀମାନେ ଆକ୍ରମଣ କରି ୯ଟି ଗାଡ଼ି ପୋଡ଼ିଦେଇଥିଲେ। ସେହିପରି ମାଓବାଦୀମାନେ ଲଗାତର ସେହି ଅଞ୍ଚଳରେ ଧମକପୂର୍ଣ୍ଣ ବ୍ୟାନର ଓ ପୋଷ୍ଟର ଲଗାଇ ବିଭିନ୍ନ ଚେତାବନୀ ଦେଉଥିବା ଦେଖିବାକୁ ମିଳିଛି।

# 'ମୋ ସରକାର' ଅଧୀନରେ ଆସିବ ଜନ ଅଭିଯୋଗ ଶୁଣାଣି

**ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

**ଆସନ୍ତା ମାସରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଫୋନ କରି ଲୋକଙ୍କ ଅଭିଯୋଗ ସମ୍ପର୍କରେ ଜାଣିବ**

**ଭୁବନେଶ୍ୱର, ୧୧।୭ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ବିଭିନ୍ନ ଜିଲାରେ କରାଯାଉଥିବା ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଢେଙ୍କାନାଳରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଯୋଡ଼ି ହୋଇଥିଲେ। ଗତ ୨ ଦିନ ଧରି ସେ ଅନୁଗୋଳ ଜିଲା ଗସ୍ତ କରି ଲୋକଙ୍କ ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହିତ ବିଭିନ୍ନ ଜିଲା ଗସ୍ତ ସମୟରେ ବର୍ତ୍ତମାନ ସୁଦ୍ଧା ଲୋକଙ୍କଠାରୁ ୧୮ ହଜାର ଯାଚିକା (ପିଟିଶନ) ଗ୍ରହଣ କରାଯାଇଛି ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜନ ଅଭିଯୋଗ ଶୁଣାଣି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ସବୁ ବିଭାଗ ଓ ଜିଲା ପ୍ରଶାସନ ଲୋକଙ୍କ ଅଭିଯୋଗ, ଅସୁବିଧାକୁ ସମ୍ବେଦନଶୀଳ ହୋଇ ଶୁଣିବା ସହିତ ଶୀଘ୍ର ସମାଧାନ କରିବା ଆବଶ୍ୟକ। ସେଥିପାଇଁ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବିଭିନ୍ନ ଜିଲାକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ଆମର ଅଧିକାରୀମାନେ ବିଭିନ୍ନ ଜିଲା, ଏପରି କି ବ୍ଲକ୍ ସ୍ତରକୁ ଯାଇ ଅଭିଯୋଗ ଶୁଣାଣି କରୁଛନ୍ତି। ଏହିସବୁ କାର୍ଯ୍ୟକ୍ରମରୁ ବର୍ତ୍ତମାନ ସୁଦ୍ଧା ୧୮ ହଜାରରୁ ଅଧିକ ଯାଚିକା ଗ୍ରହଣ କରାଯାଇଛି।

ସମସ୍ତ ବିଭାଗଗୁଡ଼ିକ ଲୋକଙ୍କ ଅଭିଯୋଗକୁ ପ୍ରାଥମିକତା ଭିତ୍ତିରେ ଶୁଣାଣି କରି ସମାଧାନ କରିବେ। ରାଜ୍ୟର ସମସ୍ତ ବିଭାଗ ଓ ଜିଲା ପ୍ରଶାସନକୁ ଲୋକଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜନ ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ 'ମୋ ସରକାର' ଅଧୀନରେ ଗ୍ରହଣ କରାଯାଇ ଲୋକଙ୍କ ସମସ୍ୟାର ସମାଧାନ କିପରି କରାଯାଉଛି, ସେ ବିଷୟରେ ତଥ୍ୟ ସଂଗ୍ରହ କରାଯିବ। ଆସନ୍ତା ମାସଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ଫୋନ କରାଯାଇ ସେମାନଙ୍କ ସମସ୍ୟାର କିପରି ସମାଧାନ କରାଯାଉଛି, ସେ ସମ୍ପର୍କରେ ମତାମତ ନିଆଯିବ।

ମୁଖ୍ୟ ଶାସନ ସଚିବ ପି. କେ. ଜେନା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗ୍ରହଣ କରାଯାଉଥିବା ଅଭିଯୋଗ ଓ ଯାଚିକା ସମ୍ପର୍କରେ ପଦକ୍ଷେପ ନିଆଯାଉଛି। ବିଭିନ୍ନ ବିଭାଗ ଦ୍ୱାରା ସମୀକ୍ଷା ବୈଠକରେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପ୍ରାଥମିକତା ଦିଆଯାଉଛି।

# ରାଜ୍ୟରେ ବଢୁଛି ଆଖିଧରା ରୋଗ

**ଭୁବନେଶ୍ୱର, ୧୧।୭ (ବନ୍ଦନା ସେଠୀ)**

- **ସ୍ଥିତି ବିଗିଡ଼ିଲେ ଜାରି ହୋଇପାରେ ମାର୍ଗଦର୍ଶିକା**
- **ସମ୍ବଲପୁର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ**



ରାଜ୍ୟରେ ଆଖିଧରା ରୋଗ ଧୀରେ ଧୀରେ ବ୍ୟାପିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗର ଆକଳନ ଅନୁଯାୟୀ ପ୍ରତି ୧୦ ଜଣ ଲୋଙ୍କ ମଧ୍ୟରୁ ୩ରୁ ୪ଜଣ ଆଖିଧରା ରୋଗରେ ସଂକ୍ରମିତ ହେଉଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ରଙ୍କ ସୂଚନା ଅନୁଯାୟୀ ପୂର୍ବ ବର୍ଷ ତୁଳନାରେ ଏବେ ଆଖିଧରା ରୋଗୀଙ୍କ ସଂଖ୍ୟା ଦୁଇଗୁଣାରେ ପହଞ୍ଚିଛି। ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଆଗକୁ ସ୍ଥିତି ବିଗିଡ଼ିଲେ ରାଜ୍ୟ ସରକାର ମାର୍ଗଦର୍ଶିକା ଜାରି କରିପାରନ୍ତି ବୋଲି ଡା. ମିଶ୍ର କହିଛନ୍ତି। ବିଶେଷକରି ସମ୍ବଲପୁର ସଦର ମେଡିକାଲ ଓ ଭୀମ୍‌ସାର୍‌ରେ ଆଖିଧରା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ଏବେ ୬୦ ପ୍ରତିଶତ ରୋଗୀ କେବଳ ଆଖିଧରା ସଂକ୍ରମିତ ବୋଲି ଜଣାପଡ଼ିଛି। ସେହିପରି ଭୀମ୍‌ସାର୍‌କୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆଖିଧରା ରୋଗୀ ଆସି ଚିକିତ୍ସିତ ହେଉଛନ୍ତି। ଏହା ଏକ ଭୂତାଣୁ ଜନିତ ରୋଗ। ସପ୍ତାହେରୁ ୨ ସପ୍ତାହ ମଧ୍ୟରେ ରହିବ। ଏହି ଭୂତାଣୁ ଜଣଙ୍କ ଠାରୁ ଅନ୍ୟ ଜଣଙ୍କୁ ସଂକ୍ରମିତ ହେଉଥିବାରୁ ସତର୍କ ରହିବାକୁ ପଡ଼ିବ। ସେହିପରି ଆଖିଧରା ରୋଗରେ ଅଧିକାଂଶ ଛାତ୍ରୀଛାତ୍ର ସଂକ୍ରମିତ ହେଉଥିବାର ଚିତ୍ର ସାମ୍ନାକୁ ଆସୁଛି। ତେଣୁ ପିଲାମାନଙ୍କ ଅଭିଭାବକମାନେ ସତର୍କତା ଅବଲମ୍ବନ କରିବା ସହ ସଂକ୍ରମିତ ପିଲାଙ୍କୁ ସ୍କୁଲକୁ ନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ତେବେ ଆଖିଧରା ରୋଗରୁ ରକ୍ଷା ପାଇବା ତଥା ଏହାର ଚିକିତ୍ସା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ମାର୍ଗଦର୍ଶିକା ଜାରି କରାଯାଇଛି।

# ଅକ୍ଟୋବରରୁ କାର୍ଯ୍ୟକ୍ଷମ ହେବ ତାଳଚେର ମେଡିକାଲ କଲେଜ

- **ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ ହେବ**
- **ହାତୀ-ମଣିଷ ସଂଘର୍ଷ ରୋକିବାକୁ ୪.୬୫ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ**
- **୧୫.୮୫ କୋଟି ଟଙ୍କାରେ ଅନୁଗୋଳରେ ନିର୍ମାଣ ହେବ ୩ ସେତୁ**

**ଭୁବନେଶ୍ୱର, ୧୧।୭ (ଅନିଲ ଦାସ)**

ଦେଶର ସ୍ୱାଧୀନତା ସଂଗ୍ରାମରେ ତଥା ଓଡ଼ିଶାର ବିକାଶରେ ବିଶିଷ୍ଟ ଜନନେତା ପବିତ୍ର ମୋହନ ପ୍ରଧାନଙ୍କ ଅବଦାନକୁ ସମ୍ମାନ ଦେଇ ତାଙ୍କ ସ୍ମୃତିପୀଠର ବିକାଶ କରାଯିବ। ତାଳଚେର ମେଡିକାଲ କଲେଜ ଓ ହସ୍ପିଟାଲକୁ ମଧ୍ୟ ତାଙ୍କ ନାମରେ ନାମିତ କରାଯିବ। କଣିହାଁରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣାଧୀନ ସେତୁକୁ ମଧ୍ୟ ତାଙ୍କ ନାମରେ ନାମିତ କରାଯିବ ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ବିଭିନ୍ନ ଜିଲାରେ କରାଯାଉଥିବା ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଅନୁଗୋଳ ଜିଲାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ତାଳଚେରଠାରେ ନିର୍ମିତ ମେଡିକାଲ କଲେଜ ହସ୍ପିଟାଲକୁ ଚଳିତ ବର୍ଷ ଅକ୍ଟୋବର ମାସଠାରୁ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଅନୁଗୋଳ ଜିଲାର ବନ୍ତଳାଠାରେ ହାତୀ-ମଣିଷ ସଂଘର୍ଷ ଯୋଗୁ ସାଧାରଣ ଲୋକ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧନସମ୍ପତ୍ତି ନଷ୍ଟ ସହିତ ଜୀବନ ହାନି ମଧ୍ୟ ହେଉଛି। ଲୋକଙ୍କଠାରୁ ଏହି ସମସ୍ୟା ଶୁଣିବା ପରେ ମୁଖ୍ୟମନ୍ତ୍ରୀ ଏହାକୁ ରୋକିବା ପାଇଁ ୪.୬୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜିଲା ଡିଏଫ୍‌ଓଙ୍କ ଦ୍ୱାରା ଏହି ଅର୍ଥ ଜରିଆରେ ବନ୍ତଳାର ୪୩ଟି ଗାଁରେ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯାଇ ଅଧିକ ସୁରକ୍ଷିତ ବ୍ୟବସ୍ଥାର ବିକାଶ କରାଯିବ। ସୂଚନାଯୋଗ୍ୟ, ୫-ଟି ସଚିବ ଭି.କେ. ପାଣ୍ଡିଆନ ତାଙ୍କ ଅନୁଗୋଳ ଗସ୍ତ ସମୟରେ ବନ୍ତଳାଠାରେ ହାତୀ ଆକ୍ରମଣ ସମ୍ପର୍କରେ ଲୋକଙ୍କଠାରୁ ବିଭିନ୍ନ ଅଭିଯୋଗ ଶୁଣିଥିଲେ।

ଜିଲାରେ ସଡ଼କ ଯୋଗାଯୋଗର ବିକାଶ ପାଇଁ ଓଏମ୍‌ବିଡିଏଡିସି ପାଣ୍ଠିରୁ ୭୬.୩୯ କୋଟି ଟଙ୍କା ବିନିଯୋଗ କରାଯାଇ ୩ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କରାଯିବ। ପାଲଲହଡା ଏକ ଆଦିବାସୀ ଅଧ୍ୟୁଷିତ, ଅନୁନ୍ନତ ଅଞ୍ଚଳ ହୋଇଥିବାରୁ ସେଠାରେ ୨ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ପାଲଲହଡା ଫଳ ବଗିଚାଠାରୁ ନାଇକାଣିପଲ୍ଲୀ ରାସ୍ତାର ବିକାଶ ପାଇଁ ୨୧.୮୫ କୋଟି ଏବଂ ସିବାଦାଠାରୁ ଖଡକାକୁମ୍ଭାର ମାଟି ରାସ୍ତାର ଉନ୍ନତୀକରଣ ପାଇଁ ୪୨.୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ କଣିହାଁ ବ୍ଲକ ଧଳଗଡିଆ ସିଆରିଆ ରାସ୍ତାରେ ମହୁଲି ପୋଷି ପର୍ଯ୍ୟନ୍ତ ୧୦ କିଲୋମିଟର ରାସ୍ତାର ଉନ୍ନତୀକରଣ ପାଇଁ ୧୨.୪୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ପାଲଲହଡାରେ ୩ଟି ଗୁରୁତ୍ୱପୂର୍ଣ୍ଣ ସେତୁ ମଧ୍ୟ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ୫-ଟି ସଚିବଙ୍କ ବନ୍ତଳା ଅଞ୍ଚଳ ପରିଦର୍ଶନ ସମୟରେ ଏକ ଅଗ୍ନିଶମ ସେବା କେନ୍ଦ୍ରର ଆବଶ୍ୟକତା ସମ୍ପର୍କରେ ଜନସାଧାରଣ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ବନ୍ତଳାରେ ଏହି ସେବା କେନ୍ଦ୍ର ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏଥିସହିତ ସାତକୋଶିଆ ଇକୋ ଟୁରିଜମ୍ ସ୍ଥାନରେ ମଧ୍ୟ ଏକ ଅଗ୍ନିଶମ ସେବା କେନ୍ଦ୍ର ସ୍ଥାପନ କରାଯିବ। ଜନସାଧାରଣଙ୍କ ଅନୁରୋଧକ୍ରମେ ଜିଲାର କୁଡାଗାଁ ଓ ଟିକରପଡାଠାରେ ଦୁଇଟି ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରତ୍ୟେକ ବନ୍ୟା ଆଶ୍ରୟସ୍ଥଳ ପାଇଁ ୨.୬୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ...

ତେଣୁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ସରକାର ଇଡିକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ମଧ୍ୟ ବଢ଼ିଥିଲା। ଇତିମଧ୍ୟରେ କଂଗ୍ରେସ ନେତା ରଣଦୀପ ସୁର୍ଯ୍ୟେୱାଲା, ଜୟା ଠାକୁର ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ସମେତ ଆଉ କେତେଜଣ ବ୍ୟକ୍ତି ସଞ୍ଜୟଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ବିକ୍ରମ ନାଥ ଏବଂ ସଞ୍ଜୟ କାରୋଲ ସାମିଲ ଥିବା ୩ ଜଣିଆ ଖଣ୍ଡପୀଠ ଗତ ମେ' ୮ରେ ଉକ୍ତ ଆବେଦନଗୁଡ଼ିକର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ, ଯାହାକି ମଙ୍ଗଳବାର ପ୍ରକାଶ ପାଇଛି। ଖଣ୍ଡପୀଠ ନିଜ ରାୟରେ କହିଛନ୍ତି, ସଞ୍ଜୟଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ୨୦୨୧ରେ ଦିଆଯାଇଥିବା ରାୟରେ ଥିବା ନିୟମକୁ ଉଲ୍ଲଂଘନ କରୁଛି। ତେବେ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ନିରୋଧୀ ବୈଶ୍ୱିକ ଜଗୁଆଳି ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା ଚଳାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ସହଜ ଦାୟିତ୍ୱ ହସ୍ତାନ୍ତର ପାଇଁ ସଞ୍ଜୟ ଜୁଲାଇ ୩୧ ପର୍ଯ୍ୟନ୍ତ ଇଡି ନିର୍ଦ୍ଦେଶକ ପଦରେ ରହିପାରିବେ। ଏହା ପରେ କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାର ମୁଖ୍ୟ ଭାବେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାକୁ ବାଧ୍ୟ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଶୁଣାଣିବେଳେ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ, ସଞ୍ଜୟଙ୍କ କାର୍ଯ୍ୟକାଳ ବୃଦ୍ଧି ପ୍ରସଙ୍ଗରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବା ଅନୁଚିତ। କାରଣ ସେ କୌଣସି ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ ନୁହନ୍ତି। ଆମିକସ୍ କ୍ୟୁରି କେ.ଭି. ବିଶ୍ୱନାଥନ୍ କେନ୍ଦ୍ରର ନିଷ୍ପତ୍ତିକୁ ବିରୋଧକରି କହିଥିଲେ, ଅଣାଯାଇଥିବା ସଂଶୋଧନ ଏବଂ ସଞ୍ଜୟଙ୍କ କାର୍ଯ୍ୟକାଳ ବୃଦ୍ଧି ବେଆଇନ। ଏକ ଉନ୍ନତ ଗଣତନ୍ତ୍ରରେ କାର୍ଯ୍ୟକାଳ ଅବଧି ବୃଦ୍ଧି ସମ୍ପୃକ୍ତ ଅଧିକାରୀଙ୍କ ମୂଳ ଅବଧିଠାରୁ ଅଧିକ ଲମ୍ବିବା ଅନୁଚିତ। ଏହି ନିୟମର ଦୁରୁପଯୋଗ କରିବା ସାମର୍ଥ୍ୟ କୌଣସି ସରକାର ନିକଟରେ ରହିବା ଅନୁଚିତ।

## ଡିଗ୍ରୀ ପାଠ୍ୟକ୍ରମ ପାଇଁ...

ଏଥିସହିତ ସେମାନଙ୍କ ଶିକ୍ଷା, ଜୀବନଜୀବିକା ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ସର୍ବଦା ସରକାରଙ୍କ ପ୍ରାଥମିକତା ହୋଇ ଆସିଛି। ଜନଜାତିମାନଙ୍କର ସଂସ୍କୃତି, ପରମ୍ପରା, ଐତିହ୍ୟର ସୁରକ୍ଷା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବିକାଶ ପରିଷଦ (ଏସ୍‌ଡିସି) ଗଠନ କରିଛନ୍ତି। ଚଳିତ ବର୍ଷ ୨୩ ଜିଲାର ୮୪ ଲକ୍ଷ ଜନସଂଖ୍ୟା ଥିବା ୧୬୨ ବ୍ଲକକୁ ଏସ୍‌ଡିସି ସମ୍ପ୍ରସାରିତ କରାଯାଇଛି। ଶିକ୍ଷା ହେଉଛି ସାମାଜିକ-ଅର୍ଥନୈତିକ ବିକାଶର ମାପଦଣ୍ଡ। ଜନଜାତି ଛାତ୍ରୀଛାତ୍ରଙ୍କୁ ଆବାସିକ ସୁବିଧା ଯୋଗାଇବାରେ ଓଡ଼ିଶା ହେଉଛି ଅଗ୍ରଣୀ ରାଜ୍ୟ। ରାଜ୍ୟରେ ୪.୨ ଲକ୍ଷ ପରିବାରରୁ ୬ ଲକ୍ଷ ଛାତ୍ରୀଛାତ୍ରଙ୍କୁ ଛାତ୍ରାବାସ ସୁବିଧା ଯୋଗାଇ ଦିଆଯାଇଛି। ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ଅଧୀନରେ ରାଜ୍ୟର ୧୭୩୫ ସ୍କୁଲ ପରିଚାଳିତ ହେଉଛି। ଗତ ୨୦ ବର୍ଷରେ ବିଭାଗ ଅଧୀନରେ ପରିଚାଳିତ ହେଉଥିବା ହାଇସ୍କୁଲ ସଂଖ୍ୟା ଦୁଇଗୁଣିତ ହୋଇଛି। ୨୧୫ ହାଇସ୍କୁଲ ଥିବାବେଳେ ଏବେ ତାହା ୪୨୨ରେ ପହଞ୍ଚିଛି। ଏଥିସହିତ ବିଭାଗ ଅଧୀନରେ ଉଚ୍ଚ ମାଧ୍ୟମିକ ସ୍କୁଲ ମଧ୍ୟ ଖୋଲାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜଙ୍ଗଲ ଅଧିକାର ଆଇନ ମାଧ୍ୟମରେ ରାଜ୍ୟରେ ୨୦୨୩ ଏପ୍ରିଲ ସୁଦ୍ଧା ୬.୪୭ ଲକ୍ଷ ଆବେଦନକାରୀଙ୍କ ମଧ୍ୟରୁ ୧୦.୪୨ ଲକ୍ଷ ଏକର ଜଙ୍ଗଲ ଜମି ଉପରେ ପ୍ରାୟ ୪.୬୪ ଲକ୍ଷ ଜମିପଟ୍ଟା ବଣ୍ଟନ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ୨୦୨୩-୨୪ ଆର୍ଥିକବର୍ଷରେ ଜଙ୍ଗଲ ଅଧିକାର ଆଇନ-୨୦୦୬କୁ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱତନ୍ତ୍ର ବଜେଟ ଆବଣ୍ଟନ କରାଯାଇଛି। ଏତଦ୍‌ଦ୍ୱାରା ୨ବର୍ଷ ମଧ୍ୟରେ ଜଙ୍ଗଲ ଜମି ଚିହ୍ନଟ ଓ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଜିଲାସ୍ତରରେ କାର୍ଯ୍ୟରତ ଏନ୍‌ଜିଓ ଏବଂ ସିଏସ୍‌ଓଙ୍କୁ ଗ୍ରାମୀଣ ସ୍ତରୀୟ ସ୍ୱେଚ୍ଛାସେବୀମାନେ ସହାୟତା ଯୋଗାଇଦେବେ। ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ହୋ, ସଉରା ଓ କୁଇ ଭାଷାକୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ପ୍ରସ୍ତାବ ଦେବାକୁ ଜନଜାତି ଉପଦେଷ୍ଟା ପରିଷଦ ସୁପାରିସ କରିଛନ୍ତି। ଯାଜପୁର ଜିଲାର ବିର୍‌ହୋର୍ ଓ ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଢେଙ୍କାନାଳ ଜିଲାର ଜୁଆଙ୍ଗ ଉନ୍ନୟନ ସଂସ୍ଥା, ପ୍ରାଚୀନ ଜନଜାତି ବସବାସ କରୁଥିବା କେନ୍ଦୁଝର ଜିଲାର ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ୩ଟି ଅଣୁପ୍ରକଳ୍ପ ପ୍ରତିଷ୍ଠା କରାଯିବା ସମ୍ପର୍କରେ ଜନଜାତି ଉପଦେଷ୍ଟା ପରିଷଦକୁ ବୈଠକରେ ଅବଗତ କରାଯାଇଛି। ପୁରାତନ ଜନଜାତି ବସବାସ କରୁଥିବା ୧୧୩୮ ଗୋଟି ବସତିକୁ ପିଭିଟିଜି ଗ୍ରାମ ଭାବେ ଘୋଷଣା କରାଯାଇଛି। ୧୧୩୮ ଗ୍ରାମ ମଧ୍ୟରୁ ୮୮୮ ଗ୍ରାମ ୧୫ଟି ଅଣୁପ୍ରକଳ୍ପରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଅଣୁପ୍ରକଳ୍ପ ଅଞ୍ଚଳ ବାହାରେ ରହିଥିବା ୨୫୦ ଗ୍ରାମକୁ ପିଭିଟିଜି ଗ୍ରାମ ଭାବେ ଘୋଷଣା କରାଯାଇଛି।

ଏହି ବୈଠକରେ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସମେତ ୧୫ ଜଣ ବିଧାୟକ, ୨ ଜଣ ଏମ୍‌ପି, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବ ଏବଂ ଉଚ୍ଚପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ...

ବିଦ୍ୟାଳୟ ଭାବେ ସରକାର ଉନ୍ନୀତ କରିଛନ୍ତି। ଉକ୍ତ ବିଦ୍ୟାଳୟଗୁଡ଼ିକରେ ଯୁକ୍ତ୨ ଶ୍ରେଣୀ ଖୋଲାଯାଇଛି। ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରମାନେ ସିଧାସଳଖ ନିଜ ବିଦ୍ୟାଳୟରେ ଯୁକ୍ତ୨ ଶ୍ରେଣୀରେ ପଢ଼ିପାରିବେ। ସେମାନଙ୍କୁ ଶିକ୍ଷାଦାନ ନିମନ୍ତେ ଏହି ନୂତନ ଶିକ୍ଷକ ପଦବୀଗୁଡ଼ିକ ସୃଷ୍ଟି କରାଯାଇଛି। ସେହିପରି ପ୍ରତ୍ୟେକ ଉନ୍ନୀତ ମାଧ୍ୟମିକ ବିଦ୍ୟାଳୟରେ ଅଫିସ କାର୍ଯ୍ୟ, ଲାବ୍ ଓ ପାଠାଗାର ପରିଚାଳନା ପାଇଁ ଅଣଶିକ୍ଷକ ପଦବୀଗୁଡିକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି।

## ଅନ୍‌ଲାଇନ୍ ଗେମିଂରେ...

ସହମତ ହୋଇଛି। ଅନ୍‌ଲାଇନ ଗେମିଂରେ ୨୮ ପ୍ରତିଶତ ଜିଏସ୍‌ଟି ନ ଲଗାଇବାକୁ ଏଫ୍‌ଆଇସିସିଆଇ ଗେମିଂ କମିଟି କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମାଶୁଳ୍କ ବୋର୍ଡ (ସିବିଆଇସି)କୁ ଅନୁରୋଧ କରିଛି। ୨୮% ଟିକସ ଲାଗୁ ହେଲେ ଅନ୍‌ଲାଇନ୍ ଗେମିଂ ଶିଳ୍ପକୁ ବଞ୍ଚାଇ ରଖିବା କଷ୍ଟକର ହୋଇପଡ଼ିବ ବୋଲି ଗେମିଂ ଫାର୍ମଗୁଡ଼ିକ ପକ୍ଷରୁ କୁହାଯାଇଛି।

## ୧୫ ବର୍ଷରେ...

ଏହି ସଂଖ୍ୟା ହ୍ରାସ ପାଇ ୩୭ କୋଟି ଏବଂ ୨୦୧୯-୨୧ରେ ୨୩ କୋଟିରେ ପହଞ୍ଚିଛି। ସେହିପରି ୨୦୦୫-୨୦୦୬ରେ ୫୫.୧% ଦାରିଦ୍ର୍ୟ କମିଥିବାବେଳେ ୨୦୧୯-୨୧ରେ ୧୯.୪% କମିଛି। କୋଭିଡ୍ ବେଳେ ଏ ସମ୍ପର୍କିତ କାର୍ଯ୍ୟରେ ସାମାନ୍ୟ ଅସୁବିଧା ହେବା ସହ ଅପେକ୍ଷାକୃତ ସ୍ୱଳ୍ପ ଡେଟା ସଂଗୃହୀତ ହୋଇଛି। ୨୦୦୫-୨୦୦୬ ମଧ୍ୟରେ ପୋଷକ ଖାଦ୍ୟରୁ ବଞ୍ଚିତ ହେଉଥିବା ବର୍ଗଙ୍କ କ୍ଷେତ୍ରରେ ପାଖାପାଖି ୪୪.୩% ହ୍ରାସ ଘଟିଥିବାବେଳେ ୨୦୧୯-୨୧ ବେଳକୁ ଏହା ଆହୁରି ହ୍ରାସ ପାଇ ଶତକଡ଼ା ୧୧.୮ରେ ପହଞ୍ଚିଛି। ସେହିପରି ଶିଶୁ ମୃତ୍ୟୁ ୪.୫%ରୁ ଏବେ ୧.୫%କୁ ଖସିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆପଣ ମନ ବୁଝିଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ବାଟରୁ ହାତକୁ ଦି'ପଇସା ଆସିବା ସଙ୍ଗକୁ ପାରିବାରିକ କ୍ଷେତ୍ର ମଧ୍ୟ ଯେମିତି ଚାଲୁଥିଲା ଠିକ୍ ସେମିତି ହିଁ ଚାଲିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ସୁବିଧାବାଦୀ ଭଳି କାମ କରିପାରନ୍ତି।

**ବୃଷ** – ଶୁକ୍ରମଙ୍ଗଳ ଯୋଗର ସୁପ୍ରଭାବରେ ସୁଯୋଗ ଆପଣା ଛାଏଁ ଆସିବ ଏବଂ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପରିବାରରେ ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ** – ରାଶ୍ୟାଧିପ ଦ୍ୱିତୀୟସ୍ଥ ଯୋଗୁ କାର୍ଯ୍ୟ ହାସଲ ସକାଶେ କଠୋର ପଦକ୍ଷେପ ଗ୍ରହଣ କରିପାରନ୍ତି। ପାରିବାରିକ କ୍ଷେତ୍ରରେ କିଛିଟା ବ୍ୟତିକ୍ରମକୁ କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। କଳା,ସାମ୍ବାଦିକତା, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**କର୍କଟ** – କର୍ମକ୍ଷେତ୍ର ବିଶୃଙ୍ଖଳିତ ରହିବା ସଙ୍ଗକୁ ଆପଣଙ୍କ ଉଦ୍ୟମ ନୈରାଶ୍ୟଜନକ ହୋଇପାରେ। ଆକସ୍ମିକ ଭାବରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା ଦିଗରେ ମନ ବଳାଇବେ। ମନୋରଞ୍ଜନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ଗୁଜବ ମନକୁ ଆତଙ୍କିତ କରିପାରେ ଏବଂ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିବେ।

**ସିଂହ** – ବୁଧ ଦ୍ୱାଦଶସ୍ଥ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା କାଳରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ସଭାସମିତି, ପ୍ରଶାସନ, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିରେ ସଫଳତା ହାସଲ କରିବେ। ସାମାଜିକ ସ୍ତରରେ ବନ୍ଧୁଙ୍କ ଦୋଷ, ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ଅନ୍ୟକୁ ମିଥ୍ୟା କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା** – କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଚନ୍ଦ୍ର ଓ ରାହୁଙ୍କ ସଂଯୋଗ ହେତୁ ମାଦକ ଦ୍ରବ୍ୟ ସେବନରୁ ବକ୍ଷ ବେଦନା ସୃଷ୍ଟି ହୋଇପାରେ। ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ତୁଳା** – ଆଜି ଆପଣ ଯେମିତି ଚାହିଁବେ ସେମିତି ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରର ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ବ୍ୟସ୍ତତା ଅନୁଭବ କରିବେ। ମାତ୍ର ସ୍ୱାତୀ ନକ୍ଷତ୍ର ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବାର ସୁଯୋଗ ଲାଭ କରିବାର ମାର୍ଗ ଉନ୍ମୁକ୍ତ ରହିବ।

**ବିଛା** – ଅଷ୍ଟମସ୍ଥ ରବି ହେତୁ ସବୁ ଭଲ ହେଲେ ମଧ୍ୟ ଆପଣଙ୍କ ଶିଥିଳତା ଓ ନକାରାତ୍ମକ ଚିନ୍ତାଧାରା ଜୀବନଯାତ୍ରାର ପଥରୋଧ କରିପାରେ। ବନ୍ଧୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କଠାରୁ କ୍ରମଶଃ ଦୂରେଇ ଯାଉଥିବାର ଅନୁଭବ କରିବେ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ଧନୁ** – ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବା ସଙ୍ଗକୁ ଗୃହୋପକରଣ ମଧ୍ୟ କ୍ରୟ କରିପାରନ୍ତି। ବାଣିଜ୍ୟ,ବ୍ୟବସାୟ ଓ ଶିକ୍ଷା,ବିଦେଶ ଯାତ୍ରା, କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରାଜନୈତିକ ସ୍ତରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ମକର** – ଚତୁର୍ଥସ୍ଥ ପାପଗ୍ରହ ହେତୁ ପାରିବାରିକ କ୍ଷେତ୍ରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ଏଣେ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି। ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** – ସ୍ୱଗୃହୀ ରାଶ୍ୟାଧିପତି ହେତୁ ଯୋଜନା ଅନୁଯାୟୀ କର୍ମରେ ପ୍ରବୃତ୍ତ ହେବେ ଓ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। କଳହର ସମ୍ମୁଖୀନ ହୋଇପାରନ୍ତି। ଘରେ ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଅତ୍ୟାବଶ୍ୟକ ଜିନିଷଟି ପାଇବା ପାଇଁ ଓ ପାରିବାରିକ ଖର୍ଚ୍ଚ ତୁଲାଇବା ସକାଶେ ଧାରକରଜ କରିପାରନ୍ତି।

**ମୀନ** – ଶନିଙ୍କ କୁପ୍ରଭାବରୁ ଅତି ନିକଟରେ ରହୁଥିବା ନୀଚଜାତିର ଜଣେ ବ୍ୟକ୍ତି ଦ୍ୱାରା ସବୁ ଯୋଜନା ଫସର ଫାଟିଯିବ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ପଛେଇ ଯାଇପାରନ୍ତି। ଅଫିସରେ ସମସ୍ୟା ସମାଧାନ କରିବା ହେତୁ ଶତ୍ରୁମାନେ ମଧ୍ୟ ପରୋକ୍ଷରେ ପ୍ରଶଂସା କରିବେ। ଉଚ୍ଚଶିକ୍ଷା ପ୍ରତି ଆଗ୍ରହୀ ହେବା ଦେଖାଯାଏ ଓ ବିଦେଶ ଯାତ୍ରା ଯୋଗ ରହିଛି।

ଆଜି ଶ୍ରାବଣ କୃଷ୍ଣ ଦଶମୀ ବୁଧବାର, ଜୁଲାଇ ୧୨ ତାରିଖ, ରାଶି ନକ୍ଷତ୍ର -ଦ୍ୱିଜା/ମେଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୬ମି. ଗତେ ଘ. ୦୮.୩୫ମି. ମଧ୍ୟେ, ଘ. ୧୦.୧୩ମି. ଗତେ ଘ .୧୧.୨୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୨ମି.ଗତେ ଘ.୦୧.୩୦ମି.ମଧ୍ୟେ ରାହୁକାଳ।

"କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ– ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ। –ଶ୍ରୀମା

# ଆଜି ସେମାନେ, କାଲି ଆମେ

କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ–କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାର ସ୍ୱତନ୍ତ୍ର ପାହ୍ୟାକୁ ହଟାଇ ନେଇଥିଲେ। ଏହା ସହ ଭୂସ୍ୱର୍ଗ କୁହାଯାଉଥିବା ଏହି ସୀମାନ୍ତ ରାଜ୍ୟକୁ ଭାଗି ଜମ୍ମୁ–କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରିଥିଲେ। ଉକ୍ତ ପଦକ୍ଷେପକୁ ଆଉ କେଇଟା ଦିନ ପରେ ୪ ବର୍ଷ ପୂରିଯିବ ଏବଂ ଏହି ପ୍ରକ୍ରିୟାର ସାମ୍ବିଧାନିକ ତଥା ଆଇନଗତ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଅନେକ ପିଟିଶନ ଦାଏର ହୋଇଛି। ତେବେ ଏହାର ବିଚାର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜୁଲାଇ ୧୦ ତାରିଖରେ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ଏକ ସତ୍ୟପାଠ ଦାଖଲ କରି କହିଛନ୍ତି ଯେ, ୨୦୧୯ରେ ଜମ୍ମୁ–କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ନିଷ୍ପତ୍ତି ସେଠାରେ ଏକ ଅଭୂତପୂର୍ବ ପ୍ରଗତି ଓ ସ୍ଥିରତା ଆଣିପାରିଛି। ଏହି ପଦକ୍ଷେପ ନେବାର ତିନି ବର୍ଷ ପରେ ସେଠାରେ ଜି–୨୦ର ଟୁରିଜମ ବୈଠକକୁ କଶ୍ମୀର ଉପତ୍ୟକାର ପ୍ରଥମ ଅନ୍ତର୍ଜାତୀୟ ବୈଠକ ବୋଲି ସରକାର ଦର୍ଶାଇଛନ୍ତି। ସ୍କୁଲ ଓ କଲେଜଗୁଡ଼ିକରେ କୌଣସି ଧାରଣା ହୋଇନାହିଁ କି ପଥରମାଡ଼ ଘଟଣା ସାମ୍ନାକୁ ଆସିନାହିଁ। ଯଦି ବାସ୍ତବରେ ପରିସ୍ଥିତି ଏତେ ଶାନ୍ତ ଓ ସୁନ୍ଦର, ତେବେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ, ନିର୍ବାଚନ ତୁରନ୍ତ କରିଦିଆଯାଇ ପାରିଥାଆନ୍ତା। ତାହା ନ ହେବା ଫଳରେ ସରକାରଙ୍କର ଏହିସବୁ ଦାବି ବିଶ୍ୱାସଯୋଗ୍ୟ ହେଉନାହିଁ।

ଆଉ ପାଦେ ଆଗକୁ ଯାଇ କେନ୍ଦ୍ର ସରକାର ଦେଶବାସୀଙ୍କୁ ଜଣାଇ ପାରିଥାଆନ୍ତେ କେତୋଟି କଶ୍ମୀର ପଣ୍ଡିତ ପରିବାର ନିଜ ଭିଟାମାଟିକୁ ଫେରିପାରିଛନ୍ତି ଏବଂ ଭାରତର ଅନ୍ୟ ପ୍ରାନ୍ତରୁ କେତେ ଜଣ ଯାଇ ସେଠାରେ ଜମି କିଣି ପଟ୍ଟାଧାରୀ ହୋଇପାରିଛନ୍ତି। ଏଭଳି କୌଣସି ତଥ୍ୟ ଆଜି ପର୍ଯ୍ୟନ୍ତ ପ୍ରକାଶ ପାଇଥିବାର ସମ୍ଭବତଃ କେହି ଜାଣି ନ ଥିବେ। ସରକାର ତାଙ୍କ ଯୁକ୍ତି ଉପସ୍ଥାପନ କରିବା ପରେ ପିଡିପି ନେତ୍ରୀ ମେହବୁବା ମୁଫ୍‌ତି ଓ ନ୍ୟାଶନାଲ କନ୍‌ଫରେନ୍ସର ନେତା ଓମାର ଅବଦୁଲ୍ଲା ଅନୁଚ୍ଛେଦ ୩୭୦ ଉଚ୍ଛେଦର ସାମ୍ବିଧାନିକ ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି ଓ ସେଠାକାର ସ୍ଥିତି ସହ ଏକମତ ହୋଇନାହାନ୍ତି। ଏହା ବ୍ୟତୀତ ସିପିଆଇ(ଏମ୍) ନେତା ଏମ୍.ୱାଇ. ତାରିଗାମି କଶ୍ମୀରର ଗଣତନ୍ତ୍ର ଓ ଲୋକଙ୍କ ଅଧିକାରର ଗୁରୁତ୍ୱକୁ ସାମ୍ନାକୁ ଆଣିଛନ୍ତି। ଦେଖିବାକୁ ଗଲେ ଜମ୍ମୁ–କଶ୍ମୀରରୁ ସ୍ୱତନ୍ତ୍ର ପାହ୍ୟା ହଟାଇ ନିଆଯିବା ପରେ ସେଠାରେ ମୁଖ୍ୟ ଧାରା ଓ ସାମାଜିକ ଗଣମାଧ୍ୟମର କଣ୍ଠରୋଧ କରାଚାଲିଛି। ଅଭିବ୍ୟକ୍ତିର ସ୍ୱାଧୀନତାକୁ ଚାପି ଦିଆଯାଇଛି। ସେଠାକାର କୌଣସି ବିଷୟରେ ଲେଖିବା, ଛାପିବା କିମ୍ବା କହିବାର କାହାର ଅଧିକାର ନାହିଁ ବୋଲି ଜଣାପଡ଼ିଛି। ଏହି ସମୟ ମଧ୍ୟରେ ଅନେକ ସାମ୍ବାଦିକଙ୍କ କାର୍ଯ୍ୟ ଉପରେ ଅଭିଯୋଗ ଅଣାଯାଇ ସେମାନଙ୍କୁ ଅଟକ ରଖାଯିବା ସହ ନିର୍ଯାତନା ଦିଆଯାଉଛି, ଯାହାର ଉଦାହରଣ ହେଉଛନ୍ତି ସାଜଦ ଗୁଲ୍‌। ଏହା ବ୍ୟତୀତ କଶ୍ମୀରରେ ଇଣ୍ଟରନେଟ ସେବା ବନ୍ଦ କରାଯିବା ଅର୍ଥ ଲୋକଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା। ଡିଜିଟାଲ ୱାଚ୍‌ଡଗ୍ ଆସେସ୍ ନାଓ ରିପୋର୍ଟ ମୁତାବକ, ୨୦୨୨ରେ ବିଶ୍ୱରେ ମୋଟ ୧୮୭ଟି ଇଣ୍ଟରନେଟ ସେବା ବନ୍ଦ ଘଟଣା ମଧ୍ୟରୁ ୮୪ଟି ଭାରତରେ ଘଟିଛି। ଏହାର ୫୦% କଶ୍ମୀରରେ ହୋଇଛି ଓ ବିଶ୍ୱର ଅନ୍ୟ ଅଞ୍ଚଳ ତୁଳନାରେ ଏହା ସବୁଠାରୁ ଅଧିକ। ପାଖାପାଖି ୧୮ମାସ ଧରି କଶ୍ମୀରରେ ଇଣ୍ଟରନେଟ୍ ସେବା ବନ୍ଦ ରହିବା ବିଶ୍ୱର କୌଣସି ଗଣତନ୍ତ୍ରରେ ସବୁଠୁ ଲମ୍ବା ସମୟ ବୋଲି ୟୁଏସ୍ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିୟସ ଫ୍ରିଡମ୍ ପ୍ରକାଶ କରିଥିଲା। ଏବକାର ଭାରତରେ ଯେତେବେଳେ ଦେଶବ୍ୟାପୀ ସବୁକଥାରେ କୁହାଯାଉଛି ଡିଜିଟାଲ ଯୁଗ ଆଣି ଦେଇଛନ୍ତି ମୋଦି ସରକାର, ସେତେବେଳେ ଡିଜିଟାଲର ମେରୁଦଣ୍ଡ ଇଣ୍ଟରନେଟ୍ ସେବାରୁ ଯେକୌଣସି ଅଞ୍ଚଳ ବଞ୍ଚିତ ହେଲେ ସେଠାରେ ରହୁଥିବା ଉଭୟ ଧନୀ ଏବଂ ଗରିବଙ୍କ ପାଇଁ ବ୍ୟାଙ୍କ ସେବା, ମୌଳିକ ଯାତାୟାତ ଓ ଗମନାଗମନ ଖବର, ଟ୍ରେନ୍ ଓ ଉଡ଼ାଜାହାଜ ଟିକଟ ସହିତ ସ୍ୱାସ୍ଥ୍ୟ ଏବଂ ଅନ୍ୟସବୁ ସେବାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ଏହି ଦୁର୍ଦ୍ଦିନ ଦେଖୁଥିବା କଶ୍ମୀର ନାଗରିକଙ୍କ ସହିତ ଏବେ ମିଶିଯାଇଛନ୍ତି ମଣିପୁରବାସୀ। ସେମାନଙ୍କ କଥା ମଧ୍ୟ ଶୁଣିବାକୁ କେହି ନାହିଁ। କେବଳ ବାହୁସ୍ଫୋଟ ମାରୁଥିବା କେନ୍ଦ୍ର ସରକାର ଏବେ କଶ୍ମୀର ଏବଂ ମଣିପୁରକୁ ଅସତ୍ୟରେ ଘୋଡ଼ାଇଦେଇ ଦେଖାଉଛନ୍ତି ଯେଭଳି ସେହିସବୁ ସ୍ଥାନରେ କୌଣସି ସମସ୍ୟା ଆଦୌ ନାହିଁ।

> ଦୁର୍ଦ୍ଦିନ ଦେଖୁଥିବା କଶ୍ମୀର ନାଗରିକଙ୍କ ସହିତ ଏବେ ମିଶିଯାଇଛନ୍ତି ମଣିପୁରବାସୀ। ସେମାନଙ୍କ କଥା ମଧ୍ୟ ଶୁଣିବାକୁ କେହି ନାହିଁ। କେବଳ ବାହୁସ୍ଫୋଟ ମାରୁଥିବା କେନ୍ଦ୍ର ସରକାର ଏବେ କଶ୍ମୀର ଏବଂ ମଣିପୁରକୁ ଅସତ୍ୟରେ ଘୋଡ଼ାଇଦେଇ ଦେଖାଉଛନ୍ତି ଯେଭଳି ସେହିସବୁ ସ୍ଥାନରେ କୌଣସି ସମସ୍ୟା ଆଦୌ ନାହିଁ।

ଆଜି ଯାହା କଶ୍ମୀର କିମ୍ବା ମଣିପୁରରେ ହେଉଛି, ତାହା ଆସନ୍ତାକାଲି ଓଡ଼ିଶା କିମ୍ବା ଆନ୍ଧ୍ରରେ ହୋଇପାରେ। ସେଠାରେ ଯେମିତି ହିନ୍ଦୁମାନେ ବ୍ୟାଙ୍କ ସହିତ ଅନ୍‌ଲାଇନ ସେବାରୁ ବଞ୍ଚିତ ହେଉଛନ୍ତି, ଏଠାରେ ମଧ୍ୟ ଅନୁରୂପ ଭାବେ ହିନ୍ଦୁମାନେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଉଜ୍ଜ୍ୱଳ ରହିଛି। ସେଥିପାଇଁ କେହି ଭାବିବା ଉଚିତ ନୁହେଁ ଯେ, ସରକାର ସୃଷ୍ଟି କରୁଥିବା ସମସ୍ୟା ସବୁବେଳେ ଅନ୍ୟମାନଙ୍କ ପାଇଁ ରହିବ ଏବଂ ଆମେ ସଦାସର୍ବଦା ସୁରକ୍ଷିତ ରହିବା। ବାଘ ମଣିଷ ରକ୍ତ ଚାଖିଲା ପରେ ଯେଉଁ ଶିକାର କରେ, ସେଥିରେ ସ୍ତ୍ରୀ–ପୁରୁଷ କିମ୍ବା ଧନୀ–ଗରିବ ଖୋଜେନାହିଁ।

# ଧର୍ମର ପୋଷାକ



ସହଦେବ ସାହୁ

ସ୍ତନ୍ୟପାୟୀ ପ୍ରାଣୀ ଭୟାଳୁ, ତେଣୁ ନିରାପଦ ସ୍ଥାନ ଖୋଜି ପିଲା ଜନ୍ମ କରାଏ ଓ ପିଲା ସ୍ୱୟଂସମ୍ପନ୍ନ ହେବାଯାଏ, ନିଜେ ଖାଦ୍ୟ ସଂଗ୍ରହ କରିପାରିବା ଯାଏ ମାଆ ପାଖରେ ରହେ। ସ୍ତନ୍ୟପାୟୀମାନଙ୍କ ମଧ୍ୟରେ ମସ୍ତିଷ୍କର ସର୍ବାଧିକ ବିକାଶ ଘଟିଲା ମଣିଷର। ଖାଦ୍ୟାନ୍ୱେଷଣରେ ମଣିଷ ଦୂର ଦୂରାନ୍ତକୁ ଯିବାକୁ ବାଧ୍ୟ ହେଲା ତ ପ୍ରାକୃତିକ ଗୁମ୍ଫା ଛାଡ଼ି ସେ କୃତ୍ରିମ ଘର ତିଆରି କଲା। ବାହାରକୁ ଗଲେ ଖରା–ତରା–ଶୀତକୁ ସମ୍ଭାଳିବା ପାଇଁ ଦେହକୁ ଆବୃତ କଲା। ଆବୃତ କରିବାର ଢଙ୍ଗ ଓ ବସ୍ତୁର ଜାତିବାଚକ ଶବ୍ଦ ହେଲା ପୋଷାକ। ପତ୍ର କି ବଲ୍କଳ ପିନ୍ଧିଥିବା ମଣିଷ ଯାଯାବର ଥିଲା। ପରେ ସଂଖ୍ୟାବୃଦ୍ଧି ଗୋଠ ବା ସମ୍ପ୍ରଦାୟ ତିଆରି କଲା ଓ ସେମାନେ ନଦୀ ବା ହ୍ରଦ କୂଳରେ ବସତି ସ୍ଥାପନ କଲେ, କାରଣ ତାହା ଖାଦ୍ୟ ଓ ପାନୀୟ ଯୋଗାଇଲା, ନଦୀକୂଳର ଘାସଜାତୀୟ ଶସ୍ୟ ପ୍ରାକୃତିକ ଉପାୟରେ କିପରି ବଢ଼େ ଦେଖି କୃଷି କର୍ମ ଆରମ୍ଭ କରିଦେଲା। ପରିବେଶ ଓ ଜଳବାୟୁ ଅନୁକୂଳ ହେଲେ ପ୍ରଚୁର ଖାଦ୍ୟ ମିଳିଲା ତ ଅନ୍ତରାୟ ହେଲେ ଖାଦ୍ୟାଭାବ ଖୁବ୍ କଷ୍ଟ ଦେଲା। ସେମାନେ ଭାବିନେଲେ ପ୍ରକୃତି ବା ପରିବେଶକୁ କେହି ଅଜଣା ଶକ୍ତି ନିୟନ୍ତ୍ରିତ କରୁଛି। ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନେ ପ୍ରାର୍ଥନା କରିବା ଅଭ୍ୟାସରେ ପକାଇଲେ। ଯାହାକୁ ମନେମନେ ପ୍ରାର୍ଥନା କଲେ ସେମାନେ ପୂଜ୍ୟ ହୋଇଗଲେ। ଅନୁକୂଳ ପରିସ୍ଥିତି କେବେ କେବେ ଆସେ ଓ କେଉଁ କେଉଁ ପ୍ରାକୃତିକ ଶକ୍ତି ତାକୁ ନିୟନ୍ତ୍ରଣ କରେ ବୋଲି ଯେଉଁମାନେ ସେମାନଙ୍କ ପର୍ଯ୍ୟବେକ୍ଷଣ ଦ୍ୱାରା ଅନୁମାନ କଲେ ସେମାନେ ପୂଜକ ବନିଗଲେ ଓ ପୂଜାର ସମୟ ସ୍ଥିର କରି କୃଷିକର୍ମରେ ସାହାଯ୍ୟ କଲେ। କାଳକ୍ରମେ ପ୍ରକୃତି ଓ ପରିବେଶର ନିୟନ୍ତ୍ରକକୁ ଗୋଟି ଗୋଟି କରି ଚିହ୍ନଟ କରି କୃଷିକର୍ମରେ ସ୍ଥିର ହୋଇ ରହିଥିବା ସ୍ଥାନରେ ସେହି ଶକ୍ତିର ଏକ ସନ୍ତକ ରଖି ପୂଜା କଲେ। ଦେବାଳୟର ସୃଷ୍ଟି ହେଲା, ସେହି ସ୍ଥାନରେ ମିଳୁଥିବା ଦ୍ରବ୍ୟକୁ ସମର୍ପଣ କରାଗଲା, ତେଣୁ ସ୍ଥାନ ଭେଦରେ ଦେବାଳୟଗୁଡ଼ିକରେ ଭୋଗର ସ୍ୱରୂପ ବଦଳିଲା ଏବଂ ସ୍ଥାନୀୟ ପୋଷାକ ହିଁ ଦେବାଳୟ ପ୍ରବେଶର ଅନୁମତିସୂଚକ ହୋଇଗଲା। ବାହାରର ଭିନ୍ନ ପୋଷାକପିନ୍ଧା ଲୋକକୁ ବାସନ୍ଦ କରାଗଲା। ଦେବତାମାନେ ଚାରିକାନ୍ଥ ଭିତରେ ବନ୍ଧାହୋଇ ରହିଗଲେ। ଦେବତାଙ୍କୁ ସ୍ଥାନୀୟ ନାମ ଦିଆଗଲା। ଏସବୁ କହିବାର ଅର୍ଥ ଧର୍ମ ଓ ପୋଷାକ ଆରମ୍ଭରୁ ଆଞ୍ଚଳିକ, ତେଣୁ ବିଭିନ୍ନ ଅଞ୍ଚଳର ଲୋକଙ୍କ ପୋଷାକ ବିଭିନ୍ନ। କୌଣସି ଏକ ଅଞ୍ଚଳର ଦେବାଳୟର ପୂଜକମାନେ ସେହି ଅଞ୍ଚଳର ପୋଷାକକୁ ସମ୍ପୃକ୍ତ ମନ୍ଦିରରେ ପ୍ରବେଶ ପାଇଁ ଲାଗୁ କରିଦେଲେ। ସ୍କୁଲ ୟୁନିଫର୍ମ ବା କମ୍ପାନୀ ୟୁନିଫର୍ମ ଯେପରି ସ୍କୁଲ ଓ କମ୍ପାନୀ ପରିସରରେ ପ୍ରବେଶର ପରିଚୟପତ୍ର (ଏଣ୍ଟ୍ରି କାର୍ଡ)। ପ୍ରତି ଦେବାଳୟ ପାଇଁ ଗୋଟିଏ ଗୋଟିଏ ପୋଷାକ ବରାଦ କରିବା ମାନେ ପ୍ରତି ଦେବାଳୟ ନିକଟରେ ସ୍ୱତନ୍ତ୍ର ପୋଷାକର ଗୋଦାମ/ବିକ୍ରି କେନ୍ଦ୍ର ଖୋଲାଯିବା ଉଚିତ।



ଗୋଟିଏ ଗୋଟିଏ ଦେଶରେ ବିବିଭିନ୍ନ ଅଞ୍ଚଳରେ ଆଞ୍ଚଳିକ ପୋଷାକକୁ ପୂଜକମାନେ ଧର୍ମର ଅଙ୍ଗ କରିବାର କାରଣ ଭୌଗୋଳିକ ବୋଲି ଆମେ ଜାଣୁ। ପ୍ରବଳ ଗରମରେ ଝାଳ ଗନ୍ଧକୁ ଏଡ଼ାଇବା ପାଇଁ ଦକ୍ଷିଣ ଭାରତୀୟମାନେ ଚନ୍ଦନ ଲେପ ବ୍ୟବହାର କଲେ, ତା' ହିନ୍ଦୁ ପୂଜକମାନଙ୍କ ସନ୍ତକ ହୋଇଗଲା ; ଝାଳ ଶୁଖିବା ପାଇଁ ଛାତି ଫୁଙ୍ଗୁଳା କରିବା ବା ଗାମୁଛା ଭଳି ହାଲୁକା ବସ୍ତ୍ର ଗୁଡ଼ାଇ ହୋଇ ପୂଜାସ୍ଥାନକୁ ଯିବାକୁ ପଡ଼ିଲା। ଆଲାସ୍କା ବା ଗ୍ରୀନ୍‌ଲାଣ୍ଡ ଭଳି ପ୍ରବଳ ଥଣ୍ଡା ସ୍ଥାନରେ (ଏପରି କି ହିମାଳୟରେ) ଫୁଙ୍ଗୁଳା ଛାତିରେ ପୂଜା ପାଠ କରିହେବ କି? ଛାତିରେ ଫ୍ରଷ୍ଟ–ବାଇଟ୍ ହେଲେ ସେ ବଞ୍ଚିବ ଯେ ଆଉ ପୁରୋହିତଗିରି କରିବ? ଆଲାସ୍କା ବା ମଙ୍ଗୋଲିଆରେ ମସ୍‌ଜିଦରେ ଅଜାନ ପଢ଼ିବା ପାଇଁ ଆରବୀ ପୋଷାକ ପିନ୍ଧି (ସାମାନ୍ୟ ପବନରେ ଉଡୁଥିବା ଲୁଙ୍ଗି ପିନ୍ଧି, ଖରାରୁ ରକ୍ଷାକରୁଥିବା ପତଳା ଧଳା ଟୋପିଟିଏ ମୁଣ୍ଡରେ ଦେଇ) ମୁଲ୍ଲା କ'ଣ ମସ୍‌ଜିଦର ମୀନାର ଉପରକୁ ଉଠିବ? ଆମ ଦେଶର ଦକ୍ଷିଣ ପ୍ରଦେଶଗୁଡ଼ିକରେ, ବିଶେଷତଃ କନ୍ୟାକୁମାରୀ ପାଖ ଅଞ୍ଚଳରେ, ଲୋକେ ତ ଧୋତିକୁ ଲୁଙ୍ଗି ଭଳି ପିନ୍ଧନ୍ତି! କାରଣ ପବନ ଯା' ଆସ କରିପାରୁଥିବା ଢିଲା ପୋଷାକ ଝାଳକୁ ଉଡ଼ାଇଦେବ ତ ଦେହ ଥଣ୍ଡା ରହିବ! ପ୍ରବେଶ ପାଇଁ କନ୍ୟାକୁମାରୀର ସୂଚୀନ୍ଦ୍ରମ ମନ୍ଦିରରେ ଭଡ଼ାରେ ମନ୍ଦିର ଭଣ୍ଡାରରୁ ଲୁଙ୍ଗି ଓ ଗଞ୍ଜି ପିନ୍ଧିବାଠାରୁ ହିମାଳୟର କେଦାରନାଥଠାରେ ବହୁ ପରସ୍ତ ଗରମ ପୋଷାକ ଦୁଇ ତିନି ଦିନର ଅଗାଧୁଆ ଦେହରେ ପିନ୍ଧିବା ଯାଏ ପ୍ରଥା ଚାଲିଆସିଛି।

ଆରମ୍ଭରେ ଆଞ୍ଚଳିକ ଜଳବାୟୁର ଅନୁକୂଳ ହୋଇଥିବା ପୋଷାକ ଏବେ ସାରା ପୃଥିବୀର ଶ୍ରଦ୍ଧାଳୁମାନଙ୍କ ପ୍ରତି ଲାଗୁ ହେଉ ବୋଲି ଶ୍ରୀମନ୍ଦିରର ସେବାୟତମାନେ ଚାହୁଁଛନ୍ତି। ଆନ୍ଧ୍ର ପ୍ରଦେଶର ତିରୁପତି ମନ୍ଦିରରେ ଏମିତି ପୋଷାକ ସଂହିତା (ଡ୍ରେସ୍ କୋଡ୍) ନାହିଁ – ପ୍ରଦର୍ଶନମୂଳକ ପୋଷାକ, ମନର ଭକ୍ତି ଅପେକ୍ଷା ଶରୀରର ଅଙ୍ଗ ପ୍ରଦର୍ଶନ ଯାହାର ଉଦ୍ଦେଶ୍ୟ ତାହା ବାରଣ–ତାଲିକାରେ ଅଛି, କିନ୍ତୁ ଲୋକଙ୍କ ଛି ଛାକର ଏହାକୁ ନିୟନ୍ତ୍ରଣ କରେ, ସେବାୟତମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଡ୍ରେସ୍ କୋଡ୍ ନୁହେଁ। ଗୋଟିଏ କମ୍ପାନୀ ବା ଗୋଟିଏ ସ୍କୁଲର ୟୁନିଫର୍ମ ସୀମିତ ଓ ସ୍ଥାନୀୟ (ଆଞ୍ଚଳିକ)– ସେପରି ପୋଷାକ ଲାଗୁ କରିବା ଏକ କ୍ଷୁଦ୍ର ପରିସରରେ ସୀମିତ, ଶ୍ରୀମନ୍ଦିର ଭଳି ବିଶ୍ୱପ୍ରସିଦ୍ଧ ଦେବାଳୟରେ ଯେଉଁଠିକୁ ପୃଥିବୀର ବିଭିନ୍ନ ଦେଶରୁ ଶ୍ରଦ୍ଧାଳୁମାନେ ଆସନ୍ତି ସେମାନଙ୍କୁ ଅଡୁଆରେ ପକାଇବ। ଆରବ ମରୁଭୂମି, ମଙ୍ଗୋଲିଆ ବା ସାଇବେରିଆ ବା ଇଣ୍ଡୋନେସିଆର ବାଲି ଦ୍ୱୀପରୁ ଆସୁଥିବା ଭକ୍ତଙ୍କ ପାଇଁ କ'ଣ ବାରଣ କରିବା ନା ପୋଷାକ ଯୋଗାଇବାର ଗୋଦାମ ତିଆରି କରିବା। ସେ ତ ଜଗତରନାଥ, କେବଳ ପୁରୀ ବା ଓଡ଼ିଶାର ନାଥ ନୁହନ୍ତି। ପୋଷାକ ଭିତରେ ବାରଣ ଜଗନ୍ନାଥ ସଂସ୍କୃତିର ପରିଚୟ ନୁହେଁ।

ପ୍ରାଚୀନ କାଳରେ ଭୌଗୋଳିକ ପ୍ରତିବନ୍ଧକ ଯୋଗୁ ବିଭିନ୍ନ ଅଞ୍ଚଳ ମଧ୍ୟରେ ପରସ୍ପର ସମ୍ପର୍କ ନ ଥିଲା, ଧର୍ମପ୍ରବର୍ତ୍ତକମାନେ ନିଜ ଆଖିଆଗରେ ଥିବା ଲୋକଙ୍କ ବେଶଭୂଷାକୁ ଧର୍ମର ଚିହ୍ନ ରୂପେ ଗ୍ରହଣ କରିନେଇଥିଲେ, ନୂଆ ଆଚରଣବିଧି ସହ ଏକାପ୍ରକାରର ପୋଷାକ ଲାଗୁ କରିବା ଆଞ୍ଚଳିକ ଶୃଙ୍ଖଳା ଆଣିବାର ଉପାୟ ଥିଲା। ନିଜ ଜ୍ଞାନର ବାହାରେ ଯେ ଅନେକ ସ୍ଥାନ ଅଛି ଓ ସେଠାରେ ଭିନ୍ନ ପ୍ରକାରର ଧର୍ମ ଥିବ ତାହା ପ୍ରାଚୀନକାଳର ଧର୍ମପ୍ରଚାରକ ଜାଣି ନ ଥିଲେ। ନିଜ ଦୃଷ୍ଟିର ଦିଗ୍‌ବଳୟ ଭିତରେ ଥିବା ସମାଜରେ ଥିବା ଦୁଃଖ ଓ ହତାଶଭାବକୁ ସହନୀୟ କରିବା ଲାଗି ଅବତାରୀ ପୁରୁଷମାନେ ଧର୍ମ ବା ଆଚରଣବିଧି ପ୍ରବର୍ତ୍ତନ କରିଥାନ୍ତି।

ପୋଷାକ ଧାରଣ ବା ଅନୁକରଣ ଆନୁଗତ୍ୟର ଉତ୍ତମ ପ୍ରମାଣ, ତେଣୁ ରାଜା ଓ ମହାରାଜାମାନେ ନୂତନ ଅଞ୍ଚଳକୁ ଅଧିକାର କଲେ ସେଠାକାର ଲୋକମାନଙ୍କ ଉପରେ ନିଜ ମୂଳ ରାଜ୍ୟର ପୋଷାକ ଡାଙ୍ଗା ଲଦି ଦିଅନ୍ତି। ମୁସଲମାନ ମହିଳା ବୁର୍ଖା ପିନ୍ଧିବା ବା ଶିଖ୍ ପୁରୁଷ ପଗଡ଼ି ବାନ୍ଧିବା ଉପରେ ପାଶ୍ଚାତ୍ୟ ସରକାରମାନେ ନିରାପତ୍ତା ଦୃଷ୍ଟିରୁ କିଛି କଟକଣା ଜାରି କଲେ ତା' ଧର୍ମବିରୋଧୀ ବୋଲି ସମ୍ପୃକ୍ତ ସମ୍ପ୍ରଦାୟର ଲୋକେ ପ୍ରତିବାଦ କରନ୍ତି। ଧର୍ମର ଉତ୍ପତ୍ତି ସ୍ଥଳର ପୋଷାକପତ୍ର ଧର୍ମର ଚିହ୍ନଟ ବୋଲି କହିବା ପୃଥିବୀର ଜଳବାୟୁର ବିଭିନ୍ନତାକୁ ଭୁଲିଯିବା ସାଙ୍ଗେ ସମାନ। ବଦମାସ୍ ଯେପରି ପୋଲିସ୍ ପୋଷାକରେ ପୋଲିସକୁ ଠକେ, ଭକ୍ତର ପୋଷାକ ଲାଗୁହେଲେ ଭକ୍ତିହୀନ ଅପରାଧ–ମନୋଭାବ ଥିବା ଲୋକେ ବି ଦେବାଳୟରେ ପ୍ରବେଶ କରିପାରିବେ – ଭକ୍ତି ନୁହେଁ ପୋଷାକ ହିଁ ପିନ୍ଧାଳିର ଭକ୍ତି ସୂଚାଇବ। ସବୁଠୁ ବଡ଼ ଅସୁବିଧା ହେବ ଯେ ଅର୍ଦ୍ଧଲକ୍ଷ ଯାଏ ପୋଷାକ ପ୍ରସ୍ତୁତ କରିବା, ମହଜୁଦ କରି ରଖିବାର ଗୋଦାମ ଗଢ଼ିବା ଓ ବଣ୍ଟନ କରିବାର ଆବଶ୍ୟକ କର୍ମଚାରୀ ଯୋଗାଇବା– ଏଥିପାଇଁ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ପ୍ରସ୍ତୁତ ତ!

sahadevas@yahoo.com

# ସୁଖର ସନ୍ଧାନରେ ବଦଳୁଥିବା ଚରିତ୍ର



ମୀରା ବେଉରା

ଥରେ ସ୍ୱାମିଜୀ ନଦୀରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିବା ସମୟରେ ବିଷାକ୍ତ କୀଟଟିଏ ତାଙ୍କ ପାପୁଲିକୁ କାମୁଡ଼ିଥାଏ। ଏତେ ମାତ୍ରାରେ କାମୁଡ଼ିଥିଲା ଯେ ପାପୁଲିର ପାଣି ପୂରାପୂରି ରକ୍ତାକ୍ତ ହୋଇଯାଇଥାଏ। ତଥାପି ସ୍ୱାମିଜୀ ପୋକଟାକୁ ପାଣିରେ ନ ପକାଇ ହାତରେ ସେମିତି ଧରିଥା'ନ୍ତି। ପାଖରେ ଥିବା ଶିଷ୍ୟମାନେ ଚିତ୍କାର କରି ପୋକଟାକୁ ପାଣି ମଧ୍ୟକୁ ଫୋପାଡ଼ି ଦେବା ଉଦ୍ଦେଶ୍ୟରେ କହି ଉଠିଲେ ଯେ, 'ସ୍ୱାମିଜୀ! ପୋକଟି ଆପଣଙ୍କ ହାତକୁ ଏଭଳି କାମୁଡ଼ି ରକ୍ତ ସରସର କଲାଣି ଅଥଚ ଆପଣ ସେ ପୋକଟିକୁ ପାଣିକୁ ନ ଫୋପାଡ଼ି ହାତ ପାପୁଲିରେ ଧରିଛନ୍ତି? ସ୍ୱାମିଜୀ ହସି ହସି ଉତ୍ତର ଦେଲେ ''ଯଦି କ୍ଷୁଦ୍ର ପୋକଟାଏ ତା'ର ସ୍ୱଭାବକୁ ତଥା ଧର୍ମକୁ ଛାଡ଼ିପାରୁନି, ମୁଁ ପୁଣି ସାଧୁ ହୋଇ କିଭଳି ମୋର ସ୍ୱଭାବକୁ ତ୍ୟାଗ କରିପାରିବି?'' ସେଦିନ ସ୍ୱାମିଜୀ ନିଜ ଧର୍ମ ରକ୍ଷାକରି ସେହି ପୋକଟିକୁ ବଞ୍ଚାଇ ପ୍ରକୃତ ଆନନ୍ଦ ଅନୁଭବ କରିଥିଲେ। ଅନ୍ୟକୁ ସୁଖ ଦେଇ ତାଙ୍କର ଧର୍ମ ପାଳନ କରିଥିଲେ।

ସେଦିନ ସ୍ୱାମିଜୀ ସ୍ପଷ୍ଟ କରିଦେଇଥିଲେ ଯେ ମୋ' ପାଖରେ ଯାହା ଧର୍ମ ଅଛି, ସ୍ୱଭାବ ଅଛି ତାକୁ ଭଲ ପାଇବାଠାରୁ ବରଂ ଅନ୍ୟମାନଙ୍କ ପାଖରେ ଥିବା ସ୍ୱଭାବ ବା ଧର୍ମ ଅଛି, ତାକୁ ଭଲ ପାଇ ସମ୍ମାନ ଦେବା ଉଚିତ। ପ୍ରକୃତରେ ଅନ୍ୟକୁ ଖୁସି କରିବାର ସାମର୍ଥ୍ୟ ହେଉଛି ସଫଳତାର ମୂଲ୍ୟବାନ ସମ୍ପତ୍ତି। ଆମ୍ଭମାନଙ୍କୁ ଅମାପ ସମ୍ପତ୍ତି ଯେଉଁ ସୁଖ ସମୃଦ୍ଧି ଦେଇ ନ ପାରିବ ତାହା ଅନ୍ୟକୁ ସାହାଯ୍ୟ କରିବା ଦ୍ୱାରା ସେ ଆନନ୍ଦ ଆମେ ପ୍ରାପ୍ତ ହୋଇପାରିବା। ସ୍ୱାମିଜୀଙ୍କ ପରି ଆନନ୍ଦଦାୟକ ବ୍ୟକ୍ତିତ୍ୱ ଦ୍ୱାରା ଆମେ ଖୁବ୍ ପ୍ରଭାବିତ ହୋଇଥାଉ। ବନ୍ଧୁଗଣ! ସତରେ ଅନ୍ୟକୁ ଆନନ୍ଦ ଦେବା ଏକ ଦିବ୍ୟ ତଥା ଅମୂଲ୍ୟଗୁଣ।

ଲର୍ଡ ଚେଷ୍ଟର ଫିଲ୍ଡ କୁହନ୍ତି, 'ଅନ୍ୟକୁ ଖୁସି କରିବା ଏକ ଉପହାର ଏବଂ ଏହା ଏକ ବିରାଟ ସାମାଜିକ ଗୁଣ।' ଡକ୍ଟର ଚାର୍ଲସ ଆକେଡ୍ ମଧ୍ୟ କହିଛନ୍ତି, ଯଦି ତୁମେ ଧନୀ ନୁହଁ, ତେବେ ଅନ୍ୟର ସମ୍ପତ୍ତି ଦେଖି ଆନନ୍ଦିତ ହୁଅ, ଯଦି ତୁମର ପ୍ରତିଭା ନାହିଁ, ଦେଖିବ ଯେ ଅତି ଆଶ୍ଚର୍ଯ୍ୟ ଜନକ ଭାବରେ ତୁମେ ଅନ୍ୟର ପ୍ରତିଭା ଦେଖି ଖୁସି ହେବ।

ଆୟର୍ଲାଣ୍ଡସ୍‌ର ପ୍ରସିଦ୍ଧ କବି ଗୋଲ୍ଡ ସ୍ମିଥ୍ ତାଙ୍କ ବହି 'ପୃଥିବୀର ନାଗରିକ'ରେ ଲେଖିଛନ୍ତି ଯେ ଚାଇନା ଦେଶର ଜଣେ ରାଜ କର୍ମଚାରୀ ହୀରା ଅଳଙ୍କାରରେ ସଜ୍ଜିତ ହୋଇ ଗୋଟେ ଜନଗହଳି ସ୍ଥାନରେ ପହଞ୍ଚିଲେ। ଗହଳି ଭିତରୁ ତାଙ୍କର ଚକ୍‌ଚକ୍ କରୁଥିବା ହୀରାର ଭୂଷଣ ଦେଖି ଜଣେ ତାଙ୍କୁ ଖୁବ୍ ପ୍ରଶଂସା କଲେ। ସେହି ସମୟରେ ମାଗାସିନ ନାମକ ଜଣେ ରାଜକର୍ମଚାରୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ମୁଁ ତୁମକୁ ମୋ ହୀରା ଅଳଙ୍କାରରୁ ଗୋଟିଏ ବି ଦେଇନାହିଁ, ଅଥଚ ତୁମେ ଏତେ ଖୁସି ହୋଇ ମୋତେ ପ୍ରଶଂସା କରୁଛ କାହିଁକି?' ଲୋକଟି ଉତ୍ତରରେ କହିଲା, ''ତୁମେ ଯେ ମୋତେ ତୁମର ସେହି ଅଳଙ୍କାର ଓ ତୁମର ତଜ୍ଜନିତ ସୁନ୍ଦର ରୂପକୁ ମୋତେ ଦେଖିବାକୁ ସୁଯୋଗ ଦେଇଛ, ଏହା କ'ଣ ମୋ ପାଇଁ କମ୍ କି? ଅଳଙ୍କାର ତୁମର। ତାହା ମୋର ନୁହେଁ, ମାତ୍ର ତୁମର ସେହି ଅଳଙ୍କାର ଭୂଷିତ ଚେହେରାକୁ ଦେଖି ମୁଁ ଯେଉଁ ଆନନ୍ଦ ଅନୁଭବ କରୁଛି, ତାହା ଅବର୍ଣ୍ଣନୀୟ। ତୁମ ଓ ମୋ ଭିତରେ ପାର୍ଥକ୍ୟ ହେଲା ଯେ ତୁମେ ଖୁସି ନାହଁ, ମାତ୍ର ମୁଁ ଖୁସି ଅଛି। ତୁମର ଐଶ୍ୱର୍ଯ୍ୟ ଦେଖାଇବାରେ ଅହମିକା ଅଛି, ମୋର ଅନ୍ୟର ଐଶ୍ୱର୍ଯ୍ୟ ଦେଖି ଆନନ୍ଦ ପ୍ରାପ୍ତିର ମନ ଅଛି।''



ସେହିପରି ଆମେରିକାର ପ୍ରସିଦ୍ଧ କବି ଓ ସାହିତ୍ୟିକ ୱାଶିଂଟନ ଉଇଭିଙ୍ଗ୍ ଫ୍ରାନ୍ସର ଜଣେ ଦୁର୍ଗପତିଙ୍କ କଥା ଲେଖିଛନ୍ତି। ଦୁର୍ଗପତିଙ୍କ ବିରାଟ ପ୍ରାସାଦ ଯେତେବେଳେ ନଷ୍ଟ ହୋଇଥିଲା ସେତେବେଳେ ସେ ଦୁଃଖ ପ୍ରକାଶ କରି ନ ଥିଲେ। ବରଂ କହିଥିଲେ 'ଇସେନବର୍ଗ ପରି ଆଶ୍ରୟ ସ୍ଥଳ ତ ଅଛି, ସେଣ୍ଟ କ୍ଲାଉଡ୍ ଚର୍ଚ୍ଚ ତ ଅଛି।' ଆହୁରି କହିଥିଲେ ଯେ, ସେ ଯେତେବେଳେ ସୁନ୍ଦର ବଗିଚା ଦେଇ ଯାଆନ୍ତି ବଗିଚା ମାଲିକଙ୍କୁ ପ୍ରଶଂସା କରି ଖୁସିରେ ଫାଟିପଡ଼ନ୍ତି। ସେ ଯୁକ୍ତି ବାଢ଼ନ୍ତି ଯେ ବଗିଚା ଯଦି ଧନୀଙ୍କର ତା'ର ସୌନ୍ଦର୍ଯ୍ୟ ଆମର କାହିଁକି ନ ହେବ? ବୃକ୍ଷଲତାର ସୌନ୍ଦର୍ଯ୍ୟ, ସବୁଜ ଘାସ, ଗଛରେ ଫୁଟୁଥିବା ଫୁଲ– ଏସବୁକୁ ସେ ନିଜର ବୋଲି ଭାବନ୍ତି। ପ୍ରକୃତରେ ସବୁ ସ୍ଥଳରୁ ଆନନ୍ଦ ପାଇବାର କ୍ଷମତା ହେଉଛି ସର୍ବଶକ୍ତିମାନ ଈଶ୍ୱରଙ୍କ ଦାନ। ଏହା ଆମ କ୍ଷୁଦ୍ର ଜୀବନକୁ ବିଶାଳ କରେ, ଅଭିଜ୍ଞତାକୁ ବଢ଼ାଏ। ଚରିତ୍ରର ସର୍ବାଙ୍ଗୀନ ଉନ୍ନତି ସାଧନ କରେ।

ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପିତ କରିବାର ଉଦ୍ଦେଶ୍ୟ ହେଉଛି, ସମାଜରେ ଏଭଳି ଅନେକ କ୍ଷମତାଶାଳୀ ଲୋକ ଅଛନ୍ତି, ଯେଉଁମାନେ କ୍ଷମତା ବଳରେ ଏତେ ସ୍ୱାର୍ଥପର, କୃପଣ, ଅସହିଷ୍ଣୁ, ଧର୍ମାନ୍ଧ, ସନ୍ଦେହୀ ହୋଇପଡ଼ିଛନ୍ତି ଯେ ସେମାନେ କେବେହେଲେ ହୃଦୟ ଖୋଲି କାହା ସହିତ କଥାବାର୍ତ୍ତା କରିପାରନ୍ତି ନାହିଁ କି ଅନ୍ୟକୁ ଭଲ ପାଇ ପାରନ୍ତି ନାହିଁ। ତାଙ୍କ ଚତୁଃପାର୍ଶ୍ୱରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଲବ୍ଧି କରିପାରନ୍ତି ନାହିଁ। ସେଥିପାଇଁ ତ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ କହିଥିଲେ, କ୍ଷମତା ବଳରେ ଅନ୍ୟକୁ ଶାସନ କରି ଅନ୍ୟକୁ ଅପମାନିତ କରି କେହି କେବେ ଆନନ୍ଦପ୍ରାପ୍ତ କରିପାରିବେ ନାହିଁ। ଅନ୍ୟକୁ ଆନନ୍ଦ ଦେଲେ ହିଁ ଆମକୁ ଆନନ୍ଦ ମିଳିବ। ଆନ୍ତରିକତାର ସହ ନିଜର ଧର୍ମ ଓ କର୍ତ୍ତବ୍ୟ ସଂପାଦନ କରିବା ବ୍ୟକ୍ତି ସୁଖର ସନ୍ଧାନ କରେ ନାହିଁ, ବରଂ ସୁଖ ଓ ସମୃଦ୍ଧି ତା' ପଛରେ ଧାଉଁଥାଏ। କିନ୍ତୁ ଯେଉଁମାନେ ଅନ୍ୟ ପ୍ରତି ଈର୍ଷାପରାୟଣ ହୋଇ ହିଂସାର ଆଚରଣ କରନ୍ତି, ସେଭଳି ଚରିତ୍ରମାନେ ସବୁବେଳେ ନିରସ ଓ ଶୁଷ୍କ ଜୀବନଧାରଣ କରିଥା'ନ୍ତି। ନିଃସ୍ୱାର୍ଥପର ଏବଂ ବିଶାଳ ହୃଦୟ ହେଲେ ହେଁ ପ୍ରକୃତ ସୁଖକୁ ଓ ସୌନ୍ଦର୍ଯ୍ୟକୁ ଅନୁଭବ କରିପାରିବା। ଯଦିଓ ଆମେ ସହରର ସୁନ୍ଦର ପାର୍କ, ଗ୍ୟାଲେରିର ଚିତ୍ର, ବଡ଼ ବଡ଼ ପ୍ରାସାଦ, ସୁନ୍ଦର ପର୍ବତ, ବହି ଯାଉଥିବା ନଦୀ, ଫୁଲ–ଫଳ ଭରା ବୃକ୍ଷର ମାଲିକ ନୁହେଁ, ତଥାପି ଏସବୁ ଦେଖି ଆମେ ଖୁସି ଓ ଆନନ୍ଦ ହେବା ଆବଶ୍ୟକ। ଯିଏ ଅନ୍ୟର ସୌନ୍ଦର୍ଯ୍ୟରେ ବା ଅନ୍ୟର ଖୁସିରେ ଆନନ୍ଦପ୍ରାପ୍ତ ହୁଏ ; ତାହା ହିଁ ପ୍ରକୃତ ଖୁସି ପାଇବାର ରହସ୍ୟ।

ରଘୁନାଥ ଜୀଉ ମହାବିଦ୍ୟାଳୟ, ଦେଉଳସାହି, କଟକ
ମୋ: ୭୮୪୬୯୨୧୪୦୦

## ଏଇ ଭାରତରେ

ଘରୋଇ ହିଂସା ମାମଲାରେ ମୁମ୍ବାଇର ଏକ କୋର୍ଟ କହିଛନ୍ତି ଯେ, ଗୃହପାଳିତ ପ୍ରାଣୀମାନେ ଲୋକଙ୍କୁ ସୁସ୍ଥ ଜୀବନଯାପନରେ ଏବଂ ସମ୍ପର୍କର ଦ୍ୱନ୍ଦ୍ୱ କାରଣରୁ ଉପୁଜୁଥିବା ଭାବପ୍ରବଣତାକୁ ଦୂର କରିବାରେ ସାହାଯ୍ୟ କରନ୍ତି। ଏଣୁ ଏମାନେ ଭରଣପୋଷଣ ପାଇବା ଲାଗି ଯୋଗ୍ୟ। ଏହି ପରିପ୍ରେକ୍ଷୀରେ, ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ଜଣେ ମହିଳା ଭରଣପୋଷଣ ଦାବି କରି କହିଥିଲେ ଯେ, ତାଙ୍କର ତିନି କୁକୁର ମଧ୍ୟ ତାଙ୍କ ଉପରେ ନିର୍ଭରଶୀଳ। ତେଣୁ ତାଙ୍କୁ ଭରଣପୋଷଣ ଦିଆଯାଉ। ଏହି ମାମଲାରେ ବାନ୍ଦ୍ରା କୋର୍ଟର ମାଜିଷ୍ଟ୍ରେଟ କୋମଲ ସିଂ ରାଜପୁତ ତାଙ୍କ ମଧ୍ୟବର୍ତ୍ତୀ ଆଦେଶରେ ସମ୍ପୃକ୍ତ ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀ ଓ ପୋଷା କୁକୁରଙ୍କୁ ଭରଣପୋଷଣ ବାବଦରେ ୫୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳା ଜଣକ ବେଙ୍ଗାଲୁରୁର ଜଣେ ବ୍ୟବସାୟୀଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସେମାନଙ୍କ ମଧ୍ୟରେ ଝଗଡ଼ା ଯୋଗୁ ବ୍ୟବସାୟୀ ତାଙ୍କୁ ମୁମ୍ବାଇ ପଠାଇଲେ। ମହିଳା ଜଣକ ବ୍ୟବସାୟୀଙ୍କୁ ଘରୋଇ ହିଂସା ଅଭିଯୋଗ ଆଣି ସେ ଅସୁସ୍ଥ ଥିବା ଏବଂ ରୋଜଗାରର କୌଣସି ଉତ୍ସ ନାହିଁ ବୋଲି ପିଟିଶନରେ ଜଣାଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜୁଲାଇ ୧୯୯୮

- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବାଞ୍ଚଳରେ ସରକାରୀ ସୈନ୍ୟ ଓ ଏଲ୍‌ଟିଟିଇ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୭ ଉଗ୍ରବାଦୀ ସମେତ ୧୧ ମୃତ।
- ଦଳବିରୋଧୀ କାର୍ଯ୍ୟକଳାପ ଯୋଗୁ ଗଣ ପରିଷଦର ଦୁଇ ପୂର୍ବତନ ମନ୍ତ୍ରୀ ଅତୁଲ ବୋରା ଓ ଯତୀନ ମାଲିଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର ପାଇଁ ଦିଆଯାଇଥିବା ଆଦେଶକୁ ଏଜିପିର କାର୍ଯ୍ୟନିର୍ବାହୀ କମିଟିର ଅନୁମୋଦନ।

## ଚିରନ୍ତନୀ

ମୃତ୍ୟୁ ପରେ କି ସୁଖ ଅଛି
କି ଅବା ବିଭୀଷିକା
କଳ୍ପନାର ରାଇଜେ ବୁଲ କାହିଁ?
ନିଭିଲେ ଥରେ ନ ଜଳେ ଆଉ
ଜୀବନ–ଦୀପଶିଖା
ଜୀବନ ପରେ ନାହିଁରେ କିଛି ନାହିଁ!
(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku – Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 4 | 8 | | |
| 5 | | | | 2 | 9 | | | |
| | 7 | | 5 | | | | 3 | 9 |
| | | | | | 1 | 9 | 5 | 6 |
| | | 6 | | | | | 4 | |
| | 3 | | | | | | | |
| | | 1 | 6 | | | 3 | | |
| | | 7 | 9 | | | 5 | | |
| | 6 | 8 | | | 7 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 8 | 4 | 1 | 3 | 6 | 7 | 5 |
| 3 | 6 | 5 | 8 | 7 | 9 | 4 | 1 | 2 |
| 4 | 7 | 1 | 6 | 2 | 5 | 9 | 8 | 3 |
| 5 | 1 | 7 | 2 | 9 | 6 | 3 | 4 | 8 |
| 8 | 3 | 2 | 7 | 5 | 4 | 1 | 6 | 9 |
| 6 | 4 | 9 | 3 | 8 | 1 | 5 | 2 | 7 |
| 1 | 8 | 6 | 5 | 3 | 2 | 7 | 9 | 4 |
| 2 | 5 | 4 | 9 | 6 | 7 | 8 | 3 | 1 |
| 7 | 9 | 3 | 1 | 4 | 8 | 2 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜମିଜମା ପାଇଁ ଅନ୍‌ଲାଇନ ବ୍ୟବସ୍ଥା ହେଉ

ମହାଶୟ,

ଚକଭୁକ୍ତ ଜମିର ବିଭାଜନକୁ ସରକାରଙ୍କ ଅନୁମୋଦନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଜମିଜମା ସମ୍ବନ୍ଧୀୟ ସମସ୍ତ ପୁରୁଣା କାଗଜପତ୍ର ସେଟଲମେଣ୍ଟ ଅଫିସରୁ ମିଳିବାରେ ଅହେତୁକ ବିଳମ୍ବ ହେଉଛି। ସେଠାରେ ବୁଲୁଥିବା ଦଲାଲମାନେ ଟଙ୍କା ନେଉଛନ୍ତି ,କିନ୍ତୁ ଆବଶ୍ୟକ ଦସ୍ତାବିଜ୍ ଦେଉନାହାନ୍ତି। ସରକାର ଏଥିପ୍ରତି ଧ୍ୟାନ ଦିଅନ୍ତୁ ଓ ସମସ୍ତ ପ୍ରକାର ଜମିଜମା କାଗଜପତ୍ର ପାଇବା ପାଇଁ ଅନ୍‌ଲାଇନ ବ୍ୟବସ୍ଥା କରିବାକୁ ଅନୁରୋଧ। ଏହାଦ୍ୱାରା ଜନସାଧାରଣଙ୍କର ଜମିର ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ହୋଇପାରିବ।

– ବାବାଜି ଚରଣ ପରିଡ଼ା, ବାରଙ୍ଗ,କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୧୭ ସୁଦ୍ଧା ଦେଇଥିବା ତଥ୍ୟର କରିପାରିବେ ସଂଶୋଧନ

**ପଛୁଆ ବର୍ଗରେ ସାମିଲ ଲୋକଙ୍କୁ ସରକାରଙ୍କ ଆହ୍ୱାନ**

ଭୁବନେଶ୍ୱର, ୧୧।୭(ସୁନିତ୍ ମିଶ୍ର): ପଛୁଆ ବର୍ଗ ସର୍ଭେରେ ସାମିଲ ଲୋକଙ୍କ ପାଇଁ ତଥ୍ୟ ସଂଶୋଧନ ନିମନ୍ତେ ରାଜ୍ୟ ସରକାର ମଙ୍ଗଳବାରଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିଛନ୍ତି। ସେହି ସମୟ ପର୍ଯ୍ୟନ୍ତ ଯେଉଁମାନେ ସଂଶୋଧନ କରିବାକୁ ଚାହିଁବେ ତାହା କରିପାରିବେ। ସେହି ପ୍ରକ୍ରିୟାରେ ପଛୁଆ ବର୍ଗ ଆୟୋଗଙ୍କ ତରଫରୁ ଏକ ସ୍ୱତନ୍ତ୍ର ସଂଖ୍ୟା ଏବଂ ୱେବ୍ ଲିଙ୍କ୍ ସର୍ଭେ ତଥ୍ୟ ପ୍ରଦାନବେଳେ ତାଙ୍କ ମୋବାଇଲ ନମ୍ବରରେ ହ୍ୱାଟ୍ସଆପ୍ ଏବଂ ଏସ୍ଏମ୍ଏସ୍ ମାଧ୍ୟମରେ ପଠାଯିବ। ସେମାନେ ଏହି ୱେବ୍ ଲିଙ୍କ୍‌ରେ ଯାଇ ଆୟୋଗଙ୍କ ସ୍ୱତନ୍ତ୍ର ସଂଖ୍ୟାକୁ ବ୍ୟବହାରକରି ଓଟିପି ଲଗ୍ ଇନ୍ ଦ୍ୱାରା ନିଜ ତଥ୍ୟକୁ ଦେଖିପାରିବେ। ତ୍ରୁଟି ପରିଲକ୍ଷିତ ହେଲେ ନିଜ ମୋବାଇଲ ବା କମ୍ପ୍ୟୁଟରରେ କିମ୍ବା ମୋ ସେବା କେନ୍ଦ୍ରରେ ଦେୟ ପ୍ରଦାନକରି ଠିକ୍ ତଥ୍ୟ ଦେଇପାରିବେ। ଆବେଦକମାନେ ପଞ୍ଚାୟତ ସମିତି ବା ଏନ୍ଏସି ବା ପୌରପାଳିକା ଅଥବା ମହାନଗର ନିଗମ କାର୍ଯ୍ୟାଳୟରେ ବିନା ଦେୟରେ କିମ୍ବା ନିଜ ଅଞ୍ଚଳର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବା ବିଜ୍ଞପିତ ଅଞ୍ଚଳ/ପୌରପାଳିକା/ମହାନଗର ନିଗମ କାର୍ଯ୍ୟାଳୟର ଅଧିକାରୀଙ୍କୁ ନିଜ ପରିଚୟପତ୍ର ସହ ଦରଖାସ୍ତ ଦେଇ ତ୍ରୁଟି ସଂଶୋଧନ କରିପାରିବେ।

# ବଦଳିବ କଲେଜ କ୍ୟାମ୍ପସ୍ ରୂପରେଖ

ଭୁବନେଶ୍ୱର,୧୧।୭ (ଅନୁରାଧା ମହାରଣା)




- ରୂପାନ୍ତରଣ ହେବ ଗଞ୍ଜାମ ଜିଲାର ୧୧ ଶିକ୍ଷାନୁଷ୍ଠାନ
- ଖର୍ଚ୍ଚ ଅଟକଳ ୯ କୋଟି ଟଙ୍କା
- ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଦେଇଛି ୪. ୫୦ କୋଟି

୫-ଟି ରୂପାନ୍ତରଣ ମାଧ୍ୟମରେ ପୂର୍ବରୁ ବିଦ୍ୟାଳୟଗୁଡ଼ିକର ରୂପରେଖ ବଦଳୁଥିବାବେଳେ ଏବେ ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ସାମିଲ କରାଯାଉଛି। କଲେଜରେ ଛାତ୍ରୀଛାତ୍ରଙ୍କ ପାଇଁ ସ୍ମାର୍ଟଶ୍ରେଣୀଗୃହଠାରୁ ଆରମ୍ଭ କରି ଇ-ଲାଇବ୍ରେରୀ ସୁବିଧା କରାଯିବ। ଉତ୍ତମମାନର ଲାବରୋଟୋରି ସାଙ୍ଗକୁ ଉନ୍ନତ ଶ୍ରେଣୀଗୃହରେ ପିଲାମାନେ ପାଠ ପଢ଼ିବେ। ଅତ୍ୟାଧୁନିକ ବ୍ୟବସ୍ଥାରେ କଲେଜ କ୍ୟାମ୍ପସର ରୂପରେଖ ବଦଳିବ। ଏହି କ୍ରମରେ ଗଞ୍ଜାମ ଜିଲାର ୧୧ଟି ଶିକ୍ଷାନୁଷ୍ଠାନର ବିକାଶ କରାଯିବ। ମୋ କଲେଜ ଅଭିଯାନରେ ସାମିଲ ହୋଇ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ୩ଟି ଡିଗ୍ରୀ କଲେଜର ରୂପାନ୍ତରଣ ପାଇଁ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସିଏସ୍ଆର୍ ଫଣ୍ଡରୁ ୪ କୋଟି ୫୦ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଏହି ଅର୍ଥ କଲେଜର ଉନ୍ନତୀକରଣ ପାଇଁ ଆସିଛି। ଏହାପରେ କଲେଜରେ ବିଭିନ୍ନ ପ୍ରକଳ୍ପ ପାଇଁ ଏହି ଅର୍ଥରାଶିର ଦୁଇଗୁଣା ଅର୍ଥ ୯କୋଟି ଟଙ୍କା ସରକାରଙ୍କ ଅନୁମୋଦନ ପରେ 'ମୋ କଲେଜ' ଅଭିଯାନର ପକ୍ଷରୁ ପ୍ରଦାନ କରାଯାଇଛି। ଏହି ଅର୍ଥରାଶିରେ ଗଞ୍ଜାମ ହିଞ୍ଜିଳିକାଟୁ ବ୍ଲକର ଗନ୍ଦଳା ବେଲଗାମସ୍ଥିତ ଶ୍ରୀ ବେଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୋଚିଲିମାସ୍ଥିତ ଖମ୍ବେୟା ଦୋରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଞ୍ଜୁରୁସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶାସନସ୍ଥିତ ଓଏଭିଏସ୍ ହିଞ୍ଜିଳିକାଟୁ ଏବଂ ଗନ୍ଦଳା ବେଲଗାମସ୍ଥିତ ଶ୍ରୀ ବେଲେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଅଞ୍ଚଳରେ ଥିବା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବିଜ୍ଞାନ ମହାବିଦ୍ୟାଳୟ, ଶେରଗଡ ବ୍ଲକ୍‌ର ପିଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶେରଗଡ଼ ଓଏଭି ଏବଂ ଉଦୟ ପ୍ରତାପ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟର ଉନ୍ନତୀକରଣ କରାଯିବ। ଏହି ସବୁ ଉଚ୍ଚ ମାଧ୍ୟମିକ ସ୍କୁଲ ଓ ମହାବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀଗୃହ ନିର୍ମାଣ, ପୁରୁଣା ଶ୍ରେଣୀଗୃହର ଉନ୍ନତୀକରଣ, ନୂଆ ଅଡିଟୋରିୟମ, କମନରୁମ୍ ପ୍ରତିଷ୍ଠା, ଛାତ୍ରୀ ଓ ଛାତ୍ରୀଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଯିବ। ଏଥିସହ ଇ-ଲାଇବ୍ରେରୀ, କଲେଜ କ୍ୟାମ୍ପସ ସୌନ୍ଦର୍ଯ୍ୟକରଣ ସହ କଲେଜରେ ବାସ୍କେଟବଲ, ଭଲିବଲ କୋର୍ଟ ତିଆରି ହେବ।

## ମୋ ଘର ଯୋଜନା ପ୍ରଥମ କିସ୍ତି ଶୁଭାରମ୍ଭ




ବେଙ୍ଗୁଲୀ ସ୍ୱାଇଁଙ୍କୁ ମୋ ଘର ଯୋଜନା ପ୍ରଥମ କିସ୍ତିର ଚେକ୍ ପ୍ରଦାନ କରାଯାଉଛି।

କୁଜଙ୍ଗ,୧୧।୭ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକର ଫତେପୁର ପଞ୍ଚାୟତରେ ମଙ୍ଗଳବାର ରାଜ୍ୟ ସରକାରଙ୍କ 'ମୋ ଘର ଯୋଜନା' ପ୍ରଥମ କିସ୍ତିର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ରନାରାୟଣ ଦାସ ଯୋଗଦେଇ ରାଜ୍ୟର ପ୍ରଥମ ହିତାଧିକାରୀଭାବେ ବେଙ୍ଗୁଲୀ ସ୍ୱାଇଁଙ୍କୁ ପ୍ରଥମ କିସ୍ତିର ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ, ଇଣ୍ଡିଆନ ବ୍ୟାଙ୍କ ଗଣ୍ଡକିପୁର ଶାଖା ପ୍ରବନ୍ଧକ ଶ୍ରୀଚନ୍ଦନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାନସଭା ପରିସରରେ ମଙ୍ଗଳବାର କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହଙ୍କୁ ଓଡ଼ିଶା ଗସ୍ତରେ ଆସିଥିବା ହରିୟାଣା ବିଧାନସଭା ପିଟିଶନ କମିଟିର ୮ ଜଣିଆ ସଦସ୍ୟ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ଓଡ଼ିଶା ବିଧାନସଭା ବୁଲିଲେ ହରିୟାଣାର ୮ ସଦସ୍ୟ

ଭୁବନେଶ୍ୱର, ୧୧।୭(ସୁନିତ୍ ମିଶ୍ର)

ହରିୟାଣା ବିଧାନସଭା ପିଟିଶନ କମିଟିର ୮ ଜଣିଆ ସଦସ୍ୟ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେମାନେ ମଙ୍ଗଳବାର ଅପରାହ୍ନରେ ଓଡ଼ିଶା ବିଧାନସଭା ଯାଇ କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ପିଟିଶନ କମିଟି ଅଧ୍ୟକ୍ଷ ଘନଶ୍ୟାମ ଦାସ ଆରୋରାଙ୍କ ସହ ଆସିଥିବା ସଦସ୍ୟମାନେ ଓଡ଼ିଶା ବିଧାନସଭାର କାର୍ଯ୍ୟକାରୀ ବାଚସ୍ପତିଙ୍କ ସହ ବିଭିନ୍ନ କାର୍ଯ୍ୟ ଓ ନୀତିନିୟମ ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ସିଂହ ଓଡ଼ିଶା ବିଧାନସଭାର ବିଭିନ୍ନ କମିଟିର କାର୍ଯ୍ୟ, ବିଭିନ୍ନ ଅଧିବେଶନରେ ହେଉଥିବା ଆଲୋଚନା ଓ ନୀତିନିୟମ ସମ୍ବନ୍ଧରେ ଅବଧାରଣା ଦେଇଥିଲେ। ହରିୟାଣାର ବିଧାୟକମାନେ ଓଡ଼ିଶା ସରକାରଙ୍କ ବିବିଧ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିଛନ୍ତି। ପିଟିଶନ କମିଟିର ସଦସ୍ୟମାନେ କାର୍ଯ୍ୟକାରୀ ବାଚସ୍ପତିଙ୍କୁ ହରିୟାଣା ବିଧାନସଭାର ରୁଲ୍‌ସ ଆଣ୍ଡ ପ୍ରୋସିଡିଓର ପୁସ୍ତିକା ପ୍ରଦାନ କରିଛନ୍ତି। କାର୍ଯ୍ୟକାରୀ ବାଚସ୍ପତି ସିଂ ମଧ୍ୟ ଓଡ଼ିଶା ବିଧାନସଭାର ରୁଲ୍‌ସ ଆଣ୍ଡ ପ୍ରୋସଡିଓର ପୁସ୍ତିକା ସେମାନଙ୍କୁ ପ୍ରଦାନ କରିଛନ୍ତି। ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ପରିଦର୍ଶନରେ ଯାଇ ପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିବାକୁ ଅତିଥିମାନଙ୍କୁ ରଜନିକାନ୍ତ ସିଂହ ପରାମର୍ଶ ଦେଇଛନ୍ତି। ହରିୟାଣାର ବିଧାୟକମାନେ କାର୍ଯ୍ୟକାରୀ ବାଚସ୍ପତିଙ୍କୁ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ସହ ହରିୟାଣା ପରିଦର୍ଶନରେ ଆସିବା ପାଇଁ ଆମନ୍ତ୍ରଣ କରିଛନ୍ତି। ଓଡ଼ିଶା ବିଧାନସଭା ପକ୍ଷରୁ ଅତିଥିମାନଙ୍କୁ ସ୍ମାରକୀ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୪୦୧-ଜିଆର୍‌ସି-ସିଇ-ସି-II-୨୧-୨୦୨୩, ତାରିଖ: ୧୦।୦୭।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/II, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡର www.ireps.gov.in ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟ ସଂକ୍ଷିପ୍ତ ବିବରଣୀ:** ଦକ୍ଷିଣ ପୂର୍ବ ରେଳପଥରେ ଯେପରି ଓ ଯେବେ ଆବଶ୍ୟକ ହେବ ସେ ଅନୁଯାୟୀ ନୂଆ ବିଜି/ଦୋହରୀକରଣ/ତୃତୀୟ/ଚତୁର୍ଥ/ପଞ୍ଚମ ରେଳ ଲାଇନ୍ ନିମନ୍ତେ ଚୂଡ଼ାନ୍ତ ସ୍ଥାନ ସର୍ବେକ୍ଷଣ/ମୃତ୍ତିକା ତଦନ୍ତ/ୟାର୍ଡ ଯୋଜନା ପ୍ରସ୍ତୁତି ନିମନ୍ତେ ବିଭିନ୍ନ କାର୍ଯ୍ୟ/ବିଭିନ୍ନ ଡିଜାଇନ୍ ଓ ଡ୍ରଇଂ ଇତ୍ୟାଦି ଦାଖଲ କରିବା ଇତ୍ୟାଦି । **ଆନୁମାନିକ ମୂଲ୍ୟ:** ₹୫.୦୩ କୋଟି । **ବିଡ୍ ଅମାନତ:** ₹୪,୦୧,୪୦୦/- । **ସମାପ୍ତି ଅବଧି:** ୧୨ ମାସ । **ବନ୍ଦ ହେବା ତାରିଖ:** ୦୨।୦୮।୨୦୨୩ । ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ଟେଣ୍ଡରଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-389)

**ODISHA GRAMYA BANK**
Astaranga Branch, Astaranga
**NOTICE**

It has come to the knowledge of The Bank that the document described below is missing from the bank and could not be traced after due diligent search. In this connection proper intimation has been given to the Astaranga Police Station which is registered under S.D. No. 5 dated 23.06.2023.

**Description of Document:** Regd. Sale Deed No. 1167 of Kakatpur S.R., Puri, executed for Mouza- Jiolo, Khata No.1025/28, Plot No.1896, Area - Ac. 0.03 Dec., deposited by Prafulla Sethy on 28.08.2008 for Housing Loan from the bank.

For the use of the stated document in any manner whatsoever, by any person having unauthorised access to such document, the bank shall not be held responsible and the person using it shall be liable for prosecution as per law.

**BY THE MANAGER**

## ଷ୍ଟ୍ରଙ୍ଗ୍‌ରୁମ୍‌ରେ ସିସିଟିଭି ନଜରରେ ପ୍ରଶ୍ନପତ୍ର

ଭୁବନେଶ୍ୱର,୧୧।୭(ଅନୁରାଧା ମହାରଣା)

**୧୩, ୧୪ରେ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା**

ଚଳିତ ମାସ ୧୩ ଓ ୧୪ ତାରିଖରେ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ସୁପରିଚାଳନା ପାଇଁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ପରୀକ୍ଷା କେନ୍ଦ୍ରଗୁଡ଼ିକର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ପ୍ରଶ୍ନପତ୍ର ସୁରକ୍ଷିତ ରଖିବା ଓ ପରୀକ୍ଷାକେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତି ନେଇ ଉଚ୍ଚ ମାଧ୍ୟମିକ ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସେହିପରି ଏକ୍ସରେଗୁଲାର ଓ ରେଗୁଲାର ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନପତ୍ର ପ୍ରଦାନରେ ଦ୍ୱନ୍ଦ୍ୱ ନ ରଖିବା ନିମନ୍ତେ ସିଏଚ୍ଏସ୍ଇ ପକ୍ଷରୁ ଅବଗତ କରାଯାଇଛି। ମଙ୍ଗଳବାର ପରୀକ୍ଷାକେନ୍ଦ୍ରଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚିଥିବାବେଳେ ଏହାକୁ କଡ଼ା ସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସିସିଟିଭି ନଜରରେ ରଖାଯାଇଛି।

ସିଏଚ୍ଏସ୍ଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ରାଜ୍ୟର ୩୨ଟି ପରୀକ୍ଷା କେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରାଯିବ। ତେବେ ଏଥିପାଇଁ କେତୋଟି ସର୍ତ୍ତ ରଖାଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ଜଣେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ତୁଲାଇବେ। ତେବେ ସଂପୃକ୍ତ ଶିକ୍ଷୟିତ୍ରୀ ବା ଶିକ୍ଷକଙ୍କ ପୁଅ, ଝିଅ, ସ୍ୱାମୀ, ସ୍ତ୍ରୀ, ଭାଇ ଓ ଭଉଣୀ କିମ୍ବା ଅତିନିକଟ ସମ୍ପର୍କୀୟ ଉକ୍ତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉ ନ ଥିବା ସୁନିଶ୍ଚିତ କରିବାକୁ କୁହାଯାଇଛି। ପରୀକ୍ଷା ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଉପରେ ଅନ୍ୟାନ୍ୟ କାର୍ଯ୍ୟଭାର ରହୁଥିବାରୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯିବ ନାହିଁ। ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ପିଚ୍ଛା ୪୦ଟଙ୍କା ପୈଠ କରିବାକୁ ପ୍ରଧାନଶିକ୍ଷକମାନଙ୍କୁ ଅବଗତ କରାଯାଇଛି। ସେହିପରି ୨୦୨୦ ମସିହା ମଧ୍ୟରେ ପଞ୍ଜୀକରଣ କରିଥିବା ପରୀକ୍ଷାର୍ଥୀଙ୍କୁ ଏକ୍ସରେଗୁଲାର ପ୍ରଶ୍ନପତ୍ର ଏବଂ ୨୦୨୧ ପରଠାରୁ ପଞ୍ଜୀକରଣ କରିଥିବା ପରୀକ୍ଷାର୍ଥୀଙ୍କୁ ରେଗୁଲାର ପ୍ରଶ୍ନପତ୍ର ପ୍ରଦାନ ପାଇଁ ସିଏଚ୍ଏସ୍ଇ ପକ୍ଷରୁ ଦର୍ଶାଯାଇଛି। ଏଥିରେ କୌଣସି ଦ୍ୱନ୍ଦ୍ୱ ସୃଷ୍ଟି ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ମଙ୍ଗଳବାର ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚିଥିବାବେଳେ ଏହାକୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସିସିଟିଭି ନଜରରେ ରଖାଯାଇଛି। ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଉଛି। ସିଏଚ୍ଏସ୍ଇ ୱେବ୍‌ସାଇଟ୍‌ରେ ପରୀକ୍ଷାର୍ଥୀଙ୍କ ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଥିବା ଆବେଦନକାରୀଙ୍କୁ ସୂଚନା ଦିଆଯାଇଛି। ସେହିପରି ପରୀକ୍ଷାରେ ଅତିରିକ୍ତ ଉତ୍ତର ଖାତା ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

## ରାଜ୍ୟର ବିକାଶ ପାଇଁ ସମବାୟ ସବୁଠାରୁ ପ୍ରଭାବୀ ମାଧ୍ୟମ: ମନ୍ତ୍ରୀ

ଭୁବନେଶ୍ୱର, ୧୧।୭(ସୁନିତ୍ ମିଶ୍ର)



ଓଡ଼ିଶାର ସମବାୟ ବ୍ୟବସ୍ଥା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାକୁ ବଳିଷ୍ଠ ଓ ଋଦ୍ଧିମନ୍ତ କରିଛି। ରାଜ୍ୟର ସଫଳ ସମବାୟ ବ୍ୟବସ୍ଥା ଅନ୍ତର୍ଜାତୀୟ ଫୋରମରେ ଅନ୍ୟ ଦେଶଗୁଡ଼ିକ ଦ୍ୱାରା ପ୍ରଶଂସିତ ହୋଇଛି। ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ୮ ଦିନିଆ ବେଲଜିୟମ ଗସ୍ତରେ ଯାଇ ଲିୟୁଭେନ୍‌ଠାରେ ଯୁଗ୍ମ ଆଇସିଏ-ସିସିଆର୍ ଗ୍ଲୋବାଲ ଓ ୟୁରୋପିୟାନ୍ ସମବାୟ ଗବେଷଣା ସମ୍ମିଳନୀରେ ଯୋଗ ଦେବା ଅବସରରେ ସେ ଏହା କହିଛନ୍ତି।

ଏହି ଅବସରରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ନାୟକ କହିଛନ୍ତି, ସମବାୟ କ୍ଷେତ୍ରରେ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶର ଅନ୍ୟତମ ପ୍ରଗତିଶୀଳ ରାଜ୍ୟ। ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ସମବାୟ ହେଉଛି ସବୁଠାରୁ ପ୍ରଭାବୀ ମାଧ୍ୟମ। ବିଶେଷକରି ଆର୍ଥିକ ଦୁର୍ବଳ ଶ୍ରେଣୀ, ଅବହେଳିତ ଓ ବଞ୍ଚିତ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଏହା ବିଶେଷ ଫଳପ୍ରଦ। ରାଜ୍ୟରେ ଥିବା ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଚାଷୀମାନଙ୍କ କୃଷି ଉତ୍ପାଦକୁ ମାର୍କେଟିଂ ସୁବିଧା ଯୋଗାଇଦେବା ପାଇଁ ଅଭିପ୍ରେତ। ଏଗୁଡ଼ିକ କେନ୍ଦ୍ର ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କଠାରୁ ଧାନ କ୍ରୟ କରିଥାଆନ୍ତି। ରାଜ୍ୟ ସରକାରଙ୍କ ପ୍ରାଇସ୍ ସପୋର୍ଟ ଯୋଜନା ମାଧ୍ୟମରେ ସେମାନେ ଧାନ ବିକ୍ରୟରେ ସହାୟତା ଯୋଗାଇ ଦେଇଥାନ୍ତି। ଏଗୁଡ଼ିକ ଯୋଗୁ ଡାଲି ଜାତୀୟ ଫସଲ ଓ ତୈଳବୀଜ ଆଦି କୃଷି ଉତ୍ପାଦଗୁଡ଼ିକ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରୟ ହୋଇପାରୁଛି। ଖାଦ୍ୟଶସ୍ୟ କ୍ଷେତ୍ରରେ ବର୍ତ୍ତମାନ ଓଡ଼ିଶା ଦେଶର ଏକ ବଳକା ରାଜ୍ୟରେ ପରିଣତ ହୋଇଛି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଓଡ଼ିଶା ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଓ ପ୍ରୟାସକୁ ପ୍ରଶଂସା କରାଯାଇଛି। ଖାଦ୍ୟ ସଂଗ୍ରହ ଓ ଖାଦ୍ୟ ସୁରକ୍ଷା ପ୍ରଣାଳୀ କ୍ଷେତ୍ରରେ ସମବାୟର ସଦୁପଯୋଗ ଆମ ରାଜ୍ୟର ଏକ ଅନନ୍ୟ ବ୍ୟବସ୍ଥା ବୋଲି ମନ୍ତ୍ରୀ ନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ ରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ବେଲଜିୟମର ଲିୟୁଭେନ୍ ଠାରେ ଅନୁଷ୍ଠିତ ହେଉଛି। ଏହା ଲିୟୁଭେନ୍ ସେଣ୍ଟର ଅଫ୍ ଏକ୍ସପର୍ଟାଇଜ ଫର୍ କୋଅପରେଟିଭ ଏଣ୍ଟ୍ରେପ୍ରେନ୍ୟୁରଶିପ୍ ଦ୍ୱାରା ଆୟୋଜିତ ହୋଇଛି।

**ପୂର୍ବ ତଟ ରେଳପଥ**

e-Tender Notice No.: SBP-ELECT-2023-T-167, ତାରିଖ : 05.07.2023

| | |
|---|---|
| କାର୍ଯ୍ୟର ନାମ : | ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ମୁନିଗୁଡା, ବରଗଡ ରୋଡ ଏବଂ ବୃନ୍ଦାମାଳ ଷ୍ଟେସନ ମାନଙ୍କରେ ଜିମ୍‌ନାସିୟମ୍ ଏବଂ ରିକ୍ରିଏସନ୍ ରୁମ୍ ସହିତ 16 Bedded ଆର୍‌ପିଏଫ୍ ବାରାକ୍, ପ୍ରତ୍ୟେକର ନିର୍ମାଣ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ। |
| କାର୍ଯ୍ୟର ଆନୁମାନିକ ମୂଲ୍ୟ : | ଟ.8,91,108.10 |
| EMD : | ଟ.17,800/- |
| କାର୍ଯ୍ୟ ସମାପ୍ତିର ଅବଧି : | LOA ଜାରି ହେବାର 12 (ବାର) ମାସ ଅବଧି ମଧ୍ୟରେ |
| ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : | ତା.28.07.2023 ରିଖ 1630 ଘଟିକାରେ। |

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ :http://www.ireps.gov.in. ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନକରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ୱେବ୍‌ସାଇଟ୍ : http://www.ireps.gov.in

ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (G), ସମ୍ବଲପୁର
PR-331/O/23-24

# ଶୀଘ୍ର କାର୍ଯ୍ୟକ୍ଷମ ହେବ ମେଗା ପାଇପ୍ ଜଳ ପ୍ରକଳ୍ପ

**୫-ଟି ସଚିବଙ୍କ ଅନୁଗୋଳ ଗସ୍ତ ଶେଷ**

- ୫-ଟି ସ୍କୁଲରେ ଖେଳିଲେ ବାସ୍କେଟ୍ ବଲ୍
- ଆଠମଲ୍ଲିକରୁ ଚାକିରି ଜୀବନ ଆରମ୍ଭ କରିଥିବାରୁ ଖୁସି
- ମିଶନ ଶକ୍ତି କମିଶନରଙ୍କ ସହ ଭିଡିଓ କଲ୍‌ରେ ମହିଳାଙ୍କୁ କଥା କରାଇଲେ

ଅନୁଗୋଳ,(ଅମିତ କୁମାର ସାମଲ)/ କଣିହାଁ, (ସଚିଦାନନ୍ଦ ପ୍ରଧାନ), ପାଲଲହଡ଼ା, (ଦିବ୍ୟଜ୍ୟୋତି ଦାଶ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ବଇଣ୍ଡା (ପରିକ୍ଷିତ ସାହୁ), ୧୧।୭



ଅନୁଗୋଳ ସହର ଉପକଣ୍ଠ ଖଲାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ୫-ଟି ସଚିବ ବାସ୍କେଟ ବଲ ଖେଳୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୨ ଦିନିଆ ଅନୁଗୋଳ ଜିଲା ଗସ୍ତରେ ଆସିଥିବା ୫-ଟି ସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ ମଙ୍ଗଳବାର ତାଙ୍କ ଗସ୍ତ ଶେଷ କରିଛନ୍ତି। ତେବେ ଦ୍ୱିତୀୟ ଦିନରେ ୫-ଟି ସଚିବ ଅନୁଗୋଳ, ପବିତ୍ରନଗର, ପାଲଲହଡ଼ା, ଆଠମଲ୍ଲିକ ଓ କିଶୋରନଗର ଗସ୍ତ କରି ବିଭିନ୍ନ ସ୍ଥାନରେ ଜନସଭାକୁ ସମ୍ବୋଧିତ କରିଥିଲେ। ମନ୍ଦିର ବୁଲି ଦେବଦେବୀଙ୍କ ଦର୍ଶନ କରିଥିଲେ। ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଏଥିସହ ଚଳିତବର୍ଷ ଶେଷ ସୁଦ୍ଧା ପାଲଲହଡ଼ା ଏବଂ ଅଗଷ୍ଟ ୨୦୨୪ ସୁଦ୍ଧା ଆଠମଲ୍ଲିକ ଓ କିଶୋରନଗର ମେଗା ପାଇପ୍ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ଅନୁଗୋଳ ସହରରେ ହୋଇଥିବା ମିଶନ ଶକ୍ତି କାଫେରେ ଜଳଖିଆ କରିବା ସହ ମିଶନ ଶକ୍ତି କମିଶନର କମ୍ ସେକ୍ରେଟେରି ସୁଜାତା ପାଣ୍ଡିଆନ୍‌ଙ୍କୁ ଭିଡିଓ କଲ୍ କରି ମହିଳାମାନଙ୍କ ସହିତ କଥା କରାଇଥିଲେ।

ଅନୁଗୋଳ ଗସ୍ତର ଦ୍ୱିତୀୟ ଦିନରେ ୫-ଟି ସଚିବ ପ୍ରଥମେ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ମନ୍ଦିର କମିଟି ଓ ପୁରୋହିତଙ୍କ ସହିତ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମା' ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କରିଥିଲେ। ମନ୍ଦିରର ବିକାଶ ନେଇ ମନ୍ଦିର କମିଟି, ପୁରୋହିତ ଏବଂ ଜନସାଧାରଣଙ୍କ ସହ କଥା ହୋଇଥିଲେ। ପରେ ଖଲାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସଚିବ ଛାତ୍ରମାନଙ୍କ ସହିତ ବାସ୍କେଟ୍‌ବଲ୍ ଖେଳିଥିଲେ। ଅନୁଗୋଳ ଗସ୍ତ ସାରି ୫-ଟି ସଚିବ କଣିହାଁ ବ୍ଲକ ପବିତ୍ରନଗର ମିନିଷ୍ଟାଡିୟମରେ ପହଞ୍ଚି ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରିଥିଲେ। ମିଶନ ଶକ୍ତି ମହିଳାମାନଙ୍କୁ ସରକାରଙ୍କ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏହାପରେ ପାଲଲହଡା ଉପଖଣ୍ଡ ଷ୍ଟାଡିୟମରେ ପହଞ୍ଚି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଜିଲାର ଏହି ଉପାନ୍ତ ଅଞ୍ଚଳରେ ଥିବା ମିଶନ ଶକ୍ତି ମା'ମାନଙ୍କୁ ଋଣ ପ୍ରଦାନ ଦିଗରେ ଅଧିକ କାର୍ଯ୍ୟ କରିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ମଧ୍ୟାହ୍ନରେ ଆଠମଲ୍ଲିକରେ ପହଞ୍ଚି ମା' ମାହେଶ୍ୱରୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ମନ୍ଦିରର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଦାବିପତ୍ର ଗ୍ରହଣ କରିଥିଲେ। ଆଠମଲ୍ଲିକରୁ ନିଜ ଚାକିରି ଜୀବନ ଆରମ୍ଭ କରିଥିବାରୁ ଖୁସିବ୍ୟକ୍ତ କରିବା ସହିତ ୨୦୦୧ରେ ମହାନଦୀ ବନ୍ୟା ସମ୍ପର୍କରେ ଅବତାରଣା କରିଥିଲେ। ଶେଷରେ କିଶୋରନଗର ବରପଡ଼ିଆରେ ପହଞ୍ଚି ଉପସ୍ଥିତ ଜନସାଧାରଣ, ମହିଳା ଗ୍ରୁପ୍ ସଦସ୍ୟ, ଅଲେଖ ମହିମା ସନ୍ନ୍ୟାସୀଙ୍କ ଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏହି ଅଞ୍ଚଳରେ ଥିବା ମନ୍ଦିର, ମଠଗୁଡ଼ିକର ବିକାଶ ହେବ। ସରକାରଙ୍କ ପକ୍ଷରୁ ଯେଉଁ ଅର୍ଥ ଆସିବ, ସେଥିରେ ସ୍ୱଚ୍ଛତାର ସହ କାମ କରାଗଲେ ଓଡ଼ିଶା ଆଗକୁ ବଢ଼ିବ ବୋଲି ୫-ଟି ସଚିବ କହିଥିଲେ। ୫-ଟି ସଚିବଙ୍କ ଏହି ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର. ଭିନିଲ କ୍ରିଷ୍ଣା, ଡିଆଇଜି ବ୍ରିଜେଶ ରାୟ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**PUBLIC NOTICE**

Notice is hereby given to all concerned that, Rajlaxmi Kumari, W/o Arjun Nag, At-Kurebhana, Po-Chhatapipal, Ps-Puintala, Dist.-Bolangir has sworn an **affidavit on dt.06.07.2023** and has reported to **IIC, Town PS, Balangir on dt.07.07.2023** regarding loss of original link **Regd. Sale Deed No.10311102940, Vol-60 dt.25.10.2011 of Registering Officer, Balangir.**

Rajlaxmi Kumari W/o Arjun Nag has applied to the **LIC HOUSING FINANCE LTD., Sambalpur** to avail loan on the above property by mortgaging the said property documents.

All concerned therefore, having any claim over the property purchased under the said document **Regd. Sale Deed No.10311102940, Vol-60 dt.25.10.2011 of Registering Officer, Balangir** is required to fill his claim with the undersigned within 15 (Fifteen) days from the date of publication of this notice, failing which it will be presumed that, the property having link with the said document/s is/are free from encumbrances and any claim in respect thereof against the applicant as a mortgager and the company as the mortgagee shall be void and ineffective after the lapse of 15 (Fifteen) days of publication of this notice.

Sambalpur
Dt.10.07.2023

**Sd./-Ashwini Ku.Debta**
Advocate, LIC Housing Finance Ltd.
At/Po-Modipara,Sambalpur,Odisha
Mobile No.9437158519

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**

**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର କମ୍ପୋଜିଟ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍ଆଇଟି ନଂ.୮/ସିଡିବି/୨୦୨୩-୨୪ (ଦ୍ୱିତୀୟ ଆହ୍ୱାନ)। **କାର୍ଯ୍ୟର ନାମ:** ବଲାଙ୍ଗୀର ଡିଭିଜନ ଅଧୀନରେ ବଲାଙ୍ଗୀର କୋର୍ଟ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ। **ଅଟକଳ ମୂଲ୍ୟ:** ଟ.୪୨,୭୩,୪୨୮.୦୦ । **ଅମାନତ ରାଶି:** ଟ.୮୫,୪୬୯.୦୦ । **ସମାପ୍ତି ଅବଧି:** ୧୫୦ (ଏକଶହ ପଚାଶ) ଦିନ । **ବିଡ୍ ଦାଖଲର ଶେଷ ତାରିଖ ଓ ସମୟ:** ତା୨୪।୦୭।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୨. ଏନ୍ଆଇଟି ନଂ.୯/ସିଡିବି/୨୦୨୩-୨୪ (ଦ୍ୱିତୀୟ ଆହ୍ୱାନ) । **କାର୍ଯ୍ୟର ନାମ:** ଭୁବନେଶ୍ୱର ଡିଭିଜନ ଅଧୀନରେ ଆଇଆର୍‌ସି ଭିଲେଜ, ଭୁବନେଶ୍ୱରଠାରେ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । **ଅଟକଳ ମୂଲ୍ୟ:** ଟ.୫୩,୩୮,୨୪୦.୦୦ । **ଅମାନତ ରାଶି:** ଟ.୧,୦୬,୭୬୫.୦୦ । **ସମାପ୍ତି ଅବଧି:** ୧୮୦ (ଏକଶହ ଅଶୀ) ଦିନ । **ବିଡ୍ ଦାଖଲର ଶେଷ ତାରିଖ ଓ ସମୟ:** ତା୨୪।୦୭।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

## ସଂକ୍ଷେପରେ

### ଅଞ୍ଚଳର ବିକାଶ ନେଇ ମନ୍ତ୍ରୀଙ୍କୁ ଭେଟିଲେ ବୁଦ୍ଧିଜୀବୀ

**ଟିଟିଲାଗଡ଼,୧୧।୭(ଶରତ ମିଶ୍ର):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ବୁଦ୍ଧିଜୀବୀମାନେ ମଙ୍ଗଳବାର ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁଙ୍କୁ ସ୍ଥାନୀୟ ମହାବୀର ପଞ୍ଚାୟତି ଧର୍ମଶାଳା ପରିସରରେ ଭେଟି ଅଞ୍ଚଳର ବିକାଶ ନେଇ ଆଲୋଚନା କରିଛନ୍ତି। ଟିଟିଲାଗଡ଼ ନାଗରିକ କମିଟି ସଭାପତି ରାଧାକାନ୍ତ ପାଢ଼ୀ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡା. ଘନଶ୍ୟାମ ଜୈନ, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋୟଲ, ସୁନ୍ନି ମସଜିଦ କମିଟି ସମ୍ପାଦକ ଏମଡି ତୌଫିକ, କେପିଏସଏସ ସାଧାରଣ ସମ୍ପାଦକ ଉପେନ୍ଦ୍ର ବାଗ, ବଙ୍ଗାଳି ସମାଜ ସଭାପତି ଶେଖର ସିହ୍ନାଙ୍କ ସମେତ ବିଭିନ୍ନ ସାମାଜିକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏହି ଆଲୋଚନା ସମୟରେ ଉପସ୍ଥିତ ରହି ସହରର ଆହୁରି କିପରି ବିକାଶ ହୋଇପାରିବ ସେନେଇ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଟିଟିଲାଗଡ଼ ଜିଲା ଦାବିଠାରୁ ଆରମ୍ଭ କରି ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ଡାକ୍ତର ଅଭାବ, ଟ୍ରାଫିକ ସମସ୍ୟା, ଟିଟିଲାଗଡ଼ ଠାରେ ଆରଟିଓ କ୍ୟାମ୍ପ, ବିଭିନ୍ନ ସମାଜ, ସଂଗଠନ ପାଇଁ ସଭାଗୃହ ଆଦି ନେଇ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ସାହୁ ସହରର ବିକାଶ ପାଇଁ ପରାମର୍ଶ ସର୍ବଦା ଲୋଡ଼ିବି ବୋଲି କହି ବୁଦ୍ଧିଜୀବୀଙ୍କ ସହଯୋଗ କାମନା କରିଥିଲେ। ନଗର ସଭାପତି ରଣଜିତ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ ସେବକ ଚରଣ ଦାଶ, ରାଜୀବ ଲୋଚନ ପାଢ଼ୀ, ଟିକେଲାଲ ବେହେରା, ଗୁଲାପ ସୋନି, ରିଙ୍କୁ ଅଗ୍ରୱାଲ, ବିଶିଷ୍ଟ ସମାଜସେବୀ ଦୀପକ ସାହୁ, ଲଳିତା ଲାଠ, ଅଞ୍ଜଳି ବେହେରା, ପୌର ଉପାଧକ୍ଷା ପୁଷ୍ପାମଞ୍ଜରୀ ଜାଲ, ଈଶ୍ୱର ଜୈନ, ବିଚିତ୍ର ବାଗ,ମନୀଷ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

**ଖପ୍ରାଖୋଲ,୧୧।୭(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହରଲାଲ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧକ୍ଷ ଭୁବନେଶ୍ୱର ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ବୈଦ୍ୟନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ଶୋଭନମୟ ମିଶ୍ର, ଏମବିକେ ମାଧୁରୀ ଦୀପ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଅଧାପକ ରବୀନ୍ଦ୍ର ବାରିକ, ନବୀନ ବାରିକ, ରାଜେଶ ମିଶ୍ର, ଶଙ୍କର୍ଷଣ ଠାକୁରଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ପଞ୍ଚାୟତ, ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ବୃକ୍ଷରୋପଣ କରାଯାଇଥିବା ବେଳେ ଚାରା ବଣ୍ଟନ କରାଯାଇଥିଲା।

# ଶ୍ରେଣୀଗୃହ ନିର୍ମାଣ ଦାବିରେ ମହିଳାଙ୍କ ପ୍ରତିବାଦ

**ଲାଠୋର,୧୧।୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ପିପଲବାହାଲ ଗ୍ରାମ ପୁଡ଼ାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ଆବଶ୍ୟକ ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଫଳରେ ଛାତ୍ରୀଛାତ୍ରୀମାନେ ବିପଦଶଙ୍କୁଳ ଅବସ୍ଥାରେ ପାଠ ପଢିବା ଦେଖିବାକୁ ମିଳୁଛି। ଯଥାଶୀଘ୍ର ନୂତନ ଶ୍ରେଣୀ ଗୃହ ନିର୍ମାଣ କରିବା ଦାବିରେ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶକ୍ତି ସେଠଙ୍କ ନେତୃତ୍ୱରେ ସ୍ଥାନୀୟ ମହିଳାମାନେ ନିଜ ନିଜ ପିଲାଙ୍କୁ ନେଇ ବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପିଲାମାନଙ୍କୁ ବିଦ୍ୟାଳୟ ଛାଡିବା ବନ୍ଦ କରିବା ସହ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

୧୯୯୮ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନ ୩୫ଜଣ ପିଲା ପାଠ ପଢୁଛନ୍ତି। ୨୫ ବର୍ଷ ପୂର୍ବେ ବିଦ୍ୟାଳୟର ଦୁଇ ଗୋଟି ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲା। ଆଜିଯାଏ ସେଠାରେ ବସି ପିଲାମାନେ ପାଠ ପଢୁଛନ୍ତି। କିନ୍ତୁ ଶ୍ରେଣୀ ଗୃହ ଅବସ୍ଥା କହିଲେ ନ ସରେ। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଝରି କୋଠରୀରେ ପଡିବା ସହ ସିମେଣ୍ଟ ପଲସ୍ତରା ଖଣ୍ଡମାନ ଖସୁଛି।



ପିଲାଙ୍କ ସହ ବିଦ୍ୟାଳୟ ଆଗରେ ମହିଳାମାନେ।

### ଆନ୍ଦୋଳନ ଚେତାବନୀ

ସିମେଣ୍ଟ ଖଣ୍ଡ ଖସି କେତେବେଳେ କ'ଣ ଅଘଟଣ ଘଟିବ ତାହା କହି ହେଉନାହିଁ। ପରିସ୍ଥିତି ଏପରି ଯେ, ପ୍ରତିଦିନ ଶିକ୍ଷକ ବିଦ୍ୟାଳୟକୁ ଆସି ପ୍ରଥମେ ଏକ ଲମ୍ବା ବାଡ଼ି ସାହାଯ୍ୟରେ ଛାତରୁ ଭଙ୍ଗା ସିମେଣ୍ଟ ପଲସ୍ତରା ଖସାଇବା ପରେ ଛାତ୍ରୀଛାତ୍ର ଶ୍ରେଣୀ ଗୃହକୁ ପ୍ରବେଶ କରିଥାନ୍ତି। ଏନେଇ ୨୦୨୨ ଜୁନ ମାସରେ ପ୍ରଧାନଶିକ୍ଷକ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଅକ୍ଟୋବର ୨୦୨୨ରେ କନିଷ୍ଠ ଯନ୍ତ୍ରୀ ଦିଲୀପ ରାଉତ, ଲାଠୋର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତପନ ମେହେର ଏବଂ ସରପଞ୍ଚଙ୍କ ପ୍ରତିନିଧି ବିଦ୍ୟାଳୟ ପରିଦର୍ଶନରେ ଆସି ସମସ୍ୟା ଅନୁଧ୍ୟାନ କରି ଫେରି ଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ଫଳରେ ଛାତ୍ରୀଛାତ୍ର ଅସୁରକ୍ଷିତ ଶ୍ରେଣୀଗୃହରେ ବସି ପାଠ ପଢିବାକୁ ବାଧ ହେଉଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭଇଁଷାଲଙ୍କୁ ପଚାରିବାରେ ଗତବର୍ଷଠାରୁ ଆମେ ବିଦ୍ୟାଳୟ ଶ୍ରେଣୀଗୃହ ସମସ୍ୟା ନେଇ ଉପରସ୍ଥ ଅଧିକାରୀମାନଙ୍କ ଅବଗତ କରି ଆସୁଥିଲେ ମଧ ଏଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ବହୁ ସମସ୍ୟା ହେଉଛି।

### ସେମାନେ ଯାହା କୁହନ୍ତି ....

“ଆମ ବିଦ୍ୟାଳୟ ସମସ୍ୟା ନେଇ ବାରମ୍ବାର ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯିବା ଦୁଃଖର ବିଷୟ।
**ସୌଦାମିନୀ ମେହେର, ଉପସଭାପତି, ବିଦ୍ୟାଳୟ ପରିଚାଳନା ସମିତି**

“ଶ୍ରେଣୀଗୃହ ଛାତରୁ ସିମେଣ୍ଟ ଖଣ୍ଡ ଖସି କୌଣସି ଜୀବନ ହାନି ଘଟିଲେ ଏଥିପ୍ରତି କିଏ ଦାୟୀ ହେବ। ଯଥାଶୀଘ୍ର ସରକାର ବିଚାର କରିବା ଆବଶ୍ୟକ।
**ଭାମା ବାଗ, ଅଭିଭାବକ, ପିପଲବାହାଲ**

“ବିଦ୍ୟାଳୟ ସମସ୍ୟା ତୁରନ୍ତ ସମାଧାନ ନ କଲେ ଆଗାମୀ ଦିନରେ ପିଲାମାନଙ୍କୁ ବିଦ୍ୟାଳୟ ଯିବା ବନ୍ଦ କରି ଆନ୍ଦୋଳନ କରିବୁ।
**ଗୌରୀ ମେହେର, ଅଭିଭାବକ**

“ବର୍ଷା ହେଲେ ଛାତରୁ ପାଣି ଝରି କୋଠରୀରେ ଭର୍ତ୍ତି ହୋଇଯାଏ। ସେହି ପାଣିରେ ବସି ଆମକୁ ପାଠ ପଢିବାକୁ ପଡୁଛି।
**ବର୍ଷା ମେହେର, ୫ମ ଶ୍ରେଣୀ ଛାତ୍ରୀ**

# ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଚେତନହେବା ଜରୁରୀ



ଅତିଥିଙ୍କ ସହ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

**ସଇଁତଲା,୧୧।୭ (ରାଖାଲ ପ୍ରସାଦ ଶତପଥୀ)**

### ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ଡ଼େଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ତରଫରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ମନସଫିଲ କେରକେଟା ମୁଖ୍ୟଅତିଥି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଶ୍ୱଜିତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱ ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ଭାବରେ ପାଳନ କରାଯାଉଛି। ଭାରତରେ ଜନସଂଖ୍ୟା ଦ୍ରୁତ ଗତିରେ ବଢୁଥିବାରୁ ବର୍ତ୍ତମାନ ଏହାକୁ ନେଇ ବୈଜ୍ଞାନିକ, ସମାଜ ବିଜ୍ଞାନୀମାନେ ଚିନ୍ତା ପ୍ରକଟ କଲେଣି। ଏହି ଦୃଷ୍ଟିରୁ କମ୍ ବୟସରେ ବିବାହ ରୋକିବା ଏବଂ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ତୁରନ୍ତ ଲାଗୁ କଲେ କେତେକାଂଶରେ ଜନସଂଖ୍ୟା ନିୟନ୍ତ୍ରଣ ହୋଇପାରନ୍ତା। ଜନସଂଖ୍ୟା ବଢ଼ିଚାଲିଲେ ଆଗକୁ କ'ଣ ସ୍ଥିତି ଉପୁଜିବ ସେ ନେଇ ସମସ୍ତେ ସଚେତନ ହେବା ସହ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁଦର୍ଶନ ଦାଶ, ସମୀର ସେଠୀ, ଦୀପକସେନ ଧରୁଆ, ହିମାଂଶୁ ଶେଖର ବିଶ୍ୱାଳ, କୃପାସିନ୍ଧୁ ବିଶ୍ୱାଳ, ଶିକ୍ଷୟିତ୍ରୀ ରେଣୁକା ସାହୁ, ଦ୍ରୌପଦୀ ଭୋଇ, କେ. ଭୋଇ, ଛାତ୍ରୀଛାତ୍ର ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ଜୁନିୟର ରେଡ଼କ୍ରସର କାଉନସିଲର ରାମ ନାରାୟଣ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଲିଙ୍ଗରାଜ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ମିଶନ ଶକ୍ତି ଭବନ ଉଦ୍‌ଘାଟିତ


ବିଧାୟକ ଫିତା କାଟି ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

**ମୁରିବାହାଲ,୧୧।୭(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକଠାରେ ନୂତନ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଓ ମିଶନ ଶକ୍ତି ଭବନ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୨୬ ଲକ୍ଷ ଟଙ୍କା ବ୍ୟୟରେ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଓ ୫୦ ଲକ୍ଷ ଟଙ୍କାରେ ମିଶନ ଶକ୍ତି ଭବନ ନିର୍ମାଣ କରାଯାଇଛି। ମୁଖ୍ୟଅତିଥି ସାଲୁଜା ତାଙ୍କ ବକ୍ତବ୍ୟରେ କହିଥିଲେ, ମିଶନ ଶକ୍ତି ଭବନ ହେବା ଦ୍ୱାରା ମହିଳାମାନେ ଉପକୃତ ହୋଇପାରିବେ। ମହିଳାମାନଙ୍କ ବିକାଶ ହେଲେ ଗାଁ, ପଞ୍ଚାୟତ ଓ ବ୍ଲକର ଉନ୍ନତି ହୋଇପାରିବ ବୋଲି ସେ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର, ବ୍ଲକ ଉପାଧକ୍ଷା ଯାଜ୍ଞସେନୀ ହାତୀ, ଜିଲା ପରିଷଦ ଉପାଧକ୍ଷା ମିଥିଳା ମାଝୀ, ଜିଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ନିରୁପମା ଗହିର, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଷୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ସିଡିପିଓ ସୁପ୍ରଭା ମହାପାତ୍ର, ବାସନ୍ତୀ ଭୋଇ, ବରିଷ୍ଠ ରାଜସ୍ୱ ସହାୟକ ବିଘ୍ନରାଜ ରଣା, ବିପିଏମ ଗୋପାଳକୃଷ୍ଣ ଦୀପ, ବିପିସି ଉଜ୍ଜ୍ୱଳ ପଟେଲ, ବିପିଏସି ବଳରାମ ଭୋଇ, ମମତା ପିଏ ଲୋକନାଥ ନାଏକ, ବ୍ଲକ ମହାସଂଘ ସଭାନେତ୍ରୀ ସାବିତ୍ରୀ ମହାନନ୍ଦ, ସମ୍ପାଦିକା ପୁଷ୍ପା ଘିବେଲା ଉପସ୍ଥିତ ଥିଲେ। ସମସ୍ତ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଏମବିକେ,ସିଆରପି ମହାସଂଘର ସଭ୍ୟା ଓ ବ୍ଲକର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ହାତୀସରା ଓ କୁତୁର୍ଲା ସରପଞ୍ଚଙ୍କ ମଧ୍ୟରେ ବିବାଦ

### ଥାନାରେ ଅଭିଯୋଗ

**ଦେଓଗାଁ,୧୧।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ହାତିସରା ଓ କୁତୁର୍ଲା ପଞ୍ଚାୟତର ସରପଞ୍ଚଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ଥାନାରେ ପହଞ୍ଚିଛି। କୁତୁର୍ଲା ସରପଞ୍ଚ ତେଜ ହରପାଲଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ନଂ ୧୩୩/୨୩ ଏସସି ଏସଟି ଆକ୍ଟରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ତାରାବତୀ ପ୍ରଧାନ ସୂଚନା ଦେଇଛନ୍ତି। କୁତୁର୍ଲା ସରପଞ୍ଚ ହରପାଲଙ୍କ ଅଭିଯୋଗ ଅନୁଯାୟୀ, ସେ ତାଙ୍କ ସ୍ୱାମୀ ଡମ୍ବରୁଧର ହରପାଲଙ୍କ ସହ ମଙ୍ଗଳବାର ଅପରାହ୍ନରେ ବହଲିଛକସ୍ଥିତ ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। ତାଙ୍କ ସ୍ୱାମୀ ଖାଇବା ଅର୍ଡର ଦେବା ପାଇଁ ଯିବା ବେଳେ ହାତିସରା ସରପଞ୍ଚ କେଲୋ ଡାଙ୍ଗ ହଠାତ ସେଠାକୁ ଆସି ମହିଳା ସରପଞ୍ଚ ହରପାଲଙ୍କୁ ପୂର୍ବ ବିବାଦକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ଡମ୍ବରୁ ପାଖକୁ ଆସିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏନେଇ ସରପଞ୍ଚ ହରପାଲ ଦେଓଗାଁ ଥାନାରେ ଜାତିଆଣ ଆକ୍ଷେପ,ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ମାରପିଟ କରିଥିବା ନେଇ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

# ଜୈବିକ ପଦ୍ଧତିରେ ଚାଷ ଉପରେ ଗୁରୁତ୍ୱ


କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ନିରନ୍ତର କୃଷି କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

**ଟିଟିଲାଗଡ,୧୧।୭(ଶରତ ମିଶ୍ର)**

### ନିରନ୍ତର କୃଷି କାର୍ଯ୍ୟକ୍ରମ

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି ସଂକଳନ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଫଇଏସର ଜିଲା ସଂଯୋଜକ ସୁଜିତ କୁମାର ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଆତ୍ମାର ଏଟିଏମ ମୈତ୍ର ଭୋଇ ଅତିଥି ପରିଚୟ ପ୍ରଦାନ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଥମେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଗଛ ଲଗାଇ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କର୍ମଶାଳାରେ ମୁଖ୍ୟଅତିଥି ଭାବେ ଏଡିଓ ବିଶେଶ୍ୱର ସାହୁ , ସମ୍ମାନିତ ଅତିଥି ଭାବେ ଲାଲ ବିହାରୀ ମଲ୍ଲିକ, ଓଡିଶା ଜୀବିକା ମିଶନର ବ୍ଲକ ସଂଯୋଜକ ଶେଖ କମର ଅଞ୍ଜୁମ, ମିଶନ ଶକ୍ତିର ବିପିସି ପୀତାମ୍ବର ବାଗ, ମୃତ୍ତିକା ସଂରକ୍ଷଣ ବିଭାଗର ନିକୁଞ୍ଜ କିଶୋର ଦାଶ, ଡବ୍ଲୁଇଓ ଭରତ ଚନ୍ଦ୍ର ସାହୁ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ କୃଷକ ସାଥୀ, ସିଏଲଏଫ ସଦସ୍ୟ, ଏମବିକେ, ଜିଆରଏସ ପ୍ରମୁଖ ଜୈବିକ ପଦ୍ଧତି ଆପଣେଇବା ପରେ ନିଜସ୍ୱ ଅନୁଭୂତି ପ୍ରକାଶ କରିଥିଲେ। ପରେ ୪ଟି ଗ୍ରୁପରେ ଭାଗ ହୋଇ ଏଫଇଏସର କାର୍ଯ୍ୟଧାରାକୁ ନେଇ ଦଳଗତ ଆଲୋଚନା କରିଥିଲେ। ଅଗ୍ରଣୀ ଚାଷୀ ଯୋଗଦେଇ ଜୈବିକ ପଦ୍ଧତିରେ ଚାଷ କରିବା ପରଠାରୁ କମ ଖର୍ଚ୍ଚରେ ରୋଗମୁକ୍ତ ଚାଷ ସହ ମାଟିର ଉର୍ବରତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଗୁଡଭେଲା ମାଷ୍ଟର ଟ୍ରେନର ଭାଗବତ ନାହାକ ଓ ଦେଓଗାଁ ମାଷ୍ଟର ଟ୍ରେନର କୃଷ୍ଣ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ବ୍ଲକର ମାଷ୍ଟର ଟ୍ରେନର ସିଦ୍ଧେଶ୍ୱର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୫-ଟି ସ୍କୁଲ ବୁଲିଲେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧିକାରୀ

**ଲୋଇସିଂହା,୧୧।୭( ସୁଶାନ୍ତ ବାରିକ)**

ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧିକାରୀ ପ୍ରଫୁଲ୍ଲ କୁମାର ସେନାପତି ମଙ୍ଗଳବାର ଦିନ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ୫-ଟିରେ ରୂପାନ୍ତରଣ ହୋଇଥିବା ଲୋଇସିଂହା ମୁଖ୍ୟାଳୟର ବାଳିକା ଉଚ୍ଚ ବିଦ୍ୟାଳୟ ଓ ହରେକୃଷ୍ଣ ମହତାବ ହାଇସ୍କୁଲ ପରିଦର୍ଶନ କରିଥିଲେ। ପ୍ରଥମେ ବାଳିକା ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ସ୍ମାର୍ଟ ଶ୍ରେଣୀକକ୍ଷକୁ ଯାଇ ଛାତ୍ରୀଙ୍କୁ ସ୍କୁଲ ରୂପାନ୍ତରଣ ଓ ପାଠପଢା ସମ୍ପର୍କରେ ପଚାରି ବୁଝିଥିଲେ। ସ୍କୁଲ ରୂପାନ୍ତରଣ ଖୁସି ଆଣି ଦେଇଥିବା ଛାତ୍ରୀମାନେ କହିଥିଲେ। ଏହାପରେ ଅଧିକାରୀ ସେନାପତି ସ୍କୁଲର ବିଜ୍ଞାନଗାର,ପାଠାଗାର, ପାନୀୟଜଳ ବ୍ୟବସ୍ଥା, ଶୌଚାଳୟ ଏବଂ ସ୍କୁଲ ପରିସର ବଗିଚା ବୁଲି ଦେଖିଥିଲେ। ପରେ ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇ ଓ ଷ୍ଟାଫ୍ ସହ ଆଲୋଚନା କରିଥିଲେ। ସେହିପରି ଅଧିକାରୀ ସ୍ଥାନୀୟ ହରେକୃଷ୍ଣ ମହତାବ ହାଇସ୍କୁଲ ପରିଦର୍ଶନରେ ଯାଇଥିଲେ। ସେଠାରେ ପ୍ରଧାନଶିକ୍ଷକ ଉଦ୍ଧବଚରଣ ପଟେଲ ତାଙ୍କୁ ସ୍କୁଲ ପରିସର ବୁଲାଇ ଦେଖାଇଥିଲେ। ୫-ଟିରେ କାମ ହୋଇଥିବା ସ୍କୁଲର ପ୍ରବେଶ ପଥରେ ଲାଗିଥିବା ଚାଇନା ପ୍ଲେଟଗୁଡିକ ଉଠି ଯାଇଥିବା ଦେଖି ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗସ୍ତ ବେଳେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେର ଉପସ୍ଥିତ ଥିଲେ।



ଅଧିକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ସ୍ମାର୍ଟକ୍ଲାସ୍‌କୁ ଯାଇ ଛାତ୍ରୀଙ୍କ ପାଠପଢ଼ା ସମ୍ପର୍କରେ ବୁଝୁଛନ୍ତି।

# ‘ଶୃଙ୍ଖଳା ଛାତ୍ରଙ୍କ ଉନ୍ନତି ପଥର ମୂଳମନ୍ତ୍ର’

**ବଲାଙ୍ଗୀର,୧୧।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ଶତବାର୍ଷିକୀ ଟ୍ରଷ୍ଟ ପକ୍ଷରୁ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଛାତ୍ରବୃତ୍ତି ପ୍ରଦାନ ସଭା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ସଭାପତି ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟକୁ ପୌଷ୍ୟ ଭାବେ ଗ୍ରହଣ କରିଥିବା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରମାନଙ୍କୁ ପରିଶ୍ରମୀ ଏବଂ ଉତ୍ତମ ଛାତ୍ର ହେବାକୁ ପରାମର୍ଶ ଦେଇଥିଲେ। ଶୃଙ୍ଖଳା ମଣିଷକୁ ଉନ୍ନତି ପଥରେ ନେଇଯାଏ। ତେଣୁ ଛାତ୍ରମାନେ ପ୍ରଥମେ ଶୃଙ୍ଖଳିତ ହୁଅନ୍ତୁ ଓ ଏହି ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ଗଢ଼ିବା ପାଇଁ କାର୍ଯ୍ୟ କରନ୍ତୁ। ଆଗାମୀ ଦିନରେ ଏହି ବିଦ୍ୟାଳୟରେ ଆହୁରି ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଯୋଗଦାନ କରି ଛାତ୍ର ଜୀବନ ହିଁ ଶ୍ରେଷ୍ଠ ସମୟ ଏବଂ ଛାତ୍ରମାନଙ୍କ ମଧ୍ୟରେ ଜିଜ୍ଞାସୁ ମନୋଭାବ ରହିବା ଉଚିତ୍ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶତବାର୍ଷିକୀ ଟ୍ରଷ୍ଟ ଉପଦେଷ୍ଟା ତଥା ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି ସଭାରେ ଉପସ୍ଥିତ ରହି ଛାତ୍ରମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ହିଁ ତାଙ୍କୁ ଆଦର୍ଶ ଛାତ୍ର ଭାବେ ଗଢ଼ିବାର ପଥ ଦେଖାଇଥାଏ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଟ୍ରଷ୍ଟ ସମ୍ପାଦିକା ସନ୍ତୋଷିନୀ ସେଠୀ ଶୃଙ୍ଖଳା ହିଁ ଉନ୍ନତିର ଚାବିକାଠି ବୋଲି କହିଥିଲେ। ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ଛାତ୍ର ଦୀପକ ନାୟକ, ୨୦୨୧-୨୨ ବର୍ଷ ପାଇଁ ଛାତ୍ର ସୁଜିତ କୁମାର ଜେନା ଏବଂ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଛାତ୍ର ମାନସିକ ସୁନାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଟ୍ରଷ୍ଟ ସଭାପତି ଦାଶ ସଂଯୋଜନା କରିଥିଲେ। ଶେଷରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ତଥା ଟ୍ରଷ୍ଟ ସଭ୍ୟ ବିକାଶ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ବିଦ୍ୟାଳୟ ଶତବାର୍ଷିକୀ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ଗରିବ ମେଧାବୀ ଛାତ୍ରଙ୍କୁ ୨ ବର୍ଷ ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥାଏ। ସଭାରେ ବିଦ୍ୟାଳୟ ଛାତ୍ର, ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ।


ଅତିଥିମାନଙ୍କ ସହ ବୃତ୍ତି ଗ୍ରହଣ କରିଥିବା ପୃଥ୍ୱୀରାଜ ହାଇସ୍କୁଲ ଛାତ୍ର।

### ପୃଥ୍ୱୀରାଜ ହାଇସ୍କୁଲରେ ଛାତ୍ରବୃତ୍ତି ପ୍ରଦାନ ସଭା

## ସଂକ୍ଷେପରେ

### ଗଞ୍ଜେଇ ଚାଷ ମାମଲାରେ ୨ ଗିରଫ



**ବାଉଁଶୁଣୀ,୧୧ା୭(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ତାଲଗରି ଗ୍ରାମରୁ ବାଉଁଶୁଣୀ ପୋଲିସ ୨୦୨୦-୨୧ ମସିହାର ଏକ ଗଞ୍ଜେଇ ଚାଷ ମାମଲାରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁଦାମ ଦେହୁରି ଓ ସୁବାସ ମଲ୍ଲିକ। ଗଞ୍ଜେଇ ଚାଷ କରୁଥିବା ନେଇ ଏମାନଙ୍କ ନାମରେ ବାଉଁଶୁଣୀ ଥାନାରେ ୧୩୯/୨୦, ୧୭୯/୨୧ରେ ମାମଲା ରୁଜୁ ହୋଇଥିଲା। ଫେରାର ଥିବାରୁ ପୋଲିସ ଏମାନଙ୍କୁ ଗିରଫ କରିପାରି ନ ଥିଲା। ସୋମବାର ରାତିରେ ଦୁଇ ଅଭିଯୁକ୍ତ ନିଜ ଘରେ ଶୋଇଥିବା ଖବର ପାଇ ବାଉଁଶୁଣୀ ଥାନା ଅଧିକାରୀ ଅରୁଣ ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଚଢାଉ କରି ଗିରଫ କରିଥିଲେ।

### ବ୍ଲକସ୍ତରୀୟ ସମୀକ୍ଷା ବୈଠକ

**ଝାରବନ୍ଧ,୧୧ା୭(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ଜନଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପଦ୍ମପୁର ଉପଜିଲାପାଳ ସଦାକର କୁମାର, ବିଡିଓ ରାମକୃଷ୍ଣ ମିଶ୍ର, ସହକାରୀ ଯନ୍ତ୍ରୀ ଅନୁପମ ପ୍ରକାଶ ବେହେରା, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରାଙ୍କ ଉପସ୍ଥିତିରେ ବିଏସ୍ଓ ଆନନ୍ଦ ପ୍ରଧାନ, ଏପିଓ ସୁଶାନ୍ତ ନାଏକ ଗତ ଆର୍ଥିକ ବର୍ଷରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ପଞ୍ଚାୟତ ୱାରି ସମୀକ୍ଷା କରିଥିଲେ। ଏହି ଆର୍ଥିକ ବର୍ଷରେ ମୋଟ ୬୧୯ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୬୧୯୭୩୨ କାର୍ଯ୍ୟ ଦିବସ ସୃଷ୍ଟି ହୋଇଥିଲା। ଏଥିରେ ୮୮୭୭ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା। ଏହା ମଧ୍ୟରୁ ୨୩୦୦ ପରିବାର ୧୦୦ ଦିନର କାର୍ଯ୍ୟ ପୂରଣ କରିଥିବା ସୂଚନା ଦିଆଯାଇଥିଲା।

### ମହଙ୍ଗା ପଡ଼ିଲା ଅନଧିକୃତ ସାଇଲେନ୍ସର

**୪୫ ହଜାର ଗଣିଲେ ୯ ବାଇକ୍ ଚାଳକ**

**ବରଗଡ଼,୧୧ା୭(ପ୍ରେମାନନ୍ଦ ଖମାରୀ):** ବାଇକ୍‌ରେ ଉଚ୍ଚଶବ୍ଦ ସୃଷ୍ଟି ତଥା ଅନଧିକୃତ ସାଇଲେନ୍ସର ବ୍ୟବହାର କରୁଥିବା ବାଇକ୍ ଚାଳକଙ୍କୁ ଧରିବା ପାଇଁ ବରଗଡ଼ ପୋଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନରେ ମଙ୍ଗଳବାର ପୋଲିସ ୯ବାଇକ୍ ଆରୋହୀଙ୍କୁ ଧରିଛି। ସେମାନଙ୍କଠାରୁ ପୋଲିସ ୪୫ହଜାର ଟଙ୍କା ଜରିମାନା ଅସୁଲ କରିଛି। ଆଗକୁ ମଧ୍ୟ ପୋଲିସର ଏଭଳି ଅଭିଯାନ ଜାରି ରହିବ। ଫଳରେ ବାଇକ୍ ଚାଳକମାନେ ସେଭଳି ଅନଧିକୃତ ସାଇଲେନ୍ସର ବ୍ୟବହାର ନ କରିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ବେଆଇନ ସାର ଗୋଦାମରେ ଚଢ଼ାଉ

**୫ ହଜାର ବସ୍ତା ଜବତ, ଗୋଦାମ ସିଲ୍**



ଗୋଦାମରେ ମହଜୁଦ ରହିଥିବା ସାର।

**ବରପାଲି,୧୧ା୭(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ଅମ୍ବାମୁଣ୍ଡା ଅଞ୍ଚଳରେ ଥିବା ଏକ ବେଆଇନ ସାର ଗୋଦାମରେ ମଙ୍ଗଳବାର ଚଢାଉ କରାଯାଇଛି। ଚଢାଉ ବେଳେ ପ୍ରାୟ ୫ ହଜାର ବସ୍ତା ବିଭିନ୍ନ ପ୍ରକାର ସାର, କୀଟନାଶକ ଜବତ କରାଯାଇଛି। ବିଭାଗ ପକ୍ଷରୁ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯାଇଛି। ଏହାସହ ଉକ୍ତ ବେଆଇନ ଗୋଦାମକୁ ସିଲ୍ କରିଦିଆଯାଇଛି।

ପ୍ରକାଶ ଯେ, ବରଗଡ଼ ଜିଲା ବରପାଲି ବ୍ଲକ ଅମ୍ବାମୁଣ୍ଡା ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ଭାବେ ରାଧାକୃଷ୍ଣ ଆଗ୍ରୋ ନାମରେ ସାର ଗୋଦାମ ରହିଥିଲା। ତେବେ ଉକ୍ତ ଗୋଦାମ ମାଲିକ ସାର ବିକ୍ରି ପାଇଁ ଅଧିକୃତ ନ ଥିବା ବେଳେ ସେ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ସାର, କୀଟନାଶକ ବିକ୍ରି କରୁଥିଲେ। ଏ ନେଇ ଅଭିଯୋଗ ହେବା ପରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ବେଳେ ବରପାଲି ତହସିଲଦାର ରକ୍ମଣ ମେହେର, ବିଭାଗୀୟ ଇନ୍ସପେକ୍ଟର ଇତିସ୍ମିତା ଦେବତା, ବ୍ଲକ କୃଷି ଅଧିକାରୀ ଦିଲୀପ କୁମାର ମାଝୀ, ଆଇଆଇସି ଜୟଶ୍ରୀ ସେଠୀ ସଦଳବଳ ଉକ୍ତ ଗୋଦାମ ଉପରେ ଚଢାଉ କରିଥିଲେ। ଏହି ସମୟରେ ସେଠାରୁ ସାର ଲୋଡ୍ ହୋଇଥିବା ଏକ ମିନି ଟ୍ରକ (ନଂ.ଓଆର୦୩/୧୩୨୪)କୁ ସେମାନେ ଜବତ କରିଥିଲେ। ଗୋଦାମ ଘରେ ୟୁରିଆ, ଗ୍ରୋମୋର, ପଟାସ ଆଦି ପ୍ରାୟ ୫୦୦୦ ବସ୍ତା ସାର ତଥା କୀଟନାଶକକୁ ମଧ୍ୟ ଜବତ କରାଯାଇଥିଲା। ତେବେ ଜବତ ହୋଇଥିବା ସାର, କୀଟନାଶକ ଏକ୍ସପାଏରି ହୋଇଯାଇଥିବା ଜଣାପଡିଛି। ଏପରିକି ୨୦୧୯ରେ ତିଆରି ହୋଇଥିବା ସାର ଉକ୍ତ ଗୋଦାମରେ ମହଜୁଦ ରହିଥିବା ଚଢାଉ ବେଳେ ଜଣାପଡିଥିଲା। ପୋଲିସ ସାର ଗୋଦାମ ମାଲିକଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ବରପାଲି ନିକଟସ୍ଥ ଦୁଲଣ୍ଡି ଗ୍ରାମରେ ବେଆଇନ ସାର କାରଖାନା ଉପରେ ଚଢାଉ କରି ୩ଜଣଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇନାହିଁ।

# ଚାଷଜମି ଶୁଖିଲା, ଚିନ୍ତାରେ ଚାଷୀ



ବର୍ଷା ଅଭାବରୁ ଶୁଖିଲା ପଡିଛି ଚାଷଜମି।

**ବୌଦ୍ଧ,୧୧ା୭(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି। ଚାଷ କହିଲେ ମୁଖ୍ୟତଃ ଧାନ ଚାଷକୁ ବୁଝାଇଥାଏ। ଶ୍ରାବଣ ମାସର ଏକସପ୍ତାହ ବିତିଥିବାବେଳେ ବର୍ଷା ନ ଥିବାରୁ ଚାଷଜମି ଶୁଖିଲା ପଡିଛି। ଫଳରେ ଚାଷୀକୁଳ ଚିନ୍ତାରେ ରହିଛି।

ଜିଲାରେ କାଁ ଭାଁ ଚାଷୀ ତଳି ପକାଇଥିବାବେଳେ ବର୍ଷା ଅଭାବରୁ ତାହା ମରିବାକୁ ବସିଲାଣି। ଜିଲାରେ ୮୫୧୮୦ ହେକ୍ଟର ଚାଷ ଜମି ରହିଛି। ଜଳସେଚନ ଉତ୍ସ ଥିଲେ ମଧ ତାହା କାର୍ଯ୍ୟକାରୀ କରା ନ ଯିବାରୁ ଚାଷୀମାନେ ଚାଷ ପାଇଁ କେବଳ ବର୍ଷାକୁ ଅନାଇ ରହିଥାନ୍ତି। ଜିଲାରେ ଚିରସ୍ରୋତା ମହାନଦୀ, ତେଲନଦୀ, ବାଘ ନଦୀ ଓ ସାଲୁଙ୍କୀ ନଦୀ ପ୍ରବାହିତ ହୋଇଥିଲେ ସୁଦ୍ଧା ଜମିକୁ ଜଳସେଚନ ସୁବିଧା ପାଇପାରୁନାହିଁ। ଚାଷୀ ସଂଗଠନ ବିଭିନ୍ନ ସମୟରେ ଜଳସେଚନ ସୁବିଧା ପାଇଁ ପ୍ରକଳ୍ପ ନିର୍ମାଣ କରିବାକୁ ଦାବି କରିଆସୁଥିଲେ ମଧ ସୁଫଳ ମିଳୁନାହିଁ। ପୂର୍ବରୁ ରଥଯାତ୍ରା ଆଗରୁ ରୁଆ ଓ ବିହୁଡା କାର୍ଯ୍ୟ ସରୁଥିବାବେଳେ ନୂଆଖାଇରୁ ଦଶହରା ପର୍ଯ୍ୟନ୍ତ ଧାନଅମଳ ହେଉଥିଲା। ଏବେ ବିଳମ୍ବ ହୋଇଥିବାରୁ ଫସଲ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା କରିଛନ୍ତି ଛାଷୀ। ସାଲୁଙ୍କି ଓ ବାଘନଦୀ ଉପରେ ଚେକ୍‌ଡ୍ୟାମ ନିର୍ମାଣ କରାଯାଇ କିଛି ଜମିକୁ ଜଳସେଚନର ସୁବିଧା କରାଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ। ଆଗାମୀ ଏକସପ୍ତାହ ମଧରେ ବର୍ଷା ନ ହେଲେ ଚାଷଜମି ପଡିଆ ପଡିବା ଆଶଙ୍କା କରିଛନ୍ତି ଚାଷୀ। ଏହି ପରିପ୍ରେକ୍ଷୀରେ ଜିଲାରେ ପର୍ଯ୍ୟାପ୍ତ ଜଳସେଚନ ସୁବିଧା କରିବା ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

# କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ପାଇଁ ସ୍ମାରକପତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର କର୍ମକର୍ତ୍ତା।

**ସୋନପୁର,୧୧ା୭(ମୃତ୍ୟୁଞ୍ଜୟ ଶତପଥୀ)**

ଭାରତରେ ଜନସଂଖ୍ୟା ବୃଦ୍ଧିକୁ ନେଇ ସରକାର ଓ ଜନସାଧାରଣ ଚିନ୍ତିତ। ତେଣୁ ଦେଶରେ ଏକ କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ପାଇଁ ଦାବି ହେଉଛି। ମଙ୍ଗଳବାର ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ସୁବର୍ଣ୍ଣପୁର ଜିଲା ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ପକ୍ଷରୁ ଏକ ସ୍ମାରକପତ୍ର ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ସ୍ମାରକପତ୍ର ଗ୍ରହଣ କରିଥିଲେ। ଫାଉଣ୍ଡେଶନର ସଦସ୍ୟ ବୃନ୍ଦ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦୁଇଟି ସନ୍ତାନ ଆଇନ ପ୍ରଣୟନ ପାଇଁ ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ବଳଦେବ ପ୍ରସାଦ ବେଦ୍‌ବାକ, ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର, ରାଜ୍ୟ ସମ୍ପାଦିକା ସୁନନ୍ଦା ସାହୁ, ଜିଲା କୋଷାଧ୍ୟକ୍ଷ ଶ୍ରୀନିବାସ ଚାନ୍ଦ, ଜିଲା ଯୁବମୋର୍ଚ୍ଚା ସଭାପତି ବାପି ଦାଶ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପୂର୍ଣ୍ଣିମା ସା, ଉପଦେଷ୍ଟା ସୁରେଶ ପାତ୍ର, ଜିଲା ଉପସଭାନେତ୍ରୀ ଗୌରହରି ନାୟକ, ଟିକେଶ୍ୱର ମେହେର,କେଶବ ସାହୁ, ଛବି ମେହେର ଓ ଶିବ ଶଙ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ପିଲାଙ୍କ ପାଇଁ ଦିନଟିଏ ଆଲୋଚନାଚକ୍ର

**ବୌଦ୍ଧ,୧୧ା୭(ଅଜିତ କୁମାର ବାରିକ)**

ବୌଦ୍ଧ ବ୍ଲକର ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ପିଲାଙ୍କ ପାଇଁ ଦିନଟିଏ ଆଲୋଚନା ଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୌଦ୍ଧ ସିଡିପିଓ ମିନତି ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବୌଦ୍ଧ ବିଡିଓ ଅବିନାଶ ପାଣ୍ଡିଆ, ତହସିଲଦାର ପ୍ରତିବାଳା ରଣା, ଚାଇଲ୍ଡଲାଇନ କେନ୍ଦ୍ର ସଂଯୋଜିକା ଅଙ୍ଗୁରବାଳା ମେହେର ଯୋଗ ଦେଇଥିଲେ। ଅତିଥିମାନେ ଶିଶୁ ଅଧିକାର ଉପରେ ସଚେତନତା ଦରକାର ବୋଲି କହିବା ସହ ପିଲାଙ୍କ ସ୍ୱପ୍ନ, ଆବଶ୍ୟକତା, ସମସ୍ୟା ନେଇ ତାଙ୍କ ପାଖରେ ପହଞ୍ଚି ପାରିଲେ ଏକ ସୁନ୍ଦର ଶିଶୁ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିନା ସୂଚନା ଫଳକରେ ଲକ୍ଷାଧିକ ଟଙ୍କାର ମିଶନ ଶକ୍ତି ଗୃହ ନିର୍ମାଣ

**ବ୍ଲକ କାର୍ଯ୍ୟାଳୟ ପଛପଟ ଦୀପ ତଳ ଅନ୍ଧାର**



ବିନା ସୂଚନା ଫଳକରେ ମିଶନ ଶକ୍ତି ଗୃହ ନିର୍ମାଣ କାମ ଚାଲିଛି।

**ଡୁଙ୍ଗୁରିପାଲି,୧୧ା୭(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କାର୍ଯ୍ୟାଳୟ ପଛପଟ ତଥା ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଲକ୍ଷାଧିକ ଟଙ୍କାର ଗୃହ ନିର୍ମାଣ କାମ ବିନା ସୂଚନା ଫଳକରେ ଚାଲିଛି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳା ସଶକ୍ତିକରଣ ତଥା ଏସଏସଜି ମହିଳା, ମିଶନ ଶକ୍ତିଙ୍କ ପାଇଁ ଜିଲାର ପ୍ରତି ବ୍ଲକରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଛି। ପ୍ରତି ବ୍ଲକରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ କାମ ଚାଲିଛି। ତଦନୁଯାୟୀ ଡୁଙ୍ଗୁରିପାଲି ବ୍ଲକ କାର୍ଯ୍ୟାଳୟ ପଛପଟେ ଏହି ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ବର୍ତ୍ତମାନ ଛାତ ପର୍ଯ୍ୟନ୍ତ କାମ ସରିଲାଣି। ତେବେ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ କେତେ ଟଙ୍କାର ଓ କେବେ ସରିବ ତାହା ଜନସାଧାରଣ ଜାଣିପାରୁ ନାହାନ୍ତି। ଗୃହ ନିର୍ମାଣ ପୂର୍ବରୁ ପ୍ରଥମେ ଉକ୍ତ ସ୍ଥାନରେ ସୂଚନା ଫଳକ ଲଗାଯିବା ନିୟମ ରହିଛି। ଏଠାରେ ତାର ବ୍ୟତିକ୍ରମ କରାଯାଇଛି। ସୂଚନା ଫଳକ ନ ଥିବାରୁ ଗୃହ ନିର୍ମାଣ କେବେ ସମ୍ପୂର୍ଣ୍ଣ ହେବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ଜନସାଧାରଣଙ୍କୁ ଅନ୍ଧାରରେ ରଖିଛି। ଏ ସଂକ୍ରାନ୍ତରେ ସୁବର୍ଣ୍ଣପୁର ଜିଲା ପୂର୍ତ୍ତ ବିଭାଗ ଯନ୍ତ୍ରୀ ରାକେଶ ରଞ୍ଜନ ବେହେରାଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇ ନ ଥିଲା।

# ତଦନ୍ତ ପାଇଁ ଜିଲାପାଳଙ୍କୁ ଭାଜପାର ଦାବିପତ୍ର

**୫-ଟି ବିଦ୍ୟାଳୟ ରୂପାନ୍ତରଣ ନାମରେ ଅନିୟମିତତା ଅଭିଯୋଗ**

**ବୌଦ୍ଧ,୧୧ା୭(ଅଜିତ କୁମାର ବାରିକ)**

ଶିକ୍ଷାର ମାନ ବୃଦ୍ଧି ଲକ୍ଷ୍ୟରେ ସରକାର ବିଦ୍ୟାଳୟ ଗୁଡିକ ୫-ଟିରେ ରୂପାନ୍ତରିତ କରୁଛନ୍ତି। ବୌଦ୍ଧ ଜିଲାରେ ମଧ୍ୟ ସମସ୍ତ ଉଚ୍ଚ ବିଦ୍ୟାଳୟ ୫-ଟିରେ ରୂପାନ୍ତରଣ ହୋଇଛି। ହେଲେ ରୂପାନ୍ତରଣ ନାମରେ ବ୍ୟାପକ ଅର୍ଥ ହରିଲୁଟ ହୋଇଥିବା ନେଇ ଜିଲା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଉଚ୍ଚ ବିଦ୍ୟାଳୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଭିତ୍ତିଭୂମିର ବିକାଶ ପାଇଁ ଯୋଜନା କରାଯାଇଥିଲେ ମଧ ତାହା କେବଳ କାଗଜକଲମରେ ହୋଇଥିବା ଅଭିଯୋଗ କରିଛନ୍ତି। ନିମ୍ନମାନର କାମ ଯୋଗୁ କେଉଁଠି ରଙ୍ଗ ଛାଡିଗଲାଣି ତ ଆଉ କେଉଁଠି ପାଣି ଗଳୁଥିବା ଦର୍ଶାଇଛନ୍ତି। ଏ ନେଇ ମଙ୍ଗଳବାର ଜିଲା ଭାଜପା ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲା ଉପସଭାପତି ପ୍ରଦୋଷ ମିଶ୍ରଙ୍କ ନେତୃତ୍ୱରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ଦାବିପତ୍ର ଦେବା ସହ ୫-ଟି ନାମରେ ହୋଇଥିବା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଦାବିପତ୍ର ଦେବା ସମୟରେ ଭାଜପା ନେତା ସୁଶାନ୍ତ ପ୍ରଧାନ, ସୌମିତ୍ରି ନାୟକ, ସୂର୍ଯ୍ୟନାରାୟଣ ମହାପାତ୍ର, ଓମ୍ ପ୍ରକାଶ ମିଶ୍ର, ନାରାୟଣ କର୍ମୀ, ମନରଞ୍ଜନ ଦାସ, ନବୀନ ମହାପାତ୍ର, ଗୋପାଳ ପୁରୋହିତ, ନମିତାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଚକ୍ଷୁ ପରୀକ୍ଷା ଓ ସଚେତନତା ଶିବିର

**ବାଉଁଶୁଣୀ,୧୧ା୭ (ଦେବାଶିଷ ନେପାକ)**

ଓ୍ୱାସିଡିଏ ଅନୁଷ୍ଠାନ ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ତରଫରୁ ମନୁପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଚକ୍ଷୁ ପରୀକ୍ଷା ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୭ ମହିଳାଙ୍କ ସହ ବହୁ ଜନସାଧାରଣ ଯୋଗଦେଇ ନିଜର ଆଖି ପରୀକ୍ଷା କରିଥିଲେ। ପଣ୍ଡାପାଲି ଚିକିତ୍ସାଳୟର ଡା. ସୁଜିତ ଥାପା, ଚନ୍ଦ୍ରଶେଖର ନନ୍ଦ, ଶଙ୍କର ବନଛୋର, ସତ୍ୟନାରାୟଣ ପ୍ରଧାନ ଚକ୍ଷୁ ପରୀକ୍ଷା କରିଥିଲେ। ଓ୍ୱାସିଡିଏ ସଦସ୍ୟ ଜ୍ୟୋତିର୍ମୟୀ ପଣ୍ଡା, ଗିରିଶ ମେହେର, ରାକ୍ଷୀ ଭୁକ୍ତା, ଗୋପାଳ କ୍ରିଷ୍ଣା ଥାପା, କୃଷ୍ଣାପଣ ଦନାୟକ ସହଯୋଗ କରିଥିଲେ।

# ବ୍ୟକ୍ତିଗତ ପ୍ରୟାସ, ସଚେତନତା ଜନସଂଖ୍ୟା ବୃଦ୍ଧିକୁ ରୋକିପାରିବ

**ସୋନପୁର,୧୧ା୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ତାଲିମ କେନ୍ଦ୍ରଠାରେ ଜିଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଡା. ପଦ୍ମହଂସା ଦୋରା, ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଡା. ମାନସ ରଞ୍ଜନ ଦଣ୍ଡପାଟ, ଡା. ପ୍ରକାଶ ଡ଼ନସେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାର ୧୧ ଜଣ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ୬ ଟି ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ଜନସଂଖ୍ୟା ବୃଦ୍ଧି ନିରାକରଣରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ମାନପତ୍ର ଓ ଟ୍ରଫି ପ୍ରଦାନ ସହ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ସଚେତନତା ସଭାରେ ଅତିଥିବୃନ୍ଦ ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ସାମ୍ପ୍ରତିକ ସମୟରେ ଜନସଂଖ୍ୟା ବୃଦ୍ଧି ଏକ ବଡ଼ ସମସ୍ୟା। ବ୍ୟକ୍ତିଗତ ପ୍ରୟାସ ଓ ସଚେତନତା ଦ୍ୱାରା ଜନସଂଖ୍ୟା ବୃଦ୍ଧିକୁ ରୋକାଯାଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏନଏଚଏମ ଡିପିଏମ ବିଶ୍ୱମ୍ଭର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମନୋଜ କୁମାର ପ୍ରଧାନ, ସୁଧାଂଶୁ ନାଏକ, ପ୍ରଦୀପ ସାହୁ, ତରଣୀ ସେନ ପ୍ରଧାନ ଓ ପ୍ରମୋଦ ସାହୁ ସହଯୋଗ କରିଥିଲେ। ଷ୍ଟାଫ ନର୍ସ, ନର୍ସିଂ ଛାତ୍ରୀ, ଆଶା କର୍ମୀ, ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




ସଚେତନତା ସଭାରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଅତିଥି ବୃନ୍ଦ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବାସନ୍ଦ ପରିବାର

**■ଅନ୍ଧବିଶ୍ୱାସର ବିକଳ ଚିତ୍ର**

**■୩ ପରିବାର ଗ୍ରାମରୁ ବାସନ୍ଦ**



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମ ସଭାପତିଙ୍କ ପରିବାର।

**ବୌଦ୍ଧ,୧୧ା୭(ଅଜିତ କୁମାର ବାରିକ)**

ଅନ୍ଧବିଶ୍ୱାସର ଏକ ବିକଳ ଚିତ୍ର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଫକିରପୁର ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ୩ ପରିବାର ୧୪ ମାସ ହେଲା ବାସନ୍ଦ ଜୀବନ କାଟୁଛନ୍ତି। ଚଳିବା କଷ୍ଟକର ହୋଇପଡିବାରୁ ପରିବାର ସଦସ୍ୟ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ମିଳାମିଶା କରାଇଦେବାକୁ ଅନୁରୋଧ କରିଛନ୍ତି।

ସୂଚନା ମୁତବାକ ଫକୀରପୁର ଗ୍ରାମର ସୁକାନ୍ତ ଭୋକ୍ତାଙ୍କ ଘରୁ ଦୁଇଟି ସୁନା ହାର ଚୋରି ହୋଇଥିବା ସେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଗ୍ରାମ ସଭାପତି ଏକାଦଶୀ ମାଝି ଗ୍ରାମସଭା ଡକାଇ ଏହାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ହେଲେ ସମାଧାନ ନ ହେବାରୁ ଖଟ ବୁଲାଉଥିବା ଗୁଣିଆ ଡକାଇ ସୁନାହାର ଖୋଜିବାକୁ କେତେଜଣ ଗ୍ରାମବାସୀ ମତ ଦେଇଥିଲେ। ତଦନୁଯାୟୀ ଗୁଣିଆଙ୍କୁ ଡକାଯାଇଥିଲା। ଗୁଣିଆ ପୂଜାକରି ଖଟ ବୁଲାଇବା ସମୟରେ ଏହା ଗ୍ରାମର ଦୁଇଜଣ ବ୍ୟକ୍ତି ନାରାୟଣ ବାରିକ ଓ ବିଜୟ ପ୍ରଧାନଙ୍କ ଦେହରେ ବାଜିଥିଲା। ହେଲେ ସେମାନେ ଚୋରି କରି ନ ଥିବା କହିଥିଲେ। ଏହାକୁ ନେଇ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଦେଖି ଭୟରେ ଗୁଣିଆ ଜଣକ ଗାଁ ଛାଡି ପଳାଇ ଯାଇଥିଲେ। ତେଣେ ଖଟ ବାଜିଥିବାରୁ ଗ୍ରାମବାସୀ ନାରାୟଣ ଓ ବିଜୟଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ ନିଷ୍ପତ୍ତି ଶୁଣାଇଥିଲେ। ଏହାସହ ସେମାନଙ୍କୁ ସମର୍ଥନ କରୁଥିବା ଅଭିଯୋଗରେ ଗ୍ରାମ ସଭାପତିଙ୍କ ପରିବାରକୁ ମଧ୍ୟ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ କୁହାଯାଇଥିଲା। ଜରିମାନା ନ ଦେଲେ ଗ୍ରାମ ସଭାପତି ସମେତ ତିନି ପରିବାରକୁ ଗ୍ରାମରେ ନିଆଁପାଣି, ରାଶନ ବନ୍ଦ କରାଗଲା। ଗ୍ରାମର ଅନ୍ୟମାନେ ସେମାନଙ୍କ ସହ କଥାହେଲେ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିଷ୍ପତ୍ତି ଶୁଣାଇଦିଆଗଲା। ଗ୍ରାମବାସୀଙ୍କ ନିଷ୍ପତ୍ତି ବିରୋଧରେ ତିନି ପରିବାର ଗ୍ରାମରେ ମିଳାମିଶା ପାଇଁ ପୋଲିସର ସହାୟତା ନେଇଥିଲେ। ହେଲେ ପୋଲିସ କୌଣସି ନ୍ୟାୟ ଦେଇପାରିଲାନାହିଁ। ଫଳରେ ତିନି ପରିବାରର ପ୍ରାୟ ୩୦ ସଦସ୍ୟ ଗ୍ରାମରେ ବାସନ୍ଦ ହୋଇ ରହିଗଲେ। ଚଳିବା ଅସହ୍ୟ ହେବାରୁ ଶେଷରେ ଗ୍ରାମସଭାପତି ମାଝି ପରିବାର ସହିତ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଗ୍ରାମରେ ମିଳାମିଶା କରାଇଦେବାକୁ ଦରଖାସ୍ତ ଦେଇଛନ୍ତି। ପ୍ରଶାସନ ଏ ଦିଗରେ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା। ଏ ସମ୍ପର୍କରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ପଚାରିବାରୁ ବାସନ୍ଦ ପରିବାର ଯେପରି ଗାଁରେ ଶାନ୍ତିରେ ରହିପାରିବେ ସେ ନେଇ ଗ୍ରାମରେ ବୈଠକ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଲିଙ୍ଗରାଜ ମନ୍ଦିରକୁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ପାଲିଙ୍କି ପ୍ରଦାନ

ସମ୍ବଲପୁର (ଶୁଭାଶିଷ ପାଢୀ) : ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରକୁ ପଶ୍ଚିମ ଓଡିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ପାଲିଙ୍କି ପ୍ରଦାନ କରାଯାଇଛି। କମ୍ପାନୀର ସିଇଓ ଗଜାନନ କାଲେ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ପ୍ରତିଦିନ ମନ୍ଦିରକୁ ବୃଦ୍ଧ, ଦିବ୍ୟାଙ୍ଗମାନେ ଦର୍ଶନ କରିବାକୁ ଆସିବା ସମୟରେ ସମସ୍ୟା ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ପାଲଙ୍କି ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### କୋଇଲା ପରିବହନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦାବି

**ସମ୍ବଲପୁର,୧୧।୭(ବି.ଶଙ୍କର):** ସମ୍ବଲପୁରରେ କୋଇଲା ପରିବହନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବିଜୁ ଯୁବ ଜନତା ଦଳ ପକ୍ଷରୁ ମଙ୍ଗଳବାର ଦାବି କରାଯାଇଛି। ବିଜୁ ଯୁବଜନତା ଦଳ ଜିଲା କମିଟି ୫ଦଫା ଦାବି ନେଇ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ସମ୍ବଲପୁର ଓ ପଡୋଶୀ ଜିଲା ଝାରସୁଗୁଡା ଓ ସୁନ୍ଦରଗଡ଼ରେ ଥିବା କୋଇଲା ଖଣିରୁ ହଜାର ହଜାର ଟନ୍ କୋଇଲା ପରିବହନ ହେଉଛି। କେନ୍ଦ୍ର ସରକାର ସେସ ଆକାରରେ ବିପୁଳ ଟଙ୍କା ନେଉଥିଲେ ମଧ୍ୟ ଅଞ୍ଚଳକୁ ସ୍ୱତନ୍ତ୍ର କୋଲ କରିଡର ଘୋଷଣା ଦାବିକୁ ଅଣଦେଖା କରୁଛନ୍ତି। ଏହାସହ କୋଇଲା ପରିବହନ ପାଇଁ କେନ୍ଦ୍ର ସରକାର କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରୁନାହାନ୍ତି। ତେଣୁ କୋଇଲା ପରିବହନ ସମୟରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ହେଉଛି। ମୁଖ୍ୟମନ୍ତ୍ରୀ ଏ ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି କରିବାକୁ ଦାବି କରିଛି। ବିଜୁ ଯୁବ ଜନତା ଦଳ ସମ୍ବଲପୁର ଜିଲା ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ଭାରତ ବିକାଶ ପରିଷଦର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୧୧।୭ (ବି. ଶଙ୍କର):** ଭାରତ ବିକାଶ ପରିଷଦ ପଶ୍ଚିମ ପ୍ରାନ୍ତ ସମ୍ବଲପୁର ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମକରଧ୍ୱଜ ଯୋଶୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଶ୍ରୀକାନ୍ତ ସାହୁ ସଂଯୋଜନାରେ ଆଭାଷୀ ବୈଠକରେ ଅନୁଷ୍ଠିତ ହୋଇଥିଲା। କ୍ଷେତ୍ରିୟ ସମ୍ପର୍କ ସଚିବ ଶ୍ୟାମସୁନ୍ଦର ଶର୍ମା ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସୁଦର୍ଶନ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ବିବେକାନନ୍ଦଙ୍କ ଆଦର୍ଶରେ ଏକ ନୂତନ ରାଷ୍ଟ୍ର ଗଠନର ପରିକଳ୍ପନା ନେଇ ଭାରତ ବିକାଶ ପରିଷଦର ଜନ୍ମ ନେଇଛି। ଆଜି ଆମେ ଅନେକ ବାଟ ଆଗେଇଛେ। ତଥାପି ଏକ ସୁସ୍ଥ, ସମର୍ଥ, ସଂସ୍କାରିତ ଭାରତ ପାଇଁ ଆହୁରି ଆଗକୁ ଯିବାକୁ ହେବ। ଏଥିପାଇଁ ସମ୍ପର୍କ, ସହଯୋଗ, ସଂସ୍କାର, ସେବା, ସମର୍ପଣର ରାସ୍ତା ଆପଣେଇ ଦେଶର କାମରେ ନିମଜ୍ଜିତ ରହିବାକୁ କହିଥିଲେ। ସମ୍ପାଦକ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

### ପରିମଳକୁ ନେଇ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୧୧।୭(ଶୁଭାଶିଷ ପାଢୀ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୧୬ନଂ. ୱାର୍ଡ ଏନ. ଗୁହା କଲୋନୀଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘରକୁ ଘର ବୁଲି ବୁଲୁଥିବା ଗାଡ଼ିରେ ଓଦା ଓ ଶୁଖିଲା ଅଳିଆ ଅଲଗା କରି ଦେବାପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ଏଣେତେଣେ ଆବର୍ଜନା ନ ପକାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାନଗର ନିଗମ କର୍ମଚାରୀଙ୍କ ସହ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ବିବେକାନନ୍ଦ ପାଢ଼ୀ, ବିକାଶ ରଞ୍ଜନ ନାୟକ, ଶିବ ନାରାୟଣ ବେହେରା, ସନ୍ତୋଷ କୁମାର ସ୍ୱାଇଁ, ସୁଶାନ୍ତ ମହାକୁଡ଼, ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଡେଙ୍ଗୁ ପାଇଁ ସତର୍କତାମୂଳକ ପଦକ୍ଷେପ

**ସମ୍ବଲପୁର,୧୧।୭ (ଶୁଭାଶିଷ ପାଢୀ)**

ସାରା ରାଜ୍ୟରେ ଏବେ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ସମ୍ବଲପୁର ଜିଲାରେ କୌଣସି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇନାହାନ୍ତି। ହେଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ସଚେତନତା ମୂଳକ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଜନସାଧାରଣ ଯଦି ନିଜେ ସଚେତନ ନ ହେବେ ତେବେ ଡେଙ୍ଗୁ ବ୍ୟାପିବାକୁ ଏଡ଼ାଇ ଦିଆଯାଇ ନ ପାରେ। ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ ଓ ତାଙ୍କ ଟିମ୍ ମଙ୍ଗଳବାର ରେମେଡ଼ସ୍ଥିତ ବିଭିନ୍ନ ଗ୍ୟାରେଜରେ ଚଢାଉ କରିଛନ୍ତି। ପୁରୁଣା ଟାୟାର ଡେଙ୍ଗୁ ମଶା ବଂଶ ବଢାଇବାର ଉପଯୁକ୍ତ ସ୍ଥାନ। ସେଥିନିମନ୍ତେ ପୁରୁଣା ଟାୟାର ହଟାଇବାକୁ ସ୍ୱାସ୍ଥ୍ୟ ଅଧିକାରୀ ନନ୍ଦ ଗ୍ୟାରେଜ


ରେମେଡର ଏକ ଗ୍ୟାରେଜରେ ଚଢାଉ କରାଯାଉଛି।

ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୩ଦିନ ମଧ୍ୟରେ ଗ୍ୟାରେଜ ମାଲିକ ନିର୍ଦ୍ଦେଶ ନ ମାନିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସହରରେ ବିଭିନ୍ନ ସ୍ଥାନରେ ଆଗକୁ ଏମିତି ଚଢାଉ ଜାରି ରହିବ।

ନନ୍ଦ ଆହୁରି କହିଥିଲେ, ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ପରେ ମଶାବଂଶ ବୃଦ୍ଧି ପାଇବା ଯୋଗୁ ଡେଙ୍ଗୁ, ମ୍ୟାଲେରିଆ ରୋଗ ବ୍ୟାପିବା ଆଶଙ୍କା ରହିଛି। ତେଣୁ ପାଣି ଜମି ରହୁଥିବା ଜାଗାରୁ ପାଣି ନିଷ୍କାସନ ସହ ଘରେ ଥିବା ଫୁଲ କୁଣ୍ଡ,

### ରେମେଡ଼ର ବିଭିନ୍ନ ଗ୍ୟାରେଜ ଉପରେ ଚଢ଼ାଉ

ପାଣି ଟାଙ୍କି, କୁଲର, ଫ୍ରିଜର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚାମ୍ବର ଆଦିକୁ ସାପ୍ତାହିକ ପରିଷ୍କାର କରନ୍ତୁ। ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା, ଛିଣ୍ଡା ଟାୟାର, ନଡ଼ିଆ ଖଢେଇ ଆଦିକୁ ନଷ୍ଟ କିମ୍ବା ଦୂରେଇ ଦେବାକୁ କହିଥିଲେ। ସେହିପରି ଘର ପାଖ ପରିବେଶ ସଫା ରଖିବା ସହ ମଶାରୀ ନିୟମିତ ବ୍ୟବହାର, ପୁରା ଶରୀର ଘୋଡ଼େଇବା ଭଳି ପୋଷାକ, ଜ୍ୱର, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ରକ୍ତ ପରୀକ୍ଷା କରି ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ।

# ବୁର୍ଲା ଥାନା ଅଞ୍ଚଳରେ କୋଟପା ଚଢାଉ

**ସମ୍ବଲପୁର,୧୧।୭ (ଶୁଭାଶିଷ ପାଢୀ)**

ସମ୍ବଲପୁର ମହାନଗର ନିଗମ ବୁର୍ଲା ଥାନା ଅଞ୍ଚଳରେ କୋଟପା ପକ୍ଷରୁ ଚଢାଉ ହୋଇଥିଲା। ସ୍କୁଲର ୧୦୦ ମିଟର ଦୂରତା ତଥା ସର୍ବସାଧାରଣ ସ୍ଥାନ ଯଥା ବସ୍‌ଷ୍ଟାଣ୍ଡ, ଡାକ୍ତରଖାନା ଇତ୍ୟାଦି ପାଖରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ଦୋକାନ ଏହି ଚଢାଉ ହୋଇଥିଲା। କୋଟପା ନିୟମ ଉଲ୍ଲଂଘନ କରିଥିବା ୨୮ ଦୋକାନୀଙ୍କଠାରୁ ୫୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଏନ୍‌ଟିସିପି ପରାମର୍ଶଦାତା ସ୍ୱାଗତିକା ବେହେରାଙ୍କ ସମେତ ଖାଦ୍ୟ ସୁରକ୍ଷା ଅଧିକାରୀ ସନ୍ଦୀପ ସୌରଭ, ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟ ନାରାୟଣ ମଲ୍ଲିକ, ବୁର୍ଲା ଥାନା ଅଧିକାରୀ ଅନିଲ କୁମାର ପ୍ରଧାନ ଉପସ୍ଥିତ ଥିଲେ।


ବୁର୍ଲାର ଏକ ଦୋକାନ ଉପରେ ଚଢାଉ କରାଯାଉଛି।

# ଖାଉଟି ଅଦାଲତରେ ସ୍ୱର୍ଣ୍ଣ ସିଟି ହସ୍ପିଟାଲ ଦଣ୍ଡିତ

**ସମ୍ବଲପୁର,୧୧।୭ (ଶୁଭାଶିଷ ପାଢୀ)**

### ଆହତଙ୍କୁ ୮୦ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

ସମ୍ବଲପୁର ଖାଉଟି ଅଦାଲତରେ ସ୍ୱର୍ଣ୍ଣ ସିଟି ଘରୋଇ ହସ୍ପିଟାଲ ଦଣ୍ଡିତ ହୋଇଛି। ରୋଗୀ ଚିକିତ୍ସାରେ ଅବହେଳାକୁ ଦାୟୀ କରି ଅଦାଲତ ରାୟ ଶୁଣାଇଛନ୍ତି। ଚିକିତ୍ସାରେ ଖର୍ଚ୍ଚ ହୋଇଥିବା ମୋଟ ୮୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ମାସ ଭିତରେ ଟଙ୍କା ନ ଦେଲେ ୧୨ ପ୍ରତିଶତ ସୁଧ ସହ ଦେବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି। ଏଥିରେ ଚିକିତ୍ସା କରିଥିବା ଡାକ୍ତର ସଞ୍ଜୟ ଭୋଇ, ଡାକ୍ତର ସୁରଜ ଜୈନ ସ୍ୱର୍ଣ୍ଣ ସିଟି ହସ୍ପିଟାଲ, ସ୍ୱର୍ଣ୍ଣ ନର୍ସିଂହୋମକୁ ପକ୍ଷ କରାଯାଇଛି। ମିଳିଥିବା ରିପୋର୍ଟ ଅନୁସାରେ ୨୦୧୭ରେ ବୁର୍ଲା ଥାନା ଲକ୍ଷ୍ମୀଡୁଙ୍ଗୁରୀରେ ବାଇକ୍ ଦୁର୍ଘଟଣାରେ ମୁଦିପଡାର ସୁମିତ ଦାସ ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ବୁର୍ଲା ଭିମ୍‌ସାର ନିଆଯାଇଥିଲା। ପରେ ସ୍ୱର୍ଣ୍ଣ ସିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଗୋଡ ଅପରେଶନ କରାଯାଇଥିଲା। ହେଲେ ଅପରେଶନରେ ତ୍ରୁଟି ଥିବାରୁ ଗୋଡ ଭିତରେ ସଂକ୍ରମଣ ହୋଇଥିଲା। ସେଠାରୁ ସେ ହାଇଦ୍ରାବାଦ ଯାଇ ଚିକିତ୍ସା ହେବା ପରେ ସୁସ୍ଥ ହୋଇଛନ୍ତି। ହେଲେ ଗୋଟିଏ ଗୋଡ ଅକାମୀ ହୋଇପଡିଛି। ଏହାକୁ ନେଇ ସେ ୨୦୧୯ରେ ସମ୍ବଲପୁର ଖାଉଟି ଅଦାଲତରେ ଆବେଦନ କରିଥଲେ। ପୀଡିତଙ୍କ ପକ୍ଷରୁ ଆଇନଜୀବୀ ପ୍ରେମପ୍ରକାଶ ପାଣିଗ୍ରାହୀ ମାମଲା ପରିଚାଳନା କରୁଥିଲେ। ପ୍ରାୟ ୪ବର୍ଷ ପରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ୱର୍ଣ୍ଣ ସିଟି ହସ୍ପିଟାଲ ପ୍ରୋପାଇଟର ଅନନ୍ୟା ନାୟକ କହିଛନ୍ତି, ଏହି ମାମଲାରେ ମୋର ନାମ ଅଯଥାରେ ଯୋଡାଯାଇଛି। ହସ୍ପିଟାଲକୁ ମୁଁ ଲିଜ୍ ସୂତ୍ରରେ ଦେଇଦେଇଥିଲି। ପରିଚାଳନା, ଆଇନଗତ ଆଦି ଦୃଷ୍ଟିରୁ ମୋର କୌଣସି ସମ୍ପର୍କ ନାହିଁ। ତେଣୁ ଏହାକୁ ନେଇ ଉପର କୋର୍ଟରେ ଆବେଦନ ସହ ରିଭ୍ୟୁ ପିଟିସନ କରିବି ବୋଲି କହିଥିଲେ। ଅନ୍ୟପଟେ ଡାକ୍ତର ଭୋଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ।

# କଳା ପରିଷଦର ୨ ଛାତ୍ରୀଙ୍କୁ ମିଳିଲା ଜାତୀୟ ମେଧାବୃତ୍ତି

**ସମ୍ବଲପୁର, ୧୧।୭ (ଶୁଭାଶିଷ ପାଢୀ)**

କଳା ପରିଷଦର ୨ ଛାତ୍ରୀ ସୁରିତା ପାଣିଗ୍ରାହୀ ଓ ରୁପସି ଭେଗଡ଼ଙ୍କୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ (ନୂଆଦିଲ୍ଲୀ) ଦ୍ୱାରା ଆସନ୍ତା ଦୁଇବର୍ଷ ପାଇଁ ଜାତୀୟ ମେଧାବୃତ୍ତି ପ୍ରଦାନ କରାଯାଇଛି। ଆଗାମୀ ଦୁଇବର୍ଷ ପାଇଁ ଉକ୍ତ ଦୁଇ ଛାତ୍ରୀ ସମ୍ବଲପୁରୀ ନୃତ୍ୟର ସ୍ୱତନ୍ତ୍ର ପ୍ରଶିକ୍ଷଣ ନେବେ। ପ୍ରକାଶଥାଉ କି ଉକ୍ତ ଛାତ୍ରୀ ଦ୍ୱୟ ସମ୍ବଲପୁର କଳା ପରିଷଦର ଯୁଗ୍ମ ସମ୍ପାଦକ ଗୁରୁ ସୂର୍ଯ୍ୟ ପ୍ରକାଶ ଗୁରୁଙ୍କଠାରୁ ବିଗତ ୧୦ବର୍ଷ ହେଲା ନୃତ୍ୟ ଶିକ୍ଷା କରିଆସୁଛନ୍ତି। ସୁରିତା କମ୍ପ୍ୟୁଟର ପାଠ୍ୟକ୍ରମରେ ସ୍ନାତକ ଡିଗ୍ରୀ ହାସଲ ପରେ ବର୍ତ୍ତମାନ ଏମବିଏ ଅଧ୍ୟୟନ କରୁଛନ୍ତି। ସେହିପରି ରୁପସି ସ୍ନାତକ ଡିଗ୍ରୀ ହାସଲ କରିବା ପରେ ବର୍ତ୍ତମାନ ହାଇଦ୍ରାବାଦଠାରେ ଏକ ବେସରକାରୀ ସଂସ୍ଥାରେ ଚାକିରି କରୁଛନ୍ତି। ଉଭୟ ଛାତ୍ରୀ ବିଗତ ୧୦ବର୍ଷ ହେଲା ସମ୍ବଲପୁର କଳା ପରିଷଦ ଅଧୀନରେ ସମଗ୍ର ଭାରତର ବିଭିନ୍ନ ସ୍ଥାନରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଆସୁଛନ୍ତି।

# ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ବିକ୍ଷୋଭ

**ସମ୍ବଲପୁର,୧୧।୭(ବି.ଶଙ୍କର)**

ଦେଶରେ କଠୋର ଜନ୍ମ ନିୟନ୍ତ୍ରଣ ଆଇନ ପ୍ରଣୟନ କରିବାକୁ ମଙ୍ଗଳବାର ଦାବୀ ହୋଇଛି। ବିଶ୍ୱ ଜନସଂଖ୍ୟା ଦିବସରେ ସମ୍ବଲପୁର ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ ପ୍ରଦାନ କରାଯାଇଛି। ଦେଶର ଭବିଷ୍ୟତ ସୁରକ୍ଷା ପାଇଁ ସବୁ ନାଗରିକମାନଙ୍କ ପାଇଁ ସର୍ବାଧିକ ଦୁଇଟି ସନ୍ତାନ ବାଧ୍ୟତାମୂଳକ କରି ଏକ ସ୍ୱତନ୍ତ୍ର ଆଇନ ପାର୍ଲାମେଣ୍ଟ ଓ ସମସ୍ତ ରାଜ୍ୟର ବିଧାନସଭାରେ ପାରିତ କରିବା ଦାବିରେ ସମସ୍ତ ଜିଲା ମୁଖ୍ୟାଳୟଗୁଡିକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଜିଲା ସଭାପତି ସୁଜିତ କୁମାର ମିଶ୍ରଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମୀ ସାମିଲ ହୋଇଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଝାରସୁଗୁଡା ମ୍ୟୁନିସିପାଲିଟିକୁ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ଦେଲା ଆବର୍ଜନା ଗାଡି




**ସମ୍ବଲପୁର, ୧୧।୭ (ଶୁଭାଶିଷ ପାଢୀ)**

ସମ୍ବଲପୁର ଠେଲକୋଲିସ୍ଥିତି ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ କମ୍ପାନୀ ପକ୍ଷରୁ ଝାରସୁଗୁଡା ମ୍ୟୁନିସିପାଲିଟିକୁ ୫ ଗୋଟି ଆବର୍ଜନା ସଂଗ୍ରହ ଗାଡି ପ୍ରଦାନ କରାଯାଇଛି। ମଙ୍ଗଳବାର ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଗାଡି ନିୟମିତ ଭାବେ କାମ କରି ସ୍ୱଚ୍ଛ ଭାରତ ମିଶନରେ ଏକ ପାଦ ଆଗକୁ ନେବ। ଏହି ୫ ଗୋଟି ଗାଡି (ମିନି ଟ୍ରକ୍)ରେ ହାଇଡ୍ରୋଲିକ୍ସ ସିଷ୍ଟମ ରହିଛି। ଫଳରେ ଆବର୍ଜନା ଟ୍ରକ୍‌ରେ ପରିବହନ କରିବା ସହଜ ହେବ। ଯାନଗୁଡିକ ଝାରସୁଗୁଡା ପୌରପାଳିକା ଦ୍ୱାରା ପରିଚାଳିତ ହେବ। ଝାରସୁଗୁଡା ପୌର କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀ ମୁଖ୍ୟ ଜେ.ପି ସିଂ, ମାନବ ସମ୍ବଳ ମୁଖ୍ୟ ସର୍ବାଡା ନନ୍ଦ ସିଂ, ବିଧାୟିକା ଦୀପାଳି ଦାସ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ରାନୀ ହାତି, କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ତାଣ୍ଡିଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।

# କଳାବ୍ୟାଜ୍ ପିନ୍ଧିଲେ ଆଉଟସୋର୍ସିଂ କର୍ମଚାରୀ

**ସମ୍ବଲପୁର,୧୧।୭(ବି.ଶଙ୍କର)**

ସମ୍ବଲପୁର ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ମଙ୍ଗଳବାର ଦ୍ୱିତୀୟ ଦିନରେ କଳାବ୍ୟାଜ ପରିଧାନ କରି ଦପ୍ତରରେ କାର୍ଯ୍ୟ କରିଛନ୍ତି। ଏହା ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହାର ପ୍ରଭାବ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଚିପିଲିମାଠାରେ ଦେଖା ଦେଇଥିଲା। ଆସନ୍ତା ୧୯ ତାରିଖରେ ଉତ୍ତରାଞ୍ଚଳ ରାଜସ୍ୱ ନିରୀକ୍ଷକ ସମ୍ବଲପୁରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ସହ ଦପ୍ତର ଆଗରେ ଦିନିକିଆ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବା ପାଇଁ ଯୋଜନା କରାଯାଇଛି। ରାଜ୍ୟ ସରକାର ଯଦି କିଛି ପଦକ୍ଷେପ ନେବେ ନାହିଁ ତା'ହେଲେ ଆସନ୍ତା ଜୁଲାଇ ୩୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ଯୋଜନା ରହିଛି ବୋଲି ସମ୍ବଲପୁର ଜିଲା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଘରଭଡ଼ା ସମସ୍ୟା ନେଇ ଜିଲାପାଳଙ୍କୁ ଅଭିଯୋଗ

**ସମ୍ବଲପୁର,୧୧।୭(ବି.ଶଙ୍କର)**

ଜଣେ ବ୍ୟକ୍ତି ନିଜ ଘର ଭଡ଼ା ସମସ୍ୟା ନେଇ ମଙ୍ଗଳବାର ସମ୍ବଲପୁର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାକ୍ଷୀପଡାରେ ରହୁଥିବା ଜାରକା ମୁଣ୍ଡାଙ୍କ ଅଭିଯୋଗକ୍ରମେ ତାଙ୍କର ଏନଗୁହା ଲେନ୍‌ରେ ଥିବା ଘରକୁ ସେ ଭଡା ସୂତ୍ରରେ ଦେଇଛନ୍ତି। କିନ୍ତୁ ଭଡ଼ାରେ ରହୁଥିବା ବ୍ୟକ୍ତି ପ୍ରାୟ ୨ବର୍ଷ ହେବ ଭଡ଼ା ଟଙ୍କା ଦେଉନାହାନ୍ତି। ଏହାସହ ଘର ବି ଛାଡୁ ନାହାନ୍ତି। ଏ ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ସୁଫଳ ନ ମିଳିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି।

# ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

**ସମ୍ବଲପୁର,୧୧।୭(ଶୁଭାଶିଷ ପାଢୀ)**


ମମତା ଭୋଇ


ଶିଖାରାଣି ବାରିକ

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ରସାୟନ ବିଜ୍ଞାନର ଦୁଇ ସ୍ନାତକ ଛାତ୍ରୀ ଶିଖାରାଣୀ ବାରିକ ଓ ମମତା ଭୋଇ ଚଳିତ ବର୍ଷର ଆଇଆଇଟି ଜାମ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସର୍ବଭାରତୀୟ ସ୍ତରରେ ଯଥାକ୍ରମେ ୨୯୫ ଓ ୩୯୨ ର୍‍ୟାଙ୍କ ରଖି ଭାରତର ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାର ସୁଯୋଗ ଲାଭ କରିଛନ୍ତି। ଶିଖାରାଣୀ ଭାରତର ସର୍ବଶ୍ରେଷ୍ଠ ବିଜ୍ଞାନ ଅନୁଷ୍ଠାନ ଆଇଆଇଏସ୍‌ସି ବାଙ୍ଗାଲୋରରେ ନାମ ଲେଖାଇବା ପାଇଁ ସ୍ୱିକୃତୀ ପାଇଥିବା ବେଳେ ମମତା ନାଇଜର ଜାତୀୟ ବିଜ୍ଞାନ ଶିକ୍ଷା ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱରରେ ସମନ୍ୱିତ ସ୍ନାତକୋତ୍ତର ଗବେଷଣା ନିମନ୍ତେ ଯୋଗ୍ୟ ବିବେଚିତା ହୋଇ ନାମ ଲେଖାଇଛନ୍ତି। ଶିଖାରାଣୀ ଝାରସୁଗୁଡ଼ା ଜିଲା ଖଇରବେର୍ଣ୍ଣା ନିବାସୀ ଦିଲୀପ ବାରିକ ଓ କମଳିନୀ ବାରିକଙ୍କ ସୁପୁତ୍ରୀ ହୋଇଥିବା ବେଳେ ମମତା ସେହି ଜିଲା ସମାସିଂହା ଗ୍ରାମର ଦୟାନିଧି ଭୋଇ ଓ ଜନନୀ ଭୋଇଙ୍କ ସୁକନ୍ୟା ଅଟନ୍ତି।

# ନୋଡାଲ ହାଇସ୍କୁଲରେ ବିଶ୍ୱ ଜନସଂଖ୍ୟା ଦିବସ

**ଜମନକିରା,୧୧।୭(ରବୀନ୍ଦ୍ର ପ୍ରସାଦ ଦାନି)**

କୁଚିଣ୍ଡା ଉପଖଣ୍ଡ କୁଟୁରାଚୁଆଁ ନୋଡାଲ ହାଇସ୍କୁଲରେ ମଙ୍ଗଳବାର ଶିକ୍ଷକ ଶ୍ୟାମଳ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ବିଶ୍ୱ ଜନସଂଖ୍ୟା ଦିବସ ଓ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜନସଂଖ୍ୟା ହ୍ରାସ ସହ ବୃକ୍ଷ ରୋପଣ କରି ତା'ର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ କବି ରଜନୀ ପଟେଲ ଯୋଗ ଦେଇ ପ୍ରାକୃତିକ ଭାରସାମ୍ୟ ରକ୍ଷା ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ। ଖେଳ ଶିକ୍ଷକ ପ୍ରବୀଣ କୁମାର ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ କବି ପଙ୍କଜିନୀ ନାୟକ, ରିତେଶ ଷଡ଼ଙ୍ଗୀ, ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ରଜେଶ୍ୱରି କିଷାନ, ଯମୁନା ପୁରୋହିତ, ସୁପ୍ରିୟା ରାଣୀ ନାୟକ ମଞ୍ଚାସୀନ ରହି ବୃକ୍ଷ ରୋପଣର ଆବଶ୍ୟକତା ସମ୍ପର୍କରେ ସଚେତନ କରିଥିଲେ। ପରେ ସ୍କୁଲ ପରିସରରେ ପ୍ରାୟ ଦେଢ଼ଶହ ବିଭିନ୍ନ ପ୍ରଜାତିର ଚାରା ରୋପଣ କରି ତା'ର ଯତ୍ନ ନେବାକୁ ଛାତ୍ରୀଛାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା।


ଚାରା ରୋପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣକୁ ନେଇ ବିବାଦ

**କୁଚିଣ୍ଡା,୧୧।୭(ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ହାଇସ୍କୁଲରେ ନିର୍ମାଣ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହକୁ ନେଇ ବିବାଦ ଦେଖାଦେଇଛି। ଏ ନେଇ ବକ୍ସମା ସମିତି ସଭ୍ୟା ରଶ୍ମି କୁସୁମ ସମ୍ବଲପୁର ଜିଲାପାଳ, କୁଚିଣ୍ଡା ବିଡିଓ ଓ ବାମରା ଡିଏଫ୍‌ଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସମ୍ପ୍ରତି ବକ୍ସମା ହାଇସ୍କୁଲ ପରିସରରେ ସର୍ବଶିକ୍ଷା ଅଭିଯାନ ପାଣ୍ଠିରୁ ୧୨ ଲକ୍ଷ ଟଙ୍କା ବିନିମୟରେ ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଆରମ୍ଭ ହୋଇଛି। ତେବେ ଏଥିପାଇଁ ଚୟନ ହୋଇଥିବା ସ୍ଥାନ ଓ ଏଥିରେ ବ୍ୟବହାର ହେବାକୁ ଥିବା ସାମଗ୍ରୀକୁ ନେଇ ବିବାଦ ଦେଖାଦେଇଛି। ଦୁଇଗୋଟି ବଡ ଆମ୍ବଗଛ ତଳେ ଏହି ଶ୍ରେଣୀଗୃହ ନିର୍ମାଣ ଆରମ୍ଭ ହୋଇଥିବାରୁ ଭବିଷ୍ୟତରେ ଗଛ ଡାଳ ଭାଙ୍ଗି ଶ୍ରେଣୀ


କୋଠରି ନିର୍ମାଣ ପାଇଁ ନିଅଁ ଖୋଳାଯାଉଛି।

କୋଠରି ଉପରେ ପଡ଼ିବା ଆଶଙ୍କା ରହିଛି। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଥିବା ସମିତିସଭ୍ୟା କୁସୁମ ଅଭିଯୋଗ କରିଛନ୍ତି। ସେ ସୋମବାର ହାଇସ୍କୁଲ ପରିଦର୍ଶନରେ ଯାଇଥିବା ସମୟରେ ଏହା ଦେଖି କୋଠରି ନିର୍ମାଣସ୍ଥଳ ପରିବର୍ତ୍ତନ ପାଇଁ ପ୍ରଧାନ ଶିକ୍ଷକ ଓ ଠିକାଦାରଙ୍କ ସହ ଆଲୋଚନା କରିଥିଲେ। ହେଲେ ସେମାନେ ତାଙ୍କ କଥାକୁ କର୍ଣ୍ଣପାତ କରି ନ ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାଛଡା କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସୂଚନାଫଳକ ଲଗାଇବା ପାଇଁ ନିୟମ ରହିଥିବା ବେଳେ ଏଠାରେ ବିନା ସୂଚନା ଫଳକରେ ଚାଲିଥିବା ସେ ଅଭିଯୋଗ କରିଛନ୍ତି। କୋଠରି ନିର୍ମାଣରେ ବ୍ୟବହାର ପାଇଁ ସଂଗୃହୀତ ଇଟା ମଧ୍ୟ ଅତି ନିମ୍ନମାନର। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ନିଜ ଇଚ୍ଛାରେ ଏହି ନିର୍ମାଣ କାର୍ଯ୍ୟ ଚଳାଇଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷକ ବ୍ରଜ ମୋହନ ରଣାଙ୍କୁ ପଚାରିବାରେ ଅତିରିକ୍ତ ଶ୍ରେଣୀ କୋଠରି ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ନ ଥିବା ଏବଂ ସୁରକ୍ଷା ଦୃଷ୍ଟିରୁ ଗଛର ଶାଖା ଡାଳ କଟାଯାଇଥିବା କହିଛନ୍ତି। ସର୍ବଶିକ୍ଷା ଅଭିଯାନ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରୁଦ୍ର ପ୍ରତାପ ନାୟକ କହନ୍ତି, କେବଳ ନିଅଁ ଖୋଳା ହୋଇଛି। କାମ ଆରମ୍ଭ ହୋଇ ନ ଥିବା ବେଳେ ମଙ୍ଗଳବାର ସୂଚନାଫଳକ ମଧ୍ୟ ଲଗାସରିଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୧୧।୭(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଞ୍ଚଳରେ ୨୦୦୫ରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରର ରାୟ ବୁଧବାର



ପ୍ରକାଶ ପାଇଛି। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଧର୍ମଗଡ଼ ଅତିରିକ୍ତ ଜିଲା ଦୌରା ଜଜ୍ ବନ୍ଦନା କର ଅଭିଯୁକ୍ତ ବ୍ରହ୍ମାନନ୍ଦ ବାଗଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆହୁରି ବର୍ଷେ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୦୫ ସେପ୍ଟେମ୍ବର ୩୦ ତାରିଖରେ ନାବାଳିକା ଶୌଚ କରିବାକୁ ଯାଇ ଥିବାବେଳେ ବ୍ରହ୍ମାନନ୍ଦ ବାଗ, କୁଳମଣି ଠାକୁର ଓ ଅନୀଲ ସେନାପତି ତାଙ୍କୁ ଜୋର ଜବରଦସ୍ତି ଟେକି ନେଇ ଦୁଇ ଦିନ ଧରି ଅଟକ ରଖିଥିଲେ। ଦୁଇ ଜଣ ସହଯୋଗୀଙ୍କ ସହାୟତାରେ ବ୍ରହ୍ମାନନ୍ଦ ବାଗ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏପରିକି ଏକ ଲକ୍ଷ ଟଙ୍କା ଦେଲେ ନାବାଳିକା ଛାଡ଼ିବାକୁ ନାବାଳିକାଙ୍କ ବାପାଙ୍କୁ ଧମକ ମଧ ଦେଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଜୁନାଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅକ୍ଟୋବର ୨ ତାରିଖରେ ନାବାଳିକାକୁ ମୁକୁନ୍ଦପୁର ଜଙ୍ଗଲରୁ ଉଦ୍ଧାର କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବ୍ରହ୍ମାନନ୍ଦ ବାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ୨ଜଣ ସହଯୋଗୀ ଫେରାର ହୋଇଥିଲେ। ଏହି ମାମଲା ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରିଥିଲେ।

### ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ସ୍ନେହଲତା ଟପ୍ପର



**ଖଡ଼ିଆଳ,୧୧।୭(ସୁଜିତ୍ ପ୍ରଧାନ):** ନୂଆପଡ଼ା ଜିଲା ମୋଡେଲ ଡିଗ୍ରୀ କଲେଜରେ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଖଡ଼ିଆଳର ଯୁକ୍ତ ୩ ପ୍ରାଣୀ ବିଜ୍ଞାନ (ସମ୍ମାନ)ରେ ଛାତ୍ରୀ ସୁଶ୍ରୀ ସ୍ନେହଲତା କୁମାରୀ ୯.୩୨ ସି.ଜି.ପି.ଏ ମାର୍କ ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସ୍ନେହଲତା ଖଡ଼ିଆଳ ଗାନ୍ଧୀନଗର ନିବାସୀ ଗୋରେଲାଲ କୁମାରଙ୍କ ଝିଅ। ଗୋରେଲାଲ ଶିଳ୍ପ ତାଲିମ କେନ୍ଦ୍ରରେ ଚତୁର୍ଥ କର୍ମଚାରୀ ଅଟନ୍ତି। ତାଙ୍କ ଏହି ସଫଳତା ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ହାଡ଼ିପା ସମାଜର ଜିଲା ସଭାପତି ବିଜୟ କୁମାର ସହିସ ମଧ ଶୁଭେଚ୍ଛା ଜଣାଛନ୍ତି।

### ବର୍ଷାରେ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ସ୍ୱାମୀସ୍ତ୍ରୀ

**ପଲମ,୧୧।୭(ଭିକାରି ଗଉଡ):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭୀମକେଲା ପଞ୍ଚାୟତସ୍ଥିତ ଭିମକେଲା ଗ୍ରାମର ସୁବା ସୁନାଙ୍କ ଘର ୧୦ ତାରିଖ ରାତିରେ ବର୍ଷାରେ ଭୁଶୁଡ଼ି ଯାଇଛି। ହେଲେ ସ୍ୱାମୀସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବର୍ତ୍ତମାନ ପର ଘରେ ଆଶ୍ରୟ ନେଇଛନ୍ତି। ଘର ଭୁଷୁଡିବା ସମୟରେ ପଡୋଶୀ ଲୋକମାନେ ତାଙ୍କୁ ଘର ଭିତରୁ ଉଦ୍ଧାର କରିଥିଲେ। ଆଜିକୁ ଅନେକ ଦିନ ହେଲା ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ। ଆଜି ପର୍ଯ୍ୟନ୍ତ ଘର ସରକାରୀସ୍ତରରୁ ପାଇପାରି ନାହାନ୍ତି। ସେ ଗୋଟିଏ ବଖରା ଭଙ୍ଗା ଦଦରା ଘରେ ଜୀବନ ବିତାଉଥିଲେ। ସେ ଜଣେ ଭୂମିହିନ ବିପିଏଲ ପରିବାର ଅଟେ। ବର୍ତ୍ତମାନ ପରିସ୍ଥିତିରେ ତାଙ୍କର ଅର୍ଥାଭାବରୁ ଘର ନିର୍ମାଣ କରିବା ପାଇଁ ମଧ ସକ୍ଷମ ନହେଁ। ଏହି ପରିସ୍ଥିତିରେ ନର୍ଲା ବିଡିଓ ଉଚିତ ତଦନ୍ତ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୃକ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ୧,୮୪,୧୬୧ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ

**ଖରିଫ ଋତୁ ପାଇଁ ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ ବୈଠକ**

- ୧,୯୯,୫୬୦ ହେକ୍ଟର ଜମିରେ ଅଣଧାନ

ଭବାନୀପାଟଣା,୧୧।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଚଳିତ ଖରିଫ ଋତୁ ୨୦୨୩ ପାଇଁ କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧକ୍ଷତା କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଗତ ଖରିଫ ଋତୁ ୨୦୨୨-୨୩ରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଓ ଉପଲବ୍ଧି ଗୃହରେ ଉପସ୍ଥାପନ କରିଥିଲେ। ପରେ ଚଳିତ ଖରିଫ ଋତର ଧାର୍ଯ୍ୟ ଲକ୍ଷ୍ୟ ଉପସ୍ଥାପନ କରିଥିଲେ। ଚଳିତ ଖରିଫ ଋତୁରେ ଧାନ ୧,୮୪,୧୬୧ ହେକ୍ଟର ଓ ଅଣ ଧାନ ୧୯୯୫୬୦ ହେକ୍ଟର ଜମିରେ ଚାଷ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅଣଧାନରେ ମକା ୧୬,୭୫୧ହେକ୍ଟର, କ୍ଷୁଦ୍ର ଶସ୍ୟ ୮୬୫୧ହେକ୍ଟର, ଡାଲି ଜାତୀୟ ଶସ୍ୟ ୬୮,୦୫୫ ହେକ୍ଟର, ତୈଳବୀଜ ୧୨,୯୩୪ ହେକ୍ଟର, କପା ଜାତୀୟ ୭୨,୪୪୭ ହେକ୍ଟର, ପନିପରିବା ୧୭,୬୭୭ ହେକ୍ଟର, ମସଲା ଜାତୀୟ ୨୪୨୩ ହେକ୍ଟର, ଆଖୁ ୬୦୦ ହେକ୍ଟର ଏଭଳି ସମୁଦାୟ ୩,୮୩,୭୨୧ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ



ବୈଠକରେ ଉପସ୍ଥିତ ଉଚ୍ଚ ପଦାଧିକାରମାନେ ଆଲୋଚନା କରୁଛନ୍ତି।

ସୂଚନା ଦେଇଥିଲେ। ଧାନ ହେକ୍ଟର ପ୍ରତି ହାରାହାରି ଉତ୍ପାଦନ ୪୮ କୁଇଣ୍ଟାଲ ଓ ସମୁଦାୟ ମୋଟ ୮୮୩୯୭୨.୮୦ ମ୍ୟାଟ୍ରିକ ଟନ ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିମଧ୍ୟରୁ ବିଭିନ୍ନ ଜଳ ସେଚନ ବ୍ୟବସ୍ଥା ଦ୍ୱାରା ୨୫୪୮୦୪ ହେକ୍ଟର ଜଳସେଚିତ ଓ ୧୨୮୯୧୭ ହେକ୍ଟର ଅଣ ଜଳସେଚିତ ଜମିରେ ଚାଷ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ବୃହତ୍ ଜଳସେଚନ ଓ ଅନ୍ୟାନ୍ୟ ଜଳସେଚନ ବିଭାଗର ଯନ୍ତ୍ରୀ ବର୍ଷା ଠିକ ହେଲେ ଧାର୍ଯ୍ୟ ଜଳସେଚନର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ବୃହତ୍ ଜଳସେଚନ ପ୍ରକଳ୍ପ ଯନ୍ତ୍ରୀ ଗତ ୭।୭।୨୦୨୨ରୁ ଇନ୍ଦ୍ରାବତୀ ଜଳସେଚନ କେନାଲରେ ଜଳ ଛଡାଯାଉଛି। ଏହା ନଭେମ୍ବର ୬ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପ୍ରକାଶ କରିଥିଲେ। ଚଳିତ ଖରିଫ ଋତୁ ୨୦୨୨ ପାଇଁ ବିଭିନ୍ନ ରାସାୟନିକ ସାର ୭୭.୭ କିଲୋ ପ୍ରତି ହେକ୍ଟର ଥିବା ବେଳେ ଚଳିତ ଖରିଫ ଋତୁ ୨୦୨୩ ପାଇଁ ୮୧.୭୦ ପ୍ରତି ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଭଳି ଭୂମି ପୋଷଣ ଅଭିଯାନରେ ୨୦୨୩-୨୪ ବର୍ଷ ପାଇଁ ୨୫୦୦୦ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଫସଲର ବିବିଧକରଣ ଯୋଜନାରେ ଚଳିତବର୍ଷ ୨୭୦୦୦ ହେକ୍ଟର ଜମିରେ ଧାନ ଚାଷ ନ କରି କପା, ଡାଲି ଜାତୀୟ, କ୍ଷୁଦ୍ର ଶସ୍ୟ, ପରିବା କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମିଲେଟ କ୍ଷୁଦ୍ର ଶସ୍ୟର ଉତ୍ପାଦନ ପାଇଁ ୮ଟି ବ୍ଲକ ଭବାନୀପାଟଣା, ଥିଆମୂଳ ରାମପୁର, ନର୍ଲା, ଲାଞ୍ଜିଗଡ, କର୍ଲାମୁଣ୍ଡା, ଏମ୍. ରାମପୁର, କୋକସରା, ଗୋଲାମୁଣ୍ଡାରେ ୮୨୯୫ ହେକ୍ଟର ଜମିରେ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜଳନିଧି, ସୌରୋ ଜଳନିଧି, କୃଷି ଯାନ୍ତ୍ରିକ ଋଣ, ବଳରାମ ଯୋଜନା, ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି, ଉନ୍ନତ ବିହନ ଉତ୍ପାଦନ, ସାର ଓ ଔଷଧ ସିଞ୍ଚନରେ ଡ୍ରୋନର ବ୍ୟବହାର, ନକଲି ବିହନ, ସାର ଓ କୀଟନାଶକ ଚଢାଉ ଉପରେ ସିଡିଏଓ କହିଥିଲେ। ଖରିଫ ଋତୁ ୨୦୨୩-୨୪ ପାଇଁ ଚାଷୀମାନଙ୍କୁ ୧୭୭୧୧୭.୭ ଲକ୍ଷ ଟଙ୍କାର ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅଧିକରୁ ଅଧିକ ଚାଷୀ ଯେଭଳି ଅନ୍ତର୍ଭୁକ୍ତ ହେବେ ସେଥି ପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖରିଫ ଋତୁ ପାଇଁ ଧାନ ବିହନ ୨୦୯୦୦ କୁଇଣ୍ଟାଲ, ମୁଗ ବିହନ ୯୫୦ କିଣ୍ଟାଲ, ହରଡ ବିହନ ୯୦୧ କୁଇଣ୍ଟାଲ, ବିରି ବିହନ୧୦୨୧ କୁଇଣ୍ଟାଲ, ଚିନାବାଦାମ ବିହନ ୧୦୫୦ କୁଇଣ୍ଟାଲ ଚାଷୀମାନଙ୍କୁ ବଣ୍ଟନ କରାଯିବା ବ୍ୟବସ୍ଥା କରାଯାଉଛି। ଉତ୍ତମ ଧାନ ଓ ଅଣଧାନ ବିହନ ତନଖି କରି ଉଚିତ୍ ମୂଲ୍ୟରେ ଚାଷୀମାନଙ୍କୁ ସମୟ ପୂର୍ବରୁ ବିହନ ଯୋଗାଣ ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏସ୍ଇ ଜଳସେଚନ ଇନ୍ଦ୍ରାବତୀ ଅନିଲ ପାଣିଗ୍ରାହୀ, ଡିଆର୍ସିଏସ ପ୍ରମୋଦ ସାହୁ, ଡିଡିଏଚ କିଶୋର ମହାଲିଙ୍ଗ, ବେଣୁ ଚରଣ ବେହେରା, ଗଣେଶ ପାଢ଼ୀ, ସତ୍ୟନାରାୟଣ ପଟ୍ଟନାୟକ, ଏସଇ ଅପର ଇନ୍ଦ୍ରାବତୀ ତପନ କୁମାର ପାତ୍ର, ଡିଆଇପିଆର୍‌ଓ ମନୋଜ ବେହେରାଙ୍କ ସମେତ ଜଳସମ୍ପଦ ବିଭାଗ, କୃଷି, ମୃତ୍ତିକା ସଂରକ୍ଷଣ, ବ୍ୟାଙ୍କ, ଉଦ୍ୟାନ, ସମବାୟ ବିଭାଗ କର୍ମଚାରୀ, ସମସ୍ତ ବ୍ଲକ କୃଷି ଅଧିକାରୀ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କ ହତ୍ୟା ଘଟଣା, ଅଭିଯୁକ୍ତ କୋର୍ଟ ଚାଲାଣ

ଖଡ଼ିଆଳ,୧୧।୭(ସୁଜିତ୍ ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ କିରିକିଟା ପଞ୍ଚାୟତର ଜୁନାପାଣି ଗ୍ରାମର ବୃଦ୍ଧ ଲକ୍ଷ୍ମୀଧର ମାଝିଙ୍କୁ ଗୁଣି ଗାରେଡି ସନ୍ଦେହରେ ହତ୍ୟା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗନ ମାଝି (୩୯)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲକ୍ଷ୍ମୀଧରଙ୍କ ପୁତୁରା ଗନ ମାଝି (୩୯)ଙ୍କ ବାପା ନୀଳକଣ୍ଠ ମାଝି କୌଣସି ରୋଗରେ ପୀଡିତ ହୋଇଥିଲେ। ଗନ ତାଙ୍କ ବଡବାପା ଲକ୍ଷ୍ମୀଧରଙ୍କୁ ଗୁଣି ଗାରେଡି କରିଥିବା ଯୋଗୁ ତାଙ୍କର ବାପା ରୋଗରେ ପୀଡିତ ହେଉଥିବା ସନ୍ଦେହ କରିଥିଲେ। ଗନ ସୋମବାର ପୂର୍ବାହ୍ନ ୧୦ଟାରେ ବଡବାପା ଲକ୍ଷ୍ମୀଧରଙ୍କ ପାଖକୁ ଯାଇ ଯୁକ୍ତିତର୍କ କରିଥିଲେ। ପରେ ଲକ୍ଷ୍ମୀଧର ଘରୁ ବାହାରକୁ ଚାଲି ଆସୁଥିବା ବେଳେ ପଛପଟୁ ଅତର୍କିତ ଭାବେ ଗନ ବଡବାପା ଲକ୍ଷ୍ମୀଧରଙ୍କୁ ଠେଙ୍ଗାରେ ପିଟି ମାରିଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା ପ୍ରକାଶ କରିଛନ୍ତି।

# ହିତାଧିକାରୀ ଜିଲାପାଳଙ୍କ ଦ୍ୱାରସ୍ଥ


ଜିଲାପାଳଙ୍କଠାରେ ଅଭିଯୋଗ ପାଇଁ ଆସିଥିବା ହିତାଧିକାରୀମାନେ।

**ଆବାସ ଯୋଜନାରେ ହିତାଧିକାରୀଙ୍କୁ ଲାଞ୍ଚ ମାଗିବା ଅଭିଯୋଗ**

ନୂଆପଡ଼ା,୧୧।୭(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଭାଲେଶ୍ୱର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କୁ ଲାଞ୍ଚ ମାଗୁଥିବାରୁ ଆମୋଦି ଗ୍ରାମର ହିତାଧିକାରୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାମମନ୍ତ୍ରୀ ଆବସ ଯୋଜନା ଗୃହ ଅନଲାଇନ ମାଧ୍ୟମରେ କାର୍ଯ୍ୟାଦେଶ ଆସି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୪୦ ହଜାର ଟଙ୍କା ମଧ୍ୟ ପଡି ଯାଇଛି। ହିତାଧିକାରୀମାନେ ଘର କାର୍ଯ୍ୟ ଆରମ୍ଭ କରି ଦେଲେଣି। ହେଲେ ପଞ୍ଚାୟତରେ ଥିବା କର୍ମଚାରୀମାନେ ହିତାଧିକାରୀ ପାଖକୁ ଯାଇ ୧୦ ହଜାର ଟଙ୍କା ଦିଅ ନ ହେଲେ ତମର ଘର କଟିଯିବ ବୋଲି କହି ଠକୁଥିବା ଅଭିଯୋଗ ହେଉଛି। ପ୍ରାପ୍ତ ସୂଚନା ମୁତାବକ ଭାଲେଶ୍ୱର ପଞ୍ଚାୟତରେ ୨୦୨୩-୨୪ ଆର୍ଥିକ ବର୍ଷରେ ୩୫୧ଟି ପ୍ରଧାନମନ୍ତ୍ରୀ ଆବାସ ଗୃହ ଆସିଥିଲା। ସେଥି ମଧ୍ୟରୁ ୧୧ ଜଣଙ୍କ ଘର କୌଣସି କାରଣ ବସତଃ କଟିଯାଇଥିବା ବେଳେ ୩୪୦ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଛନ୍ତି। ଏ ସଂକ୍ରାନ୍ତରେ ଭାଲେଶ୍ୱର ସରପଞ୍ଚ ସରୋଜ ଦେବୀ ଅଗ୍ରୱାଲଙ୍କୁ ପଚାରିବାରୁ ପଞ୍ଚାୟତର କିଛି ଖଳପ୍ରକୃତିର ଲୋକ ବଦନାମ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ଯେଉଁମାନଙ୍କ ଘର କଟି ଯାଇଛି, ସେମାନେ ଗାଁର କିଛି ଲୋକଙ୍କୁ ଧରି ଜିଲାପାଳ ପାଖକୁ ଅଭିଯୋଗ କରିବା ପାଇଁ ଯାଇଥିଲେ। ଯେଉଁ ଲୋକ ନାମରେ ଅଭିଯୋଗ ଆଣିଛନ୍ତି ସେ ଜଣେ ଦିବ୍ୟାଙ୍ଗ ରୋଜଗାରକ୍ଷମ ବ୍ୟକ୍ତି ନୁହନ୍ତି। ସେ ଘରେ ବସିବା ଅପେକ୍ଷା କିଛି କାମ କରି ଦୁଇ ପଇସା ରୋଜଗାର କରି ପରିବାର ଚଳାଇବା ପାଇଁ ପଞ୍ଚାୟତରେ ସେଲସମ୍ୟାନ ଭାବେ ରଖିଛି ଓ ପ୍ରତି ମାସରେ ହିତାଧିକାରୀମାନଙ୍କୁ ଚାଉଳ ଦିଏ। ସେ ଚାଲିବୁଲି ପାରେ ନାହିଁ। ସେ କୌଣସି ସ୍ଥାନକୁ ଯିବାକୁ ହେଲେ ଅନ୍ୟର ସାହାରା ନେବାକୁ ପଡେ। ସେ କେମିତି ଘର ଯାଇ ଟଙ୍କା ମାଗିଲା ବୋଲି କହିଥିଲେ। ଏହାର ଉଚିତ ତଦନ୍ତ କରି ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଗୋବର୍ଦ୍ଧନ ବରିହା, ଭକ୍ତ ବରିହା, ଧନିରାମ ବରିହା, ରାଜାରାମ ବରିହା, ଭାରତ ମାଝି, ଅନନ୍ତରାମ ରାଉତ, ଗଙ୍ଗାରାମ ବରିହା, ଦେଓସରନ ପଟେଲ, ରାଧେଶ୍ୟାମ ପଟେଲ, ଟିଁନି ବରିହା, ଘାସିରାମ ବରିହା, ପଦ୍ମନ ବରିହା ପ୍ରମୁଖ ଦାବି କରିଛନ୍ତି।

## ଏନ୍‌ଡିୟୁଜେର ନୂତନ ସଭାପତି ସୁଶାନ୍ତ, ସମ୍ପାଦକ ଯୁଗଳ ମନୋନୀତ

ନୂଆପଡ଼ା,୧୧।୭(ମକାରୁ ବେମାଲ)

ନୂଆପଡା ଜିଲା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଲି ଡାକବାଙ୍ଗଲାଠାରେ ଓୟୁଜେ ଶାଖା ନୂଆପଡା ଡିଷ୍ଟ୍ରିକ ୟୁନିୟନ ଅଫ ଜର୍ନାଲିଷ୍ଟର ବାର୍ଷିକ ସାଧାରଣ ସଭା ଓ ନୂତନ କାର୍ଯ୍ୟକାରିଣୀ କମିଟି ଚୟନ ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଓୟୁଜେର ନୂଆପଡା ଶାଖା ପର୍ଯ୍ୟବେକ୍ଷକ ସୁରେଶ କୁମାର ଦାସ ଓ ସଦାଶିବ ସରାଫ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଭାପତି ଭାବେ ସୁଶାନ୍ତ କର ଏବଂ ସମ୍ପାଦକ ଭାବେ ଯୁଗଳ କିଶୋର ମହାନନ୍ଦଙ୍କୁ ମନୋନୀତ କରାଯାଇଛି। ଉପସଭାପତି ଭାବେ ନୂଆପଡା ବ୍ଲକରୁ ରାଜକିରଣ ସିଂଦେଓ, କୋମନାରୁ ରଞ୍ଜିତ ପଣ୍ଡା, ଖଡ଼ିଆଳରୁ ଓମପ୍ରକାଶ ଅଗ୍ରୱାଲ, ବୋଡ଼େନରୁ ନୀଳମଣି ପଣ୍ଡା ଓ ସିନାପାଲିରୁ ଗୟାରାମ ମେହେରଙ୍କୁ ମନୋନୀତ କରାଯାଇଛି। ସହସମ୍ପାଦକ ଭାବେ ଶୁଭ୍ରାଂଶୁ ନାଏକଙ୍କୁ ମନୋନୀତ କରାଯାଇଛି। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମକାରୁ ବେମାଲ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପୁରୋହିତ ସୁନାନିଙ୍କୁ ମନୋନୀତ କରାଯାଇଛି। ସଭା ପରିଚାଳନା ବିଶିକେଶନ ପଣ୍ଡା କରିଥିବା ବେଳେ ବିକାଶ ଖର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ରାମନାଥ ପଣ୍ଡା, ଧନମତ ନିଆଲ, ଚନ୍ଦ୍ରଶେଖର ବେହେରା, ହରେରାମ କରୁଆ, ହେରମ୍ବ ବାଗ ପ୍ରମୁଖ ସହଯୋଗ କରିଥିଲେ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଙ୍କ ଧାରଣା

କେସିଙ୍ଗା,୧୧।୭(ତୁମେଶ୍ୱର ସାହୁ)

**ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି**

କଳାହାଣ୍ଡି ଜିଲା କେସିଙ୍ଗା ବୋରିଙ୍ଗପଦରସ୍ଥିତ କସ୍ତୁରୀବା ଗାନ୍ଧୀ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ମାଝିଙ୍କୁ ବଦଳି ନ କରିବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ସାଢେ ୧୨ଟା ଯାଏ ଛାତ୍ରୀମାନେ ଗଣଧାରଣା ଦେଇଥିଲେ। ଏ ନେଇ ଜିଲା ପ୍ରକଳ୍ପ ସଂଯୋଜକ କଳାହାଣ୍ଡିଙ୍କ ଉଦ୍ଦେଶ୍ୟରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଛାତ୍ରୀ ଓ ଅଭିଭାବକମାନେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ନଳିନୀପ୍ରଭା ଦେଇଙ୍କୁ ଦାବିପତ୍ର ଦେଇ ଗଣଧାରଣାରେ ଛାତ୍ରୀମାନେ ବସିଥିଲେ। ଯଦି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି କଲେ ଟିସି ନେଇ ସମସ୍ତେ ଚାଲିଯିବୁ ବୋଲି ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ପୂର୍ବତନ ଶିକ୍ଷୟିତ୍ରୀ ଏହି ସ୍କୁଲରୁ ୨୦୧୮ରେ ବଦଳି ହୋଇ ଲଇତରା ଅପର ପ୍ରାଇମେରୀ ସ୍କୁଲକୁ ବଦଳି ହୋଇଛନ୍ତି। ଗତ ୭ ତାରିଖରେ କାଉନସିଲିଙ୍ଗରେ ୩ ବୋର୍ଡ ଲେଭୁଲ ପ୍ରମୋଶନ ହୋଇଛି ଏବଂ ସରକାରୀ ୟୁପି ସ୍କୁଲ ବୋରିଙ୍ଗପଦରକୁ ବଦଳି ହୋଇଥିବା ଜଣାପଡିଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ କେସିଙ୍ଗା ଆଇଆଇସି ସତ୍ୟ କୁମାର ନନ୍ଦ ପହଞ୍ଚି ଜିଲା ଶିକ୍ଷା ଅଧିକାରୀଙ୍କ ସୁଶାନ୍ତ କୁମାର ଚୌକିଦାରଙ୍କ ସହ ଆଲୋଚନା କରିଥିଲେ। ବହୁ ବୁଝାଶୁଝା ପରେ ଛାତ୍ରୀମାନେ ନିଜ କ୍ଲାସ ରୁମକୁ ଯାଇଥିଲେ।


ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଙ୍କ ଧାରଣା।

# ସିରିଡ଼ି ସାଇ ମନ୍ଦିରକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ

ଖଡ଼ିଆଳ,୧୧।୭(ସୁଜିତ୍ ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ ସିରିଡି ସାଇ ମନ୍ଦିରକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିଛନ୍ତି। ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ମନ୍ଦିର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ଆହ୍ୱାନ କରିଥିଲେ। ଯୋଜନା ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଅଗ୍ରେସେନ ଧର୍ମଶାଳାରେ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ମନ୍ଦିର ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟାଦେଶ ଗ୍ରହଣ କରିଥିବା ବେଳେ ସମ୍ପାଦକ ବିନୋଦ ବିହାରୀ ପାଢୀ ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିବା ବେଳେ ମୁଖ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜମାଇଛନ୍ତି। କାର୍ଯ୍ୟାଦେଶ ଗ୍ରହଣ ବେଳେ ବିଜୟ ବାବୁ, ବିକାଶ ଶୁକ୍ଳା, ଖୁସିରାମ ଭୋଇ, ଅମ୍ବି ମିଶ୍ର ଉପସ୍ଥିତ ରହିଥିଲେ। ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ମନ୍ଦିର, ମଠ, ଗୁଡ଼ି ଏବଂ ଆସ୍ଥାର ପ୍ରତୀକ ସ୍ଥାନର ଉନ୍ନତୀକରଣ ନେଇ ଏହି ପଦକ୍ଷେପ ସରକାରଙ୍କ ଉଲ୍ଲେଖନୀୟ ଅବଦାନ ଅଟେ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି।


ମନ୍ତ୍ରୀ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

# ବସୁଧା ପ୍ରକଳ୍ପ କାର୍ଯ୍ୟକ୍ଷମରେ ବିଳମ୍ବ

ଲାଞ୍ଜିଗଡ଼,୧୧।୭(ରମେଶ ଚନ୍ଦ୍ର ନାୟକ)

**ପାଣି ପାଇଁ ହନ୍ତସନ୍ତ ତ୍ରିଲୋଚନପୁରବାସୀ**

- ପାଇପ ସବୁ ବିଭିନ୍ନ ସ୍ଥାନରେ ଫାଟିଲାଣି
- ୩ ଗଭୀର ନଳକୂପ ପୋତି ହୋଇଛି

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ତ୍ରିଲୋଚନପୁରରେ ନିର୍ମାଣାଧୀନ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମରେ ବିଳମ୍ବ ହେଉଛି। ଓଭରହେଡ଼ ଟାଙ୍କି ନିର୍ମାଣ କରାଯାଇ ବିଦ୍ୟୁତ୍ ସଂଯୋଗ ପାଇଁ ଟ୍ରାନ୍ସଫର୍ମର ବସିଛି। ହେଲେ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଫଳରେ ଆଜକୁ ୨ ବର୍ଷ ହେଲା ନିର୍ମାଣ ହୋଇଥିବା 'ବସୁଧା' ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲେ ମଧ ତ୍ରିଲୋଚନପୁରର ବିଭିନ୍ନ ପଡାର ପ୍ରାୟ ୨ଶହ ପରିବାରଙ୍କୁ ଜଳ ଯୋଗାଣ ହୋଇପାରୁନାହିଁ। ଏହି ପ୍ରକଳ୍ପ ୨୦୨୧ରେ ନିର୍ମାଣ ପାଇଁ ଅନୁମତି ମିଳିଥିବା ବେଳେ ୩ଟି ଗଭୀର ନଳକୂପ ଖୋଳା ଯାଇଥିଲା। କିନ୍ତୁ ୨୦୨୨ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୪୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅଟକଳ ମୂଲ୍ୟରେ ୩୦ ହଜାର ଲିଟର 'ବସୁଧା' ପ୍ରକଳ୍ପର ଓଭରହେଡ଼ ପାଣି ଟାଙ୍କି ତିଆରି ହୋଇଛି। ଗଭୀର କୂଅ ଖୋଳାଯାଇ ଜଳ ଯୋଗାଣ ପାଇଁ କାମ ଏକ ପ୍ରକାର ଶେଷ ହୋଇଛି। ବହୁଦିନ ହେଲା ତ୍ରିଲୋଚନପୁର, ବଜାରପଡା, ନୂଆପଡା, ବନ୍ଧପଡା, ଲୁହୁରାପଡା ଓ ବେଲଗୁଡା, ମାଝିପଡା ଓ ହରିଜନ ପଡାରେ ପାଇପ ବିଛାଯିବା ସହ ପାଣି ପଏଣ୍ଟ ନିର୍ମାଣ ମଧ ହୋଇସାରିଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଓ ଦାୟିତ୍ୱରେ ଥିବା ଯନ୍ତ୍ରୀ ପ୍ରକଳ୍ପ ନିର୍ମାଣ ସମୟରେ ଅନୁପସ୍ଥିତ ଯୋଗୁ ନିମ୍ନମାନର କାମ ଯୋଗୁ ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ୩ଟି ଗଭୀର ନଳକୂପ ପୋତି ହୋଇ ଯାଇଥିବା ଗାଁ ଲୋକେ କହିଛନ୍ତି। ବିଛା ଯାଇଥିବା ପାଇପ ସବୁ ବିଭିନ୍ନ ସ୍ଥାନରେ ଫାଟିଲାଣି। କାର୍ଯ୍ୟ ଶେଷ ହୋଇଥିଲେ ମଧ ନିମ୍ନମାନର କାମ ଯୋଗୁ ବନ୍ଦ ରହିଛି ବୋଲି ତ୍ରିଲୋଚନପୁରବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରକଳ୍ପ କାର୍ଯକ୍ଷମ ନ ହେଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ତ୍ରିଲୋଚନପୁର ନାଏବ ସରପଞ୍ଚ ତରଣୀସେନ ବାଗ, ସନ୍ତୋଷ କୁମାର ସାହୁ, ଶିବ ଗଉଡ଼,ମହେନ୍ଦ୍ର ନାଏକ, ଅନିଲ ନାଏକ, ମୋହନ ସାହୁ, ବାବୁଲା ବାଗ, ସମ୍ଭୁଶଙ୍କର ପଟନାୟକ, ଜଗନ୍ନାଥ ପଟନାୟକ, ଭକ୍ତ ହରିଜନ, ସନାତନ ବାଗ,ଧନୁର୍ଯ୍ୟ ନାଏକ, ହରି ବାଗ ଚେତାବନୀ ଦେଇଛନ୍ତି। ଏ ନେଇ ବ୍ଲକ ଜଳ ଯୋଗାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ ଦଶମନ୍ତ ମାଝିଙ୍କୁ ପଚାରିବାରୁ 'ବସୁଧା' ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କାର୍ଯ୍ୟ ବିଳମ୍ବ ଯୋଗୁ ଗଭୀର ନଳକୂପ ପୋତି ହୋଇଯାଇଛି। ୨ଟି ଗଭୀର ନଳକୂପ ଖୋଳି ଶୀଘ୍ର ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିବୁ ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ତୁରନ୍ତ ଏହା କାର୍ଯ୍ୟକ୍ଷମ ନିମନ୍ତେ ଦାୟିତ୍ୱରେ ଥିବା ଜିଲାସ୍ତରୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


'ବସୁଧା' ଯୋଜନରେ ନିର୍ମିତ ଓଭରହେଡ଼ ଟାଙ୍କି।

# ୧,୮୪,୧୬୧ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ

ଭବାନୀପାଟଣା,୧୧।୭ (ଉତ୍ତମ କୁମାର ଦାଶ)



ବୈଠକରେ ଉପସ୍ଥିତ ଉଚ୍ଚ ପଦାଧିକାରମାନେ ଆଲୋଚନା କରୁଛନ୍ତି।

**ଖରିଫ ଋତୁ ପାଇଁ ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ ବୈଠକ**

■ ୧,୯୯,୫୬୦ ହେକ୍ଟର ଜମିରେ ଅଣଧାନ

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଚଳିତ ଖରିଫ ଋତୁ ୨୦୨୩ ପାଇଁ କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଗତ ଖରିଫ ଋତୁ ୨୦୨୨-୨୩ରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଓ ଉପଲବ୍ଧି ଗୃହରେ ଉପସ୍ଥାପନ କରିଥିଲେ। ପରେ ଚଳିତ ଖରିଫ ଋତର ଧାର୍ଯ୍ୟ ଲକ୍ଷ୍ୟ ଉପସ୍ଥାପନ କରିଥିଲେ। ଚଳିତ ଖରିଫ ଋତୁରେ ଧାନ ୧,୮୪,୧୬୧ ହେକ୍ଟର ଓ ଅଣ ଧାନ ୧୯୯୫୬୦ ହେକ୍ଟର ଜମିରେ ଚାଷ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅଣଧାନରେ ମକା ୧୬,୭୫୧ହେକ୍ଟର, କ୍ଷୁଦ୍ର ଶସ୍ୟ ୮୬୫୧ହେକ୍ଟର, ଡାଲି ଜାତୀୟ ଶସ୍ୟ ୬୮,୦୫୫ ହେକ୍ଟର, ତୈଳବୀଜ ୧୨,୯୩୪ ହେକ୍ଟର, କପା ଜାତୀୟ ୭୨,୪୪୭ ହେକ୍ଟର, ପନିପରିବା ୧୭,୬୭୭ ହେକ୍ଟର, ମସଲା ଜାତୀୟ ୨୪୨୩ ହେକ୍ଟର, ଆଖୁ ୬୦୦ ହେକ୍ଟର ଏଭଳି ସମୁଦାୟ ୩,୮୩,୭୨୧ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ସୂଚନା ଦେଇଥିଲେ। ଧାନ ହେକ୍ଟର ପ୍ରତି ହାରାହାରି ଉତ୍ପାଦନ ୪୮ କୁଇଣ୍ଟାଲ ଓ ସମୁଦାୟ ମୋଟ ୮୮୩୯୭୨.୮୦ ମ୍ୟାଟ୍ରିକ ଟନ ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିମଧ୍ୟରୁ ବିଭିନ୍ନ ଜଳ ସେଚନ ବ୍ୟବସ୍ଥା ଦ୍ୱାରା ୨୫୪୮୦୪ ହେକ୍ଟର ଜଳସେଚିତ ଓ ୧୨୮୯୧୭ ହେକ୍ଟର ଅଣ ଜଳସେଚିତ ଜମିରେ ଚାଷ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ବୃହତ୍ ଜଳସେଚନ ଓ ଅନ୍ୟାନ୍ୟ ଜଳସେଚନ ବିଭାଗର ଯନ୍ତ୍ରୀ ବର୍ଷା ଠିକ ହେଲେ ଧାର୍ଯ୍ୟ ଜଳସେଚନର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ବୃହତ୍ ଜଳସେଚନ ପ୍ରକଳ୍ପ ଯନ୍ତ୍ରୀ ଗତ ୭।୭।୨୦୨୨ରୁ ଇନ୍ଦ୍ରାବତୀ ଜଳସେଚନ କେନାଲରେ ଜଳ ଛଡାଯାଉଛି। ଏହା ନଭେମ୍ବର ୬ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପ୍ରକାଶ କରିଥିଲେ। ଚଳିତ ଖରିଫ ଋତୁ ୨୦୨୨ ପାଇଁ ବିଭିନ୍ନ ରାସାୟନିକ ସାର ୭୭.୭ କିଲୋ ପ୍ରତି ହେକ୍ଟର ଥିବା ବେଳେ ଚଳିତ ଖରିଫ ଋତୁ ୨୦୨୩ ପାଇଁ ୮୧.୭୦ ପ୍ରତି ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଭଳି ଭୂମି ପୋଷଣ ଅଭିଯାନରେ ୨୦୨୩-୨୪ ବର୍ଷ ପାଇଁ ୨୫୦୦୦ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଫସଲର ବିବିଧକରଣ ଯୋଜନାରେ ଚଳିତବର୍ଷ ୨୭୦୦୦ ହେକ୍ଟର ଜମିରେ ଧାନ ଚାଷ ନ କରି କପା, ଡାଲି ଜାତୀୟ, କ୍ଷୁଦ୍ର ଶସ୍ୟ, ପରିବା କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମିଲେଟ କ୍ଷୁଦ୍ର ଶସ୍ୟର ଉତ୍ପାଦନ ପାଇଁ ୮ଟି ବ୍ଲକ ଭବାନୀପାଟଣା, ଥୁଆମୂଳ ରାମପୁର, ନର୍ଲା, ଲାଞ୍ଜିଗଡ, କର୍ଲାମୁଣ୍ଡା, ଏମ୍. ରାମପୁର, କୋକସରା, ଗୋଲାମୁଣ୍ଡାରେ ୮୨୯୫ ହେକ୍ଟର ଜମିରେ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜଳନିଧି, ସୌରୋ ଜଳନିଧି, କୃଷି ଯାନ୍ତ୍ରିକ ଋଣ, ବଳରାମ ଯୋଜନା, ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି, ଉନ୍ନତ ବିହନ ଉତ୍ପାଦନ, ସାର ଓ ଔଷଧ ସିଞ୍ଚନରେ ଡ୍ରୋନର ବ୍ୟବହାର, ନକଲି ବିହନ, ସାର ଓ କୀଟନାଶକ ଚଢାଉ ଉପରେ ସିଡିଏଓ କହିଥିଲେ। ଖରିଫ ଋତୁ ୨୦୨୩-୨୪ ପାଇଁ ଚାଷୀମାନଙ୍କୁ ୧୭୭୧୧୭.୭ ଲକ୍ଷ ଟଙ୍କାର ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅଧିକରୁ ଅଧିକ ଚାଷୀ ଯେଭଳି ଅନ୍ତର୍ଭୁକ୍ତ ହେବେ ସେଥି ପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖରିଫ ଋତୁ ପାଇଁ ଧାନ ବିହନ ୨୦୯୦୦ କୁଇଣ୍ଟାଲ, ମୁଗ ବିହନ ୯୫୦ କିଣ୍ଟାଲ, ହରଡ ବିହନ ୯୦୧ କୁଇଣ୍ଟାଲ, ବିରି ବିହନ୧୦୨୧ କୁଇଣ୍ଟାଲ, ଚିନାବାଦାମ ବିହନ ୧୦୫୦ କୁଇଣ୍ଟାଲ ଚାଷୀମାନଙ୍କୁ ବଣ୍ଟନ କରାଯିବା ବ୍ୟବସ୍ଥା କରାଯାଉଛି। ଉତ୍ତମ ଧାନ ଓ ଅଣଧାନ ବିହନ ତନଖି କରି ଉଚିତ୍ ମୂଲ୍ୟରେ ଚାଷୀମାନଙ୍କୁ ସମୟ ପୂର୍ବରୁ ବିହନ ଯୋଗାଣ ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏସ୍‌ଇ ଜଳସେଚନ ଇନ୍ଦ୍ରାବତୀ ଅନିଲ ପାଣିଗ୍ରାହୀ, ଡିଆର୍‌ସିଏସ ପ୍ରମୋଦ ସାହୁ, ଡିଡିଏଚ କିଶୋର ମହାଲିଙ୍ଗ, ବେଣୁ ଚରଣ ବେହେରା, ଗଣେଶ ପାଢ଼ୀ, ସତ୍ୟନାରାୟଣ ପଟ୍ଟନାୟକ, ଏସଇ ଅପର ଇନ୍ଦ୍ରାବତୀ ତପନ କୁମାର ପାତ୍ର, ଡିଆଇପିଆର୍‌ଓ ମନୋଜ ବେହେରାଙ୍କ ସମେତ ଜଳସମ୍ପଦ ବିଭାଗ, କୃଷି, ମୃତ୍ତିକା ସଂରକ୍ଷଣ, ବ୍ୟାଙ୍କ, ଉଦ୍ୟାନ, ସମବାୟ ବିଭାଗ କର୍ମଚାରୀ, ସମସ୍ତ ବ୍ଲକ କୃଷି ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜାଇଲୋ ଗାଡ଼ିରେ ଛେଳି ଚୋରି

ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଡ଼େନ ଥାନା ଅନ୍ତର୍ଗତ ଦହିଗାଁ ଗ୍ରାମରୁ ଛେଳି ଚୋରି ଘଟଣାରେ ଏକ ଜାଇଲୋ ଗାଡ଼ି ଜବତ ହୋଇଛି। ସୋମବାର ବିଳମ୍ବିତ ରାତିରେ ଉକ୍ତ ଗ୍ରାମର କାର୍ତ୍ତିକ ବରିହାଙ୍କ ଘରୁ ୩ଟି ଛେଳି ଚୋରି କରି ଏକ ଜାଇଲୋ ଗାଡ଼ି (ନଂ.ଓଡ଼ି୦୨ଜି ୯୯୫୦)ରେ ଦୁର୍ବୃତ୍ତମାନେ ଖସି ପଳାଉଥିଲେ। ଯିବା ବାଟରେ ଜାଇଲୋ ଗାଡ଼ିଟି ଏକ ଡ୍ରେନରେ ଫସି ଯାଇଥିଲା। ଏହାପରେ ଅଭିଯୁକ୍ତମାନେ ଛେଳି ବୋଝେଇ ହୋଇଥିବା ସେହି ଗାଡ଼ି ସମେତ ଅନ୍ୟ ଏକ ବ୍ୟବହୃତ ବାଇକ୍ (ନଂ.ଓଆର୧୭ଏନ/୬୮୫୨)କୁ ଘଟଣାସ୍ଥଳରେ ଛାଡ଼ି ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜାଇଲୋ ଗାଡ଼ି ଏବଂ ବାଇକ୍‌କୁ ଜବତ ହୋଇଥିଲା। ତେବେ ଜବତ ଗାଡ଼ି ନମ୍ବର ପ୍ଲେଟ୍‌ରେ ଭାରତ ସରକାର ଏବଂ ବିଏସ୍‌ଏଫ୍ ଲେଖା ହୋଇଥିବାରୁ ଏହା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

### ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୧୧।୭(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା



ଅଞ୍ଚଳରେ ୨୦୦୫ରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରର ରାୟ ବୁଧବାର ପ୍ରକାଶ ପାଇଛି। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଧର୍ମଗଡ଼ ଅତିରିକ୍ତ ଜିଲା ଦୌରା ଜଜ୍ ବନ୍ଦନା କର ଅଭିଯୁକ୍ତ ବ୍ରହାନନ୍ଦ ବାଗଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆହୁରି ବର୍ଷେ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୦୫ ସେପ୍ଟେମ୍ବର ୩୦ ତାରିଖରେ ନାବାଳିକା ଶୌଚ କରିବାକୁ ଯାଇ ଥିବାବେଳେ ବ୍ରହାନନ୍ଦ ବାଗ, କୁଲମଣି ଠାକୁର ଓ ଅନୀଲ ସେନାପତି ତାଙ୍କୁ ଜୋର ଜବରଦସ୍ତି ଟେକି ନେଇ ଦୁଇ ଦିନ ଧରି ଅଟକ ରଖିଥିଲେ। ଦୁଇ ଜଣ ସହଯୋଗୀଙ୍କ ସହାୟତାରେ ବ୍ରହ୍ମାନନ୍ଦ ବାଗ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏପରିକି ଏକ ଲକ୍ଷ ଟଙ୍କା ଦେଲେ ନାବାଳିକା ଛାଡ଼ିବାକୁ ନାବାଳିକାଙ୍କ ବାପାଙ୍କୁ ଧମକ ମଧ ଦେଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଜୁନାଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅକ୍ଟୋବର ୨ ତାରିଖରେ ନାବାଳିକାକୁ ମୁକୁନ୍ଦପୁର ଜଙ୍ଗଲରୁ ଉଦ୍ଧାର କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବ୍ରହାନନ୍ଦ ବାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ୨ଜଣ ସହଯୋଗୀ ଫେରାର ହୋଇଥିଲେ। ଏହି ମାମଲା ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରିଥିଲେ।

# ବୃଦ୍ଧଙ୍କ ହତ୍ୟା ଘଟଣା, ଅଭିଯୁକ୍ତ କୋର୍ଟ ଚାଲାଣ

ଖଡ଼ିଆଳ,୧୧।୭(ସୁଜିତ୍ ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ କିରିକିଟା ପଞ୍ଚାୟତର ଜୁନାପାଣି ଗ୍ରାମର ବୃଦ୍ଧ ଲକ୍ଷ୍ମୀଧର ମାଝିଙ୍କୁ ଗୁଣି ଗାରେଡି ସନ୍ଦେହରେ ହତ୍ୟା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗନ ମାଝି (୩୯)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲକ୍ଷ୍ମୀଧରଙ୍କ ପୁତୁରା ଗନ ମାଝି (୩୯)ଙ୍କ ବାପା ନୀଳକଣ୍ଠ ମାଝି କୌଣସି ରୋଗରେ ପୀଡିତ ହୋଇଥିଲେ। ଗନ ତାଙ୍କ ବଡବାପା ଲକ୍ଷ୍ମୀଧରଙ୍କୁ ଗୁଣି ଗାରେଡି କରିଥିବା ଯୋଗୁ ତାଙ୍କର ବାପା ରୋଗରେ ପୀଡିତ ହେଉଥିବା ସନ୍ଦେହ କରିଥିଲେ। ଗନ ସୋମବାର ପୂର୍ବାହ୍ନ ୧୦ଟାରେ ବଡବାପା ଲକ୍ଷ୍ମୀଧରଙ୍କ ପାଖକୁ ଯାଇ ଯୁକ୍ତିତର୍କ କରିଥିଲେ। ପରେ ଲକ୍ଷ୍ମୀଧର ଘରୁ ବାହାରକୁ ଚାଲି ଆସୁଥିବା ବେଳେ ପଛପଟୁ ଅତର୍କିତ ଭାବେ ଗନ ବଡବାପା ଲକ୍ଷ୍ମୀଧରଙ୍କୁ ଠେଙ୍ଗାରେ ପିଟି ମାରିଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା ପ୍ରକାଶ କରିଛନ୍ତି।

# ମଡ଼େଲ ସ୍କୁଲରେ ଚିତ୍ରକଳା କର୍ମଶାଳା



ଚିତ୍ରକଳା କର୍ମଶାଳାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଡୁଙ୍ଗୁରିପାଲି,୧୧।୭ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା କ୍ଲଷ୍ଟର ଅନ୍ତର୍ଗତ ଏଫଏଲଏନ ମଡେଲ ସ୍କୁଲ ପଣ୍ଡକିଟାଲରେ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ଚିତ୍ରକଳା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନଙ୍କ ପରାମର୍ଶ କ୍ରମେ ବିଦ୍ୟାଳୟରେ ଚିତ୍ରକଳା କର୍ମଶାଳା ହୋଇଥିଲା। ପ୍ରଧାନଶିକ୍ଷକ ହେମସାଗର ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାୟାବର୍ହା ଜୟ ଶ୍ରୀରାମ ସିକନ୍ଦର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତପସ୍ୱିନୀ ଦାଶ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରତ୍ୟେକ ଶିଶୁ ଅନ୍ତର୍ନିହିତ ଗୁଣାବଳୀର ଅଧିକାରୀ। ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମାଧ୍ୟମରେ ଶିଶୁର ଅନ୍ତର୍ନିହିତ ଗୁଣାବଳୀର ବିକାଶ ସାଧିତ ହୋଇପାରିବ ବୋଲି ଶିକ୍ଷୟିତ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ଏପରି କାର୍ଯ୍ୟକ୍ରମ ଦ୍ୱାରା ଶିଶୁମାନଙ୍କର ସୃଜନ ଶକ୍ତି ବିକଶିତ ହେବ ବୋଲି ମୁଖ୍ୟଅତିଥି ସିକନ୍ଦର ମତପ୍ରକାଶ କରିଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟ ଭାଗିଟିକିରାର ସହକାରୀ ଶିକ୍ଷକ ସୁରେଶ ସାହୁ ସାଧନ କର୍ମୀ ରୂପେ ଯୋଗଦାନ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ସୁନ୍ଦର ଅକ୍ଷର ଲିଖନ, ବିଭିନ୍ନ ଚିତ୍ରର ଆକୃତିକ ଧାରଣା, ରଙ୍ଗ ବୋଳିବା କୌଶଳ, ଅକ୍ଷରରୁ ଚିତ୍ର ଅଙ୍କନ, ସ୍ୱ ରଚିତ କବିତା ସାହାଯ୍ୟରେ ଚିତ୍ର ଅଙ୍କନ ଇତ୍ୟାଦି ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ନିଜେ ବିଭିନ୍ନ ପ୍ରକାରର ଫୁଲଫଳ ଚିତ୍ର ଅଙ୍କନ କରି ଛାତ୍ରୀଛାତ୍ରଙ୍କୁ ଚିତ୍ର ଅଙ୍କନ କରିବା ପାଇଁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ଚିତ୍ର ଅଙ୍କନ କରି ଓ ଉପଯୁକ୍ତ ରଙ୍ଗ ବ୍ୟବହାର କରି ଚିତ୍ର ପ୍ରଦର୍ଶିତ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ଜାହ୍ନବୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଏନ୍‌ଡିୟୁଜିର ନୂତନ ସଭାପତି ସୁଶାନ୍ତ, ସମ୍ପାଦକ ଯୁଗଳ ମନୋନୀତ

ନୂଆପଡ଼ା,୧୧।୭(ମକାରୁ ବେମାଲ)

ନୂଆପଡା ଜିଲା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଲି ଡାକବାଙ୍ଗଲାଠାରେ ଓୟୁଜେ ଶାଖା ନୂଆପଡା ଡିଷ୍ଟ୍ରିକ ୟୁନିୟନ ଅଫ ଜର୍ନାଲିଷ୍ଟର ବାର୍ଷିକ ସାଧାରଣ ସଭା ଓ ନୂତନ କାର୍ଯ୍ୟକାରିଣୀ କମିଟି ଚୟନ ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଓୟୁଜେର ନୂଆପଡା ଶାଖା ପର୍ଯ୍ୟବେକ୍ଷକ ସୁରେଶ କୁମାର ଦାସ ଓ ସଦାଶିବ ସରାଫ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଭାପତି ଭାବେ ସୁଶାନ୍ତ କର ଏବଂ ସମ୍ପାଦକ ଭାବେ ଯୁଗଳ କିଶୋର ମହାନନ୍ଦଙ୍କୁ ମନୋନୀତ କରାଯାଇଛି। ଉପସଭାପତି ଭାବେ ନୂଆପଡା ବ୍ଲକରୁ ରାଜକିରଣ ସିଂଦେଓ, କୋମନାରୁ ରଞ୍ଜିତ ପଣ୍ଡା, ଖଡ଼ିଆଳରୁ ଓମପ୍ରକାଶ ଅଗ୍ରୱାଲ, ବୋଡ଼େନରୁ ନୀଳମଣି ପଣ୍ଡା ଓ ସିନାପାଲିରୁ ଗୟାରାମ ମେହେରଙ୍କୁ ମନୋନୀତ କରାଯାଇଛି। ସହସମ୍ପାଦକ ଭାବେ ଶୁଭ୍ରାଂଶୁ ନାଏକଙ୍କୁ ମନୋନୀତ କରାଯାଇଛି। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମକାରୁ ବେମାଲ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପୁରୋହିତ ସୁନାନିଙ୍କୁ ମନୋନୀତ କରାଯାଇଛି। ସଭା ପରିଚାଳନା ବିଶିକେଶନ ପଣ୍ଡା କରିଥିବା ବେଳେ ବିକାଶ ଖର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମନାଥ ପଣ୍ଡା, ଧନମତ ନିଆଲ, ଚନ୍ଦ୍ରଶେଖର ବେହେରା, ହରେରାମ କରୁଆ, ହେରମ୍ବ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ କରି ଗଣଧାରଣା

ତରଭା,୧୧।୭(ମାନଭଞ୍ଜନ ମିଶ୍ର)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଆବାସ ଯୋଜନାରୁ ବାଦ ପଡ଼ିଥିବା ମରାଡୁଗୁଚ୍ଛା ଗ୍ରାମ ପଞ୍ଚାୟତର ହିତାଧିକାରୀମାନେ ତରଭା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଣଧାରଣା ଦେଇଛନ୍ତି। ମାରାଡୁଗୁଚ୍ଛା ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ମିତ୍ରବ୍ରତ ମିଶ୍ର ଓ ସ୍ଥାନୀୟ ସରପଞ୍ଚ ମନମୋହନ ସାହୁଙ୍କ ନେତୃତ୍ୱରେ ଏହି ଗଣଧାରଣା ସକାଳ ୯ଟାରୁ ଚାଲିଛି। ସୂଚନାଯୋଗ୍ୟ,ମରାଡୁଗୁଚ୍ଛା ଗ୍ରାମ ପଞ୍ଚାୟତର ଲକ୍ଷ୍ମିମୁଣ୍ଡା, ବନକେଡା, ଗୁହିରାଘାଟ ପ୍ରଭୃତି ଗ୍ରାମର ଯାଞ୍ଚ ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ହିତାଧିକାରୀମାନେ ତରଭା ବିଡିଓ ଅନିଲ କୁଲୁଙ୍କ ନିକଟରେ ଏନେଇ ସୋମବାର ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାର ଛୁଆନିନି ସୁନା, କଲ୍ୟାଣୀ ଛତ୍ରିଆ, ଚିନା ନାଗ, ଯଶୋଦା ନନ୍ଦ, ଛେଦ ଭୋଇ, ମନ୍ଦାକିନୀ ଛତ୍ରିଆ, ରମଣୀ ତାଣ୍ଡି, ଶ୍ରାବଣୀ ହାତୀ, ଖେଜୁ ସରଭଙ୍ଗ, ତହସିଲ ସରଭଙ୍ଗ, ଶେଷ ସୁନାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଧାରଣାରେ ବସିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆ ନ ଯିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ କୁଲୁଙ୍କୁ ପଚାରିବାରେ, ବ୍ଲକ ତରଫରୁ କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇନାହିଁ, ଯାଞ୍ଚରେ ଯେଉଁମାନେ କଟିବା ଲୋକ କଟିଛନ୍ତି, ଏଥିରେ କିଛି କରିବାର ନାହିଁ ବୋଲି ପ୍ରକାଶ କରିଥିଲେ। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।


ଧାରଣାରତ ହିତାଧିକାରୀ।

### ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ସ୍ନେହଲତା ଟପ୍ପର

ଖଡ଼ିଆଳ,୧୧।୭(ସୁଜିତ୍ ପ୍ରଧାନ)

ନୂଆପଡ଼ା ଜିଲା ମୋଡେଲ ଡିଗ୍ରୀ କଲେଜରେ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଖଡ଼ିଆଳର ଯୁକ୍ତ ୩ ପ୍ରାଣୀ ବିଜ୍ଞାନ (ସମ୍ମାନ)ରେ ଛାତ୍ରୀ ସୁଶ୍ରୀ ସ୍ନେହଲତା କୁମାରୀ ୯.୩୨ ସି.ଜି.ପି.ଏ ମାର୍କ ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସ୍ନେହଲତା ଖଡ଼ିଆଳ ଗାନ୍ଧୀନଗର ନିବାସୀ ଗୋରେଲାଲ କୁମାରଙ୍କ ଝିଅ। ଗୋରେଲାଲ ଶିଳ୍ପ ତାଲିମ କେନ୍ଦ୍ରରେ ଚତୁର୍ଥ କର୍ମଚାରୀ ଅଟନ୍ତି। ତାଙ୍କ ଏହି ସଫଳତା ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ହାଡ଼ିପା ସମାଜର ଜିଲା ସଭାପତି ବିଜୟ କୁମାର ସହିସ ମଧ ଶୁଭେଚ୍ଛା ଜଣାଛନ୍ତି।

### ବର୍ଷାରେ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ଦମ୍ପତି

ପଲମ,୧୧।୭(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭୀମକେଲା ପଞ୍ଚାୟତସ୍ଥିତ ଭିମକେଲା ଗ୍ରାମର ସୁବା ସୁନାଙ୍କ ଘର ୧୦ ତାରିଖ ରାତିରେ ବର୍ଷାରେ ଭୁଶୁଡି ଯାଇଛି। ହେଲେ ସ୍ୱାମୀସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବର୍ତ୍ତମାନ ପର ଘରେ ଆଶ୍ରୟ ନେଇଛନ୍ତି। ଘର ଭୁଷୁଡିବା ସମୟରେ ପଡୋଶୀ ଲୋକମାନେ ତାଙ୍କୁ ଘର ଭିତରୁ ଉଦ୍ଧାର କରିଥିଲେ। ଆଜିକୁ ଅନେକ ଦିନ ହେଲା ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ। ଆଜି ପର୍ଯ୍ୟନ୍ତ ଘର ସରକାରୀସ୍ତରରୁ ପାଇପାରି ନାହାନ୍ତି। ସେ ଗୋଟିଏ ବଖରା ଭଙ୍ଗା ଦଦରା ଘରେ ଜୀବନ ବିତାଉଥିଲେ। ସେ ଜଣେ ଭୂମିହିନ ବିପିଏଲ ପରିବାର ଅଟେ। ବର୍ତ୍ତମାନ ପରିସ୍ଥିତିରେ ତାଙ୍କର ଅର୍ଥାଭାବରୁ ଘର ନିର୍ମାଣ କରିବା ପାଇଁ ମଧ ସକ୍ଷମ ନହେଁ। ଏହି ପରିସ୍ଥିତିରେ ନର୍ଲା ବିଡିଓ ଉଚିତ ତଦନ୍ତ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୃକ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସୁବର୍ଣ୍ଣପୁର ମଡ଼େଲ ବସଷ୍ଟାଣ୍ଡ ନିର୍ମାଣ କରିବ ଓଏସ୍‌ଆର୍‌ଟିସି

ସୋନପୁର,୧୧।୭(ମୃତ୍ୟୁଞ୍ଜୟ ଶତପଥୀ)

■ ଆରମ୍ଭ ହେଲା ମାଟି ପରୀକ୍ଷା

■ ଦେଢ଼ ବର୍ଷ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ


ସୁବର୍ଣ୍ଣପୁର ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ମାଟି ପରୀକ୍ଷା କରାଯାଉଛି।

ସୁବର୍ଣ୍ଣପୁରରେ ଖୁବ୍‌ଶୀଘ୍ର ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହେବ। ଓଡିଶା ରାଜ୍ୟ ସଡକ ପରିବହନ ନିଗମ(ଓଏସଆରଟିସି)କୁ ଏହି ଦାୟିତ୍ୱ ମିଳିଛି। ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳରେ ମଙ୍ଗଳବାର ମାଟି ପରୀକ୍ଷା ଆରମ୍ଭ ହୋଇଛି। ପୁରୁଣା ଟାଉନ ହଲ ଓ ପୁରୁଣା ବସଷ୍ଟାଣ୍ଡ ପରିସରରୁ ସଂଗୃହୀତ ମାଟିକୁ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯିବ। ରିପୋର୍ଟ ମିଳିବା ପରେ ମଡେଲ ବସଷ୍ଟାଣ୍ଡର ଫାଉଣ୍ଡେଶନ ଡିଜାଇନ କରାଯିବ ଓ ଖୁବଶୀଘ୍ର ଓଡିଶା ପୋଲିସ ହାଉସିଂ ବୋର୍ଡ ଏଥିପାଇଁ ଟେଣ୍ଡର ଆହ୍ୱାନ କରିବ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ଡିସେମ୍ବର ୨୩ ତାରିଖରେ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଯୋଗେ ଜିଲାର ସୁବର୍ଣ୍ଣପୁର ସହର ସମେତ, ବୀରମହାରାଜପୁର, ଉଲୁଣ୍ଡା ଓ ବିନିକାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି ବସଷ୍ଟାଣ୍ଡଗୁଡିକ ଜିଲାର ସାମଗ୍ରିକ ବିକାଶ ଓ ଯୋଗାଯୋଗ କ୍ଷେତ୍ରରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ଉଲୁଣ୍ଡା ବସଷ୍ଟାଣ୍ଡ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବୀରମହାରାଜପୁରରେ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ବିନିକାରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ସୁବର୍ଣ୍ଣପୁର ମଡେଲ ବସଷ୍ଟାଣ୍ଡ ନିର୍ମାଣ ଅନିଶ୍ଚିତତା ମଧ୍ୟରେ ରହିଥିଲା। ପୂର୍ତ୍ତ ବିଭାଗ ୧୪ କୋଟି ଟଙ୍କାର ଡିପିଆର ପ୍ରସ୍ତୁତ କରିଥିଲା। ତେବେ ପୌରପରିଷଦର ଜମି ଉପରେ ଓଡିଶା ରାଜ୍ୟ ପରିବହନ ନିଗମ, ଗୃହ ଓ ନଗର ଉନ୍ନୟନ ବିଭାଗ କି ପୂର୍ତ୍ତ ବିଭାଗ କାମ କରିବ ତାହା ଚୂଡାନ୍ତ ହୋଇ ପାରୁନଥିଲା। ଜିଲା ସଦର ମହକୁମାର ନୂତନ ବସଷ୍ଟାଣ୍ଡ ପ୍ରକଳ୍ପ ସରକାରଙ୍କ ଫାଇଲ ଭିତରେ ପଡି ରହିଥିଲା। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ପୁରୁଣା ବସଷ୍ଟାଣ୍ଡ ଓ ପୁରୁଣା ଟାଉନ ହଲକୁ ଭାଙ୍ଗି ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସହରବାସୀଙ୍କ ପକ୍ଷରୁ ଦାବି ହୋଇଥିଲା। ଶେଷରେ ଜିଲା ପ୍ରଶାସନ ବସଷ୍ଟାଣ୍ଡ ପାଇଁ ୨ଏକର ୯୬୨ଡେସିମିଲ ଜମିକୁ ପରିବହନ ବିଭାଗକୁ ହସ୍ତାନ୍ତର କରିଥିଲା। ପରିବହନ ବିଭାଗ ନାମରେ ୨୦୨୩ ମାର୍ଚ୍ଚ ୧ ତାରିଖରେ ଉକ୍ତ ଜମିର ପଟ୍ଟା ହେଲା ପରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବାଟ ଫିଟିଲା ବୋଲି କୁହାଯାଉଛି।

ବଲାଙ୍ଗୀର ଓ ବୌଦ୍ଧର ଠିକ୍ ମଝିରେ ରହିଛି ସୁବର୍ଣ୍ଣପୁର ସହର। ସମ୍ବଲପୁର, ବରଗଡ ଓ ଅନୁଗୋଳ ଏହାର ପଡୋଶୀ ଜିଲା। ସୁବର୍ଣ୍ଣପୁର ଜିଲା ଗଠନ ହେବାର ଇତିମଧ୍ୟରେ ୩୦ ବର୍ଷ ବିତି ସାରିଛି। ଜିଲା ସଦର ମହକୁମାରେ ଜନସଂଖ୍ୟା ବୃଦ୍ଧି ପାଇବା ସହିତ ସମସ୍ତ ଜିଲାସ୍ତରୀୟ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇସାରିଛି। ଜିଲାର ଡୁଙ୍ଗୁରିପାଲି ବ୍ଲକ ବ୍ୟତୀତ ଅନ୍ୟ ଅଞ୍ଚଳକୁ ରେଳ ସୁବିଧା ଏଯାଏ ଉପଲବ୍ଧ ହୋଇ ପାରିନାହିଁ। ଫଳରେ ଯାତାୟତ ପାଇଁ ହଜାର ହଜାର ଯାତ୍ରୀ ସୁବର୍ଣ୍ଣପୁର ବସଷ୍ଟାଣ୍ଡ ଉପରେ ହିଁ ନିର୍ଭର କରନ୍ତି। ପଡୋଶୀ ଜିଲାମାନଙ୍କ ସହ ଜିଲାର ବିଭିନ୍ନ ଅଞ୍ଚଳକୁ ପ୍ରତିଦିନ ଏହି ବସଷ୍ଟାଣ୍ଡକୁ ଯାତ୍ରୀବାହୀ ବସ ଯୋଗେ ଲୋକେ ଆସିଥାନ୍ତି। ହେଲେ ପୁରୁଣା ବସଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମଗାର ନ ଥିବାରୁ ଖରାବର୍ଷାରେ ଯାତ୍ରୀମାନେ ହୀନସ୍ତା ହେଉଥିଲେ। ତେବେ ନୂଆ ବସଷ୍ଟାଣ୍ଡ ନିର୍ମାଣ ହେବାର ସମ୍ଭାବନା ସୃଷ୍ଟି ହୋଇଥିବାରୁ ସାଧାରଣରେ ଖୁସିର ଲହରୀ ଖେଳିଯାଇଛି।



## ଆଜି କ'ଣ କେଉଁଠି

ରାଉରକେଲା

- ସିପିଆଇ(ଏମ୍) ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ, ଉଦିତନଗର ଆମ୍ବେଦକର ଛକ, ସକାଳ ୧୧ଟା।
- ଆର୍‌ଏସ୍‌ପିର କର୍ମଶାଳା, ସେକ୍ଟର-୨ ଇଣ୍ଡୋ ଜର୍ମାନ କ୍ଲବ, ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ସ୍କୁଲରେ ନାତୁଣୀଙ୍କୁ ଛାଡ଼ି ଫେରୁଥିବା ବେଳେ ଦୁର୍ଘଟଣା, ଅଜା ମୃତ

**ରାଉରକେଲା,୧୧।୭(ସଙ୍ଗୀତା ଜେନା):** ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର ୭/୧୫ ଛକରେ ମଙ୍ଗଳବାର ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ସେକ୍ଟର-୭ ଏ ବ୍ଲକର ଗଗନ ବିହାରୀ ପାତ୍ର(୬୮)। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୬ଟା) ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ଗଗନ ବିହାରୀ ତାଙ୍କ ନାତୁଣୀଙ୍କୁ ଏକ ଇଲେକ୍ଟ୍ରିକ ବାଇକ୍‌ରେ ଆଣି ସେକ୍ଟର-୧୬ ସ୍କୁଲରେ ଛାଡ଼ି ଘରକୁ ଫେରୁଥିଲେ। ୭/୧୫ ଛକରେ ଏକ ଟ୍ରାଭଲର ଗାଡି (ନଂ.ଓଡ଼ି୧୪ୟୁ/୪୦୮୬) ଆସି ତାଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସେ ଛିଟିକି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

**ରାଉରକେଲା,୧୧।୭(ସଙ୍ଗୀତା ଜେନା):** କୋଏଲନଗର ସ୍ଥିତ ଡି ବ୍ଲକର ଏକ ଘରୋଇ କମ୍ପ୍ୟୁଟର ସେଣ୍ଟରରେ ମଙ୍ଗଳବାର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ସୂଚନା ମିଳିଛି। ଏ ନେଇ ସମ୍ପୃକ୍ତ ଛାତ୍ରୀ ତାଙ୍କ ବାପାଙ୍କ ସହ ଆସି ପୂର୍ବାହ୍ନରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ କୋଚିଂରେ ସମାନ ବ୍ୟାଚରେ ପଢୁଥିବା ଜଣେ ଛାତ୍ର ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୮ଟା ) ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ବଢୁଛି କାଉଡ଼ିଆଙ୍କ ମୋବାଇଲ ଚୋରି

**ରାଉରକେଲା,୧୧।୭(ସଙ୍ଗୀତା ଜେନା):** ଶ୍ରାବଣ ମାସରେ ରାଉରକେଲା ଓ ଆଖପାଖ ଅଞ୍ଚଳରୁ ବେଦବ୍ୟାସ ଶୈବପୀଠକୁ ଜଳଲାଗି କରିବାକୁ ଶହ ଶହ କାଉଡ଼ିଆ ଆସିଥାନ୍ତି। ତେବେ ଝାଡ଼ଖଣ୍ଡ, ମନୋହରପୁର, ସିମଡ଼େଗା ତଥା ଅନ୍ୟ ଜିଲାରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ମୋବାଇଲ ଚୋରି ହେଉଥିବା ଅଭିଯୋଗ ହୋଇଛି। ସୋମବାର ଅନୁଗୋଳ ଅଞ୍ଚଳରୁ ଆସିଥିବା ୨ଜଣ କାଉଡିଆଙ୍କ ମୋବାଇଲ ଚୋରି ହୋଇଥିବା ରାଉରକେଲା ଜିଆରପିରେ ଅଭିଯୋଗ ହୋଇଛି। ବାରମ୍ବାର ଡାକବାଜି ଯନ୍ତ୍ରରେ ନିଜ ଜିନିଷପତ୍ର ନିଜ ସୁରକ୍ଷାରେ ରଖିବାକୁ ଜିଆରପି ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ସୂଚନା ଦିଆଯାଇଛି।



ସମାନ ନାଗରିକ ସଂହିତାକୁ ବିରୋଧ କରି ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀମାନେ ରାଉରକେଲା ଏଡିଏମ୍‌ଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଆଦିବାସୀଙ୍କ ବିଶାଳ ଶୋଭାଯାତ୍ରା

## ସମାନ ନାଗରିକ ସଂହିତାକୁ ବିରୋଧ

**ରାଉରକେଲା,୧୧।୭(ବିପ୍ଳବ ରଞ୍ଜନ ଦାଶ)**

ସମାନ ନାଗରିକ ସଂହିତା ଆଦିବାସୀଙ୍କ ଉପରେ ଲାଗୁ ନ କରିବାକୁ ସୁନ୍ଦରଗଡ଼ ଜିଲାର ୧୭ଟି ବ୍ଲକର ଆଦିବାସୀମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ମଙ୍ଗଳବାର ଏକ ବିଶାଳ ଶୋଭାଯାତ୍ରାରେ ଆସି ରାଉରକେଲା ଏଡିଏମ୍‌ଙ୍କ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଆଦିବାସୀମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜିଲା ପେସା ଗ୍ରାମସଭା ସଭାପତି ବୁଧୁଆ ଯୋଯୋ, ପିଟର ଟପ୍ପୋ, ସନ୍ତୋଷ ଓରାମ, ସୁଦଗା ନିନ୍ଦଓ୍ୱର, ମାନିନୀ ଓରାମ, ବିଳାସୀ ମୁଣ୍ଡାରୀ ପ୍ରମୁଖଙ୍କ ନେତୃତ୍ୱରେ ୧୭ଟି ବ୍ଲକର ଶହ ଶହ ଆଦିବାସୀ ସମ୍ପ୍ରଦାୟର ମହିଳା ପୁରୁଷ ବିର୍ସା ମୁଣ୍ଡା ଛକରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା କରିଥିଲେ। ଏଡିଏମଙ୍କ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସରକାର ଯେଉଁ ୟୁସିସି ଆଣିବାକୁ ଯାଉଛନ୍ତି, ତାହା ଆଦିବାସୀ ବିରୋଧୀ। ୟୁସିସି ଆକ୍ଟ ଲାଗୁହେଲେ ଆଦିବାସୀମାନଙ୍କ ସ୍ୱତନ୍ତ୍ର ପରିଚୟ ରହିବ ନାହିଁ। ସ୍ୱତନ୍ତ୍ର ସଂସ୍କୃତି ଓ ପରମ୍ପରା ରହିବ ନାହିଁ। ଏଣୁ ଏହାକୁ ତୀବ୍ର ବିରୋଧ କରାଯାଉଛି ବୋଲି ଆଦିବାସୀ ନେତାମାନେ କହିଥିଲେ। ସରକାର ଆଦିବାସୀଙ୍କ ଉପରୁ ଏହି ଆକ୍ଟ ନ ହଟାଇଲେ ଆଗାମୀ ଦିନରେ ଆଦିବାସୀ ସାରା ଦେଶରେ ଆନ୍ଦୋଳନ ତୀବ୍ର କରିବେ ବୋଲି ଚେତାବନୀ ଦେଇଥିଲେ। ଅନ୍ୟପଟେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

**ମହିଳା ସ୍ୱାବଲମ୍ବନ ଯୋଜନା ବାଟବଣା**

# ବନ୍ଦ ପଡ଼ିଛି ଶକ୍ତି ବଜାର


ଶକ୍ତି ବଜାର ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି।

**ରାଉରକେଲା,୧୧।୭(ସଙ୍ଗୀତା ଜେନା)**

ମହିଳାମାନଙ୍କୁ ନିଜ ହାତ ତିଆରି ସାମଗ୍ରୀ ବିକ୍ରି କରିବା ପାଇଁ କେବଳ ପଲ୍ଲୀଶ୍ରୀ ମେଳା, ଟ୍ରେଡ୍ ଫେୟାର ଭଳି ବ୍ୟବସାୟିକ ମେଳା ମହୋତ୍ସବରେ ସୁଯୋଗ ମିଳୁଛି। ଏହାଦ୍ୱାରା ସେମାନଙ୍କ ଦ୍ରୁତ ଆର୍ଥିକ ବିକାଶ ହୋଇପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏସ୍‌ଏଚ୍‌ଜି ମହିଳାଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଗଲା। ଏହି କ୍ରମରେ ରାଉରକେଲା ମହାନଗର ନିଗମ ଅଧୀନ କୋଏଲନଗରରେ ୨୦୧୯ରେ ୪୧ଲକ୍ଷ ୭୫ହଜାର ଟଙ୍କା ବ୍ୟୟରେ ଶକ୍ତି ବଜାର ନିର୍ମାଣ କରାଗଲା। ବଜାରରେ ବିଜୁଳି ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଲା। ଏଥିରେ ୪୫ଟି ଦୋକାନ ସହ ଶୌଚାଳୟ, ଗ୍ରାହକମାନଙ୍କ ପାଇଁ ବିସ୍ତୃତ ପରିସର ଏବଂ ନିକଟରେ ଏକ ପାର୍କ କରାଗଲା। ଏହାପରେ ବଜାରରେ ସ୍ଥାନୀୟ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ବିକ୍ରି କରାଗଲା। କିଛିଦିନ ବଜାର ଚାଲିବା ପରେ ପରେ ବନ୍ଦ ହୋଇଗଲା। ଫଳରେ ମହିଳାମାନଙ୍କ ଆର୍ଥିକ ବିକାଶ ତ ଦୂର କଥା, ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶକ୍ତି ବଜାର ବର୍ତ୍ତମାନ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିଛି। ବଜାରରେ ଥିବା ଦୋକାନ ଗୁଡ଼ିକର ଟିଣ ଛାତ ବର୍ଷା ପାଣି ଖାଇ ନଷ୍ଟ ହୋଇଗଲାଣି। ତଳୁ ଟାଇଲ୍‌ସ ଉଠିଗଲାଣି। ବଜାର ପରିସର ମୁଖ୍ୟ ଗେଟରେ ତାଲା ପଡିଛି। ଏହାର ପରିସର ଅନାବନା ଗଛଲଟାରେ ଭରିଗଲାଣି।

### ଏମାନେ କୁହନ୍ତି



"ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ ଶକ୍ତି ବଜାରରୁ କେହି ମହିଳା ଉପକୃତ ହେଲେନାହିଁ। କେବଳ ଠିକାଦାର ଓ ଯନ୍ତ୍ରୀ ଲାଭବାନ ହେଲେ। ଏ ନେଇ ଆର୍‌ଏମ୍‌ସି ଓ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ ହୋଇଥିଲା। ଏହାର କୌଣସି ଉତ୍ତର ମିଳିଲା ନାହିଁ। ବଜାର ଚଳାଇବା ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। କେବଳ ଲୋକଙ୍କ ପଇସାକୁ ହରିଲୁଟ କରାଯାଉଛି ।

**–ବୀରେନ ସେନାପତି, ବରିଷ୍ଠ କଂଗ୍ରେସ ନେତା।**



"ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଯୋଜନା ହେଉଛି। ବ୍ୟବସାୟିକ ଅନୁଷ୍ଠାନ ନିର୍ମାଣ କରିବା ପୂର୍ବରୁ ଏହାର ପ୍ରକୃତ ମାର୍କେଟ ଅନୁଧ୍ୟାନ କରାଯାଉନାହିଁ। ଆର୍‌ଏମ୍‌ସି ଶକ୍ତି ବଜାରର ପ୍ରଚାର ପ୍ରସାର କଲାନି। ଫଳରେ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିଲା।

**–ଧୀରେନ ସେନାପତି, ଭାଜପା ରାଜ୍ୟ ପ୍ରବକ୍ତା**



"ସରକାର ଏସ୍‌ଏଚ୍‌ଜି ତିଆରି କରି କେବଳ ଋଣ ପ୍ରଦାନ କରୁଛନ୍ତି। ଏଥିରେ କୌଣସି ମହିଳା ସ୍ୱାବଲମ୍ବୀ ହେଉନାହାନ୍ତି। ସରକାର ଓ ପ୍ରଶାସନର ଉଦାସୀନତା ଯୋଗୁ ଶକ୍ତି ବଜାର କାର୍ଯ୍ୟକ୍ଷମ ହେଉନି। ରାସ୍ତା କଡ଼ରେ ମହିଳାମାନେ ବ୍ୟବସାୟ କରୁଛନ୍ତି। ଶକ୍ତି ବଜାର କେବେ ଖୋଲିବ ତାହା ଉପରେ ସଂଶୟ ରହିଛି।

**–ନିରୁପମା ବଳିଆରସିଂ, ଏସ୍‌ଏଚ୍‌ଜି ସଦସ୍ୟା**

# ଲଟେରି ମାଧ୍ୟମରେ ବିସ୍ଥାପିତଙ୍କୁ ଦିଆଗଲା ଦୋକାନ ଗୃହ


ପାନପୋଷ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଗୃହ ଆବଣ୍ଟନ ପାଇଁ ଲଟେରି କରାଯାଉଛି।

**ରାଉରକେଲା, ୧୧।୭(ସଙ୍ଗୀତା ଜେନା)**

**ପାନପୋଷ ମାର୍କେଟ କମ୍ପ୍ଲେକ୍ସରେ ଆବଣ୍ଟନ ପ୍ରକ୍ରିୟା ଶେଷ**

ରାଉରକେଲା ମହାନଗର ନିଗମ ଆୟୁକ୍ତ ତଥା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କ ଉପସ୍ଥିତିରେ ନବନିର୍ମିତ ପାନପୋଷ ମାର୍କେଟ କମ୍ପ୍ଲେକ୍ସର ପ୍ରଥମ ପର୍ଯ୍ୟାୟ ଆବଣ୍ଟନ ପ୍ରକ୍ରିୟା ଶେଷ ହୋଇଛି। ଉଦିତନଗର ସ୍ଥିତ ପାଠାଗାର ପରିସରରେ ଲଟେରି ମାଧ୍ୟମରେ ମୋଟ ୧୧୧ ଜଣ ବିସ୍ଥାପିତଙ୍କୁ ଦୋକାନ ଗୃହ ପ୍ରଦାନ କରାଯାଇଛି । ଆବଣ୍ଟନ ପ୍ରକ୍ରିୟାରେ ବିସ୍ଥାପିତ ଦୋକାନ ମାଲିକ ଅଥବା ସେମାନଙ୍କ ଦ୍ୱାରା ଅଧିକୃତ ବ୍ୟକ୍ତି ଉପସ୍ଥିତ ରହି ଲଟେରିରେ ସାମିଲ ହୋଇଥିଲେ। ଏହି ଲଟେରୀ ପ୍ରକିୟାରୁ ନିଜ ଇଚ୍ଛାରେ ଓହରି ଯାଇଥିବା ୪ ଜଣ ଦୋକାନ ମାଲିକଙ୍କୁ ସେମାନଙ୍କ ପସନ୍ଦ ମୁତାବକ ଦୋକାନ ଗୃହ କମ୍ପ୍ଲେକ୍ସର ପ୍ରଥମ ମହଲାରେ ପ୍ରଦାନ କରାଯିବ। ଆବଣ୍ଟନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯିବା ସହ ନୂଆ ଦୋକାନ ଗୃହ ପ୍ରଦାନ କରାଯାଇଥିବାରୁ ବିସ୍ଥାପିତମାନେ ଖୁସି ବ୍ୟକ୍ତ କରିଥିଲେ। ମହାନଗର ନିଗମ ଉପଆୟୁକ୍ତ ସୁଧାଂଶୁ ଭୋଇ, ଡ. ଗୌରବମୟ ପ୍ରଧାନ, ସୀତାଦେବୀ ମାଝି, ସୁକାନ୍ତ କୁମାର ବେଉରା, ଅତିରିକ୍ତ ଆୟୁକ୍ତ ନରେନ୍ଦ୍ର ପ୍ରଧାନଙ୍କ ସମେତ ମହାନଗର ନିଗମ ଓ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରାୟ ୩.୫ ଏକର ଜମିରେ ୫୩.୫୩ କୋଟି ଟଙ୍କା ବ୍ୟୟରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମିତ ହୋଇଛି । ଏଥିରେ ମୋଟ ୨୦୬ଟି ଦୋକାନ ଗୃହ ସହିତ ପାର୍କିଂ ସୁବିଧା ରହିଛି।

# ଅଘୋଷିତ ବିଦ୍ୟୁତ୍ କାଟ, ବିଲ୍ ବୃଦ୍ଧିର ପ୍ରତିବାଦ

**ରାଉରକେଲା,୧୧।୭(ବିପ୍ଳବ ରଞ୍ଜନ ଦାଶ)**

ଅଘୋଷିତ ବିଦ୍ୟୁତ୍ କାଟ ସହ ଅହେତୁକ ବିଦ୍ୟୁତ୍ ବିଲ୍‌ର ପ୍ରତିବାଦରେ ମଙ୍ଗଳବାର ରାଉରକେଲା ବନ୍ଧମୁଣ୍ଡାର ଲୋକମାନେ ପ୍ରତିବାଦ କରିଛନ୍ତି। ଏ ନେଇ ସେମାନେ ବନ୍ଧମୁଣ୍ଡା ବିଦ୍ୟୁତ୍ ସେକ୍ସନ ଅଫିସକୁ ଯାଇ ଆନ୍ଦୋଳନ କରିଥିଲେ। ଅଭିଯୋଗ ଅନୁସାରେ, ବନ୍ଧମୁଣ୍ଡା ଅଞ୍ଚଳରେ ମେଣ୍ଟେନାନ୍ସ ନାଁରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଦୀର୍ଘମାସ ହେଲା ଏଭଳି ସମସ୍ୟା ପିଲାଙ୍କ ପାଠପଢାରୁ ଆରମ୍ଭ କରି ବ୍ୟବସାୟ ମଧ୍ୟ ଠପ୍ ହୋଇଗଲାଣି। ଏହାସହ ଦୀର୍ଘମାସ ହେଲା ବିଲ୍ ଅଧିକ ଆସୁଛି। ବନ୍ଧମୁଣ୍ଡାର ବିଦ୍ୟୁତ ଗ୍ରାହକମାନେ ଆବଶ୍ୟକ ବିଦ୍ୟୁତ ସେବା ନ ପାଇ ବିଲ୍ ଦେଉଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ, ବିଲ୍‌ରେ ହେରଫେର, ଅହେତୁକ ବିଲ୍ ବୃଦ୍ଧି ଆଦି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବନ୍ଧମୁଣ୍ଡାର ଉପଭୋକ୍ତା ରୀନା ରାୟ, ମାଳତୀ ସିଂ, କନିକା ଦାସ, ଭାରତୀ କଂସାରୀ, ଭାରତୀ ସିଂ, ରିଙ୍କୁ ବିଶ୍ୱାଳ, ଲଖନ ଲୁହାର ଓ ବାବୁ ନାଗ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷେ ବିଭାଗୀୟ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ ପ୍ରତିଶ୍ରୁତି ଦେବା ପରେ ବନ୍ଧମୁଣ୍ଡାବାସୀ ଆନ୍ଦୋଳନରୁ ଓହରିଥିଲେ। ଏ ନେଇ ବନ୍ଧମୁଣ୍ଡା ଉପଖଣ୍ଡ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ରାଜେଶ ପାଣ୍ଡେ କହିଛନ୍ତି, ବନ୍ଧମୁଣ୍ଡାରେ ମେଣ୍ଟେନାନ୍ସ କାମ ଚାଲିଛି। ଆଗକୁ ବିଦ୍ୟୁତ ସରବରାହ ଠିକ ରହିବ। ବିଲ୍ ଇସ୍ୟୁ ମଧ୍ୟ ସଟଆଉଟ ହେବ। ମିଟର ମିସ୍‌ମ୍ୟାଚ୍ ଓ ରିଡିଂ ନେଇ ତର୍ଜମା କରାଯିବ ବୋଲି ସେ କହିଥିଲେ।

# ମଧୁମେହ କେନ୍ଦ୍ରରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ

**ରାଉରକେଲା,୧୧।୭(ବିପ୍ଳବ ରଞ୍ଜନ ଦାଶ)**

**ପରିବେଶ ସ୍ଥିରତା, ବ୍ୟକ୍ତିଗତ କଲ୍ୟାଣକୁ ଗୁରୁତ୍ୱାରୋପ**

ରାଉରକେଲା ସିଭିଲଟାଉନଶିପ୍ ଜେ-୨୧ରେ ସ୍ଥିତ ମଧୁମେହ କେନ୍ଦ୍ରରେ ମଙ୍ଗଳବାର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ମୁଖ୍ୟ ଚିକିତ୍ସକ ଡ. ଅଂଶୁମାନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ନାୟକ ଲିଙ୍ଗଗତ ସମାନତା ଶକ୍ତିକୁ ଉନ୍ମୁକ୍ତ କରିବା, ମହିଳା ଓ ବାଳିକା ବାଳକଙ୍କ ସ୍ୱରକୁ ସମର୍ଥନ କରିବା, ଲିଙ୍ଗଭିତ୍ତିକ ଭେଦାଭେଦକୁ ଦୂର କରିବା ଓ ମହିଳା ସଶକ୍ତୀକରଣରେ ସହଯୋଗୀ ହେବା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁନୀଲ ଦାଶ ଏବଂ ଦିପୁ ବାରିକ ଯୋଗଦେଇ ସାମାଜିକ, ଅର୍ଥନୈତିକ ବିକାଶ, ପରିବେଶ ସ୍ଥିରତା ଓ ବ୍ୟକ୍ତିଗତ କଲ୍ୟାଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ।


କାର୍ଯ୍ୟକ୍ରମରେ ସମାଜସେବୀ ଓ ମହିଳା ।

# ସରୁନି କାମ, ନଷ୍ଟ ହେଉଛି ପରିବା

**ରାଉରକେଲା,୧୧।୭(ବିପ୍ଳବ ରଞ୍ଜନ ଦାଶ)**

- ଶୀତଳଭଣ୍ଡାର କାମ ଶିଥିଳ
- ୩ ବର୍ଷରେ ଗୋଟିଏ ସରିଛି, ୩ଟି କାମ ଚାଲିଛି

ରାଉରକେଲା ସମେତ ଆଖପାଖ ବ୍ଲକ ଅଞ୍ଚଳରେ ଉତ୍ପାଦିତ ପନିପରିବାକୁ ସଂରକ୍ଷଣ କରିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ ସହରରେ ୪ଟି ବୃହତ୍ ଶୀତଳ ଭଣ୍ଡାର ନିର୍ମାଣ କରାଯାଉଛି। ତେବେ ଏହି ଶୀତଳ ଭଣ୍ଡାର କାମ ଗତ ୩ବର୍ଷ ହେଲା ଆରମ୍ଭ କରାଯାଇଥିଲେ ମଧ୍ୟ ସେଥିମଧ୍ୟରୁ ୩ଟିର କାମ ଅଧାପନ୍ତରିଆ ରହିଛି। ଫଳରେ ଚାଷୀମାନଙ୍କ ପନିପରିବା ସଂରକ୍ଷଣ କରାଯାଇପାରୁ ନାହିଁ। ଏହାଦ୍ୱାରା ଅଧିକାଂଶ ସମୟରେ ପରିବା ନଷ୍ଟ ହେଉଥିବାରୁ ଚାଷୀ କ୍ଷତି ସହୁଛନ୍ତି। ଅନ୍ୟପକ୍ଷେ କମ୍ ଉତ୍ପାଦନ ସମୟରେ ବଜାରରେ ପରିବା ଦର ଚଢା ରହୁଛି। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି।

ପ୍ରକାଶ ଯେ, ରାଉରକେଲା ବଜାର ଉପରେ ଲାଠିକଟା, କୁଆଁରମୁଣ୍ଡା, ନୂଆଗାଁ ଏବଂ ବିଶ୍ରା ଆଦି ୪ଟି ବ୍ଲକର ୫ହଜାରରୁ ଊର୍ଦ୍ଧ୍ୱ ପରିବା ଚାଷୀ ଓ ହଜାର ହଜାର ବ୍ୟବସାୟୀ ନିର୍ଭର କରିଥାନ୍ତି। ରାଉରକେଲା ବଜାରକୁ ବିକ୍ରି ପାଇଁ ଆସୁଥିବା ତଟକା ପନିପରିବା ଅଧିକାଂଶ ସମୟରେ ବିକ୍ରି ହୋଇ ନ ପାରି ଫିଙ୍ଗା ଫୋପଡା ହୁଏ। ଏଣୁ ପନିପରିବା ଯେଭଳି ସଂରକ୍ଷିତ ରହିବ ସେହି ଉଦ୍ଦେଶ୍ୟରେ ରାଉରକେଲା ମହାନଗର ନିଗମ ପକ୍ଷରୁ ୮କୋଟି ଟଙ୍କା ବ୍ୟୟରେ ୩୦ମେଟ୍ରିକ ଟନ୍ ବିଶିଷ୍ଟ ୪ଟି ବୃହତ ଶୀତଳଭଣ୍ଡାର ନିର୍ମାଣ ପାଇଁ ଯୋଜନା କରାଗଲା। ଏଥିପାଇଁ ୨୦୨୧ରେ ଅନ୍ତର୍ଜାତୀୟ ବ୍ଲୁମବର୍ଗ ମେୟର ଚ୍ୟାଲେଞ୍ଜ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୧୫ ସହର ତାଲିକାରେ ରାଉରକେଲା ସ୍ଥାନ ପାଇଥିଲା। ପରବର୍ତ୍ତୀ ସମୟରେ ସହରର ଟ୍ରାଫିକ ଗେଟ୍, ଛେଣ୍ଡ, ଆମ୍ବାଗାନ ମାର୍କେଟ ଏବଂ ପାନପୋଷ ମାର୍କେଟରେ ୪ଟି ଶୀତଳଭଣ୍ଡାର କାମ ଆରମ୍ଭ କରାଗଲା। ଶୀତଳଭଣ୍ଡାର ନିର୍ମାଣ କାମ ଆରମ୍ଭକୁ ଇତିମଧ୍ୟରେ ୩ବର୍ଷ ହୋଇଥିବା ବେଳେ ଟ୍ରାଫିକ ଗେଟ୍ ମାର୍କେଟ ଶୀତଳ ଭଣ୍ଡାରର ୩ଟି ଶୀତଳୀକରଣ ଚ୍ୟାମ୍ବର, ଏସ୍‌ଏଚ୍‌ଜି ମହିଳାମାନଙ୍କ ପରିବା ସଂଗୃହୀତ ଘର ସମ୍ପୂର୍ଣ୍ଣ ହୋଇଛି। ଏଯାଏ ଶୀତଳ ଭଣ୍ଡାରର ପାଚେରି, ସୋଲାର ସିଷ୍ଟମ ଓ ଟଏଲେଟ ନିର୍ମାଣ ହୋଇନାହିଁ। ସେହିପରି ଛେଣ୍ଡ, ଆମ୍ବାଗାନ ଏବଂ ପାନପୋଷ ମାର୍କେଟ ପରିସରରେ ଶୀତଳ ଭଣ୍ଡାର ସ୍ଥାପନ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଅଧାପନ୍ତରିଆ ହୋଇ ପଡିଛି। ଏ ନେଇ ଟ୍ରାଫିକ୍ ଗେଟ ମାର୍କେଟ ଶୀତଳ ଭଣ୍ଡାର ପରିଚାଳକ ଅକ୍ଷୟ କୁମାର ପଲେଇ କୁହନ୍ତି, ଏଠାରେ ଶୀତଳଭଣ୍ଡାରର ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପରିବା ସଂରକ୍ଷଣ ଗୃହ ସହ ୩୦ହଜାର କିଲୋ କ୍ଷମତା ବିଶିଷ୍ଟ ୩ଟି ଶୀତଳୀକରଣ ଚ୍ୟାମ୍ବର ନିର୍ମାଣ ସରିଛି। ଏହି ଶୀତଳଭଣ୍ଡାରର ସମସ୍ତ କାର୍ଯ୍ୟ ଟିମ୍ବର କଲୋନୀର ଜୟ ମାତାଦୀ ଏସ୍‌ଏଚ୍‌ଜିକୁ ନ୍ୟସ୍ତ କରାଯାଇଛି। ଇତିମଧ୍ୟରେ ୪ବ୍ଲକର ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଶୀତଳଭଣ୍ଡାରରେ ପରିବା ସଂରକ୍ଷଣ ନେଇ ତାଲିମ ଦିଆଯାଉଛି। ଖୁବଶୀଘ୍ର ଶୀତଳଭଣ୍ଡାରରେ ପନିପରିବା ସହ ମିଷ୍ଟାନ୍ନ ଦ୍ରବ୍ୟ ସଂରକ୍ଷର କରାଯିବ ବୋଲି ପଲେଇ କହିଥିଲେ। ସେହିପରି ଜୟ ମାତାଦୀ ଏସ୍‌ଏଚ୍‌ଜି ସଭାପତି ତୁଳସୀ ଦାସ କହିଥିଲେ, ଏଣିକି ଆମ ପରିବା ଆଉ ଅପଚୟ ହେବନାହିଁ। ଶୀତଳଭଣ୍ଡାର କାର୍ଯ୍ୟ ଶେଷ ହୋଇଛି। ମାତ୍ର ଅନ୍ୟ ତିନୋଟି ଶୀତଳ ଭଣ୍ଡାର ଶୀଘ୍ର କାର୍ଯ୍ୟକ୍ଷମ ହେଲେ ୪ ବ୍ଲକର ଚାଷୀଙ୍କ ସମେତ ସହରର ହଜାର ହଜାର ପରିବା ବେପାରୀ ଉପକୃତ ହୁଅନ୍ତେ ବୋଲି ଦାସ କହିଛନ୍ତି। ଏ ସମ୍ପର୍କରେ ରାଉରକେଲା ମହାନଗର ନିଗମ ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ୪ଟି ଶୀତଳଭଣ୍ଡାର ନିର୍ମାଣ ଲାଗି ୮କୋଟି ଟଙ୍କା ଅନୁମୋଦନ ହୋଇଛି। ରାଉରକେଲା ଟ୍ରାଫିକ୍ ଗେଟ ମାର୍କେଟରେ ଶୀତଳଭଣ୍ଡାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। କିଛି ସାଧାରଣ କାମ ବାକି ରହିଛି। ଆମ୍ବାଗାନ, ପାନପୋଷ ମାର୍କେଟରେ ମଧ୍ୟ ଖୁବଶୀଘ୍ର କାମ ଶେଷ ହେବ ଏବଂ ଛେଣ୍ଡରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଭୋଇ କହିଥିଲେ।


ଟ୍ରାଫିକ ଗେଟ୍ ମାର୍କେଟରେ ଥିବା ଶୀତଳ ଭଣ୍ଡାର।

# ପିଇବା ପାଇଁ ଝରଣାର ଗୋଳିଆ ପାଣି

**ଭବାନୀପାଟଣା, ୧୧।୭ (ଉତ୍ତମ କୁମାର ଦାଶ)**

ରାଜ୍ୟରେ କଳାହାଣ୍ଡି ଜିଲାକୁ ଏକ ପଛୁଆ ତଥା ଅନୁନ୍ନତ ଜିଲା ଭାବେ କୁହାଯାଉଥିବା ବେଳେ ଆଜି ମଧ୍ୟ ଜିଲାରେ ଏମିତି ଅନେକ ଗାଁ ରହିଛି ଯେଉଁଠି ଗ୍ରାମବାସୀଙ୍କ ପାଇଁ ମୌଳିକ ସୁବିଧା ସାତ ସପନ ହୋଇଛି। ଜିଲାର ଆଦିବାସୀ ଅଧୁଶିତ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ହାଡଖୁର୍ସି ଗାଁରେ ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି । ଏଠି ଗାଁ ଲୋକଙ୍କ ମୁଖ୍ୟ ସମସ୍ୟା ହେଉଛି ପିଇବା ପାଣି। ଗାଁରେ ପ୍ରାୟ ୨୦୩ଟି ପରିବାର ରହୁଥିବା ବେଳେ ରହିଛି ମାତ୍ର ୨ଟି ନଳକୂପ। ସେଥି ମଧ୍ୟରୁ ଗୋଟିଏ ଅକାମି ହେଇ ପଡିଥିବା ବେଳେ ୨୦୦ ପରିବାର ପାଇଁ ନିଅଣ୍ଟ ହେଉଛି ଗୋଟିଏ ନଳକୂପ। ଫଳରେ ବାଧ ହୋଇ ଗାଁର ମହିଳାମାନେ ପାଖରେ ଥିବା ଝରଣାର ପାଣି ଉପରେ ନିର୍ଭର କରୁଛନ୍ତି। ସେହି ଝରଣାରେ ବର୍ଷସାରା ଗୋଳିଆ ପାଣି ଆସୁଥିବା ବେଳେ ସେହି ପାଣି ଗ୍ରାମବାସୀ ବ୍ୟବହାର କରୁଛନ୍ତି। ସକାଳୁ ଗାଁର ମହିଳାମାନେ ଗରା, ବାଲ୍ଟି ଧରି ଝରଣାକୁ ପାଣି ଆଣିବା ପାଇଁ ଯାଆନ୍ତି। ହେଲେ ମୁଖ୍ୟ ରାସ୍ତାରୁ ତଳକୁ ଓହ୍ଲାଇ ସେହି ଝରଣାକୁ ଯିବା ପାଇଁ ରାସ୍ତା ନ ଥିବାରୁ ଗାଁ ଲୋକେ ଏକ କାଠ ଶିଢ଼ି ପକାଇ ଯିବାଆସିବା କରୁଥିବା ଦେଖିବାକୁ ମିଳିଛି। ଗାଁର ମହିଳାମାନେ ସେହି କାଠ ଶିଢ଼ି ସାହାଯ୍ୟରେ ବିପଦସଙ୍କୁଳ ଭାବେ ଝରଣା ତଳକୁ ଓହ୍ଲାଇ ପାଣି କାଢ଼ନ୍ତି। ଗାଁ ଲୋକଙ୍କ କହିବା ଅନୁଯାୟୀ, ଗତ ଫେବୃୟାରୀ ମାସରେ ଜଣେ ଗର୍ଭବତୀ ମହିଳା ସେବତୀ ମାଝି (୨୩) ଝରଣାରୁ ପାଣି ଆଣୁଥିବା ସମୟରେ ସେହି କାଠ ଶିଢ଼ିରେ ଗୋଡ ଖସି ଯିବାରୁ ତାଙ୍କ ଗର୍ଭପାତ ହେଇଯାଇଥିଲା। ପରେ ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାର କିଛିଦିନ ପରେ ଜଣେ ମହିଳା ପୁଅକୁ ଧରି ପାଣି ଆଣୁଥିବା ସମୟରେ ସେହି କାଠ ଶିଢ଼ିରେ ତାଙ୍କ ଗୋଡ ଖସି ଯିବାରୁ ତାଙ୍କ ୪ବର୍ଷର ପୁଅ ତଳେ ପଡି ଯାଇ ମୃତ୍ୟୁ ବରଣ କରିଥିଲେ। ବର୍ତ୍ତମାନ ମଧ୍ୟ ପିଇବା ପାଣି ସମସ୍ୟା ରହିଥିବାରୁ ଗାଁ ଲୋକେ ବର୍ଷ ସାରା ସେହି କାଠ ଶିଢ଼ି ବିପଦସଙ୍କୁଳ ଅବସ୍ଥାରେ ଝରଣାର ପାଣି ଆଣିବାକୁ ବାଧ ହେଉଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗାଁରେ ଆଉ ୨ଟି ନଳକୂପ ଖୋଳିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି। ନଚେତ ଆଗକୁ କୌଣସି ଧନଜୀବନ ନଷ୍ଟ ହେବ ସେଥିରେ କିଛି ଆଶଙ୍କା ନାହିଁ।



ବିପଦସଙ୍କୁଳ କାଠ ଶିଡିରେ ମହିଳାମାନେ ଚଢି ଝରଣାକୁ ଯାଉଛନ୍ତି।

**ହାଡଖୁର୍ସି ଗାଁର କାହାଣୀ**

- ଯିବା ପାଇଁ ବିପଦସଙ୍କୁଳ କାଠ ସିଢ଼ି ଭରସା
- ଶିଢ଼ିରୁ ପଡି ଜଣେ ଗର୍ଭବତୀ, ଜଣେ ଶିଶୁ ମୃତ ଅଭିଯୋଗ

# ୨୮ ପ୍ରକଳ୍ପ ପାଇଁ ୨ କୋଟି ପ୍ରଦାନ କଲେ ରାଜ୍ୟ ସରକାର



ମନ୍ତ୍ରୀ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

**ଖଡ଼ିଆଳ, ୧୧।୭ (ସୁଜିତ୍ ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳସ୍ଥିତ ଅଗ୍ରସେନ ଭବନରେ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଦେଶ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ନୂଆପଡା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଯୋଗଦାନ କରି କାର୍ଯ୍ୟଦେଶ ବଣ୍ଟନ କରିଥିଲେ। ପ୍ରାୟ ୨୮ଟି ପ୍ରକଳ୍ପକୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହି ୨୮ଟି ପ୍ରକଳ୍ପ ମଧ୍ୟରେ ଖଡିଆଳର ତିରବନ୍ଧ, ଚଳାନପଡା ଗାୟତ୍ରୀ ମନ୍ଦିର ରହିଛି। ଖଡ଼ିଆଳ ତିରବନ୍ଧକୁ ୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କମିଟିର ଦୟା ଥପା, ମନୋଜ ଅଗ୍ରୱାଲ, ପ୍ରହଲ୍ଲାଦ ପୋଡ଼, ଖୁସିରାମ ଭୋଇ, ବାଧା ଭୋଇ ଓ ପୂଜକ ସରୋଜ ଥନାପତି ଓ ଚଳାନପଡା ଗାୟତ୍ରୀ ମନ୍ଦିର ଟ୍ରଷ୍ଟି କେତନ ସିଂ ବାରିକ ଓ ସୁକୁରାମ ବାରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଜେଡିର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଭାଜପାର ମଣ୍ଡଳସ୍ତରୀୟ କର୍ମୀ ସମାବେଶ

**ଦେଓଗାଁ, ୧୧।୭ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସମାଲ ହାଟପଦାପଡାରେ ଭାଜପାର ମଣ୍ଡଳସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମାବେଶରେ ଜିଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ର, ଗୋପାଳଜୀ ପାଣିଗ୍ରାହୀ, ପୀତାମ୍ବର ଖମାରୀ, ଡା.ଶଶୀଭୂଷଣ ସାହୁ, ପୁରୁଷୋତ୍ତମ ସାହୁ, ବାସୁଦେବ ସିଂ ନିନା, ଶଶି ପାଣିଗ୍ରାହୀଙ୍କ ସମେତ ୧୨ଟି ପଞ୍ଚାୟତର କର୍ମୀମାନେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇ ସଂଗଠନକୁ ତୃଣମୂଳ ସ୍ତରରେ ସଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତା ସହଯୋଗ କରିଥିଲେ ।

### କଳାହାଣ୍ଡିର କ୍ୟାଣ୍ଡେଲ ପିଏଚ୍‌ସିକୁ କ୍ୱାଲିଟି ସାର୍ଟିଫିକେଟ

**ଏନ୍‌କ୍ୟୁଏଏସ୍ ସର୍ଭେ**

**ଭୁବନେଶ୍ୱର, ୧୧।୭ (ବନ୍ଦନା ସେଠୀ):** ରାଜ୍ୟରେ ଥିବା ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ (ଏନ୍‌କ୍ୟୁଏଏସ୍) ସର୍ଭେ କରୁଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡିର କାଣ୍ଡେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)କୁ ସ୍ୱାସ୍ଥ୍ୟ ଗୁଣବତ୍ତା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୪ଟି ବିଭାଗ ପାଇଁ ହୋଇଥିବା ସ୍ୱାସ୍ଥ୍ୟର ମାନଦଣ୍ଡକୁ ଏହି ପିଏଚ୍‌ସି ପୂରଣ କରିଛି। ଏଥିପାଇଁ କାଣ୍ଡେଲ ପିଏଚ୍‌ସିକୁ ୯୧.୭୦% ନମ୍ବର ଦିଆଯାଇଛି। ଏନେଇ ଏନ୍‌କ୍ୟୁଏଏସ୍ ଟିମ୍ ପକ୍ଷରୁ ମେ' ୩୦ ଓ ୩୧ ଦୁଇଦିନ ଧରି ସର୍ଭେ କରାଯାଇଥିଲା। ତେବେ ସର୍ଭେରେ ଉନ୍ନତମାନର 'ଗୁଣବତ୍ତା ପ୍ରମାଣପତ୍ର' ପ୍ରଦାନ କରାଯାଇଥିବା ନେଇ ଜାତୀୟ ସାସ୍ଥ୍ୟ ମିଶନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଦେଶରେ ୭୦୦ ବିଶିଷ୍ଟ ଶଯ୍ୟାକୁ ନେଇ ସ୍ୱାସ୍ଥ୍ୟ ଗୁଣବତ୍ତା ସର୍ଭେରେ କ୍ୟାପିଟାଲ ହସ୍ପିଟାଲକୁ ସାମିଲ କରାଯାଇଛି। ଯାହାକି ଦେଶରେ ପ୍ରଥମ। ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଅନେକ ପଦକ୍ଷେପ ନିଆଯାଉଛି। ସେହିପରି ଏହି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଜାତୀୟସ୍ତରୀୟ ସର୍ଭେ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବିଭିନ୍ନ ହସ୍ପିଟାଲଗୁଡ଼ିକରେ ଏନ୍‌କ୍ୟୁଏଏସ୍‌ର ଟିମ୍ ସର୍ଭେ କରୁଛି। ଭୁବନେଶରର କ୍ୟାପିଟାଲ ହସ୍ପିଟାଲରେ ୧୦ ତାରିଖ ଅର୍ଥାତ୍ ସୋମବାରଠାରୁ ଏହି ସର୍ଭେ କରାଯାଉଛି। ୩ଜଣିଆ କେନ୍ଦ୍ରୀୟ ଏନ୍‌କ୍ୟୁଏଏସ୍ ଟିମ୍ ୩ଦିନ ଧରି ଏହି ସର୍ଭେ କରିବେ। ହସ୍ପିଟାଲର ୧୯ଟି ବିଭାଗକୁ ତଦାରଖ କରାଯିବ। ପ୍ରଥମଥର ପାଇଁ କ୍ୟାପିଟାଲ ହସ୍ପିଟାଲ ଏନ୍‌କ୍ୟୁଏଏସ୍‌ରେ ମିଶିବା ପାଇଁ ଆବେଦନ କରିଥିଲା। ଦୁଇବର୍ଷ ଧରି ଏନେଇ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ପ୍ରସ୍ତୁତି କରାଯାଇଥିଲା। ଖୁବ୍‌ଶୀଘ୍ର କ୍ୟାପିଟାଲ ହସ୍ପିଟାଲର ସ୍ୱାସ୍ଥ୍ୟ ଗୁଣବତ୍ତା ପ୍ରମାଣପତ୍ର ରିପୋର୍ଟ ପ୍ରକାଶ ପାଇବ।

# ଜିଲା ଓକିଲ ସଂଘର ଗଣଧାରଣା

**ନୂଆପଡ଼ା, ୧୧।୭ (ମକାରୁ ବେମାଲ)**

**ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଅଭିଯୋଗ**

ନୂଆପଡା ଜିଲା ଖଡିଆଳ ଓ କୋମନା ମଧ୍ୟ ଭାଗରେ ନିର୍ମାଣାଧୀନ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ତିଖାଲିରେ ୧୨ଟି ଗାଁ ସମ୍ପର୍ଣ୍ଣ ବୁଡିଯାଇଥିବା ବେଳେ ୧୯ଟି ଗାଁ ଆଂଶିକ ଭାବେ ବୁଡି ୩୧ଟି ଗାଁର ୫,୨୬୮ ପରିବାର ପ୍ରଭାବିତ ହୋଇଥିଲେ। କେତେ ଲୋକ ଆର୍ଥିକ ସହାୟତା ପାଇଥିବା ବେଳେ ଆଉ କେତେ ଲୋକ ବର୍ତ୍ତମାନ ସୁଦ୍ଧା ପାଇନାହାନ୍ତି। ଏ ସଂକ୍ରାନ୍ତରେ ଖଡିଆଳ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ପାଖକୁ ଗଲେ ଅଭିଯୋଗକାରୀଙ୍କ କଥାକୁ ଶୁଣୁନାହାନ୍ତି। ଓକିଲମାନେ ମାମଲା ଧରି ଗଲେ ମଧ୍ୟ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଭୃକ୍ଷେପ ନ କରି ଓକିଲମାନଙ୍କୁ ସମ୍ମାନ ନ ଦେଇ ତଡି ଦେଇ ନିଜର ମନମୁଖି କାର୍ଯ୍ୟ କରୁଛନ୍ତି। ଏହାର ବିରୋଧରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ସିଭିଲ ବାର ଆସୋସିଏଶନ ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଧାରଣାରେ ବସିଛନ୍ତି। ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀ ଓ ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ୨୦୦୦ରୁ ଆରମ୍ଭ ହୋଇଥିବା ଲୋୟର ଇନ୍ଦ୍ରଜଳ ସେଚନ ପ୍ରକଳ୍ପ ୨୩ ବର୍ଷ ବିତିଯାଇଥିଲେ ମଧ୍ୟ ବିସ୍ଥାପିତଙ୍କ ସମାଧାନ ହୋଇ ପାରିନାହିଁ। ଯାହା ଦ୍ୱାରା ବିସ୍ଥାପିତମାନେ ସମସ୍ୟା ସମାଧାନ ପାଇଁ ଓକିଲମାନଙ୍କ ସହାୟତା ଲୋଡି ଖଡିଆଳ ସ୍ୱତନ୍ତ୍ର ଭୂ-ଉଅର୍ଜନ ଅଧିକାରୀ ପାଖକୁ ଗଲେ ଅଣଦେଖା କରି କିଛି କଥା ଶୁଣୁ ନାହାନ୍ତି। ଫଳରେ ବିସ୍ଥାପିତମାନେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଜିଲା ଓକିଲ ଗଣ ଧାରଣାରେ ବସିଛନ୍ତି। ଏହାର ଉଚିତ ତଦନ୍ତ କରି ଦୁର୍ନୀତି ଖୋର ଅଧିକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।




ଓକିଲ ସଂଘର ଧାରଣା।

# ନିର୍ମାଣାଧୀନ ରାଜଘାଟ ଛାତରେ ଫାଟ

**ସମ୍ବଲପୁର, ୧୧।୭ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁରରେ ନିର୍ମାଣାଧୀନ ନୂତନ ରାଜଘାଟ ଛାତରେ ଫାଟ ସୃଷ୍ଟି ହୋଇଛି। ନିମ୍ନମାନର କାମ ଯୋଗୁ ରାଜଘାଟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଭାଜପା ଦାବି କରିଛି। ପୂର୍ବତନ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସୂର୍ଯ୍ୟ ପାଣିଗ୍ରାହୀ, ପୂର୍ବତନ ଜିଲା ପଛୁଆବର୍ଗ ସଭାପତି ସରୋଜ ସାହୁ, ପୂର୍ବତନ ଜିଲା କୋଷାଧ୍ୟକ୍ଷ ମୁକେଶ ଜରିୱାଲଙ୍କ ଅଭିଯୋଗ କରିଛନ୍ତି ଯେ, ସମ୍ବଲପୁର ସହରର ମା' ପାଟଣେଶ୍ୱରୀ ଦେବୀ ଓ ମା' ସମଲେଶ୍ୱରୀ ଦେବୀଙ୍କ ପାର୍ଶ୍ୱରେ ତଥା ମହାନଦୀ ତଟରେ ଶବଦାହ ନିମନ୍ତେ ବହୁବର୍ଷ ହେଲା ରାଜଘାଟ ନିର୍ମାଣ ହୋଇଥିଲା। ସମଲେଇ ଯୋଜନା କାମ ଚାଲୁଥିବା କାରଣରୁ ପୁରୁଣା ରାଜଘାଟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଗୁଡ଼େଶ୍ୱର ମହାଦେବ ମନ୍ଦିର, ମହାନଦୀ ମନ୍ଦଲିଆ ମୁହାଣରେ ବିପୁଳ ଅର୍ଥ ବ୍ୟୟରେ ନୂତନ ରାଜଘାଟ ନିର୍ମାଣ ହେଉଛି। ଏକାଥରକେ ୪୦ରୁ ଊର୍ଦ୍ଧ୍ୱ ଶବଦାହ ବ୍ୟବସ୍ଥା, ଗାଧୋଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ପ୍ରତୀକ୍ଷାଳୟ, ସୁନ୍ଦର ଉଦ୍ୟାନ, ମହାନଦୀ ମୁଖ୍ୟ ଧାରକୁ ରାସ୍ତା ହେଉଥିବା ଦୃଷ୍ଟିରୁ ସମ୍ବଲପୁର ସହରବାସୀ ଖୁସି ଥିଲେ। ହେଲେ ଦୁର୍ଭାଗ୍ୟର ବିଷୟ ରାଜଘାଟ ଉଦ୍‌ଘାଟନ ପୂର୍ବରୁ ଛାତରେ ଫାଟ ସୃଷ୍ଟି ହେଲାଣି। କେବଳ ସେତିକି ନୁହେଁ, ମୌସୁମୀ ପ୍ରଥମ ବର୍ଷାରେ ନୂତନ କୋଠାର ଛାତରୁ ପାଣି ଝରୁଛି। ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଓ ଠିକା କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ଜନସଂଖ୍ୟା ଫାଉଣ୍ଡେଶନ ପକ୍ଷରୁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ନୂଆପଡ଼ା, ୧୧।୭ (ମକାରୁ ବେମାଲ)**

ବିଶ୍ୱ ଜନ ସଂଖ୍ୟା ଦିବସ ଅବସରରେ ଜନ ସଂଖ୍ୟା ସମାଧାନ ଫାଉଣ୍ଡେଶନ ନୂଆପଡା ଶାଖା ପକ୍ଷରୁ ରାଜ୍ୟ କାର୍ଯ୍ୟାକାରଣି ସଦସ୍ୟ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମକାନ୍ତ ସାଏଙ୍କ ଜରିଆରେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଶ୍ୱ ଜନ ସଂଖ୍ୟା ଦିବସ ଅବସରରେ ଫାଉଣ୍ଡେଶନ ତରଫରୁ ରାଷ୍ଟ୍ରବ୍ୟାପି ଗଣଧାରଣା ଓ ଦାବିପତ୍ର ପ୍ରଧାନ କରାଯାଇଥିବା ବେଳେ ମଙ୍ଗଳବାର ନୂଆପଡା ଶାଖା ପକ୍ଷରୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଚୀନକୁ ପଛରେ ପକାଇ ଭାରତ ବିଶ୍ୱରେ ସର୍ବବୃହତ ଜନ ସଂଖ୍ୟାର ଦେଶ ଭାବରେ ପରିଣତ ହୋଇଛି। ପୃଥିବୀରେ ସମୁଦାୟ ସ୍ଥଳ ଭାଗରୁ ଭାରତର ମାତ୍ର ୨.୪ ପ୍ରତିଶତ ସ୍ଥଳ ଭାଗ ଥିବା ବେଳେ ପାନୀୟ ଜଳ ମାତ୍ର ୪ ପ୍ରତିଶତ ରହିଛି। ଜନ ସଂଖ୍ୟାର ଅହେତୁକ ବୃଦ୍ଧି ଯୋଗୁ ଦେଶର ବିକାଶରେ ବାଧା ସୃଷ୍ଟି ହେଉଛି । ଜନ ସଂଖ୍ୟା ଯୋଗୁ କୁପୋଷଣ, ଅନାହାର ଓ ବେକାରୀ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଚାଷ ଓ ଜଙ୍ଗଲ ଜମି କମିବାରେ ଲାଗିଛି। ଆଇନଶୃଙ୍ଖଳା, ଗମନା ଗମନ, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ପ୍ରଭାବିତ କରୁଛି। ଦେଶରେ ପ୍ରତି ଦିନ ୬୬ ହଜାର ଶିଶୁ ଜନ୍ମ ଲାଭ କରୁଛନ୍ତି। ଦେଶର ସୁସ୍ଥ ଗଣତନ୍ତ୍ର ଓ ଧର୍ମ ନିରପେକ୍ଷତା ରକ୍ଷା କରିବା ପାଇଁ ୨ ସନ୍ତାନ ଅଧିକାର ବିଶିଷ୍ଟ ସମସ୍ତଙ୍କ ନାଗରିକମାନଙ୍କ ପାଇଁ ଆଇନ ପ୍ରଣୟନ କରିବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଦାବି କରାଯାଇଛି। ଏହି ସମୟରେ ଭକ୍ତବନ୍ଧୁ ଧରୁଆ, ଜଗନ୍ନଥ ଶବର, ଜ୍ଞାନେଶ୍ୱର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ହରଗୌରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ

**କର୍ଲାମୁଣ୍ଡା, ୧୧।୭ (ପ୍ରଦୀପ ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁଶୁର୍ଲା ପରିସରରେ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ଅବିନାଶ ଠାକୁର, କଲେଜ ଅଧ୍ୟକ୍ଷ ସୁବୋଧ କୁମାର ଶତପଥୀ, ଇଂରାଜୀ ଅଧ୍ୟାପକ ଗଗନ ବିହାରୀ ମହାପାତ୍ର, ଛାତ୍ର ଜିଲା ବିଜେଡି ସଭାପତି ଅଜିତ କୁମାର ସାହୁ, ଛାତ୍ର ବ୍ଲକ ବିଜେଡି ସଭାପତି ସଲିମ ଶେଖର ରଣା, କିରାଣୀ ଚୁଡ଼ାମଣି ସାହୁ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଛାତ୍ରୀଛାତ୍ରମାନଙ୍କୁ ପରିବେଶ ସୁରକ୍ଷା ଓ ଜଙ୍ଗଲ ସୃଷ୍ଟି ଉପରେ ପରାମର୍ଶ ଦେଇଥିଲେ।



ମୁଖ୍ୟ ଅତିଥିଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଉଛି।

# ଚାଷୀଙ୍କ ପାଇଁ ଦାଉ ସାଧୁଛି ହାତୀ ନଦୀ

**କୁନାଗଡ଼, ୧୧।୭ (ଅଂଶୁମାନ ଯୋଶୀ)**

- କଲମଡ଼ଙ୍ଗା ସେତୁ ନିର୍ମାଣ ହୋଇନି
- ପଡିଆ ପଡିଛି ୩୦୦ ଏକର ଚାଷଜମି
- ୨୦ ବର୍ଷ ହେଲା ଚାଷ କାମ ଠପ୍

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଣିଜରା ପଞ୍ଚାୟତ ଅନ୍ତର୍ଗତ ପୁରୁଣାସର ଗ୍ରାମରେ ଚିରସ୍ରୋତା ହାତୀ ନଦୀ ପ୍ରବାହିତ ହେଉଛି। ବର୍ତ୍ତମାନ ଏହି ନଦୀ ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ହାତୀ ନଦୀର ପାଣି ଉପର ମୁଣ୍ଡକୁ ନ ଯାଇ ତଳମୁଣ୍ଡକୁ ଏକ ବିରାଟ ସ୍ରୋତ ହୋଇ କଲମଡଙ୍ଗା ନାଳ ଦେଇ ପ୍ରବାହିତ ହେଉଛି। ଯାହାକି ଏବେ ବିରାଟ ସ୍ରୋତରେ ପରିଣତ ହୋଇଛି। ଦୀର୍ଘ ବର୍ଷ ତଳେ ଏହି କଲମ ଡଙ୍ଗା ସେତୁରେ ହାତୀ ନଦୀ ପାଣି ପ୍ରବାହିତ ହେଉ ନ ଥିଲା। ଫଳରେ ପୁରୁଣାସର ଗ୍ରାମର ଚାଷୀମାନେ ସହଜରେ ନିଜ ଚାଷ ଜମିକୁ ଯାଇ ଚାଷ କାର୍ଯ୍ୟ କରି ଆସୁଥିଲେ। ବର୍ତ୍ତମାନ କଲମ ଡଙ୍ଗା ସେତୁ ଉପରେ ହାତୀ ନଦୀର ପାଣି ପ୍ରବାହିତ ହେଉଥିବାରୁ ଚାଷ କାମ ପାଇଁ ଚାଷୀମାନେ ଆରପଟକୁ ଆଉ ଯାଇ ପାରୁନାହାନ୍ତି। ଫଳରେ ଗ୍ରାମର ୧୦୦ ଜଣ ଚାଷୀଙ୍କ ୩୦୦ ଏକର ଚାଷ ଜମି ଗତ ୨୦ ବର୍ଷ ହେଲା ପଡିଆ ହୋଇ ପଡିରହିଛି। ଏପରିକି ଭୂମି ହୀନ ଚାଷୀଙ୍କୁ ମଧ୍ୟ ସେହି ସ୍ଥାନରେ ଜମି ପ୍ରଦାନ କରାଯାଉଛି। ଫଳରେ ସେମାନେ ଚାଷ କାମ ନ କରିପାରିବାରୁ ଦାଦନ ମୁହାଁ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମର ବୁଢା ରାଜା ମନ୍ଦିର ମଧ୍ୟ ସେହି ସ୍ଥାନରେ ରହିଛି। ଯାହାକି ଦୀର୍ଘ ବର୍ଷ ହେଲା ସେହି ସ୍ଥାନରେ ଆର୍ଭିବଭା ହେଇଛନ୍ତି। ଏପରିକି ସେହି ସ୍ଥାନରେ ଭୀମ ଖୋଜ ମଧ୍ୟ ରହିଛି। ସେହି ସ୍ଥାନକୁ ଯିବା ପାଇଁ ବାଧକ ସାଜିଛି କଲମ ଡଙ୍ଗା ସେତୁ। ହାତୀ ନଦୀ ଯୋଗୁ ଚାଷୀମାନେ ଏବେ ଚିନ୍ତାରେ ରହିଥିବା ବେଳେ କୌଣସି ନେତା କି ମନ୍ତ୍ରୀ କି ପ୍ରଶାସନ ପକ୍ଷରୁ କୌଣସି ସୁବିଧା ସୁଯୋଗ ମିଳୁନାହିଁ। ଅଭିଯୋଗ କରିଥିଲେ ମଧ୍ୟ କିଏ ଦୃଷ୍ଟି ଆକର୍ଷଣ କରୁ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। କଲମ ଡଙ୍ଗା ସେତୁ ନିର୍ମାଣ କିମ୍ବା ହାତୀ ନଦୀ ସ୍ରୋତକୁ ପଥର ପେଚିଙ୍ଗ ମାଧ୍ୟମରେ ପାଣିକୁ ଅଟକାଇ ପୂର୍ବ ଦିଗକୁ ହାତୀ ନଦୀ ପାଣିକୁ ମୁହାଁଇଲେ ହୁଏତ ଚାଷୀମାନଙ୍କ ସମସ୍ୟା ଦୂରହୋଇ ପାରିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନ କିଛି ଚାଷୀଙ୍କ ଜମି କଲମ ଡଙ୍ଗା ସେତୁରେ ମିଶିଯାଇଛି। ଏଣୁ ଚାଷୀମାନଙ୍କ ସୁବିଧା ଦୃଷ୍ଟିରୁ ତୁରନ୍ତ ରାଜ୍ୟ ସରକାର ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପୁରୁଣାସର ଗ୍ରାମ ଚାଷୀମାନେ ଦାବି କରିଛନ୍ତି। ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ ନ କଲେ ଚାଷୀମାନେ ଏକ ବଡ଼ ଧରଣର ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।



କଲମଡ଼ଙ୍ଗା ନାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଜୁଲାଇ ୨୦୨୩



**ଲଗାଣ ବର୍ଷାରେ ଧସିଲା ୪ ଘର**

**କୁତ୍ରା (ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ପଞ୍ଚରାଠାରେ ଲଘୁଚାପଜନିତ ବର୍ଷା ଯୋଗୁ ୩ଟି ଘର ଧସିଯାଇଛି। ଘଟଣାରୁ ଜଣାପଡିଛି ଯେ, ଲଗାଣ ବର୍ଷାରେ ପଞ୍ଚରା ପତ୍ରାପଡାର ପରମାନନ୍ଦ ମାଝୀଙ୍କ ୩ ଟି ଘର ଧସିଯାଇଥିବା ବେଳେ ବସ୍ତିର ସରୋଜ ତ୍ରିପାଠୀଙ୍କ ଗୋଟିଏ କାନ୍ଥ ଓ ରାଏଡିହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୋଟିଏ ଘର ଧସିଯାଇଛି। ଫଳରେ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କୁତ୍ରା ବ୍ଲକ ପ୍ରଶାସନ ଏଦିଗରେ ଦୃଷ୍ଟିଦେଇ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି ହେଉଛି।

## ଆଜି କ'ଣ କେଉଁଠି

ସୁନ୍ଦରଗଡ଼

- ସେବକ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟ, ୧୦ଘଟିକା।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଲହୁଣୀପଡ଼ା,୧୧।୭(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ସିଲପୁଞ୍ଜ ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ମନିକା ଓରାମ(୪୫)। ଚାନ୍ଦିପୋଷ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ମନିକା ସୋମବାର ସନ୍ଧ୍ୟାରେ ନିଜ ଘର ଅଗଣାରୁ ଜାଳେଣି କାଠ ବାହାର କରୁଥିବା ସମୟରେ ଏକ ବିଷଧର ସାପ ତାଙ୍କୁ ଆଘାତ କରିଥିଲା। ପରିବାର ଲୋକ ଏହା ଜାଣିବା ପରେ ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୮ ଫୁଟ୍‌ର ନାଗସାପ ଉଦ୍ଧାର



**ସବ୍‌ଡେଗା,୧୧।୭( ଅନନ୍ତ ପଟେଲ):** ସୁନ୍ଦରଗଡ଼ ଜିଲା ସବ୍‌ଡେଗାରେ ୮ ଫୁଟ୍ ଲମ୍ବର ନାଗସାପ ଉଦ୍ଧାର ହୋଇଛି। ଗତ ୧୫ ଦିନ ଧରି ସାପଟି ଚାଷଜମିରେ ରହି ଆତଙ୍କ ଖେଳାଉଥିଲା। ଫଳରେ ଚାଷୀମାନେ ଜମିକୁ ଯିବାକୁ ଭୟ କରୁଥିଲେ। ମଙ୍ଗଳବାର ଯୁବକମାନଙ୍କ ସହାୟତାରେ ମନୋଜ ପଟେଲ ସାପକୁ ଧରି ୪ କିଲୋମିଟର ଦୂରରେ ଥିବା ଏକ ଜଙ୍ଗଲରେ ଛାଡ଼ିଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଚାଷୀ ସାପ ଆକ୍ରମଣର ଶିକାର ହୋଇ ନାହାନ୍ତି।

### ଡୁଲଙ୍ଗାଖଣିରେ ପ୍ରଥମ ମହିଳା ଖଣି ଇଞ୍ଜିନିୟର ସାକ୍ଷୀ




**ସୁନ୍ଦରଗଡ଼,୧୧।୭(ଜୟନାରାୟଣ ମେଣ୍ଡୁଲି):** ଏନ୍‌ଟିପିସି ଡୁଲଙ୍ଗା ଖଣିରେ ପ୍ରଥମ ମହିଳା ଖଣି ଇଞ୍ଜିନିୟରଭାବେ ସାକ୍ଷୀ କୁମାରୀ ନିଯୁକ୍ତି ପାଇଛନ୍ତି। ଜୁନ ୧୫ରେ ସେ କୋଇଲା ଖଣି ପ୍ରକଳ୍ପରେ ଯୋଗ ଦେଇଥିଲେ। ସେ ଏବେ ମହିଳାଙ୍କ ପାଇଁ ଉଦହାରଣ ସାଜିଛନ୍ତି।

### ନୂତନ ଥାନାଧିକାରୀଙ୍କ ଯୋଗଦାନ

**ଲହୁଣୀପଡା,୧୧।୭(ଦାଶରଥି ପଣ୍ଡା):** ଲହୁଣୀପଡା ଥାନାର ନୂତନ ଥାନା ଅଧିକାରୀଭାବେ ଗଗନ ବିହାରୀ ନାୟକ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ସେ କେନ୍ଦୁଝର ଜିଲା ଚମ୍ପୁଆଠାରେ ଥାନା ଅଧିକାରୀଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଲହୁଣୀପଡା ଥାନା ଅଧିକାରୀଭାବେ ଥିବା ଜ୍ୟୋତି ରଞ୍ଜନ ପତିଙ୍କୁ ରାଉରକେଲା ପ୍ଲାଣ୍ଟ ସାଇଟ ଥାନାକୁ ବଦଳି କରାଯାଇଛି।

### ପୂର୍ବତନ ସମିତି ସଭ୍ୟଙ୍କ ବିୟୋଗ

**ରାଜଗାଙ୍ଗପୁର, ୧୧।୭ (ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ପାନପୋସ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଗେନ୍ଦେରା ଖାଲଖୋଙ୍କ ୪୫ ବର୍ଷ ବୟସରେ ସୋମବାର ବିଳମ୍ବିତ ରାତିରେ ଆକସ୍ମିକ ମୃତ୍ୟୁ ଘଟିଛି। ତାଙ୍କ ଦେହାନ୍ତରେ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ସମିତିସଭ୍ୟ ଥିବା ସମୟରେ ସେ ପଞ୍ଚାୟତର ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ।

# ବଦଳୁନି ମୁଦିପଡ଼ା ବିକାଶର ଚିତ୍ର

**ହେମଗିର,୧୧।୭(ଚୈତନ୍ୟ ପଟେଲ )**



ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କଦୁଡିହି ପଞ୍ଚାୟତ ମୁଦିପଡା ଗ୍ରାମରେ ବିକାଶର ଚିତ୍ର ବଦଳୁନାହିଁ। ନା ରହିଛି ଗାଁକୁ ଭଲ ରାସ୍ତା ନା ରହିଛି ଲୋକଙ୍କ ପାଖରେ ମୌଳିକ ସୁବିଧା। ସରକାର ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଗାଇ ଦେଉଥିବା ବେଳେ ଏହି ଗାଁରେ ଆଜି ମଧ୍ୟ ଚାଳ ଛପର ଘରେ ଲୋକେ ଅତି ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ସରକାରୀ ସହାୟତା ଏମାନଙ୍କ ପାଇଁ ସାତସପନ। ଆଜି ପର୍ଯ୍ୟନ୍ତ ଏଠାରେ କୌଣସି ସରକାରୀ ବାବୁଙ୍କ ପାଦ ପଡ଼ିନାହିଁ। ଭୋଟ ସମୟରେ ନେତାମାନେ ଆସି ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ନିର୍ବାଚନ ପରେ ନେତାମାନେ ଏହାକୁ ଭୁଲି ଯାଆନ୍ତି। ଲୋକେ ଆଜି ପର୍ଯ୍ୟନ୍ତ ବିକାଶର ଚିତ୍ର ଦେଖିବାକୁ ପାଇ ନାହାନ୍ତି। ଏହି ଗ୍ରାମରେ ୨୫ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ପିଇବା ପାଣିର କୌଣସି ସୁବିଧା ନାହିଁ। ଅଞ୍ଚଳରେ ୩ଟି ନଳକୂପ ଥିବାବେଳେ ଗୋଟିଏ ଅଚଳ ହୋଇପଡ଼ିଛି। ଅନ୍ୟ ୨ଟିରେ ଲାଲ ରଙ୍ଗର ପାଣି ବାହାରିବା ଯୋଗୁ ଏହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର

**ସରକାରୀ ଯୋଜନା ସାତସପନ**

ସୁବିଧା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଯିବାରେ ସମସ୍ୟା ହେଉଛି। ଏହାର ଆଖପାଖରେ ଡାକ୍ତରଖାନା ନ ଥିବାରୁ ଏଠାକାର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ୧୨ କିଲୋମିଟର ଅର୍ଥାତ୍ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଏଥିସହ ଲୋକେ କାମ ଧନ୍ଦା ନ ପାଇ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିବା ପ୍ରକାଶ କରିଛନ୍ତି। ଏହି ଗ୍ରାମରେ ଲାଗି ରହିଥିବା ସମସ୍ୟା ଉପରେ ଜିଲା ପ୍ରଶାସନ ଦୃଷ୍ଟି ଦେବା ସହିତ ଅଞ୍ଚଳର ବିକାଶ ପାଇଁ ସାଧାରଣରେ ଦାବି ହେଉଛି।

# ବିଦ୍ୟୁତ୍ ବିତରଣ କମ୍ପାନୀ କାର୍ଯ୍ୟାଳୟ ଘେରିଲେ ପଞ୍ଚାୟତ ବାସିନ୍ଦା

**ରାଜଗାଙ୍ଗପୁର,୧୧।୭ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ବୁଡ଼ାମ୍ବ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ମାସେରୁ ଉର୍ଦ୍ଧ୍ୱ ହେବ ବିଜୁଳି ନାହିଁ। ଏନେଇ ସରପଞ୍ଚ ମୋନିକା ଖାଲଖୋଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ମଙ୍ଗଳବାର ବିଦ୍ୟୁତ୍ ବିତରଣ କମ୍ପାନୀ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ପଞ୍ଚାୟତରେ ବିଜୁଳି ନ ଥିବା ଯୋଗୁ ୭ହଜାର ପରିବାର ହଇରାଣ ହରକତ ହେଉଛନ୍ତି, ପିଲାଙ୍କ ପାଠପାଢ଼ା ହୋଇପାରୁନାହିଁ, ମୋବାଇଲ ଚାର୍ଜ ହୋଇପାରୁନାହିଁ, ଏହା ଜଙ୍ଗଲିଆ ଅଞ୍ଚଳ ହୋଇଥିବାରୁ ବିଭିନ୍ନ ମାରାତ୍ମକ ପଶୁଙ୍କ ଭୟ ମଧ୍ୟ ଉପୁଜୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ହେଲେ

**ମାସେ ହେବ ବିଜୁଳି ନ ଥିବା ଅଭିଯୋଗ**

କାର୍ଯ୍ୟାଳୟରେ କେହି ଅଧିକାରୀ ନ ଥିବାରୁ, ଅଧିକାରୀଙ୍କ ସହ ଫୋନ୍‌ଯୋଗେ କଥାବାର୍ତ୍ତା ହୋଇ କାର୍ଯ୍ୟାଳୟରେ ଥିବା କର୍ମଚାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏହି ସଂକ୍ରାନ୍ତରେ କମ୍ପାନୀର ଏକଜ୍ୟୁକେଟିଭ ଇଞ୍ଜିନିୟର ସମରେଷ ପାଲଙ୍କ ପଚାରିବାରୁ, କାଳ ବୈଶାଖି ଯୋଗୁଁ ଏହି ଅସୁବିଧା ହୋଇଛି। ଦୁଇ ତିନି ଦିନ ଭିତରେ ଏହା ଠିକ୍ ହୋଇଯିବ ବୋଲି ସେ କହିଛନ୍ତି। ଏବେ ଦେଖିବାକୁ ବାକି ରହିଲା ମାସେ ହେଲା ଯାହା ଠିକ୍ ହୋଇ ପାରିଲା ନାହିଁ ଦୁଇ ତିନି ଦିନ ହିତରେ ତାହା କେତେ ସମ୍ଭବ ହେଉଛି।




ପଞ୍ଚାୟତର ଲୋକମାନେ ବିଦ୍ୟୁତ୍ ବିଭାଗ ଅଫିସ ଘେରାଉ କରିଛନ୍ତି।

# ବନ ମହୋତ୍ସବ ସତ୍ତ୍ୱେ ସଙ୍କୁଚିତ ହେଉଛି ଅରଣ୍ୟ

**କୁତ୍ରା,୧୧।୭(ଦେବାଶିଷ ସାହୁ)**

ପ୍ରତିବର୍ଷ ବନ ମହୋତ୍ସବ ଅନୁଷ୍ଠିତ ହେଉଛି। ହେଲେ ଜଙ୍ଗଲର ଆୟତନ ବୃଦ୍ଧି ନ ପାଇ ପରନ୍ତୁ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ସୁନ୍ଦରଗଡ଼ ଜିଲା କୁତ୍ରାବ୍ଲକର ଅନେକଗୁଡିଏ ପଞ୍ଚାୟତ ପ୍ରାକୃତିକ ବୃକ୍ଷ ବା ଜଙ୍ଗଲରୁ ବଞ୍ଚିତ ହୋଇଗଲାଣି। କେବଳ ପଞ୍ଚରା ଓ ନୂଆଗାଁ ପଞ୍ଚାୟତରେ ଘଞ୍ଚ ଅରଣ୍ୟ ଦେଖିବାକୁ ମିଳୁଥିବା ବେଳେ ଅନ୍ୟ କୌଣସି ଅଞ୍ଚଳରେ ଏହା ଦେଖିବାକୁ ମିଳୁନାହିଁ। ବନ ମହୋତ୍ସବ ନାମରେ ଚାରାରୋପଣ କାର୍ଯ୍ୟ ହେଉଥିଲେ ମଧ୍ୟ ଲଗାଯାଉଥିବା ବୃକ୍ଷର ଯତ୍ନ ନିଆଯାଉ ନ ଥିବାରୁ ବର୍ଷେ ଦୁଇ ବର୍ଷ ମଧ୍ୟରେ ପୂର୍ବାବସ୍ଥାକୁ ଜମି ଫେରିଯାଉଛି। କୁତ୍ରାର ଡାହିଜିରା ଜଙ୍ଗଲ, କଟଙ୍ଗ, ସିଆଲଯୋର, କର୍ମାବାହାଲ, ପୁରକାପାଲରେ ଇଉକାଲିପଟାସ, ଚାକୁଣ୍ଡା ଏବଂ ଅନ୍ୟାନ୍ୟ ଗଛ ସାଙ୍ଗକୁ କେଉଁଠି କେଉଁଠି କାଜୁ ବାଦାମ ବଗିଚାମାନ ସୃଷ୍ଟି କରାଯାଇଛି। ସରକାର ରୋଷେଇ ପାଇଁ ରନ୍ଧନ ଗ୍ୟାସ ପ୍ରଚଳନ ଓ ପ୍ରସାରଣ କରୁଥିବା ସତ୍ତ୍ୱେ ଅନେକ ଲୋକ ଗାଁ ମୁଣ୍ଡ ଜଙ୍ଗଲ ଏପରି କି ଅନେକ ସ୍ଥାନରେ ୧୨ ରୁ ୧୫ କିଲୋମିଟର ପର୍ଯ୍ୟନ୍ତ ଜଙ୍ଗଲ ଭିତରେ ପଶି ବୁଦାଳିଆ ଗଛ କାଟି ନେଉଛନ୍ତି। ଅନେକ ସମୟରେ ମାଟି ଖୋଳି ଚେର ପର୍ଯ୍ୟନ୍ତ ଓପାଡି ନେଉଥିବା ଯୋଗୁ ବୁଦାଜଙ୍ଗଲ ଉଧେଇ ପାରୁନାହିଁ। ଚାକୁଣ୍ଡା ଜଙ୍ଗଲ ସଙ୍କୁଚିତ ହେଉଥିବା ସମସ୍ତେ ଜାଣି ମଧ୍ୟ ଏହାର ସମାଧାନ ପାଇଁ ବନ ବିଭାଗ ଓ ସାଧାରଣରେ ଉଦ୍ୟମ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବୃକ୍ଷ ଓ ବନପ୍ରେମୀ ମତଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତି ଏଭଳି ହୋଇଛି ଯେ, ରାସ୍ତାକଡ଼ରେ ଛାଇ ଟିକିଏ ପାଇବା କଷ୍ଟର ହୋଇପଡ଼ିଛି। ଜଙ୍ଗଲ ଲୋପପାଇବା ଯୋଗୁ ବର୍ତ୍ତମାନ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗୁଛି। ଥଣ୍ଡା ଓ ବର୍ଷା ଦିନରେ ମଧ୍ୟ ଗରମ ଅନୁଭୂତ ହେଉଛି। ପ୍ରାଣୀଜଗତ ଅସ୍ତବ୍ୟସ୍ତ ହୋଇଗଲାଣି। ଏଭଳି ଭାବରେ ଯଦି ବୃକ୍ଷର ଯତ୍ନ ନିଆ ନ ଯାଏ ତେବେ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଅନୁମାନ କରାଯାଉଛି।



ଘଞ୍ଚ ଅରଣ୍ୟ।

### ଗୋଲେଇ ଛକରେ ହାଇମାଷ୍ଟ ଲାଇଟ ଲଗାଇବାକୁ ଦାବି

**ହେମଗିର,୧୧।୭(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ଗ୍ରାମର ୨ ମୁଖ୍ୟ ପ୍ରବେଶ ଦ୍ୱାରର ଗୋଲେଇ ଛକରେ ହାଇମାଷ୍ଟ ଲାଇଟ ବ୍ୟବସ୍ଥା କରିବା ପାଇ ଦାବି ହେଉଛି। ସନ୍ଧ୍ୟା ହେଲେ ଏହି ୨ଛକ ଅନ୍ଧାର ହୋଇ ରହୁଛି। ଫଳରେ ଏହି ରାସ୍ତା ଦେଇ ଯା' ଆସ କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହିତ ହାଇମାଷ୍ଟ ଲାଇଟର ବ୍ୟବସ୍ଥା କରିବା ପାଇ ଦାବି ଦେଉଛି।

### ସେବାଶ୍ରମରେ ବନ ମହୋତ୍ସବ

**ସୁନ୍ଦରଗଡ଼,୧୧।୭(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ବେଲକିଡିହି ସେବାଶ୍ରମରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ସେବିକା ନମିତା ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ନବକିଶୋର ପଟେଲ, ବନପାଳ ହେମବତୀ ସିଂ, ସନ୍ତୋଷିନୀ ସାହାଣୀ, ବନରକ୍ଷୀ ସୁସ୍ମିତା କେର୍କେଟା,ପୁରାତନ ଛାତ୍ର ସଂଘ ସଭାପତି ପ୍ରଣବ କିଶୋର ଭୈଷାଲ,ବିଧାୟିକା ପ୍ରତିନିଧି, ସଞ୍ଜୀବ ସିଂହ, ନାରୀନେତ୍ରୀ ଅଞ୍ଜନା ପଟେଲ, ସ୍କୁଲ ପରିଚାଳନା କମିଟି ସଭାପତି ଧନମତୁ ପାଉଲେ, ସୁକାନ୍ତି ନାଏକ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

### ପିକ୍‌ଅପ୍ ଭ୍ୟାନ୍ ଓଲଟି ୨ ଗୁରୁତର

**ଲାଠିକଟା,୧୧।୭(ରାମେଶ୍ୱର ଖାଡଙ୍ଗା):** ଏକ ପିକଅପ୍ ଭ୍ୟାନ ଓଲଟି ୨ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଡ୍ରାଇଭର ଜସକେତନ ମୁଣ୍ଡା ଓ ବୁଟୁ ଲାକ୍ରା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ମଙ୍ଗଳବାର ସକାଳେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ସୋମବାର ରାତିରେ ଏକ ପିକ୍‌ଅପ୍‌ଭ୍ୟାନ ବଣେଇରୁ ରାଉରକେଲା ଅଭିମୁଖେ ଆସୁଥିଲା। ଲାଠିକଟା ଛକ ଅତିକ୍ରମ କରୁଥିବାବେଳେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା।

# ଜିଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ

**ସୁନ୍ଦରଗଡ଼,୧୧।୭(ଜୟନାରାୟଣ ମେଣ୍ଡୁଲି)**

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ସ୍ତରୀୟ ବିଶ୍ୱ ଜନ ସଂଖ୍ୟା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ପଦ ଯାତ୍ରା ସହର ପରିକ୍ରମା କରିଥିଲା। ସଦର ନିକଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସର୍ଗିପାଳି, ମଙ୍ଗସପୁର ଏବଂ ସବ୍‌ଡେଗାର ସଚେତନତା ରଥ ଜିଲାସ୍ତରୀୟ ପଦ ଯାତ୍ରାରେ ଯୋଗଦେଇଥିଲା। ସଚେତନତା ଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଏଏନ୍‌ଏମ୍, ଜିଏନ୍‌ଏମ୍‌ର ଛାତ୍ରୀ ଏବଂ ଆଶାକର୍ମୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ମିଶ୍ରଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଡା. ମିଶ୍ର ସଭାକୁ ଉଦ୍‌ବୋଧନ ଦେଇ ଜନ ସଂଖ୍ୟା ବୃଦ୍ଧିକୁ କିପରି ରୋକା ଯାଇପାରିବ ଏବଂ ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଗୁରୁତ୍ୱାରୋପ କରି ପରିବାରକୁ ଗୋଟିଏ କିମ୍ବା ଦୁଇଟି ସନ୍ତାନରେ ସୀମିତ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଶକ୍ତି ପ୍ରକାଶ ପାଢୀ ଜନ ସଂଖ୍ୟା ବୃଦ୍ଧି ଓ ଏହାର ପ୍ରଭାବ ସମାଜରେ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପୁଷ୍ପ ମିତ୍ର ଭିତ୍ରିଆ ଯୋଗଦେଇ ସ୍ଥାୟୀ ଓ ଅସ୍ଥାୟୀ ପରିବାର ନିୟୋଜନ ଏବଂ ପଦ୍ଧତି ଗ୍ରହଣପରେ ମିଳୁଥିବା ପ୍ରୋତ୍ସାହନ ରାଶି ବିଷୟରେ ବକ୍ତବ୍ୟ ରଖିଥିଲେ। ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. କାହ୍ନୁ ଚରଣ ନାୟକ ସଭାରେ ଯୋଗଦେଇ ଜନ ସଂଖ୍ୟା ବୃଦ୍ଧି ଦ୍ୱାରା ହେଉଥିବା ବିଭିନ୍ନ ସମସ୍ୟା ଉପରେ କହିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଶଙ୍କର ଆଚାର୍ଯ୍ୟ ଉକ୍ତ ଦିବସରେ ଯୋଗଦେଇ ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀଙ୍କୁ ଗୋଷ୍ଠୀ ସ୍ତରରେ ସମସ୍ତ ଜନ ସାଧାରଣଙ୍କୁ ବ୍ୟାପକଭାବେ ପରିବାର ନିୟୋଜନର ସୁବିଧା ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯକ୍ରମରେ ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମହେନ୍ଦ୍ର ବାଘ, ସହାୟକ ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ତିରମଣୀ ପ୍ରଧାନ ଓ ପରିସଂଖ୍ୟା ଅଧିକାରୀ ଦୁଖୁ କିଷାନ, ଅଞ୍ଜନ ପଟେଲ(ମାନସିକ ସ୍ୱାସ୍ଥ୍ୟ) ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ବିଜେଡିର ଗୋଷ୍ଠୀକନ୍ଦଳ ଭାଜପାକୁ ସୁହାଇବ

**ବଡ଼ଗାଁ,୧୧।୭(ଅଶୋକ ଷଡ଼ଙ୍ଗୀ)**

**ସୁନ୍ଦରଗଡ଼ ଜିଲା ତଳସରା ନିର୍ବାଚନମଣ୍ଡଳୀ**

ସୁନ୍ଦରଗଡ଼ ଜିଲା ତଳସରା ନିର୍ବାଚନରେ ବିଜେଡିର ଗୋଷ୍ଠୀକନ୍ଦଳ ପୂର୍ବାପେକ୍ଷା ଆହୁରି ବଢ଼ିଯାଇଛି। ଏହି ଆସନ ପାଇଁ ଆଶାୟୀ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ୨୦୧୪ରେ ତଳସରା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ବିନୟ ଟପ୍ପୋ ୧୪ ଶହ ଭୋଟରେ ପରାଜିତ ହୋଇଥିଲେ। ଦଳୀୟ ଗୋଷ୍ଠୀକନ୍ଦଳର ପରିଣାମ ପରବର୍ତ୍ତୀ ବିଧାନସଭା ନିର୍ବାଚନରେ ମଧ ଦେଖିବାକୁ ମିଳିଥିଲା। ଷ୍ଟିଫେନ ସୋରଙ୍ଗ ଏହି ଆସନରୁ ୨୦୧୯ରେ ୧୪ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାଜିତ ହୋଇଥିଲେ। ବିନୟଙ୍କୁ ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଚାହୁଁ ନ ଥିବାରୁ ସେମାନେ ନିର୍ବାଚନରେ ସକ୍ରିୟ ଭୂମିକା ନେଇ ନ ଥିଲେ କିମ୍ବା ଭୋଟ ଭାଗ କରିଥିବାରୁ ପରାଜୟର ସ୍ୱାଦ ବିଜେଡି ଚାଖିଥିଲା। ତଥାପି ନିଜ ସଂଗଠନ ବଳରେ ବିନୟ ସ୍ୱଳ୍ପ ସଂଖ୍ୟକ ଭୋଟରେ ହାରିଯାଇଥିଲେ। କିନ୍ତୁ ଯେଉଁ ଗୋଷ୍ଠୀ ଷ୍ଟିଫେନ ସୋରେଙ୍ଗଙ୍କ ସମର୍ଥନରେ ଅଣ୍ଟା ଭିଡ଼ିଥିଲେ ସେ ୧୪ ହଜାର ଭୋଟରେ ପରାଜିତ ହୋଇଥିଲେ। ଏହି ୨ ନିର୍ବାଚନରେ ଗୋଷ୍ଠୀକନ୍ଦଳ ଯୋଗୁ ବିଜେଡି ଆସନ ଅକ୍ତିଆର କରିବାରେ ବିଫଳ ହୋଇଥିଲା। ଏହାକୁ ଲକ୍ଷ୍ୟକଲେ ବିନୟଙ୍କୁ ବିରୋଧ କରିଥିବା ଗୋଷ୍ଠୀର ପ୍ରଭାବ ଆଉ ସେତେଟା ନ ଥିବା ଭୋଟ ସଂଖ୍ୟାରୁ ଅନୁମାନ କରାଯାଇପାରେ। ତେବେ ଏହି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏବେ ବଡ଼ଗାଁ ଅଞ୍ଚଳର ଜଣେ ଜନ ପ୍ରତିନିଧିଙ୍କୁ ତଳସରା ବିଧାନସଭା ଆସନରୁ ପ୍ରାର୍ଥୀ କରିବାକୁ ଦାବି କରୁଛନ୍ତି। ସେହି ଜନପ୍ରତିନିଧି ରାଜନୀତିରେ ପାଦ ଦେବାର କିଛି ମାସ ମଧ୍ୟରେ ବିଧାନସଭା ଆସନ ପାଇଁ ଦାବି କରିବାରୁ ନେତାଙ୍କ ଚିନ୍ତା ବଢ଼ିଯାଇଛି। ଏହି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭୂୟାଁ ଭୋଟରୁ ସର୍ବାଧିକ ଅକ୍ତିଆର କରିପାରିବେ ବୋଲି ଆଶା ରଖୁଥିଲେ ମଧ୍ୟ ଏହି ଭୋଟ ଏକତରଫା ଯିବାର ସମ୍ଭାବନା ନାହିଁ। କାରଣ ଭାଜପା ପ୍ରାର୍ଥୀ ବିଧାୟକ ଭବାନୀ ଶଙ୍କର ଭୋଇ ହେବାର ସମ୍ଭାବନା ଥିବାରୁ ଏହି ସମାଜର ଭୋଟ ଭାଗ ହେବା ନିଶ୍ଚିତ। ଏଭଳି ପରିସ୍ଥିତିରେ ମିଶନ ଭୋଟର ଗୁରୁତ୍ୱ ରହୁଛି। ଗତ ୨ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ଯାଉଥିବା ମିଶନ ଭୋଟ ବିଜେଡିକୁ ଆସିଥିଲା। ଫଳରେ କଂଗ୍ରେସର ଭୋଟ ହ୍ରାସ ପାଇଥିଲା। ବିଜେଡିକୁ ବିଗତ ନିର୍ବାଚନରେ ମିଳିଥିବା ମିଶନ ଭୋଟକୁ ବଳବତ୍ତର ରଖିବା ପାଇଁ ବିନୟ ଟପ୍ପୋ ବିଭିନ୍ନ ଅଞ୍ଚଳ ଯାଇ ଲୋକଙ୍କ ସମସ୍ୟା ବୁଝୁଥିବାରୁ ସେ ଟିକେଟ ପାଇଲେ। ମିଶନ ଭୋଟରୁ ସିଂହଭାଗ ହାସଲ କରିପାରିବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପଟେ ଏକ ପ୍ରକାର ସୁପ୍ତ ଥିବା କଂଗ୍ରେସ ଆଗାମୀ ନିର୍ବାଚନରେ କେତେ କ'ଣ କରିପାରିବ ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଯଦି ମିଶନ ଭୋଟରୁ କଂଗ୍ରେସ ସର୍ବାଧିକ ନିଏ ତା'ହେଲେ ସମୀକରଣ ବଦଳିବା ସମ୍ଭାବନା ରହିଛି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ

**ହେମଗିର,୧୧।୭(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭ୍ୟା ମହିମା ସେଠ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ କରୁଣାକର ପଟେଲ, ସରପଞ୍ଚ ଗୀତା କୁଅଁର, ଏସ୍‌ଏମ୍‌ସି ଅଧକ୍ଷ ନରେନ୍ଦ୍ର ଭୈଷାଲ ଉପସ୍ଥିତ ଥିଲେ। ଏହିଅବସରରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୨୨୦ ଛାତ୍ରୀଛାତ୍ରଙ୍କୁ ନୂତନ ସ୍କୁଲ ପୋଷାକ ବିତରଣ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଯୋଗେଶ୍ୱରୀ ପଟେଲ, ସୁଶ୍ରୀ ସଙ୍ଗୀତା ପାଢ଼ୀ, ପ୍ରମୋଦ ମିଶ୍ର, ସାଲିକରାମ ପଟେଲ ଉପସ୍ଥିତ ଥିଲେ।



ଜଣେ ଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଉଛି।

# ଅକର୍ମଣ୍ୟ ଆଲେକଜାଣ୍ଡାର, ସହାୟତାକୁ ଅପେକ୍ଷା

**କୁଆଁରମୁଣ୍ଡା,୧୧।୭(ମହେନ୍ଦ୍ର କୁମାର ସାହୁ)**



ଘଟଣାସ୍ଥଳରେ ୨ ଗୋଡ଼ର ଜଙ୍ଘ ପାଖରୁ ପାଦ ଆଙ୍ଗୁଳି ପର୍ଯ୍ୟନ୍ତ ପୋଡିଯାଇଥିଲା।

**କାରଖାନାରେ କାମ କରୁଥିବା ବେଳେ ହରାଇଥିଲେ ୨ ଗୋଡ଼**

କୁଆଁରମୁଣ୍ଡା ବ୍ଲକ ଗୋବିରା ଗାଁର ଜଣେ ଯୁବକ କାରଖାନାରେ କାମ କରୁଥିବାବେଳେ ତାଙ୍କର ୨ ଗୋଡ଼ ହରାଇଛନ୍ତି। ଫଳରେ ସେ ଏବେ ବିକଳାଙ୍ଗ ସଦୃଶ। ଆଶାବାଡ଼ି ତାଙ୍କର ସାହା। ସେ ହେଉଛନ୍ତି ଆଲେକଜାଣ୍ଡାର ଲାକ୍ରା (୨୭)। ମାତ୍ର ବିଡମ୍ବନାର ବିଷୟ ସେ ଯେଉଁ କାରଖାନାରେ କାମ କରୁଥିଲେ ଏବେ ସେଠାରୁ ତାଙ୍କୁ ଛଟେଇ କରାଯାଇଥିବାରୁ ତାଙ୍କ ପରିବାର ଏବେ ଦୁଃଖରେ କାଳାତିପାତ କରୁଛନ୍ତି। ଆଲେକଜାଣ୍ଡାରଙ୍କୁ ଧରିତ୍ରୀ ପକ୍ଷରୁ ଯୋଗାଯୋଗ କରାଯାଇଥିବାବେଳେ ସେ କହିଛନ୍ତି, କାଖଖାନାରେ ଏକ ତେଲ ଟାଙ୍କି କାଟୁଥିବା ବେଳେ ତାହା ଫାଟି ଯାଇ ଜଳିଥିଲା। ଫଳରେ ଉକ୍ତ କାରଖାନା ପକ୍ଷରୁ କଟକର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଥିଲେ। ସେଠାରେ ୮ ମାସ ଚିକିତ୍ସା ପରେ ଏବେ ସେ ନିଜ ଗାଁକୁ ଫେରିଛନ୍ତି। ତାଙ୍କୁ ଦରମା ଦିଆଯିବ ବୋଲି କାରଖାନା ପକ୍ଷରୁ କୁହାଯାଇଲା। ହେଲେ ଘରକୁ ଫେରିବା ପରେ ଆଉ କାରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କାହାରି ଦେଖାଦର୍ଶନ ମିଳି ନ ଥିଲା। ବକେୟା ଦରମା ପ୍ରଦାନ ପରିବର୍ତ୍ତେ ଅକର୍ମଣ୍ୟ କାରଣରୁ ତାଙ୍କୁ ମଧ୍ୟ କାରଖାନାରୁ ଛଟେଇ କରାଯାଇଛି। ଏଥିରେ ସେ ସମ୍ପୂର୍ଣ୍ଣଭାବେ ଭାଙ୍ଗିପଡିଛନ୍ତି। ରୋଜଗାରିଆ ପୁଅର ଚାକିରି ଯିବା ସହ ୨ ଗୋଡ ଅଚଳ ହୋଇଯାଇଥିବାରୁ ଅବିବାହିତ ପୁଅର ସେବା ଯତ୍ନ ବାପା ରାଫେଲ କରୁଛନ୍ତି। ଅଭାବ ଅନାଟନ ମଧ୍ୟରେ ପୁଅକୁ ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢାଇଥିଲୁ। ଆଶା ଥିଲା ପୁଅ ବଡ଼ ହୋଇ ରୋଜଗାର କରି ଆମକୁ ପୋଷିବ। ହେଲେ ପୁଅର ଭବିଷ୍ୟତ ନଷ୍ଟ ହୋଇଗଲାବୋଲି ରାଫେଲ କୋହ ଭରା କଣ୍ଠରେ ପ୍ରକାଶ କରିଛନ୍ତି। କାରଖାନା କର୍ତ୍ତୃପକ୍ଷ ବା ଜିଲାପ୍ରଶାସନ ସହାୟତାର ହାତ ବଢ଼ାଇବା ପାଇଁ ରାଫେଲ ଅନୁରୋଧ କରିଛନ୍ତି। ଅନ୍ୟ ପକ୍ଷରେ ଏହି ଘଟଣା ସମ୍ପର୍କରେ କାରଖାନା ମାଲିକ ରାଜେଶ ବାଗେଡିଆଙ୍କୁ ପଚରାଯିବାରୁ , ସେ ଏ ବିଷୟରେ ଆଦୌ ଜାଣି ନ ଥିବା କହିଛନ୍ତି। ଏ ବିଷୟରେ ନିଶ୍ଚିତଭାବେ ବୁଝି ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ କାରବାର, ୨ ଗିରଫ

**ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ):** କନ୍ଧମାଳରୁ ଛତିଶଗଡ଼ ରାଜ୍ୟ ରାୟଗଡ଼କୁ ଗଞ୍ଜେଇ ଚାଲାଣ କରୁଥିବାବେଳେ ୨ଅଭିଯୁକ୍ତ ସୋମବାର ବରଗଡ଼ ଜିଲା ଭଟଲି ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ପସାରୀପଦା ଗ୍ରାମର ବିପ୍ର ସାହୁ(୨୨) ଏବଂ ଲବ ମଲ୍ଲିକ(୨୨)। ସେମାନଙ୍କ ପାଖରୁ ୮କି.ଗ୍ରା ଗଞ୍ଜେଇ ଭର୍ତ୍ତି ହୋଇଥିବା ବ୍ୟାଗ, ବାଇକ୍ (ନଂ.ଓଆର୦୭ଜେଡ୍୬୨୮୯), ଗୋଟିଏ ମୋବାଇଲ ଏବଂ ନଗଦ ୧୦୩୦ ଟଙ୍କା ଜବତ ହୋଇଛି। ସୋମବାର ସକାଳେ ଭଟଲି ଥାନା ପୋଲିସ ଭଟଲି-ଅମ୍ବାଭୋନା ରାସ୍ତାରେ ପାଟ୍ରୋଲିଂ କରୁଥିବାବେଳେ ଦୁଇ ଅଭିଯୁକ୍ତ ପୋଲିସକୁ ଦେଖି ନିକଟ ଜଙ୍ଗଲ ଭିତରକୁ ବାଇକ୍ ନେଇ ପଶି ଯାଇଥିଲେ। ପୋଲିସ ପିଛା କରି ଜଙ୍ଗଲ ମଧ୍ୟରୁ ତାଙ୍କୁ ଗିରଫ କରିବା ସହିତ ଗଞ୍ଜେଇ ବୋଝେଇ ବାଇକ୍‌କୁ ଜବତ କରିଥିଲା। ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୧୬୪/୨୩) ରୁଜୁ ହୋଇଛି।

### ୬୦ ୟୁନିଟ୍ ରକ୍ତ ସଂଗ୍ରହ

**ଅତାବିରା,୧୧।୭(ହୃଷିକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବ୍ଲକ ଲାଦେରପାଲି କଲ୍ୟାଣ ମଣ୍ଡପ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବିବେକାନନ୍ଦ ଗଡ଼ତିଆଙ୍କ ସ୍ମୃତିରେ ଅନୁଷ୍ଠିତ ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଭୀମସାର, ବୁର୍ଲା ରକ୍ତ ଭଣ୍ଡାରର ଡା. ଦେବିଲୀନା ପ୍ରଧାନ, ଟେକ୍ନିସିଆନ ପଦ୍ମିନୀ ଶତପଥି, ଗଣେଶ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଗଡ଼ତିଆଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

### ଆନ୍ଦୋଳନ ପାଇଁ ଚାଷୀ ସଙ୍ଗଠନର ପ୍ରସ୍ତୁତି

**ପଦ୍ମପୁର,୧୧।୭(ପ୍ରଦୀପ୍ତ ଦାଶ):** ପଦ୍ମପୁର ରାଜବୋଡାସମ୍ବର କୃଷକ ସଙ୍ଗଠନ ତରଫରୁ ମହୁଲପାଲି ଗ୍ରାମପଞ୍ଚାୟତ ଅଫିସଠାରେ ସଭାପତି ବାଞ୍ଛାନିଧି ନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ସୁଧ ମୁକ୍ତ ଋଣ, ପ୍ରିମିୟମ ଶୂନ୍ୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଘୋଷଣା କରିଥିଲେ ମଧ କୌଣସି ସ୍ପଷ୍ଟ ହୋଇନାହିଁ। ସେଥିପାଇଁ ବୈଠକରେ ଅନେକ କର୍ମୀ କ୍ଷୋଭ ପ୍ରକାଶ କରିଥିଲେ। ଆସନ୍ତା ଜିଲାପାଳଙ୍କ ଜନଶୁଣାଣି ପଦ୍ମପୁରରେ ହେଉଥିବାରୁ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦେବା ପାଇଁ ସର୍ବସମ୍ମତି ମତପ୍ରକାଶ ପାଇଥିଲା। ରାଜବୋଡାସମ୍ବର କୃଷକ ସଙ୍ଗଠନ ତରଫରୁ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଜିକୁ ୨୫୨ ଦିନ ହେବ କୃଷକମାନଙ୍କ ଧାରଣା ଚାଲିଛି । ଅନ୍ୟ ଦଶ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ଦୁର୍ବାର କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସଙ୍ଗଠନର ଅଶୋକ ସାହୁ, ରମେଶ ମହାପାତ୍ର, ଅରବିନ୍ଦ ପଣ୍ଡା, ପାନାଲାଲ ସେଠ, ସରୋଜ ସାହୁ, ଲିଙ୍ଗରାଜ ପଧାନ, ପଞ୍ଚାନନ ସାହୁ, ରୋହିତ ପଧାନ, ସୁବାଷ ସାମନ୍ତରାୟ, ଧନମାଳି ହାତୀ, ଦେବରାଜ ସାହୁ, କୈଳାଶ ବାରିକ, ସୁନୀଲ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମେଶିନ କାମ ବନ୍ଦକଲେ ମହିଳା

- ପୋଖରୀ ଉନ୍ନତୀକରଣରେ ଅନିୟମିତତା
- ବିଭାଗୀୟ ଦୋଷ ଲୁଚାଇବାକୁ ପ୍ରୟାସ

**ଭେଡ଼େନ,୧୧।୭ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟଲି ପଞ୍ଚାୟତ ଅନ୍ତର୍ଗତ ଉଦେପୁର ଗ୍ରାମର ମୁଡ଼ାବନ୍ଧ ପୋଖରୀ ଉନ୍ନତୀକରଣରେ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ଗ୍ରାମବାସୀ ଭେଡ଼େନ ବିଡ଼ିଓଙ୍କୁ ଫେରାଦ ହେବା ସହ ଲିଖିତ ଅଭିଯୋଗ କରିଛନ୍ତି। ଯଦି ଏହାର ବିହିତ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଗତ ଶନିବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ପ୍ରକାଶ ପାଇବା ପରେ ପଞ୍ଚାୟତ କର୍ତ୍ତୃପକ୍ଷ ନିଜ ଦୋଷ ଲୁଚାଇବାକୁ ରାତାରାତି ଏକ ଜେସିବି ମେଶିନରେ ପୋଖରୀ କାମ କରୁଥିଲେ। ତେବେ ଖବର ପାଇ ଗ୍ରାମର ଶତାଧିକ ମହିଳା କାମକୁ ବନ୍ଦ କରି ଦେଇଛନ୍ତି। ଏବେ ମଧ୍ୟ ଉକ୍ତ ଜେସିବି ପୋଖରୀ ହିଡ଼ରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଉଦେପୁର ସ୍ଥିତ



ପୋଖରୀ ଉନ୍ନତୀକରଣ ପାଇଁ ଆସିଥିବା ଜେସିବି ମେଶିନ ପୋଖରୀ ହିଡ଼ରେ ଛିଡ଼ା ହୋଇଛି ।

ମୁଡ଼ାବନ୍ଧ ପୋଖରୀ ଉପରେ ଗ୍ରାମବାସୀ ସ୍ନାନ, ଶୌଚାଦି ପାଇଁ ନିର୍ଭର କରିଥାନ୍ତି। ଏହାର ଉନ୍ନତୀକରଣ ପାଇଁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ଗତ ଏପ୍ରିଲ ମାସରେ ପୋଖରୀ ହିଡ଼ କାଟି ଜଳ ନିଷ୍କାସନ କରିଥିଲେ। ପୋଖରୀର ଉନ୍ନତୀକରଣ ହେବ ଭାବି ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଜଳକଷ୍ଟକୁ ସହିନେଲେ। ଏପରିକି ଲୋକଙ୍କୁ ଅନ୍ଧାରରେ ରଖି ବିନା ସୂଚନା ଫଳକରେ ମାତ୍ର କିଛି ଶ୍ରମିକଙ୍କୁ ନିୟୋଜିତ କରି ମେଶିନ ସାହାଯ୍ୟରେ ପଙ୍କୋଦ୍ଧାର ଏବଂ ମାଟିକାମ କରିବା ସହ ଅଧାପନ୍ତରିଆ ଭାବେ ବନ୍ଦ କରିଦିଆଗଲା। ଏହାର ଘାଇ ମଧ ମୁକୁଳା ପଡ଼ିଥିବାରୁ ପୋଖରୀଟି ଶୁଷ୍କ ହୋଇ ପଡ଼ିରହିଛି। ଫଳରେ ଏବେ ବି ଗ୍ରାମବାସୀ ସ୍ନାନ ଶୌଚାଦି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବ୍ଲକର ଅନେକ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏରେ ପୋଖରୀ, ରାସ୍ତା ଏବଂ ଖେଳପଡ଼ିଆ ଉନ୍ନତୀକରଣ କାମ କରାଯାଉଛି। ମାତ୍ର କେଉଁଠି ଶ୍ରମିକ ବଦଳରେ ମେଶିନରେ ମାଟି କାମ କରାଯାଉଛି ତ ଆଉ କେଉଁଠି ବିନା କାମରେ ବିଲ୍ କରିଦିଆଯାଉଛି। ଶ୍ରମିକମାନଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ତାଙ୍କ ଜବ୍ କାର୍ଡ଼ ନେଇ ଏଣ୍ଟ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଭେଡ଼େନ ବିଡ଼ିଓ ରଘୁନାଥ ପାଣିଗ୍ରାହୀଙ୍କୁ ପଚାଯିବାରୁ ସେ କହିଲେ, ଉଦେପୁର ପୋଖରୀ ଉନ୍ନତୀକରଣ ଅନିୟମିତାର ତଦନ୍ତ ପାଇଁ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏରେ ହୋଇଥିବା କାମଗୁଡ଼ିକୁ ମଧ ତଦନ୍ତ କରାଯିବ ବୋଲି ବିଡ଼ିଓ ପାଣିଗ୍ରାହୀ କହିଛନ୍ତି।

# ବର୍ଷା ନାହିଁ, ଚାଷକାର୍ଯ୍ୟ ବିଳମ୍ବ

**ପଦ୍ମପୁର,୧୧।୭(ପ୍ରଦୀପ୍ତ ଦାଶ)**

ଚଳିତ ଖରିଫ ଋତୁରେ ମୌସୁମୀର ଅନିୟମିତତା ଯୋଗୁ ସାରା ରାଜ୍ୟରେ ବିଳମ୍ବରେ ବର୍ଷା ହୋଇଛି। ଏହି ପରିପ୍ରେକ୍ଷୀରେ ଖରିଫ ଚାଷ ମଧ ବିଳମ୍ବରେ ଆରମ୍ଭ ହୋଇଛି। ବରଗଡ଼ ଜିଲାର ଅଣଜଳସେଚିତ ପଦ୍ମପୁର ଉପଖଣ୍ଡରେ ଏପର୍ଯ୍ୟନ୍ତ ଅର୍ଦ୍ଧାଧିକ ଚାଷୀଙ୍କ ଜମି ମଧ ପ୍ରସ୍ତୁତ ହୋଇପାରିନାହିଁ। ପାଣିପାଗ ଜନିତ ଲୁଚକାଳି ଖେଳରେ ଚାଷୀଙ୍କ ଚିନ୍ତା ବଢିଯାଇଛି। ଅନ୍ୟପକ୍ଷେ ଆସନ୍ତା ୧୫ ତାରିଖରୁ ଖରିଫ ଧାନ ବିକ୍ରି ପଞ୍ଜୀକରଣ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଚାଷୀ ଚାଷକାର୍ଯ୍ୟ ଆରମ୍ଭ କରି ନ ଥିବା ବେଳେ ସେବା ସମବାୟ ସମିତିରେ ଅନ୍‌ଲାଇନ ପଞ୍ଜୀକରଣକୁ ରାଜବୋଡାସମ୍ବର କୃଷକ ସଙ୍ଗଠନ

## ୧୫ରୁ ଧାନ ବିକ୍ରି ପଞ୍ଜୀକରଣ

ସମାଲୋଚନା କରିଛି। ଚାଷୀ ନେତା ରମେଶ ମହାପାତ୍ର କହିଛନ୍ତି, ପ୍ରତିବର୍ଷ ରାଜ୍ୟ ସରକାରଙ୍କ ଚାଷୀ ପଞ୍ଜୀକରଣ ଅଭାବୀ ଧାନ ବିକ୍ରିକୁ ପ୍ରୋତ୍ସାହିତ କରୁଛି। କେମିତି ଅଧିକ ଚାଷୀ ପଞ୍ଜୀକରଣରୁ ବାଦ୍ ପଡିବେ ଏବଂ ସରକାର ଧାନ ନ କିଣିବେ ଏହା ଏକ ଯୋଜନା ବୋଲି ସେ କହିଛନ୍ତି। ଅଦ୍ୟାବଧି ପଦ୍ମପୁର ଉପଖଣ୍ଡରେ ଚାଷକାର୍ଯ୍ୟ ମାତ୍ର ୨୦/୩୦ ପ୍ରତିଶତ ସରିଥିବା ବେଳେ ଏହି ପଞ୍ଜୀକରଣକୁ ଚାଷୀ ଗ୍ରହଣ କରିପାରୁନାହାଁନ୍ତି। ରାଜ୍ୟ ସରକାର ପୁନଃ ବିଚାର କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ମହିଳା ପତ୍ରିକା ସୂର୍ଯ୍ୟସ୍ନାତା ଉନ୍ମୋଚିତ



ଅତିଥିମାନେ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି ।

**ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ତ୍ରୈମାସିକ ମହିଳା ପତ୍ରିକା ସୂର୍ଯ୍ୟସ୍ନାତା ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଔପନ୍ୟାସିକା ଜିତେଶ୍ୱରୀ ଦାଶ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ଡ. ସଂଘମିତ୍ରା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖରିଆର୍‌ର ରାଣୀ ତଥା ସାରସ୍ୱତ ସାଧିକା ଡ. ରାଜଶ୍ରୀ ଦେବୀ ସିଂଦେଓ ମୁଖ୍ୟ ଅତିଥି, କଥାଶିଳ୍ପୀ ଡ. ମଞ୍ଜୁବାଳା ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ ଏବଂ ସଂସ୍କୃତି ପ୍ରତି ନାରୀମାନଙ୍କ ଅବଦାନ ବର୍ଣ୍ଣନା ପୂର୍ବକ ସୂର୍ଯ୍ୟସ୍ନାତା ପତ୍ରିକା ନାରୀଙ୍କ ଭୂମିକାକୁ ଅଧିକ ଶାଣିତ କରିପାରିବ ବୋଲି ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତା କହିଥିଲେ । ପ୍ରଫେସର ଡ. ସୁଜିତ କୁମାର ପୃଷେଠ ପତ୍ରିକାକୁ ସମୀକ୍ଷା କରି ପଶ୍ଚିମ ଓଡ଼ିଶାର ମହିୟସୀ ମହିଳା ଲକ୍ଷ୍ମୀକରା, ସତୀହାରୀ ଏବଂ ଯମୁନା କନ୍ଧୁଣୀ ପ୍ରମୁଖଙ୍କ ଉଦାହରଣ ଦେଇ ଏ ମାଟିର ମହିଳାଙ୍କ ଗୌରବ ଗାଥାକୁ ବର୍ଣ୍ଣନା କରିବା ପରିପ୍ରେକ୍ଷୀରେ ସୂର୍ଯ୍ୟସ୍ନାତା ସେ ପଥର ପଥିକ ହେବ ବୋଲି ଆଶାପୋଷଣ କରିଥିଲେ। ପତ୍ରିକାର ସମ୍ପାଦିକା ସୁପ୍ରଭା ସାମଲ ସମସ୍ତଙ୍କ ସହଯୋଗରେ ଉକ୍ତ ପତ୍ରିକା ଆଗାମୀ ଦିନରେ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରରେ ସମ୍ମାନିତ ସମ୍ବଲପୁରର ବିଶିଷ୍ଟ ଲେଖିକା ଡ. ବୀଣାପାଣି ପ୍ରଧାନଙ୍କୁ ପ୍ରଥମ ସୂର୍ଯ୍ୟସ୍ନାତା ସମ୍ମାନରେ ସମ୍ମାନିତ କରାଯାଇଥିଲା। କବୟିତ୍ରୀ ହୈମବତୀ ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଲେଖିକା ଡ. ଭଗବତୀ କର ଧନ୍ୟବାଦ ଅର୍ପଣ କରିଥିଲେ।

# ଘରଡ଼ିହ ପଟ୍ଟା ଦାବି, ଜିଲାପାଳଙ୍କୁ ଫେରାଦ



ଘରଡ଼ିହ ପଟ୍ଟା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳା ।

**ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ତାଲଶ୍ରୀଗିଡ଼ା ପଞ୍ଚାୟତ ଅନ୍ତର୍ଗତ ପୋଡ଼ପାଲି ଆନ୍ଧ୍ରପଡ଼ା ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ମିଳି ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ପଡ଼ାର ମହିଳାମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେମାନଙ୍କୁ ଜମିପଟ୍ଟା ଯୋଗାଇ ଦେବା ପାଇଁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦୀର୍ଘବର୍ଷ ହେଲା ସେଠାରେ ବସ୍ତି କରି ସେମାନେ ରହୁଛନ୍ତି। ମାତ୍ର ଘରଡ଼ିହ ପଟ୍ଟା ନ ଥିବା ଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସୁଫଳ ସେମାନେ ପାଇ ପାରୁନାହାନ୍ତି। ଫଳରେ ସେମାନଙ୍କୁ ଘରଡ଼ିହ ପଟ୍ଟା ଯୋଗାଇ ଦେବାକୁ ଟି.ଏସ୍ ରାଓ, କେ. ଶ୍ରୀନିବାସ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

## ଉପଜିଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ

**ପଦ୍ମପୁର ୧୧।୭ (ପ୍ରଦୀପ୍ତ ଦାଶ )**

ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ପଦ୍ମପୁର ଜନସଂଖ୍ୟା ଫାଉଣ୍ଡେଶନ ତରଫରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦୁଇରୁ ଏକାଧିକ ସନ୍ତାନ ପାଇଁ ସମସ୍ତ ସୁବିଧା ସୁଯୋଗରୁ ବାଦ୍ ଦେବା, ଦେଶର ସବୁ ନାଗରିକଙ୍କ ପାଇଁ ଦୁଇ ସନ୍ତାନ ଆଇନ ଲାଗୁ କରିବାକୁ ଦାବି କରାଯାଇଛି। ଫାଉଣ୍ଡେସନର ସଭାପତି କେଶବ ଚନ୍ଦ୍ର ଜାଲଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ରହିମ ମେହେର, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଗୁଣମଣି ପଟେଲ, ବୁଦ୍ଧିଜୀବୀ ପ୍ରଦୀପ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଅନ୍ତର୍ଯାମୀ ମେହେର, ଓମ୍ ପ୍ରକାଶ ଭୋଇ, ପ୍ରେମରାଜ ବୁଡ଼େକ, ରାମଚନ୍ଦ୍ର ବାଜପାୟୀ, ଚିନ୍ମୟ ପଣ୍ଡା, ପ୍ରମୋଦ ମେହେର, ଲକ୍ଷ୍ମଣ ସାହୁ, ନିରାକାର ଜାଲ, ସୁଧାଂଶୁ ପଟେଲ, ଜନକ ମେହେର, ନୀଳାଞ୍ଚଳ ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନତା ରଥର ଶୁଭାରମ୍ଭ

**ଅମ୍ବାଭୋନା,୧୧।୭(ଛନ୍ଦାଚରଣ ପ୍ରଧାନ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ସଚେତନତା ରଥର ଶୁଭାରମ୍ଭ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ଟେମରାମ ଦେହେରୀ, ବରିଷ୍ଠ ସ୍ୱାସ୍ଥ୍ୟ କର୍ମଚାରୀ ଦିଲୀପ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ପରିବାର ନିୟୋଜନ ପଦ୍ଧତି ଉପରେ ଏହି ରଥ ସଚେତନତା ସୃଷ୍ଟି କରିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଆଶା ମିଥିଲା ଭୁଏ, ଦୀପାବତୀ କଳିହାରୀ, ସୁରୁବାଲି ସାହୁ, ସ୍ୱାସ୍ଥ୍ୟ କର୍ମଚାରୀ ତାରାଚନ୍ଦ ପଟେଲ, ଟେକଚାନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସଚେତନତା ରଥର ଶୁଭାରମ୍ଭ କରାଯାଉଛି ।

## ଜମଲା ଉଚ୍ଚବିଦ୍ୟାଳୟରେ ବୃକ୍ଷରୋପଣ

**ପଦ୍ମପୁର, ୧୧।୭ (ପ୍ରଦୀପ୍ତ ଦାଶ)**

ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ଜମଲା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ମୀନକେତନ ସାହୁ, ସ୍ୱେଚ୍ଛାସେବୀ ଅନନ୍ତ ମେହେର, ଅବସରପ୍ରାପ୍ତ ଖେଳ ଶିକ୍ଷକ ଧରମ କୁମାର ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ଉଗ୍ରସେନ ପ୍ରଧାନ ସଞ୍ଚାଳନ କରିଥିଲେ। ଶେଷରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଚାରା ବଣ୍ଟନ କରାଯାଇଥିଲା।

# ଏବିଭିପିର ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ଅତିଥି ଏବଂ ଏବିଭିପିର ପ୍ରତିନିଧିବୃନ୍ଦ ।

**ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭପି)ର ୭୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏବିଭିପି ବରଗଡ଼ ଜିଲା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡା. ସଞ୍ଜିତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଜୟଶ୍ରୀ ମହାପାତ୍ର ଏବଂ ପ୍ରାନ୍ତ ସହ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲା ସମ୍ପାଦକ ସଙ୍କେତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲା ସହ ସଂଯୋଜିକା ଆକାଂକ୍ଷା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁଙ୍କ ଦୃଷ୍ଟିହୀନତା ଚିହ୍ନଟ, ଓଜନ କାର୍ଯ୍ୟକ୍ରମ

**ଅତାବିରା,୧୧।୭(ହୃଷିକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡ଼ିଏସ୍)ର ପ୍ରତ୍ୟେକ ସେକ୍ଟର ଅଧୀନ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁଙ୍କ ଦୃଷ୍ଟିହୀନତା ଚିହ୍ନଟ ଓ ଓଜନ ଉତ୍ସବ ଆରମ୍ଭ ହୋଇଛି। ଶିଶୁଙ୍କ ଓଜନ, ଉଚ୍ଚତା ସ୍ଥିତି ନିରୀକ୍ଷଣ କରି କିଭଳି ସେମାନଙ୍କ ଅଭିବୃଦ୍ଧି ହୋଇପାରିବ, ସେ ନେଇ ପରାମର୍ଶ ଦିଆଯାଇଥିଲା। ବୁଗବୁଗା, ବାବେବିରା, ପୋଡ଼ବାଡ଼ି, ଝଙ୍କାବାହାଲ ଆଦି ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଇସିଡିଏସ୍, ଅତାବିରାର କ୍ଷେତ୍ର ପରିଦର୍ଶିକା ଇପ୍‌ସାରାଣୀ ପ୍ରଧାନ ବୁଗବୁଗା ଅଙ୍ଗନୱାଡ଼ି କେନ୍ଦ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ନଳିନୀ ଖମାରୀ, ଆଶା ସନ୍ତୋଷିନୀ ପର୍ଡ଼ିଆ, ସ୍କୁଲ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା, ୱାର୍ଡସଭ୍ୟ ସନ୍ତୋଷ ଗୁରୁ, ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ନମିତା ଗୁରୁ, ବୁନ୍ଦେଶ୍ୱରୀ ଦନ୍ତା, ଗାୟତ୍ରୀ ମହାକୁର, ରୀନା ମହାକୁର, ବବିତା ମହାକୁର ପ୍ରମୁଖ ଶିଶୁଙ୍କ ମାଆମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ବୁଗବୁଗା ଗ୍ରାମରେ ଜଣେ ଶିଶୁଙ୍କ ଓଜନ କରାଯାଉଛି।

# ଶୀତଳ ଭଣ୍ଡାର ନାହିଁ, ପରିବା ଦର ଆକାଶଛୁଆଁ

**ସରଣ୍ଡା,୧୧।୭(ଯୁଧିଷ୍ଠିର ମହାପାତ୍ର )**

ବରଗଡ଼ ଜିଲା ଅତାବିରାରେ ପନିପରିବା ଦର ଏବେ ଆକାଶ ଛୁଆଁ ହୋଇଛି। ବଜାରରେ କୌଣସି ପରିବା ଦର ୮୦ ତଳକୁ ନାହିଁ। ଏଭଳି ଦରବୃଦ୍ଧି ଗ୍ରାହକଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ସୋମବାର ଅତାବିରା ସାପ୍ତାହିକ ବଜାରରେ ଟମାଟୋ ଦର ୧୦୦ ଟଙ୍କା ଥିବାବେଳେ ଝୁଡୁଙ୍ଗ ୧୨୦, ବାଇଗଣ ୮୦, ଗାଜର ୮୦, କଲରା ୧୦୦, ପୋଟଳ ୮୦, କୁନ୍ଦୁରି ୮୦, ବନ୍ଧା କୋବି ୪୦, ଫୁଲ କୋବି ୧୨୦, ଅଦା ୩୦୦, ରସୁଣ୨୨୦, କଞ୍ଚା ଲଙ୍କା ୨୦୦ଟଙ୍କା ରହିଥିଲା। ବର୍ଦ୍ଧିତ ଦରରେ କେବେ ରୋକ ଲାଗିବ ସେନେଇ ଚିନ୍ତାରେ ଖାଉଟି। ଆମଦାନୀ ସ୍ୱାଭାବିକ ହୋଇପାରିଲେ ଦରଦାମରେ ପରିବର୍ତ୍ତନ ଆସିବ ବୋଲି ବ୍ୟବସାୟୀ ଓ ସାଧାରଣ ଖାଉଟି ଆଶାବାଦୀ ଅଛନ୍ତି। ଅନ୍ୟପକ୍ଷେ ଅତାବିରାରେ ଅମଳ ପରିବାକୁ ସଂରକ୍ଷିତ କରି ରଖିବା ଲାଗି ସଙ୍କଟ ଦେଖାଦେଇଛି। ବରଗଡ଼ ଚାଷୀ ବହୁଳ ଜିଲା ହୋଇଥିବାବେଳେ ଏଠାରେ ଶୀତଳ ଭଣ୍ଡାରର ଅଭାବ ଦେଖାଯାଇଛି। ଅମଳ ପରିବାକୁ ସୁରକ୍ଷିତ ରଖିବା ଚାଷୀଙ୍କ ପାଇଁ କଷ୍ଟସାଧ ହୋଇପଡ଼ିଛି। ସଂରକ୍ଷଣ ବ୍ୟବସ୍ଥା ନ ଥିବା ଯୋଗୁଁ ଚାଷୀମାନେ ଅମଳ ପରିବାକୁ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମିଶ୍ର କୁହନ୍ତି, ଭୁବନେଶ୍ୱରରେ ଦର ବଢ଼ିଲେ ଏଠାରେ ବି ବଢ଼ୁଛି। ଏଠାରେ ଶୀତଳଭଣ୍ଡାର ନାହିଁ। ତାର ପ୍ରଭାବ ଆମେ ସାଧାରଣ ଖାଉଟି ଭୋଗୁଛୁ। ପରିବା ଦର ବୃଦ୍ଧି ମୁଣ୍ଡବିନ୍ଧାର କାରଣ ପାଲଟିଛି। ମଧ୍ୟବିତ୍ତ ଶ୍ରେଣୀ ଦୁଃଖ ପାଉଛୁ। ଖାଉଟି ଶେଷଦେବ ନାୟକ କହିଛନ୍ତ, ପରିବା ଦର ଏବେ ଆକାଶଛୁଆଁ। ଆଗରୁ ଯେଉଁଠି କେଜିଏରୁ ଅଧିକ କିଣୁଥିଲୁ ଏବେ ତାହା କମାଇ ଦେଇଛୁ। ପରିବା ଅପେକ୍ଷା ମାଛ ମାଂସ ଭଲ। ଶୀତଳଭଣ୍ଡାର ନିହାତି ଆବଶ୍ୟକ। ସେହିପରି ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କର କହିଛନ୍ତି, ୧୦୦ଟଙ୍କା ଉପରେ ପରିବା । ପ୍ରତିକୂଳ ପାଣିପାଗ ଯୋଗୁ ଚାଷୀ ଠିକ୍ ସମୟରେ ପରିବା ଉତ୍ପାଦନ କରିପାରୁନାହିଁ। ଶୀତଳଭଣ୍ଡାର ନ ଥିବାରୁ ଚାଷୀ ସର୍ବସ୍ୱାନ୍ତ ହେଉଛନ୍ତି । ଚାଷୀଙ୍କଠାରୁ ବ୍ୟବସାୟୀ ମାଛଶାଗ ଦରରେ ପରିବା କିଣି ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି ।



ଅତାବିରା ସାପ୍ତାହିକ ବଜାରରେ ପରିବା ବିକ୍ରି ହେଉଛି।

## ସଂକ୍ଷେପରେ

### ଗଞ୍ଜେଇ କାରବାର, ୨ ଗିରଫ

**ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ):** କନ୍ଧମାଳରୁ ଛତିଶଗଡ଼ ରାଜ୍ୟ ରାୟଗଡ଼କୁ ଗଞ୍ଜେଇ ଚାଲାଣ କରୁଥିବାବେଳେ ୨ଅଭିଯୁକ୍ତ ସୋମବାର ବରଗଡ଼ ଜିଲା ଭଟଲି ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ପସାରୀପଦା ଗ୍ରାମର ବିପ୍ର ସାହୁ(୨୨) ଏବଂ ଲବ ମଲ୍ଲିକ(୨୨)। ସେମାନଙ୍କ ପାଖରୁ ୮କି.ଗ୍ରା ଗଞ୍ଜେଇ ଭର୍ତ୍ତି ହୋଇଥିବା ବ୍ୟାଗ, ବାଇକ୍ (ନଂ.ଓଆର୦୭ଜେଡ୍ ୬୨୮୯), ଗୋଟିଏ ମୋବାଇଲ ଏବଂ ନଗଦ ୧୦୩୦ ଟଙ୍କା ଜବତ ହୋଇଛି। ସୋମବାର ସକାଳେ ଭଟଲି ଥାନା ପୋଲିସ ଭଟଲି-ଅମ୍ବାଭୋନା ରାସ୍ତାରେ ପାଟ୍ରୋଲିଂ କରୁଥିବାବେଳେ ଦୁଇ ଅଭିଯୁକ୍ତ ପୋଲିସକୁ ଦେଖି ନିକଟ ଜଙ୍ଗଲ ଭିତରକୁ ବାଇକ୍ ନେଇ ପଶି ଯାଇଥିଲେ। ପୋଲିସ ପିଛା କରି ଜଙ୍ଗଲ ମଧ୍ୟରୁ ତାଙ୍କୁ ଗିରଫ କରିବା ସହିତ ଗଞ୍ଜେଇ ବୋଝେଇ ବାଇକ୍‌କୁ ଜବତ କରିଥିଲା। ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୧୬୪/୨୩) ରୁଜୁ ହୋଇଛି।

### ୬୦ ୟୁନିଟ୍ ରକ୍ତ ସଂଗ୍ରହ

**ଅତାବିରା,୧୧।୭(ହୃଷିକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବ୍ଲକ ଲାଦେରପାଲି କଲ୍ୟାଣ ମଣ୍ଡପ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବିବେକାନନ୍ଦ ଗଡ଼ତିଆଙ୍କ ସ୍ମୃତିରେ ଅନୁଷ୍ଠିତ ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଭୀମସାର, ବୁର୍ଲା ରକ୍ତ ଭଣ୍ଡାରର ଡା. ଦେବିଲୀନା ପ୍ରଧାନ, ଟେକ୍ନିସିଆନ ପଦ୍ମିନୀ ଶତପଥି, ଗଣେଶ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଗଡ଼ତିଆଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

### ଆନ୍ଦୋଳନ ପାଇଁ ଚାଷୀ ସଙ୍ଗଠନର ପ୍ରସ୍ତୁତି

**ପଦ୍ମପୁର,୧୧।୭(ପ୍ରଦୀପ୍ତ ଦାଶ):** ପଦ୍ମପୁର ରାଜବୋଡାସମ୍ବର କୃଷକ ସଙ୍ଗଠନ ତରଫରୁ ମହୁଲପାଲି ଗ୍ରାମପଞ୍ଚାୟତ ଅଫିସଠାରେ ସଭାପତି ବାଞ୍ଛାନିଧି ନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ସୁଧ ମୁକ୍ତ ଋଣ, ପ୍ରିମିୟମ ଶୂନ୍ୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଘୋଷଣା କରିଥିଲେ ମଧ କୌଣସି ସ୍ୱଷ୍ଟ ହୋଇନାହିଁ। ସେଥିପାଇଁ ବୈଠକରେ ଅନେକ କର୍ମୀ କ୍ଷୋଭ ପ୍ରକାଶ କରିଥିଲେ। ଆସନ୍ତା ଜିଲାପାଳଙ୍କ ଜନଶୁଣାଣି ପଦ୍ମପୁରରେ ହେଉଥିବାରୁ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦେବା ପାଇଁ ସର୍ବସମ୍ମତି ମତପ୍ରକାଶ ପାଇଥିଲା। ରାଜବୋଡାସମ୍ବର କୃଷକ ସଙ୍ଗଠନ ତରଫରୁ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଜିକୁ ୨୫୨ ଦିନ ହେବ କୃଷକମାନଙ୍କ ଧାରଣା ଚାଲିଛି । ଅନ୍ୟ ଦଶ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ଦୁର୍ବାର କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସଙ୍ଗଠନର ଅଶୋକ ସାହୁ, ରମେଶ ମହାପାତ୍ର, ଅରବିନ୍ଦ ପଣ୍ଡା, ପାନାଲାଲ ସେଠ, ସରୋଜ ସାହୁ, ଲିଙ୍ଗରାଜ ପଧାନ, ପଞ୍ଚାନନ ସାହୁ, ରୋହିତ ପଧାନ, ସୁବାଷ ସାମନ୍ତରାୟ, ଧନମାଳି ହାତୀ, ଦେବରାଜ ସାହୁ, କୈଳାଶ ବାରିକ, ସୁନୀଲ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମେଶିନ କାମ ବନ୍ଦକଲେ ମହିଳା

- ପୋଖରୀ ଉନ୍ନତୀକରଣରେ ଅନିୟମିତତା
- ବିଭାଗୀୟ ଦୋଷ ଲୁଚାଇବାକୁ ପ୍ରୟାସ

**ଭେଡ଼େନ,୧୧।୭ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟଲି ପଞ୍ଚାୟତ ଅନ୍ତର୍ଗତ ଉଦେପୁର ଗ୍ରାମର ମୁଡ଼ାବନ୍ଧ ପୋଖରୀ ଉନ୍ନତୀକରଣରେ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ଗ୍ରାମବାସୀ ଭେଡ଼େନ ବିଡ଼ିଓଙ୍କୁ ଫେରାଦ ହେବା ସହ ଲିଖିତ ଅଭିଯୋଗ କରିଛନ୍ତି। ଯଦି ଏହାର ବିହିତ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଗତ ଶନିବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ପ୍ରକାଶ ପାଇବା ପରେ ପଞ୍ଚାୟତ କର୍ତ୍ତୃପକ୍ଷ ନିଜ ଦୋଷ ଲୁଚାଇବାକୁ ରାତାରାତି ଏକ ଜେସିବି ମେଶିନରେ ପୋଖରୀ କାମ କରୁଥିଲେ। ତେବେ ଖବର ପାଇ ଗ୍ରାମର ଶତାଧିକ ମହିଳା କାମକୁ ବନ୍ଦ କରି ଦେଇଛନ୍ତି। ଏବେ ମଧ୍ୟ ଉକ୍ତ ଜେସିବି ପୋଖରୀ ହିଡ଼ରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଉଦେପୁର ସ୍ଥିତ



ପୋଖରୀ ଉନ୍ନତୀକରଣ ପାଇଁ ଆସିଥିବା ଜେସିବି ମେଶିନ ପୋଖରୀ ହିଡ଼ରେ ଛିଡ଼ା ହୋଇଛି ।

ମୁଡ଼ାବନ୍ଧ ପୋଖରୀ ଉପରେ ଗ୍ରାମବାସୀ ସ୍ନାନ, ଶୌଚାଦି ପାଇଁ ନିର୍ଭର କରିଥାନ୍ତି। ଏହାର ଉନ୍ନତୀକରଣ ପାଇଁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ଗତ ଏପ୍ରିଲ ମାସରେ ପୋଖରୀ ହିଡ଼ କାଟି ଜଳ ନିଷ୍କାସନ କରିଥିଲେ। ପୋଖରୀର ଉନ୍ନତୀକରଣ ହେବ ଭାବି ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଜଳକଷ୍ଟକୁ ସହିନେଲେ। ଏପରିକି ଲୋକଙ୍କୁ ଅନ୍ଧାରରେ ରଖି ବିନା ସୂଚନା ଫଳକରେ ମାତ୍ର କିଛି ଶ୍ରମିକଙ୍କୁ ନିୟୋଜିତ କରି ମେଶିନ ସାହାଯ୍ୟରେ ପଙ୍କୋଦ୍ଧାର ଏବଂ ମାଟିକାମ କରିବା ସହ ଅଧାପନ୍ତରିଆ ଭାବେ ବନ୍ଦ କରିଦିଆଗଲା। ଏହାର ଘାଇ ମଧ ମୁକୁଳା ପଡ଼ିଥିବାରୁ ପୋଖରୀଟି ଶୁଷ୍କ ହୋଇ ପଡ଼ିରହିଛି। ଫଳରେ ଏବେ ବି ଗ୍ରାମବାସୀ ସ୍ନାନ ଶୌଚାଦି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବ୍ଲକର ଅନେକ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏରେ ପୋଖରୀ, ରାସ୍ତା ଏବଂ ଖେଳପଡ଼ିଆ ଉନ୍ନତୀକରଣ କାମ କରାଯାଉଛି। ମାତ୍ର କେଉଁଠି ଶ୍ରମିକ ବଦଳରେ ମେଶିନରେ ମାଟି କାମ କରାଯାଉଛି ତ ଆଉ କେଉଁଠି ବିନା କାମରେ ବିଲ୍ କରିଦିଆଯାଉଛି। ଶ୍ରମିକମାନଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ତାଙ୍କ ଜବ୍ କାର୍ଡ୍ ନେଇ ଏଣ୍ଟ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଭେଡ଼େନ ବିଡ଼ିଓ ରଘୁନାଥ ପାଣିଗ୍ରାହୀଙ୍କୁ ପଚାଯିବାରୁ ସେ କହିଲେ, ଉଦେପୁର ପୋଖରୀ ଉନ୍ନତୀକରଣ ଅନିୟମିତାର ତଦନ୍ତ ପାଇଁ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏରେ ହୋଇଥିବା କାମଗୁଡ଼ିକୁ ମଧ ତଦନ୍ତ କରାଯିବ ବୋଲି ବିଡ଼ିଓ ପାଣିଗ୍ରାହୀ କହିଛନ୍ତି।

# ୫–ଟି ସ୍କୁଲ ସମ୍ବନ୍ଧୀୟ ସମୀକ୍ଷା ବୈଠକ



**ଦେବଗଡ଼,୧୧।୭ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲାର ୫–ଟି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ଟାଉନ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ଶିକ୍ଷା ଜୋନ ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ କୁମାର ପ୍ରଧାନ ଯୋଗଦେଇଥିଲେ। ଜିଲାର ୫–ଟି ରୂପାନ୍ତରିକରଣ ବିଦ୍ୟାଳୟ ମାନଙ୍କର ଶୈକ୍ଷିକ ଏବଂ ଅନ୍ୟାନ୍ୟ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀଣି ଶକୁନ୍ତଳା ଟେଟେ ଓ ବାରକୋଟ ବ୍ଲକ ଶିକ୍ଷା ଅଧିକାରୀଣି ଗାୟତ୍ରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ସ୍ୱାଗତଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲାର ୫–ଟି ସ୍କୁଲ ଗୁଡିକରେ କାର୍ଯ୍ୟକାରୀ ହେଉଥିବା ବାର୍ଷିକ କ୍ୟାଲେଣ୍ଡର, ଦୈନିକ କାର୍ଯ୍ୟ ନିର୍ଘଣ୍ଟ ଓ ପାଠ୍ୟ ଖସଡା, ଇ–ଲାଇବ୍ରେରୀ, ବିଜ୍ଞାନାଗାର, ପୋଷାକ ବିତରଣ,ବାର୍ଷୀକ ପରୀକ୍ଷା ଫଳାଫଳ, ୧୦ମ ଶ୍ରେଣୀ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର କୋଚିଂ ବ୍ୟବସ୍ଥା, ମୋ ପିଲା ସ୍କୁଲ ଯିବ ଯୋଜନାରେ ଶତ ପ୍ରତିଶତ ଉପସ୍ଥାନ, ସୁରକ୍ଷା କବଚ ଆପ୍, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସମ୍ପର୍କୀତ ବିଷୟ ବସ୍ତୁ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରରେ ଜିଲା ବିଜ୍ଞାନ ନିରୀକ୍ଷକ ଦୁଃଖବନ୍ଧୁ ଭୁକ୍ତା, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣୀଗ୍ରାହୀ,ଏମ୍‌ଆଇଏସ୍ ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ସିନିୟର ଟିସି ଲକ୍ଷ୍ମୀକାନ୍ତ ରାଉତରାୟ ଓ ଏଫ୍‌ସି ହୃଷିକେଶ ପରିଡା ପ୍ରମୁଖ ଉପସ୍ଥିତଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମଗ୍ର ଶିକ୍ଷା କର୍ଯ୍ୟାଳୟର ଶଶାଙ୍କ ଶେଖର ଚୌଧୁରୀ, ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ଓ କାର୍ଯ୍ୟାଳୟ ସହାୟକ ଗୌରହରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଘରଡ଼ିହ ପଟ୍ଟା ଦାବି, ଜିଲାପାଳଙ୍କୁ ଫେରାଦ



ଘରଡ଼ିହ ପଟ୍ଟା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳା ।

**ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ତାଳଶ୍ରୀଗିଡ଼ା ପଞ୍ଚାୟତ ଅନ୍ତର୍ଗତ ପୋଢ଼ପାଲି ଆନ୍ଧ୍ରପଡ଼ା ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ମିଳି ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ପଡ଼ାର ମହିଳାମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେମାନଙ୍କୁ ଜମିପଟ୍ଟା ଯୋଗାଇ ଦେବା ପାଇଁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦୀର୍ଘବର୍ଷ ହେଲା ସେଠାରେ ବସ୍ତି କରି ସେମାନେ ରହୁଛନ୍ତି। ମାତ୍ର ଘରଡ଼ିହ ପଟ୍ଟା ନ ଥିବା ଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସୁଫଳ ସେମାନେ ପାଇ ପାରୁନାହାନ୍ତି। ଫଳରେ ସେମାନଙ୍କୁ ଘରଡ଼ିହ ପଟ୍ଟା ଯୋଗାଇ ଦେବାକୁ ଟି.ଏସ୍ ରାଓ, କେ. ଶ୍ରୀନିବାସ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

## ଉପଜିଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ

**ପଦ୍ମପୁର ୧୧।୭ (ପ୍ରଦୀପ୍ତ ଦାଶ )**

ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ପଦ୍ମପୁର ଜନସଂଖ୍ୟା ଫାଉଣ୍ଡେଶନ ତରଫରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦୁଇରୁ ଏକାଧିକ ସନ୍ତାନ ପାଇଁ ସମସ୍ତ ସୁବିଧା ସୁଯୋଗରୁ ବାଦ୍ ଦେବା, ଦେଶର ସବୁ ନାଗରିକଙ୍କ ପାଇଁ ଦୁଇ ସନ୍ତାନ ଆଇନ ଲାଗୁ କରିବାକୁ ଦାବି କରାଯାଇଛି। ଫାଉଣ୍ଡେସନର ସଭାପତି କେଶବ ଚନ୍ଦ୍ର ଜାଲଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ରହିମ ମେହେର, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଗୁଣମଣି ପଟେଲ, ବୁଦ୍ଧିଜୀବୀ ପ୍ରଦୀପ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଅନ୍ତର୍ଯାମୀ ମେହେର, ଓମ୍ ପ୍ରକାଶ ଭୋଇ, ପ୍ରେମରାଜ ବୁଡ଼େକ, ରାମଚନ୍ଦ୍ର ବାଜପାୟୀ, ଚିନ୍ମୟ ପଣ୍ଡା, ପ୍ରମୋଦ ମେହେର, ଲକ୍ଷ୍ମଣ ସାହୁ, ନିରାକାର ଜାଲ, ସୁଧାଂଶୁ ପଟେଲ, ଜନକ ମେହେର, ନୀଳାଞ୍ଚଳ ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ।

# ୫–ଟି ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ଦେବଗଡ,୧୧।୭ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ଜରିଆରେ ୫–ଟି ସଚିବଙ୍କୁ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ବଳରାମ ରଣଜିତ, ଅମିତ କୁମାର ବେହେରା ଓ ଜଗ ରଣଜିତଙ୍କ ନେତୃତ୍ୱରେ ବହୁ ଜନ ସାଧାରଣ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ମର୍ମରେ ଦାବି ପତ୍ର ପ୍ରଦାନ କରିଛନ୍ତି। ବିଶେଷ କରି ଦେବଗଡ ଜିଲା ଦେଇ ପ୍ରତିଦିନ ଶହ ଶହ ଲୁହା ପଥର ବୋଝେଇ ଗାଡି ଯାଉଥିବା ବେଳେ ଲାଭାଂଶର ୧୦ ପ୍ରତିଶତ ଜିଲାର ବିକାଶ ପାଇଁ ପ୍ରଦାନ କରିବାକୁ ଦାବି ହୋଇଛି । ଏଥିସହ ଜିଲାର ପ୍ରତି ବ୍ଲକରେ ଚାଷ ଜମିକୁ ପାନୀୟ ଜଳ ବ୍ୟବସ୍ଥା, ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ସ୍ଥାପନ, ଆଇଟିଆଇ ଏବଂ ନର୍ସିଂ କଲେଜ ସ୍ଥାପନ, ପ୍ରଧାନପାଟ ଓ କୁରୁଡକୋଟ ଜଳପ୍ରପାତର ଉନ୍ନତୀକରଣ, ଲଇମୁରା ଅଞ୍ଚଳର ୬ଟି ପଞ୍ଚାୟତରେ ମୋବାଇଲ ଟାୱାର ନିର୍ମାଣ, ଜିଲାରେ ଖାଲି ପଡିଥିବା ଡାକ୍ତର ସଂଖ୍ୟା ପୂରଣ, ପୌର ପରିଷଦରେ ଚାଲିଥିବା ଅନିୟମିତତାର ତଦନ୍ତ ଓ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ପ୍ରସିଦ୍ଧ ଶୈବ ପୀଠ ଝାଡେଶ୍ୱର ମନ୍ଦିର ଓ ପୁରୁଣାଗଡ ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଟ୍ରଷ୍ଟ ବୋର୍ଡ ଗଠନ, ଜିଲା ସଦର ମହକୁମାରେ ଜରାନିବାଶ ସ୍ଥାପନ, ନିଳବେର୍ଣ୍ଣି ସାହି ଟ୍ରାଫିକ ଛକ ଓ କଣ୍ଠେଳ ଛକ ଠାରେ ଫ୍ଲାଏଓଭର ନିର୍ମାଣ, କାର୍ଯ୍ୟକ୍ଷମ ଆଦିବାସୀ ହୋଷ୍ଟେଲର ଅନିୟମିତତା ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଜିଲ୍ଲାରେ ଏକ ବିଇଡି କଲେଜ ଓ ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି ହୋଇଛି।

# ସଚେତନତା ରଥର ଶୁଭାରମ୍ଭ

**ଅମ୍ବାଭୋନା,୧୧।୭(ଛନ୍ଦାଚରଣ ପ୍ରଧାନ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ସଚେତନତା ରଥର ଶୁଭାରମ୍ଭ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ଟେମରାମ ଦେହେରୀ, ବରିଷ୍ଠ ସ୍ୱାସ୍ଥ୍ୟ କର୍ମଚାରୀ ଦିଲୀପ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ପରିବାର ନିୟୋଜନ ପଦ୍ଧତି ଉପରେ ଏହି ରଥ ସଚେତନତା ସୃଷ୍ଟି କରିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଆଶା ମିଥିଳା ଭୁଏ, ଦୀପାବତୀ କଳିହାରୀ, ସୁରୁବାଲି ସାହୁ, ସ୍ୱାସ୍ଥ୍ୟ କର୍ମଚାରୀ ତାରାଚାନ୍ଦ ପଟେଲ, ଟେକଚାନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସଚେତନତା ରଥର ଶୁଭାରମ୍ଭ କରାଯାଉଛି ।

## ଜମଲା ଉଚ୍ଚବିଦ୍ୟାଳୟରେ ବୃକ୍ଷରୋପଣ

**ପଦ୍ମପୁର, ୧୧।୭ (ପ୍ରଦୀପ୍ତ ଦାଶ)**

ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ଜମଲା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତାରେ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ମୀନକେତନ ସାହୁ, ସ୍ୱେଚ୍ଛାସେବୀ ଅନନ୍ତ ମେହେର, ଅବସରପ୍ରାପ୍ତ ଖେଳ ଶିକ୍ଷକ ଧରମ କୁମାର ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ଉଗ୍ରସେନ ପ୍ରଧାନ ସଞ୍ଚାଳନ କରିଥିଲେ। ଶେଷରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଚାରା ବଣ୍ଟନ କରାଯାଇଥିଲା।

# ଲାୟନ୍ସ କ୍ଲବ ପକ୍ଷରୁ ବୃକ୍ଷରୋପଣ

**ଦେବଗଡ଼,୧୧।୭ (ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ଝାଡେଶ୍ୱର ମନ୍ଦିର ପରିସରରେ ଲାୟନ୍ସ କ୍ଲବ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କିଷମର ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ସଭାପତି କ୍ଷିତିଶ ପ୍ରଧାନ, ସମ୍ପାଦକ ପଲ୍ଲବ କୁମାର ଘୋଷ୍, କୋଷାଧ୍ୟକ୍ଷ ରମଣୀ ରଞ୍ଜନ ଆଚାର୍ଯ୍ୟ, ଲାୟନ୍ସ କ୍ଲବ ପୂର୍ବତନ ସଭାପତି ଶୁକଦେବ ଭଞ୍ଜ, କ୍ଷୀରୋଦ ବେହେରା, ସଦସ୍ୟ ଦୀପକ କୁମାର ବେହେରାଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତଥିଲେ।

# ବାମଣ୍ଡା ସାହିତ୍ୟ ସଂସଦ ପକ୍ଷରୁ ବର୍ଷାକାଳୀନ କବିତା ଆସର

**ଦେବଗଡ଼,୧୧।୭ (ଶଶାଙ୍କ ଶେଖର ଝାଙ୍କର )**

ବାମଣ୍ଡା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ କ୍ଲବ ଗୃହରେ ବର୍ଷାକାଳୀନ କବିତା ଆସର ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କବିତା ଆସରରେ ମୁଖ୍ୟ ଅତିଥିଭାବେ ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ସୁଜିତ କୁମାର ନାଥ ଓ ସମ୍ମାନିତ ଅତିଥିଭାବେ ଡ. ବିଳାସିନୀ ଦ୍ୱିବେଦୀ ଯୋଗଦେଇଥିଲେ। ଡ. ରାମଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ବିଜୟ ମହାରଣା, ମହେନ୍ଦ୍ର ସାହୁ, ଟିକେଶ୍ୱର ସାହୁ, ଯତୀନ୍ଦ୍ର ପ୍ରଧାନ, ଜଗମୋହନ ସାହୁ, ପ୍ରଫୁଲ୍ଲ ପଟେଲ, ଗୌରହରି ଷଡଙ୍ଗୀ, ଅଶୋକ କୁମାର ମିଶ୍ର, ରାମଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଫକୀର ମୋହନ ଦେଳ୍ହୁରୀ, ଚିତ୍ତରଞ୍ଜନ ଦାସ ଓ ପଦ୍ମିନୀ ମହାପାତ୍ରଙ୍କ ସମେତ ମୋଟ ୨୩ ଜଣ କବୟିତ୍ରୀ ଓ କବି 'ବର୍ଷା' ' କୃଷି ଓ କୃଷକ' ସମ୍ବନ୍ଧୀୟ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଏଠାରୁ ଅନ୍ୟତ୍ର ବଦଳି ହୋଇଥିବା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥଙ୍କୁ ସଂସଦ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଡ. ସୁଜିତ କୁମାର ନାଥଙ୍କୁ ସଂସଦ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ଶୀତଳ ଭଣ୍ଡାର ନାହିଁ, ପରିବା ଦର ଆକାଶଛୁଆଁ

**ସରଣ୍ଡା,୧୧।୭(ଯୁଧିଷ୍ଠିର ମହାପାତ୍ର )**

ବରଗଡ଼ ଜିଲା ଅତାବିରାରେ ପନିପରିବା ଦର ଏବେ ଆକାଶ ଛୁଆଁ ହୋଇଛି। ବଜାରରେ କୌଣସି ପରିବା ଦର ୮୦ ତଳକୁ ନାହିଁ। ଏଭଳି ଦରବୃଦ୍ଧି ଗ୍ରାହକଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ସୋମବାର ଅତାବିରା ସାପ୍ତାହିକ ବଜାରରେ ଟମାଟୋ ଦର ୧୦୦ ଟଙ୍କା ଥିବାବେଳେ ଝୁଡୁଙ୍ଗ ୧୨୦, ବାଇଗଣ ୮୦, ଗାଜର ୮୦, କଲରା ୧୦୦, ପୋଟଳ ୮୦, କୁନ୍ଦୁରି ୮୦, ବନ୍ଧା କୋବି ୪୦, ଫୁଲ କୋବି ୧୨୦, ଅଦା ୩୦୦, ରସୁଣ୨୨୦, କଞ୍ଚା ଲଙ୍କା ୨୦୦ଟଙ୍କା ରହିଥିଲା। ବର୍ଦ୍ଧିତ ଦରରେ କେବେ ରୋକ ଲାଗିବ ସେନେଇ ଚିନ୍ତାରେ ଖାଉଟି। ଆମଦାନୀ ସ୍ୱାଭାବିକ ହୋଇପାରିଲେ ଦରଦାମରେ ପରିବର୍ତ୍ତନ ଆସିବ ବୋଲି ବ୍ୟବସାୟୀ ଓ ସାଧାରଣ ଖାଉଟି ଆଶାବାଦୀ ଅଛନ୍ତି। ଅନ୍ୟପକ୍ଷେ ଅତାବିରାରେ ଅମଳ ପରିବାକୁ ସଂରକ୍ଷିତ କରି ରଖିବା



ଅତାବିରା ସାପ୍ତାହିକ ବଜାରରେ ପରିବା ବିକ୍ରି ହେଉଛି।

ଲାଗି ସଙ୍କଟ ଦେଖାଦେଇଛି। ବରଗଡ଼ ଚାଷୀ ବହୁଳ ଜିଲା ହୋଇଥିବାବେଳେ ଏଠାରେ ଶୀତଳ ଭଣ୍ଡାରର ଅଭାବ ଦେଖାଯାଇଛି। ଅମଳ ପରିବାକୁ ସୁରକ୍ଷିତ ରଖିବା ଚାଷୀଙ୍କ ପାଇଁ କଷ୍ଟସାଧ ହୋଇପଡ଼ିଛି। ସଂରକ୍ଷଣ ବ୍ୟବସ୍ଥା ନ ଥିବା ଯୋଗୁଁ ଚାଷୀମାନେ ଅମଳ ପରିବାକୁ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମିଶ୍ର କୁହନ୍ତି, ଭୁବନେଶ୍ୱରରେ ଦର ବଢିଲେ ଏଠାରେ ବି ବଢୁଛି। ଏଠାରେ ଶୀତଳଭଣ୍ଡାର ନାହିଁ। ତାର ପ୍ରଭାବ ଆମେ ସାଧାରଣ ଖାଉଟି ଭୋଗୁଛୁ। ପରିବା ଦର ବୃଦ୍ଧି ମୁଣ୍ଡବିନ୍ଧାର କାରଣ ପାଲଟିଛି। ମଧ୍ୟବିତ୍ତ ଶ୍ରେଣୀ ଦୁଃଖ ପାଉଛୁ। ଖାଉଟି ଶେଷଦେବ ନାୟକ କହିଛନ୍ତ, ପରିବା ଦର ଏବେ ଆକାଶଛୁଆଁ। ଆଗରୁ ଯେଉଁଠି କେଜିଏରୁ ଅଧିକ କିଣୁଥିଲୁ ଏବେ ତାହା କମାଇ ଦେଇଛୁ। ପରିବା ଅପେକ୍ଷା ମାଛ ମାଂସ ଭଲ। ଶୀତଳଭଣ୍ଡାର ନିହାତି ଆବଶ୍ୟକ। ସେହିପରି ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କର କହିଛନ୍ତି, ୧୦୦ଟଙ୍କା ଉପରେ ପରିବା । ପ୍ରତିକୂଳ ପାଣିପାଗ ଯୋଗୁ ଚାଷୀ ଠିକ୍ ସମୟରେ ପରିବା ଉତ୍ପାଦନ କରିପାରୁନାହିଁ। ଶୀତଳଭଣ୍ଡାର ନ ଥିବାରୁ ଚାଷୀ ସର୍ବସ୍ୱାନ୍ତ ହେଉଛନ୍ତି । ଚାଷୀଙ୍କଠାରୁ ବ୍ୟବସାୟୀ ମାଛଶାଗ ଦରରେ ପରିବା କିଣି ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି ।

# ସେନ୍‌ସେକ୍ସ ୬୬ ହଜାର ଅଙ୍କ ନିକଟବର୍ତ୍ତୀ

ଭୁବନେଶ୍ୱର,୧୧।୭(ଅଭୟ ଦାଶ)

ଗତ କିଛି ଦିନ ହେବ ଭାରତୀୟ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ସହ ନିବେଶକଙ୍କ ନିବେଶ ମଧ୍ୟ ବୃଦ୍ଧି ହୋଇଛି। ଏପରିକି କ୍ରମାଗତ ୩ୟ ଦିନ ଲାଗି ଭାରତୀୟ ପୁଞ୍ଜି ବଜାରରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ କରିଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୨୭୪ ପଏଣ୍ଟ ବଢ଼ି ଥିବାବେଳେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ନିଫ୍ଟିରେ ମଧ୍ୟ ୮୪ ପଏଣ୍ଟ ବୃଦ୍ଧି ଘଟିଥିବା ଷ୍ଟକ ବଜାର ପକ୍ଷରୁ ସୂଚନା ଦିଆଯାଇଛି। ଏହା ଫଳରେ ବିଏସଇ ସେନସେକ୍ସ ପ୍ରାୟ ୬୬ ହଜାର ଅଙ୍କ ନିକଟବର୍ତ୍ତୀ ହୋଇଥିବାବେଳେ ଏନଏସଇ



ନିଫ୍ଟିମଧ୍ୟ ୧୯,୫୦୦ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ଭାରତୀୟ ଶେୟାର ବଜାରରେ କାରବାର ବିଏସଇ ସେନସେକ୍ସରେ ୨୭୩.୬୭ ପଏଣ୍ଟ ବଢ଼ି ୬୫,୬୧୭.୮୪ ଅଙ୍କରେ କାରବାର ବନ୍ଦ ହୋଇଥିଲାବେଳେ ଏନଏସଇ ନିଫ୍ଟି-୫୦ରେ ୮୩.୫୦ ପଏଣ୍ଟ ବୃଦ୍ଧି ହୋଇ ୧୯,୪୩୯.୪୦ ଅଙ୍କରେ କାରବାର ବନ୍ଦ କରିଥିଲା। ଉଲ୍ଲେଖଯୋଗ୍ୟ, ଶେୟାର ବଜାରର ଉଭୟ ସ୍ମଲ କ୍ୟାପ ଓ ମିଡ କ୍ୟାପଗୁଡ଼ିକରେ ୧୩ ପ୍ରମୁଖ ସେକ୍ଟୋରାଲ ସୂଚକାଙ୍କ ମଧ୍ୟରୁ ୮ଟି ରେ ହ୍ରାସ ଦେଖିବାକୁ ମିଳିଛି। ସେହିଭଳି ବିଏସଇର ୩୦ସେୟାର ବିଶିଷ୍ଟ ସେନସେକ୍ସର କମ୍ପାନିଗୁଡ଼ିକ ମଧ୍ୟରେ ଏଫଏମସିଜି କମ୍ପାନୀର ସେୟାର ସବୁଠୁ ଅଧିକ ବୃଦ୍ଧି ପାଇଥିବା ବେଳେ ସନଫାର୍ମା, ମାରୁତି, ଟାଟା ମୋଟର୍ସ, ଆଇଟିସି, ନେସେଲେ, ଏଲଆଣ୍ଡଟି ଭଳି ନିବେଶକକମ୍ପାନୀ ଲାଭରେ ରହିଥିବାବେଳେ ବଜାଜ ଫାଇନାନ, ଆକ୍ସିସ ବ୍ୟାଙ୍କ,ଏଚସିଏଲ ଟେକ,ଏସବିଆଇ, ଏଚଡିଏଫସି ଭଳି ଅନେକ ନିବେଶକ କମ୍ପାନୀର ଶେୟାର ହ୍ରାସ ଘଟିଛି।

# ଏଡବ୍ଲ୍ୟୁଏସ୍ ସହ ଡକ୍ଟର ରେଡ୍ଡିସ୍‌ର ସହଭାଗିତା

ଭୁବନେଶ୍ୱର,୧୧।୭

ଦେଶର ପ୍ରମୁଖ ତଥା ଭାରତୀୟ ମଲ୍ଟିନ୍ୟାଶନାଲ ଫାର୍ମାସ୍ୟୁଟିକାଲ କମ୍ପାନୀ ଡକ୍ଟର ରେଡ୍ଡିସ୍ ଲାବୋରେଟୋରିଜ୍ ଲିମିଟେଡ୍‌ର ଡକ୍ଟର ରେଡ୍ଡିସ୍ ଏବଂ ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ହୋଇଥିବା ଉଭୟ ପକ୍ଷରୁ ଜଣାଯାଇଛି। ବିଶେଷକରି ସୁଲଭ ଓ ଅଭିନବ ଔଷଧଗୁଡ଼ିକ ପାଇଁ ପହଞ୍ଚ ପ୍ରଦାନ କରିବାରେ ଉକ୍ତ ସହଭାଗିତା ବେଶ୍ ସାହାଯ୍ୟ କରିବ। ଏପରିକି ଏଡବ୍ଲ୍ୟୁଏସ୍‌କୁ ଡକ୍ଟର ରେଡ୍ଡିସ୍ ପସନ୍ଦର କ୍ଲାଉଡ ପ୍ରଦାତା ଭାବେ ଚୟନ କରିଛି। ଏହି ସହଭାଗିତାର ଅଂଶ ଭାବେ କମ୍ପାନୀ ତା'ର ଏସ୍‌ଏପି ପ୍ଲାଟଫର୍ମକୁ ସମ୍ପୂର୍ଣ୍ଣ ରୂପେ ଏଡବ୍ଲ୍ୟୁଏସ୍‌କୁ ସ୍ଥାନାନ୍ତର କରିଛି।

# ବୋମାନ ଇରାନୀ ବି-ଟେକ୍ସର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୧୧।୭



ବୋମାନ ଇରାନୀ

ଦେଶର ସର୍ବବୃହତ ତଥା ଡର୍ମାଟୋଲୋଜିକାଲ୍ ଓଭର-ଦି-କାଉଣ୍ଟର (ଓଟିସି) ଫାର୍ମା ଉତ୍ପାଦଗୁଡ଼ିକର ଅଗ୍ରଣୀ ଉତ୍ପାଦକ 'ବି-ଟେକ୍ସ' ଜଣାଶୁଣା ବଲିଉଡ ଅଭିନେତା ବୋମାନ ଇରାନୀଙ୍କୁ ବି-ଟେକ୍ସର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏପରିକି ବି-ଟେକ୍ସ ପକ୍ଷରୁ କୁହାଯାଇଛି, ଇରାନୀଙ୍କ ସହିତ ବି-ଟେକ୍ସର ସହଭାଗିତା ଭାରତୀୟ ବଜାରରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ଏବଂ ଶିଳ୍ପରେ ଏକ ଅଗ୍ରଣୀ ବ୍ରାଣ୍ଡ ହେବାକୁ ଲକ୍ଷ୍ୟ ରଖିଛି। ବିଶେଷ କରି ଇରାନୀଙ୍କ ଲୋକପ୍ରିୟତା, ବିଶାଳ ପ୍ରଶଂସକ ଏବଂ ପ୍ରଭାବଶାଳୀ ସ୍ୱରର ଲାଭ ଉଠାଇବା ସହିତ ବି-ଟେକ୍ସର ଓଟିସି ଫାର୍ମା ଉତ୍ପାଦଗୁଡ଼ିକର ସର୍ବବୃହତ ପରିସର ଏବଂ ବ୍ରାଣ୍ଡର ଲୋକପ୍ରିୟତା ଧରି ମାଲିକ ଦଶନ୍ଧି ଧରି ଲକ୍ଷ ଲକ୍ଷ ଗ୍ରାହକ ବିଶ୍ୱାସ କରି ଆସୁଛନ୍ତି। ସେହିଭଳି ବି-ଟେକ୍ସର ସମସ୍ତ ଉତ୍ପାଦ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଛି, ଚର୍ମର ପରିସ୍ଥିତିକୁ ପ୍ରଭାବଶାଳୀ ଭାବେ ମୁକାବିଲା କରିବା ସହିତ ଏକ୍‌ଜିମା, ରିଙ୍ଗୱର୍ମ, ସ୍କାବି, କୁଞ୍ଚନ, ସାଧାରଣ ଥଣ୍ଡା, ବ୍ରଣ ଇତ୍ୟାଦି ମଧ୍ୟ ପ୍ରସ୍ତୁତ ହୋଇଛି। ଏ ସମ୍ପର୍କରେ ବି-ଟେକ୍ସର ସିଏମଡି ଅଜୟ ପଟେଲ କହିଛନ୍ତି, ଆମେ ବୋମାନ ଇରାନୀଙ୍କୁ ଆମର ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ତାଙ୍କର ଅନନ୍ୟ ପ୍ରତିଭା,ଚିତ୍ତାକର୍ଷକ ଚରିତ୍ର ଏବଂ ଉତ୍କର୍ଷର ନିରନ୍ତର ଅନୁସରଣ ଆମ ବ୍ରାଣ୍ଡର ମୂଳ ମୂଲ୍ୟ ଏବଂ ମିଶନ୍ ସହିତ ସୁସଙ୍ଗତ ଭାବେ ପୁନଃପ୍ରତିରୂପିତ ହେବ।

# ଟିପିସିଓଡିଏଲ୍ ପକ୍ଷରୁ ସଷ୍ଟେନ୍‌ବିଲିଟି ମାସ ପାଳିତ

ଭୁବନେଶ୍ୱର,୧୧।୭

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିକଟରେ ସଷ୍ଟେନ୍‌ବିଲିଟି ମାସ-୨୦୨୩ ପାଳିତ ହୋଇଯାଇଛି। ବିଶେଷକରି ଭୁବନେଶ୍ୱରଠାରେ ଉକ୍ତ କାର୍ଯ୍ୟକ୍ରମର ସମାପନ ଉତ୍ସବ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସଷ୍ଟେନ୍‌ବିଲିଟି ମାସରେ କର୍ମଚାରୀମାନଙ୍କ ଅବଦାନକୁ ଉଚ୍ଚ ପ୍ରଶଂସା କରିବା ସହ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ପ୍ଲାଷ୍ଟିକ୍ ପ୍ରଦୂଷଣର ମୁକାବିଲା ପାଇଁ ସଷ୍ଟେନ୍‌ବଲ୍ ସମାଧାନ ଗ୍ରହଣ କରିବାକୁ ଟିପିସିଓଡିଏଲ୍‌ରେ ଆମେ ପ୍ରତିବଦ୍ଧ ରହିଛୁ। ଏପରିକି ଟାଟା ସଷ୍ଟେନ୍‌ବିଲିଟି ମାସରେ ଅଂଶଗ୍ରହଣ କରି ଆମେ ସଷ୍ଟେନ୍‌ବିଲିଟିରେ ଏକ ସଂସ୍କୃତି ସୃଷ୍ଟି କରିବାରେ ସକ୍ଷମ ହୋଇଛୁ ଏବଂ ଆମର ସଂରକ୍ଷଣ ଲାଗି ସ୍ମାର୍ଟ ସମାଧାନ ଗ୍ରହଣ କରିବାରେ ଆମ ଉଦ୍ୟମ ସହାୟକ ହେବ।

ଅପରପକ୍ଷରେ ମାସବ୍ୟାପୀ ପାଳନ କରାଯାଇଥିବା ଉକ୍ତ କାର୍ଯ୍ୟକ୍ରମରେ ଟିପିସିଓଡିଏଲ୍‌ର ବିଭିନ୍ନ କାର୍ଯ୍ୟାଳୟ ଯଥା କର୍ପୋରେଟ୍ କାର୍ଯ୍ୟାଳୟ, ମାର୍ଶାଘାଇ, ବିଇଡି, ନିମାପଡ଼ା, ପାରାଦୀପ ଓ ଜଗତ୍‌ସିଂହପୁରର ଡିଭିଜନ କାର୍ଯ୍ୟାଳୟ ଏବଂ କଟକ ଓ ଢେଙ୍କାନାଳର ସର୍କଲ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

ସୂଚନାଯୋଗ୍ୟ, ପ୍ରତି ବର୍ଷ ଟାଟା ସଷ୍ଟେନ୍‌ବିଲିଟି ଗ୍ରୁପ୍ ପକ୍ଷରୁ ଆୟୋଜନ କରାଯାଉଥିବା ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି, ପରିବେଶ ଉପରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଲାଗି ପରସ୍ପର ଏକଜୁଟ ହୋଇ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା। ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ପ୍ଲାଷ୍ଟିକ୍ ପ୍ରଦୂଷଣ ପାଇଁ ସ୍ମାର୍ଟ ସମାଧାନ'।

# ବିଓଆଇର ଗ୍ରାହକ ସମୀକ୍ଷା ବୈଠକ



ଭୁବନେଶ୍ୱର,୧୧।୭

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ନ୍ୟାଶନାଲ ବ୍ୟାଙ୍କିଙ୍ଗ୍ ଗ୍ରୁପ୍ (ଏନ୍‌ବିଜି)ର ମୁଖ୍ୟ ତଥା ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ଏବଂ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରା ବ୍ରହ୍ମପୁର କ୍ଲଷ୍ଟର ପରିଦର୍ଶନରେ ଯାଇ ଏକ ଗ୍ରାହକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ମିଶ୍ର ବ୍ରହ୍ମପୁର କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ଶାଖାରୁ ଆସିଥିବା ୩୦ଜଣ ଗ୍ରାହକଙ୍କ ସହ ଭାବ ଆଦାନପ୍ରଦାନ କରିଥିବା ସହ ମତ୍ସ୍ୟଚାଷ, କୁକୁଡ଼ା ଚାଷ,କାଜୁ ପ୍ରୋସେସିଂ ୟୁନିଟ୍, ଘୁଷୁରି ଓ ଛେଳି ଫାର୍ମ ଆଦି ବିଭିନ୍ନ ପ୍ରକଳ୍ପ ପାଇଁ ୧୦୦କୋଟି ଟଙ୍କା ମଞ୍ଜୁର କରାଯିବ ବୋଲି କହିଥିଲେ। ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ୨୦କୋଟି ଟଙ୍କା ମଞ୍ଜୁର କରାଯିବ ବୋଲି ମଧ୍ୟ ସେ କହିଥିଲେ। ମହାପ୍ରବନ୍ଧକ ମିଶ୍ର ତାଙ୍କର ଯୋଜନାଗୁଡିକୁ ଅନ୍ୟାନ୍ୟ କ୍ଷେତ୍ରରେ ବିନିଯୋଗ କରି ଅଧିକରୁ ଅଧିକ ଲୋକମାନଙ୍କ ପାଖରେ ପହଞ୍ଚିବା ସହ ଉଦ୍ୟୋଗୀମାନଙ୍କୁ ସାହାଯ୍ୟ କରିବାକୁ ପ୍ରକାଶ କରିଥିବା ସହ ବ୍ୟାଙ୍କ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବାକୁ ସର୍ବଦା ଆଗ୍ରହୀ ବୋଲି ପ୍ରକାଶ କରିଥିଲେ। ମିଶ୍ର ପ୍ରତିଷ୍ଠିତ ବ୍ୟବସାୟିକ ସଂସ୍ଥା ଏବଂ ଷ୍ଟାର୍ଟଅପ୍ ୟୁନିଟ୍‌ଗୁଡିକୁ ସାହାଯ୍ୟ କରିବା ପାଇଁ ବିକେନ୍ଦ୍ରୀକରଣ କ୍ଷେତ୍ରଗୁଡ଼ିକୁ ଅଧିକ ଋଣ ପ୍ରଦାନ କରାଯିବ ବୋଲି କହିଥିଲେ।

# ସ୍ମାର୍ଟ ପାର୍କିଂ ସଲ୍ୟୁଶନର ଶୁଭାରମ୍ଭ

ଭୁବନେଶ୍ୱର,୧୧।୭

ଭାରତର ଅଗ୍ରଣୀ ଫାସ୍‌ଟାଗ୍ ପ୍ରଦାନକାରୀ ସଂସ୍ଥା ଏୟାରଟେଲ୍ ପେମେଣ୍ଟସ୍ ବ୍ୟାଙ୍କ ଏବଂ ପାର୍କ+ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଫାସ୍‌ଟାଗ୍ ଆଧାରିତ ସ୍ମାର୍ଟ ପାର୍କିଂ ସଲ୍ୟୁଶନକୁ ସକ୍ଷମ କରିବା ପାଇଁ ଉକ୍ତ ସହଭାଗିତା ହୋଇଛି। ଏପରିକି ଫାସ୍‌ଟାଗ୍ ଆଧାରିତ ସ୍ମାର୍ଟ ପାର୍କିଂ ସଲ୍ୟୁଶନ ଏୟାରପୋର୍ଟ ପାର୍କିଂରେ ଅଟୋମାଟିକ୍ କ୍ୟାଶଲେସ ପେମେଣ୍ଟକୁ ସକ୍ଷମ କରିବା ସହ ପାର୍କିଂ ଜୋନ୍‌ରେ ଯାନଗୁଡିକର ଯାତାୟାତକୁ ବାଧାମୁକ୍ତ ଓ ସମୟ ସାପେକ୍ଷ କରୁଛି। ଏଭଳି ଏକ ସ୍ମାର୍ଟ ସଲ୍ୟୁଶନ ସହ ପାର୍କିଂ ଫି' ଯାନ ସହ ଜଡିତ ବୈଧ ଫାସ୍‌ଟାଗ୍ ମାଧ୍ୟମରେ କଟାଯାଇଥାଏ। ଦେଶବ୍ୟାପୀ ପ୍ରମୁଖ ପାର୍କିଂ ସ୍ଥାନଗୁଡିକରେ ସମୟ ଅତିବାହିତ କରାଯାଉଥିବା ବେଳେ ଏହା ଜରିଆରେ ସମୟକୁ ହ୍ରାସକରି ପେମେଣ୍ଟ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଉଭୟ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ଖୁବ୍‌ଶୀଘ୍ର ଅନ୍ୟ ସହରର ଏୟାରପୋର୍ଟଗୁଡିକରେ ମଧ୍ୟ ଉଭୟ ସଂସ୍ଥା ଏହି ସେବା ଉପଲବ୍ଧ କରିବେ। ଏ ସମ୍ପର୍କରେ ଏପିବିର ମୁଖ୍ୟ ପରିଚାଳନା ଅଧିକାରୀ ଗଣେଶ ଅନନ୍ତ ନାରାୟଣନ୍ କହିଛନ୍ତି, ଆମେ ଆମର ଗ୍ରାହକଙ୍କୁ ଏକ ସରଳ ସୁରକ୍ଷିତ ଓ ବାଧାହୀନ ପେମେଣ୍ଟ ଅନୁଭୂତି ଦେବା ପାଇଁ ଲକ୍ଷ୍ୟ ରଖିଛୁ। ବିଶେଷ କରି ଭୁବନେଶ୍ୱର ଏୟାରପୋର୍ଟରେ ଫାସ୍‌ଟାଗ୍ ଆଧାରିତ ସ୍ମାର୍ଟ ପାର୍କିଂ ସଲ୍ୟୁଶନର ଶୁଭାରମ୍ଭ କରିବା ପାଇଁ ପାର୍କ+ସହିତ ସହଭାଗିତା କରି ଆମେ ବେଶ୍ ଆନନ୍ଦିତ। ଏୟାରପୋର୍ଟ ପାର୍କିଂ ସ୍ଥାନଗୁଡିକରେ ବଢୁଥିବା ଭିଡ ମଧ୍ୟରେ ଅନେକ ସମୟ ବଞ୍ଚାଇବାରେ ଏହା ସାହାଯ୍ୟ କରିବ ଏବଂ ଯାତାୟତ ଅନୁଭୂତିକୁ ସୁଗମ କରିବାରେ ମଧ୍ୟ ସହଯୋଗ କରିବ।

ଫୁରସତ୍

# ପରିବେଶ ଉପଯୋଗୀ ସାମଗ୍ରୀ ବ୍ୟବହାର ଜରୁରୀ

## ବିଶ୍ୱ କାଗଜ ବ୍ୟାଗ୍ ଦିବସ

ଆମେ ବ୍ୟବହାର କରୁଥିବା ଏଭଳି କିଛି ସାମଗ୍ରୀ ଯାହା ଆମ ପରିବେଶ ପାଇଁ ସବୁଠାରୁ ଅଧିକ କ୍ଷତିକାରକ ତାହା ହେଉଛି ପ୍ଲାଷ୍ଟିକ। ଏହା ବ୍ୟବହାର ଦ୍ୱାରା ଆମ ପରିବେଶ ପ୍ରଭାବିତ ହୋଇଥାଏ। ତେଣୁ ପରିବେଶକୁ ସୁରକ୍ଷା ଦେବା ପାଇଁ ପ୍ଲାଷ୍ଟିକ ବ୍ୟବହାରକୁ ବିଶ୍ୱସ୍ତରରେ ମନା କରାଯାଇଛି। ପ୍ଲାଷ୍ଟିକମୁକ୍ତ ପରିବେଶ ସୃଷ୍ଟିକରିବା ପାଇଁ ଆହ୍ୱାନ ଦିଆଯାଇଛି। ପ୍ରତିବର୍ଷ ଜୁଲାଇ ୧୨ରେ ବିଶ୍ୱ କାଗଜ ବ୍ୟାଗ୍ ଦିବସ ପାଳନ କରାଯାଏ ଯାହା ଲୋକଙ୍କୁ କାଗଜ ବ୍ୟାଗ୍ ବ୍ୟବହାର କରିବା ଏବଂ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାରରୁ ଦୂରେଇରହିବା ନେଇ ସଚେତନ କରିଥାଏ। ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର କରିବା ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହା ପୃଥିବୀର ସମସ୍ତ ଜୈବ ବିବିଧତା ପ୍ରତି ଗୁରୁତର ବିପଦ ସୃଷ୍ଟି କରିଥାଏ। ତେଣୁ ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟାଗ୍‌ଗୁଡିକର ବିପଜ୍ଜନକ ପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ବିଶ୍ୱ କାଗଜ ବ୍ୟାଗ୍ ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ବିଶ୍ୱସ୍ତରରେ ଅନୁଷ୍ଠିତ ହୋଇଥାଏ।

ପ୍ରଥମ ପେପର ବ୍ୟାଗ୍ ମେଶିନ ୧୮୫୨ ମସିହାରେ ଜଣେ ଆମେରିକୀୟ ଫ୍ରାନ୍ସିସ ୱେଲ୍‌ଙ୍କ ଦ୍ୱାରା ଉଦ୍ଭାବିତ ହୋଇଥିଲା। ବିଶ୍ୱ କାଗଜ ବ୍ୟାଗ୍ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ପରିବେଶକୁ ବଞ୍ଚାଇବା ପାଇଁ ଲୋକଙ୍କୁ କାଗଜ ବ୍ୟାଗ୍ ବ୍ୟବହାର କରିବାକୁ ଉତ୍ସାହିତ କରିବା।



ପ୍ଲାଷ୍ଟିକ ବ୍ୟାଗ୍ ଅଣ-ନବୀକରଣଯୋଗ୍ୟ ଉତ୍ସରୁ ନିର୍ମିତ ଏବଂ ଏହା କ୍ଷୟ ହେବା ପାଇଁ ୧୦୦୦ ବର୍ଷ ସମୟ ନେଇପାରେ ; ଯାହା ଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଇଥାଏ। କାଗଜ ବ୍ୟାଗ୍ ଦିବସରେ, ସାରା ବିଶ୍ୱରେ ଲୋକମାନେ କାଗଜ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ କରନ୍ତି। କେତେକ ସଂସ୍ଥା ଲୋକମାନଙ୍କୁ କାଗଜ ବ୍ୟାଗ୍ କିପରି ତିଆରି କରିବେ ଶିଖାଇବା ପାଇଁ କର୍ମଶାଳା ଆୟୋଜନ କରୁଥିବାବେଳେ ଅନ୍ୟମାନେ ସେମାନଙ୍କ ବ୍ୟବହାରକୁ ଉତ୍ସାହିତ କରିବା ପାଇଁ ମାଗଣା କାଗଜ ବ୍ୟାଗ୍ ବଣ୍ଟନ କରିଥାନ୍ତି।

ପେପର ବ୍ୟାଗ୍ ଦିବସର ଇତିହାସ ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଆରମ୍ଭ ହୋଇଥିଲା ଯେତେବେଳେ ଯୁକ୍ତରାଷ୍ଟ୍ରରେ ଫ୍ରାନ୍ସିସ ୱେଲ୍‌ଙ୍କ ଦ୍ୱାରା ପ୍ରଥମ କାଗଜ ବ୍ୟାଗ୍ ଉଦ୍ଭାବନ କରାଯାଇଥିଲା। ୱେଲ୍ ଜଣେ ସ୍କୁଲ ଶିକ୍ଷକ ଥିଲେ ଯିଏକି ତାଙ୍କ ଛାତ୍ରମାନଙ୍କ ପାଇଁ ସେମାନଙ୍କ ବହି ବହନ କରିବା ଲାଗି ଏକ ସୁବିଧାଜନକ ଉପାୟ ସୃଷ୍ଟି କରିବାକୁ ଚାହୁଁଥିଲେ। ସେ ଏକ ଯନ୍ତ୍ର ବିକଶିତ କରିଥିଲେ ଯାହା ସମତଳ ପାର୍ଶ୍ୱରେ ଫ୍ଲାଟ୍-ତଳ କାଗଜ ବ୍ୟାଗ୍ ଉତ୍ପାଦନ କରିପାରିବ। ସମୟ ସହ ଅଧିକ ବ୍ୟୟବହୁଳ ଏବଂ କମ୍ ସ୍ଥାୟୀ ଚମଡ଼ା ଏବଂ କପଡ଼ା ବ୍ୟାଗ୍ ପାଇଁ କାଗଜ ବ୍ୟାଗ୍ ଏକ ଲୋକପ୍ରିୟ ବିକଳ୍ପ ହୋଇଗଲା। ବିଂଶଶତାବ୍ଦୀର ପ୍ରାରମ୍ଭ ସୁଦ୍ଧା ସାରା ବିଶ୍ୱରେ ଦୋକାନ ଏବଂ ବଜାରରେ କାଗଜ ବ୍ୟାଗ୍ ଏକ ସାଧାରଣ ଦୃଶ୍ୟ ହୋଇଗଲା। ତଥାପି, ବିଂଶଶତାବ୍ଦୀର ମଧ୍ୟଭାଗରେ ପ୍ଲାଷ୍ଟିକର ବୃଦ୍ଧି ସହ କାଗଜ ବ୍ୟାଗ୍‌ଗୁଡିକର ବ୍ୟବହାର ହ୍ରାସ ହେବାକୁ ଲାଗିଲା। ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନ ପାଇଁ ଶସ୍ତା ଥିଲା ଏବଂ ଅଧିକ ସୁବିଧାଜନକ ବିବେଚନା କରାଯାଉଥିଲା। ଅବଶ୍ୟ, ପ୍ଲାଷ୍ଟିକ ବ୍ୟାଗ୍‌ଗୁଡ଼ିକର ପରିବେଶ ପ୍ରଭାବ ବିଷୟରେ ସଚେତନତା ବଢ଼ିବା ସହିତ କାଗଜ ବ୍ୟାଗ୍ ବ୍ୟବହାର ପୁଣି ଫେରି ଆସିଲା। ୧୯୯୯ରେ, ସାନ୍‌ଫ୍ରାନ୍ସିସ୍କୋ ସହର ପୃଥିବୀରେ ପ୍ରଥମେ ଦୋକାନ ବଜାର ଏବଂ ବଡ଼ ଫାର୍ମାସିରେ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଥିଲା। ଏହା ପରେ ବିଶ୍ୱର ଅନ୍ୟ ସହର ଏବଂ ଦେଶଗୁଡ଼ିକ କାଗଜ ବ୍ୟାଗ୍ ପ୍ରତି ଏକ ନୂତନ ଆଗ୍ରହ ସୃଷ୍ଟି କରାଯାଇଥିଲା। ପ୍ଲାଷ୍ଟିକ ବ୍ୟାଗ୍ ଉପରେ କାଗଜ ବ୍ୟାଗ୍ ବ୍ୟବହାର କରିବାର ଲାଭ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱବ୍ୟାପୀ କାଗଜ ବ୍ୟାଗ୍ ଦିବସ ପାଳନ କରାଯାଉଛି। ଏହି ଦିନଟି ଆମର ଦୈନନ୍ଦିନ ଜୀବନରେ ଇକୋ-ଫ୍ରେଣ୍ଡଲି ପସନ୍ଦ କରିବାର ମହତ୍ତ୍ୱର ସ୍ମାରକ ଭାବରେ କାର୍ଯ୍ୟ କରେ ଏବଂ ଅଧିକ ସ୍ଥାୟୀ ବିକଳ୍ପକୁ ଚୟନ କରିବାକୁ ଉତ୍ସାହିତ କରେ। ଜଳବାୟୁ ପରିବର୍ତ୍ତନ ଏବଂ ପ୍ଲାଷ୍ଟିକ ପ୍ରଦୂଷଣକୁ ଦୃଷ୍ଟିରେ ରଖି କାଗଜ ବ୍ୟାଗ୍‌ର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତିବର୍ଷ ବିଶ୍ୱ କାଗଜ ବ୍ୟାଗ୍ ଦିବସ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ବହନ କରିଥାଏ। ୨୦୨୩ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି, ପ୍ଲାଷ୍ଟିକକୁ ହଟାଇବା ପାଇଁ କାଗଜ ବ୍ୟାଗ୍ ବ୍ୟବହାର କରନ୍ତୁ।

# ନଗ୍ନତାକୁ ପସନ୍ଦ କରନ୍ତିନି ନର୍ଗିସ୍



**ମୁମ୍ବାଇ:** ନର୍ଗିସ୍ ଫକରୀ ଇଣ୍ଡଷ୍ଟ୍ରିରେ ଜଣେ ଜଣାଶୁଣା ଅଭିନେତ୍ରୀ। ନିକଟରେ ସେ ଓଟିଟି ଡେବ୍ୟୁ କରିବାକୁ ଯାଉଛନ୍ତି। ଆଗାମୀ ପ୍ରୋଜେକ୍ଟ 'ତତ୍‌ଲୁବାଜ୍'ରେ ତାଙ୍କୁ ଦେଖିବାକୁ ମିଳିବେ। ଆଗାମୀ ଶୋ'କୁ ପ୍ରମୋଶନ କରିବାକୁ ଆସି ନର୍ଗିସ୍ ନିକଟରେ ଏକ ସାକ୍ଷାତ୍‌କାରରେ ନଗ୍ନତାକୁ ନେଇ ତାଙ୍କ ମତ ରଖିଛନ୍ତି। କୌଣସି ଏକ ପ୍ରୋଜେକ୍ଟ ପାଇଁ ନଗ୍ନ ଶୁଟ୍ ତାଙ୍କ ପାଇଁ ସୁଖଦ କି ନାହିଁ ତାଙ୍କୁ ପ୍ରଶ୍ନ କରାଯାଇଥିଲା। ସେ ଏଥିରେ କେବେ ବି ନଗ୍ନତାପୂର୍ଣ୍ଣ ଶୁଟ୍ କରିବେନି। କାରଣ ସେ ନଗ୍ନତାରେ ପସନ୍ଦ କରନ୍ତିନି ବୋଲି ସେ ମତ ରଖିଥିଲେ। ସେ କୌଣସି ଚରିତ୍ରରେ କାମ କରିବାକୁ ପସନ୍ଦ କରିଥାନ୍ତି, କାରଣ ଏହା ଜଣେ ଅଭିନେତ୍ରୀ ଭାବେ ତାଙ୍କ କର୍ତ୍ତବ୍ୟ। ଏଥିସହ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଆର୍ଟିଷ୍ଟମାନେ କିପରି ନିଜ ଲିମିଟ୍‌କୁ ବଢ଼ାଇଥାନ୍ତି, ତାହା କହିଥିଲେ। ଏବେ ଏହି ଡିଜିଟାଲ ପ୍ଲାଟଫର୍ମର ଜଣେ ଅଂଶ ହୋଇଥିବାରୁ ସେ ଏଥିପାଇଁ ଆଗ୍ରହୀ ଥିବା କହିଛନ୍ତି। ଓଟିଟି କଣ୍ଟେଣ୍ଟଗୁଡ଼ିକ ମାଧ୍ୟମରେ ଅଭିନେତା ନିଜ କ୍ଷମତାଠାରୁ ଆଗକୁ ବଢି କିଛି କରିବାରେ ସୁଯୋଗ ରହିଥାଏ। ତେବେ ନର୍ଗିସ୍ ୨୦୧୧ରେ 'ରକ୍‌ଷ୍ଟାର୍' ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହା ମଧ୍ୟରେ ସେ ଅନେକ ଫିଲ୍ମ କରିଥିବାବେଳେ ଶେଷଥର ପାଇଁ ତାଙ୍କୁ 'ଶିବ ଶାସ୍ତ୍ରୀ ବଲବୋଆ'ରେ ନଜରକୁ ଆସିଥିଲେ। ଏଥିସହ ସେ ଅନେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ଦେଖିବାକୁ ମିଳିଛନ୍ତି।

# ନୋବେଲ ଶାନ୍ତି ପୁରସ୍କାର ବିଜେତା ମାଲାଲା

## ବିଶ୍ୱ ମାଲାଲା ଦିବସ

**ପ୍ରତିବର୍ଷ** ଜୁଲାଇ ୧୨ରେ, ନୋବେଲ ଶାନ୍ତି ପୁରସ୍କାରପ୍ରାପ୍ତ ମାଲାଲା ୟୁସୁଫଜାଇଙ୍କ ସମ୍ମାନାର୍ଥେ ବିଶ୍ୱ ମାଲାଲା ଦିବସ ପାଳନ କରାଯାଇଥାଏ। ଏହି ତାରିଖ ମଧ୍ୟ ତାଙ୍କର ଜନ୍ମଦିନରେ ପଡେ। ତାଙ୍କ ଭଳି ଜଣେ ଅସାଧାରଣ ଝିଅଙ୍କୁ ସମ୍ମାନ ଦେବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ସେ ଶିଶୁ ଏବଂ ମହିଳାଙ୍କ ଅଧିକାର ପାଇଁ ଲଢ଼ିଥିଲେ। ମିଳିତ ଜାତିସଂଘ ଜୁଲାଇ ୧୨କୁ ପାକିସ୍ତାନୀ କାର୍ଯ୍ୟକର୍ତ୍ତା ମଲାଲା ୟୁସୁଫଜାଇଙ୍କୁ ସମ୍ମାନିତ କରିବା ପାଇଁ ବିଶ୍ୱ ମାଲାଲା ଦିବସ ଭାବେ ଘୋଷଣା କରିଥିଲା, ଯିଏ ବାଳିକା ଶିକ୍ଷା ସଂଗ୍ରାମର ଅନ୍ତର୍ଜାତୀୟ ପ୍ରତୀକ ପାଲଟିଥିଲେ। ମାଲାଲା ୟୁସୁଫଜାଇ ଜିଆଉଦ୍ଦିନ ୟୁସୁଫଜାଇ ଏବଂ ତୁର ପେକାଇ ୟୋସେଫଜାଇଙ୍କ ସନ୍ତାନ ଭାବେ ୧୨ ଜୁଲାଇ ୧୯୯୭ରେ ପାକିସ୍ତାନର ମିଙ୍ଗୋରାଠାରେ ଜନ୍ମଗ୍ରହଣ କରିଥିଲେ ; ଯାହା ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପାସ୍ତୁନଖ୍ୱା ପ୍ରଦେଶର ସ୍ୱାତ ଜିଲାରେ ରହିଛି। ତାଙ୍କ ପିତା ଜଣେ ଉତ୍ସାହୀ ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ଶିକ୍ଷକ ଥିଲେ। ସେ ନିଜର ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ତେବେ, ଯେତେବେଳେ


ମାଲାଲା ୟୁସୁଫଜାଇ

ତାଲିବାନ ସହରକୁ ନିୟନ୍ତ୍ରଣ କରିଥିଲେ, ସେତେବେଳେ ବାଳିକାମାନଙ୍କୁ ଶିକ୍ଷା ଉପରେ ବାରଣ କରାଯାଇଥିଲା। ୨୦୦୯ରେ, ମାଲାଲା ନିଜ ସହରରେ ବଢୁଥିବା ସାମରିକ କାର୍ଯ୍ୟକଳାପ ବିଷୟରେ କଥାବାର୍ତ୍ତା କରି ବିବିସିଆଇ ପାଇଁ ଏକ ବ୍ଲଗ ଲେଖିବା ଆରମ୍ଭ କରିଥିଲେ। ତାଙ୍କ ପରିଚୟ ପ୍ରକାଶ ପାଇବା ପରେ ମଧ୍ୟ ମାଲାଲା ଏବଂ ତାଙ୍କ ପିତା ଶିକ୍ଷାର ଅଧିକାର ବିଷୟରେ ସର୍ବସାଧାରଣରେ କହିବା ଜାରି ରଖିଥିଲେ। ୯ ଅକ୍ଟୋବର ୨୦୧୨ରେ, ମାଲାଲା ସ୍କୁଲରୁ ଘରକୁ ଫେରୁଥିବାବେଳେ ତାଲିବାନ ବନ୍ଧୁକଧାରୀ ତାଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ଓ ବେକରେ ଗୁଳି ଚଳାଇଥିଲା। ସେ ପାକିସ୍ତାନରେ ପ୍ରାରମ୍ଭିକ ଚିକିତ୍ସା ଗ୍ରହଣ କରିଥିଲେ, କିନ୍ତୁ ପରେ ସୁସ୍ଥ ହେବା ପାଇଁ ତାଙ୍କୁ ଇଂଲଣ୍ଡକୁ ପଠାଯାଇଥିଲା। ଏହି ଦିବସ ଅବସରରେ ବିଶ୍ୱ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱର ପିଲାମାନଙ୍କ ପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ନିଶ୍ଚିତ କରିବାକୁ ବିଶ୍ୱ ନେତାମାନେ ଆହ୍ୱାନ କରିଥାନ୍ତି।

ମାଲାଲା ବର୍ତ୍ତମାନ ସାରା ବିଶ୍ୱରେ ମହିଳାଙ୍କ ଶିକ୍ଷା ଅଧିକାର ପାଇଁ ଜଣେ କାର୍ଯ୍ୟକର୍ତ୍ତା ଭାବରେ କାର୍ଯ୍ୟ କରିଥାନ୍ତି। ସେ ତାଙ୍କ ପିତାଙ୍କ ସହ ବାଳିକା ଶିକ୍ଷାର ପ୍ରଭାବ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ୨୦୧୩ରେ ମାଲାଲା ପାଣ୍ଠି ଆରମ୍ଭ କରିଥିଲେ। ୨୦୧୪ ରେ, ମଲାଲାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇବାରେ ସର୍ବକନିଷ୍ଠ ବ୍ୟକ୍ତି ହୋଇଥିଲେ। ମାଲାଲାଙ୍କ ଉପରେ ଆକ୍ରମଣ ପରେ ପାକିସ୍ତାନ ପ୍ରଥମ ଶିକ୍ଷା ଅଧିକାର ବିଲ୍ ପାସ୍ କରିଥିଲା।

# କାଚ ବୋତଲ ଉପରେ ଚାଲି ରେକର୍ଡ

ବେଜିଂ

ଲୋକଙ୍କ ପାଖରେ ଅନେକ ଅନ୍ତର୍ନିହିତ ଗୁଣ ଭରି ରହିଥାଏ। କିଛି ଜଣ ତାଙ୍କର ଏହି ଗୁଣକୁ ପରଖି ସମସ୍ତଙ୍କ ସମ୍ମୁଖରେ ରଖିଥାନ୍ତି। ତାଙ୍ଗ ୟୁହି ନାମକ ଜଣେ ଯୁବତୀ ନିକଟରେ ଖୁବ୍ କମ୍ ସମୟ ମଧ୍ୟରେ କାଚ ବୋତଲ ଉପରେ ଚାଲି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ରିପୋର୍ଟ ମୁତାବକ, ଚାଇନାର ଯୁବତୀ ଇଟାଲୀରେ ଆୟୋଜିତ ଲୋ ଶୋ ଦେଇ ରେକର୍ଡ ଶୋ'ରେ ଏହି ରେକର୍ଡ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଯୁବତୀ ଜଣକ ୧୦ ମିଟର ଉଚ୍ଚର ଗୋଟେ କାଚ ବୋତଲ ଉପରେ ଚାଲି ଚାଲି ତାକୁ ପାର କରିଛନ୍ତି। କାଚ ଉପରେ ଚାଲି ଭାରସାମ୍ୟ ରକ୍ଷା କରିଥିବାରୁ ଏହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏଥିପାଇଁ ତାଙ୍କୁ ୨ ମିନିଟ୍ ୧୯ ସେକେଣ୍ଡ ସମୟ ଲାଗିଥିଲା। ସେ ଏପରି କରି ପୂର୍ବ ରେକର୍ଡକୁ ନିଜ ନାମରେ କରିଛନ୍ତି। ତେବେ ତାଙ୍କର ଏହି ପରିଶ୍ରମ ପଛରେ ତାଙ୍କ ମା' ବାପାଙ୍କ ଆଶୀର୍ବାଦ ଥିବା ସେ କହିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରବୀଣଙ୍କୁ ପାରାଲିମ୍ପିକ୍ସ ଯୋଗ୍ୟତା


ଜମ୍ପ ଅବସରରେ ପ୍ରବୀଣ କୁମାର।

## ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୧।୭ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ର ପ୍ରବୀଣ କୁମାର ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫ୍ରାନ୍ସର ପ୍ୟାରିସଠାରେ ଚାଲିଥିବା ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ହାଇଜମ୍ପ ଟି୪୪/୬୪ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ଜିତି ଏହି ସଫଳତା ପାଇଛନ୍ତି। ୨୦ ବର୍ଷୀୟ ପ୍ରବୀଣ ସିଜନ ଶ୍ରେଷ୍ଠ ପ୍ରୟାସ ୨.୦୧ ମିଟର ସହ ପୋଲାଣ୍ଡର ଲେପିଆଟୋ ମାସିଜ (୨.୦୫ ମିଟର) ଏବଂ ଗ୍ରେଟ୍ ବ୍ରିଟେନର ବ୍ରୁମ୍ ଏଡୱାର୍ଡ୍ସ ଜୋନାଥନ (୨.୦୫ ମିଟର)ଙ୍କ ପଛକୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚାମ୍ପିୟନଶିପ୍‌ରେ ପ୍ରବୀଣ ଭାରତ ପାଇଁ ପ୍ରଥମ ପଦକ ଆଣି ଦେଇଛନ୍ତି। ନଏଡା ବାସିନ୍ଦା ପୂର୍ବରୁ ଟୋକିଓ ପାରାଲିମ୍ପିକ୍ସରେ ଏକ ରୌପ୍ୟ ଜିତିଥିଲେ। ୨୦୨୩ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରତ୍ୟେକ ବ୍ୟକ୍ତିଗତ ପଦକ ଇଭେଣ୍ଟର ଶ୍ରେଷ୍ଠ ୪ ର୍‍ୟାଙ୍କିଂପ୍ରାପ୍ତ ଆଥ୍‌ଲେଟ ପ୍ୟାରିସରେ ହେବାକୁଥିବା ୨୦୨୪ ପାରାଲିମ୍ପିକ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ପ୍ରବୀଣ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ସମାଜତତ୍ତ୍ୱରେ ମାଷ୍ଟର ଡିଗ୍ରୀ କରୁଛନ୍ତି। ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇଥିବାରୁ ପ୍ରବୀଣଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


CLASSIFIED DISPLAY ALL EDITION - BW (Everyday)
MORE SPACE ' SAME PRICE
For Booking Contact: 0674-2580385, 8637280816, 7894447167, 9338226625

ଲୋନ୍! ଲୋନ୍! ଲୋନ୍!
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୨୦୦୨-୦୩ରୁ ସିରିଜ୍ ହାରିନି ଭାରତ

**ରୋସେଉ (ଡୋମିନିକା), ୧୧।୭**

ଭାରତ-ୱେଷ୍ଟଇଣ୍ଡିଜ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ କ୍ରିକେଟ ସିରିଜ ବୁଧବାର ଆରମ୍ଭ ହେବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଚକ୍ର (ସାଇକେଲ)ର ଏହା ଅଂଶବିଶେଷ ହୋଇଥିବାରୁ ଦୁଇ ଦଳ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଓଭରଅଲ୍ ରେକର୍ଡ ଦୃଷ୍ଟିରୁ ଭାରତଠାରୁ ୱେଷ୍ଟଇଣ୍ଡିଜ ସାମାନ୍ୟ ଆଗରେ ରହୁଥିଲେ ହେଁ ଗତ କିଛି ବର୍ଷର ପ୍ରଦର୍ଶନକୁ ଦେଖିଲେ ଭାରତର ପଲା ଭାରି ରହିଛି। ୱେଷ୍ଟଇଣ୍ଡିଜ ଏହାର କ୍ରିକେଟ ଇତିହାସରେ ପ୍ରଥମଥରପାଇଁ ଦିନିକିଆ ବିଶ୍ୱକପ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ଟେଷ୍ଟ ଫର୍ମାଟ ଭିନ୍ନ ହୋଇଥିଲେ ହେଁ ଏହି ସିରିଜରେ ୱେଷ୍ଟଇଣ୍ଡିଜକୁ ଅନେକ କିଛି ପ୍ରମାଣିତ କରିବାର ଅଛି।

### ମୋଟ ସିରିଜ ୨୪

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏହା ପୂର୍ବରୁ ମୋଟ ୨୪ଟି ଟେଷ୍ଟ ସିରିଜ ଅନୁଷ୍ଠିତ ହୋଇଛି। ଏଥିରୁ ୱେଷ୍ଟଇଣ୍ଡିଜ ୧୨ଟିରେ ବିଜୟୀ ହୋଇଥିବାବେଳେ ଭାରତ ୧୦ଟି ସିରିଜ ଜିତିଛି। ଅବଶିଷ୍ଟ ୨ଟି ସିରିଜ ଡ୍ର ରହିଛି। ତେବେ ଏଥିରେ ୱେଷ୍ଟଇଣ୍ଡିଜ କ୍ରିକେଟ ସୁବର୍ଣ୍ଣ ଯୁଗର ପ୍ରତିଫଳନ ରହିଛି। ମାତ୍ର ନିକଟ ଅତୀତର ପ୍ରଦର୍ଶନକୁ ଦେଖିଲେ ଭାରତ ଗତ ୮ଟି ସିରିଜରେ ଅପରାଜେୟ ରହିଛି। ଅର୍ଥାତ୍ ୨୦୦୨/୦୩ରୁ ଏପର୍ଯ୍ୟନ୍ତ ଭାରତ ଗୋଟିଏ ହେଲେ ସିରିଜ ହାରିନାହିଁ।


ନେଟ୍ସ ସେସନରେ ବିରାଟ କୋହଲି।

ଏହା ମଧ୍ୟରେ ଭାରତରେ ୫ଟି ଏବଂ ୱେଷ୍ଟଇଣ୍ଡିଜରେ ୩ଟି ସିରିଜ ସାମିଲ। ୨୦୦୨ ଅକ୍ଟୋବର ୯ରୁ ୱାଙ୍ଖେଡେ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଏପର୍ଯ୍ୟନ୍ତ ବଳବତ୍ତର ରହିଛି। ୨୦୦୨/୦୩ରେ ଭାରତ ମାଟିରେ ଉଭୟ ଦେଶ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳା ଯାଇଥିଲା। ଏଥିରେ ଭାରତ ୨-୦ରେ ଜିତିଥିଲା। ୨୦୦୬ରେ ୱେଷ୍ଟଇଣ୍ଡିଜ ଯାଇ ଭାରତ ୪ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲା। ଏଥିରେ ମଧ୍ୟ ଭାରତ ୧-୦ରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ପରେ ୨୦୧୧ରେ ସେହି ୱେଷ୍ଟଇଣ୍ଡିଜ ମାଟିରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ବାଜି ମାରିଥିଲା। ୨୦୧୧/୧୨ରେ ୱେଷ୍ଟଇଣ୍ଡିଜ ଆସି ଭାରତ ମାଟିରେ ୩ ମ୍ୟାଚ ସିରିଜ ଖେଳିଥିଲା। ଏଥିରେ ଭାରତ ୨-୦ରେ ସିରିଜ ଜିତିଥିଲା। ୨୦୧୩/୧୪ରେ ମଧ୍ୟ ୱେଷ୍ଟଇଣ୍ଡିଜ ଆସି ଭାରତ ଗସ୍ତରେ ୨ ମ୍ୟାଚ ଖେଳିଥିଲା। ଏଥିରେ ଭାରତ ୨-୦ରେ କ୍ଲିନ୍ ସୁଇପ୍ କରିଥିଲା। ୨୦୧୬ରେ ୱେଷ୍ଟଇଣ୍ଡିଜ ଯାଇ ଭାରତ ୪ ମ୍ୟାଚ ଖେଳିଥିବାବେଳେ ୨-୦ରେ ବିଜୟୀ ହୋଇଥିଲା।


ଡୋମିନିକାରେ କ୍ରୀଡ଼ାମନ୍ତ୍ରୀ ଗ୍ରିଟା ରବର୍ଟ୍ସ (ମଝି)ଙ୍କ ସହ ରୋହିତ ଶର୍ମା ଓ କ୍ରେଗ୍ ବ୍ରାଥ୍‌ୱେଟ।

୨୦୧୮/୧୯ରେ ୱେଷ୍ଟଇଣ୍ଡିଜ ଭାରତ ଗସ୍ତରେ ଆସି ଶୋଚନୀୟଭାବେ ୨ଟି ଯାକ ମ୍ୟାଚରେ ପରାଜିତ ହୋଇଥିଲା। ଶେଷ ଥରପାଇଁ ୨୦୧୯ରେ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ ଯାଇ ୨ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲା। ଏହାକୁ ମଧ୍ୟ ଭାରତ କ୍ଲିନ୍ ସୁଇପ୍ କରିଥିଲା।

### ୧୯୪୮/୪୯ରୁ ଆରମ୍ଭ

ଭାରତ-ୱେଷ୍ଟଇଣ୍ଡିଜ ଟେଷ୍ଟ ସମ୍ପର୍କ ୧୯୪୮/୪୯ରୁ ଆରମ୍ଭ ହୋଇଥିଲା। ସେତେବେଳେ ବିଶ୍ୱ କ୍ରିକେଟରେ ରାଜୁତି କରୁଥିବା ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ ୧୯୬୬/୬୭ ପର୍ଯ୍ୟନ୍ତ କ୍ରମାଗତ ୫ ସିରିଜରେ ବିଜୟୀ ହୋଇଥିଲା। ଏହା ହିଁ ଓଭରଅଲ୍ ରେକର୍ଡରେ ପ୍ରତିଫଳିତ ହେଉଛି। ଶେଷଥରପାଇଁ ଭାରତ ବିପକ୍ଷରେ ୱେଷ୍ଟଇଣ୍ଡିଜ ୨୦୦୨ରେ ସିରିଜ ବିଜୟୀ ହୋଇଥିଲା। ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିବାବେଳେ ୨-୧ରେ ବିଜୟ ସ୍ୱାଦ ପାଇଥିଲା। ଅବଶିଷ୍ଟ ୨ଟି ଟେଷ୍ଟ ଡ୍ର ରହିଥିଲା।

### ଜୟସ୍ୱାଲଙ୍କ ଉପରେ ନଜର

ଏହି ସିରିଜ ପାଇଁ ଚେତେଶ୍ୱର ପୂଜାରା ଭାରତୀୟ ଦଳରେ ସ୍ଥାନ ପାଇ ନାହାନ୍ତି। ତେଣୁ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଟେଷ୍ଟ କ୍ୟାରିୟର ଆରମ୍ଭ କରିବା ଶତ ପ୍ରତିଶତ ସମ୍ଭାବନା ରହିଛି। ଘରୋଇ କ୍ରିକେଟ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିବା ଜୟସ୍ୱାଲ ଗତ ଆଇପିଏଲ୍‌ରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ଫର୍ମରେ ଥିବାର ସୂଚନା ଦେଇଛନ୍ତି। ୨୧ ବର୍ଷୀୟ ଜୟସ୍ୱାଲ ଘରୋଇ କ୍ରିକେଟରେ ସ୍ୱାଭାବିକଭାବେ ଜଣେ ଓପନରଭାବେ ପରିଚିତ। ଅଧିନାୟକ ରୋହିତ ଶର୍ମା ଓ ଶୁବମନ ଗିଲ୍‌ଙ୍କ ଉପସ୍ଥିତିରେ ସେ ଟେଷ୍ଟରେ ଇନିଂସ ଓପନ ସୁଯୋଗ ପାଇବେ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିବ। ଯଦି ଓ ଓପନିଂ କରନ୍ତି ତେବେ ଗିଲ୍ ସମ୍ଭବତ୍ ଡାଉନ୍ ଅର୍ଡରରେ ୩ ନମ୍ବରରେ ଆସିବେ। ୱେଷ୍ଟଇଣ୍ଡିଜରେ ଯଦି ଜୟସ୍ୱାଲ କେମର ରୋଚ୍, ଶାନନ ଗାବ୍ରିଏଲ୍, ଆଲଜାରି ଜୋସେଫ ଓ ଜାସନ ହୋଲ୍ଡରଙ୍କ ବୋଲିଂ ଆକ୍ରମଣକୁ ଖେଳିବାରେ ସଫଳ ହେବେ ତେବେ ବର୍ଷର ଶେଷ ଭାଗରେ ଦକ୍ଷିଣ ଆଫ୍ରିକା ଏବଂ ୨୦୨୪-୨୫ ଶୀତଋତୁରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବୋଲରଙ୍କୁ ମୁକାବିଲା କରିବାର ସୁଯୋଗ ପାଇବା ସମ୍ଭାବନା ବଢ଼ିବ।

### ଡୋମିନିକାରେ ୬ ବର୍ଷ ହେଲା ଟେଷ୍ଟ ଆୟୋଜନ ହୋଇନାହିଁ

ପ୍ରଥମ ମ୍ୟାଚ ଖେଳାଯିବାକୁଥିବା ଡୋମିନିକାର ୱିଣ୍ଡସର ପାର୍କ ଗ୍ରାଉଣ୍ଡରେ ଗତ ୬ ବର୍ଷ ମଧ୍ୟରେ ଗୋଟିଏ ହେଲେ ଟେଷ୍ଟ ଆୟୋଜନ ହୋଇନାହିଁ। ତେବେ ବିଗତ ବର୍ଷ ଗୁଡ଼ିକରେ ଅନ୍ୟ ଫର୍ମାଟରେ ଏଠାରେ ୱେଷ୍ଟଇଣ୍ଡିଜର ରେକର୍ଡ ବେଶ୍ ଭଲ। ୱିଣ୍ଡସର ପାର୍କ ପିଚ୍ ସାଧାରଣତଃ ସ୍ପିନରଙ୍କୁ ସୁହାଇଥାଏ। ଏଠାରେ ସ୍ପିନରମାନେ ୨୫.୩୫ ଆଭରେଜରେ ୮୭ଟି ଏବଂ ଦ୍ରୁତ ବୋଲରମାନେ ୨୮.୪୩ ଆଭରେଜରେ ୮୦ଟି ଉଇକେଟ ନେଇଛନ୍ତି। ଘରୋଇ ଦଳର ପେସ୍ ଆକ୍ରମଣ ମୁଖ୍ୟତଃ ୨୬୧ ଉଇକେଟ ହାସଲକାରୀ କେମର ରୋଚ୍ ଓ ଶାନନ ଗାବ୍ରିଏଲ୍ (୧୬୪ ଉଇକେଟ)ଙ୍କ ଉପରେ ନିର୍ଭର କରିବ।

## ଭାରତ-ୱେଷ୍ଟଇଣ୍ଡିଜ ଟେଷ୍ଟ ସିରିଜ ଆଜିଠାରୁ

### ବୁମ୍‌ରାଙ୍କ ଅନୁପସ୍ଥିତି ଅନୁଭୂତ ହେବ

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଚକ୍ରରେ ପୂର୍ବ ଦୁଇ ସଂସ୍କରଣ ଅପେକ୍ଷା ଏଥର ଆଗକୁ ବଢ଼ିବା ଭାରତ ପାଇଁ ନିଶ୍ଚିତ କଷ୍ଟସାଧ୍ୟ ହେବ। କାରଣ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଆହତ ସମସ୍ୟା ଯୋଗୁ ନିୟମିତଭାବେ ଦଳର ସଦସ୍ୟ ରହିପାରୁ ନାହାନ୍ତି। ସେ ଏହି ସିରିଜରେ ମଧ୍ୟ ଖେଳିବେ ନାହିଁ। ଦକ୍ଷ ମହମ୍ମଦ ଶାମିଙ୍କୁ ବିଶ୍ରାମ ଦିଆ ଯାଇଛି। ପୂର୍ବ ୨ ସଂସ୍କରଣ ଅନ୍ୟ ଯେଉଁ ୨ ଦ୍ରୁତ ବୋଲର ଉପଯୋଗୀ ରହିଥିଲେ ସେମାନଙ୍କ ମଧ୍ୟରୁ ଇଶାନ୍ତ ଶର୍ମା ଭାଷ୍ୟକାର ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ୩୬ ବର୍ଷୀୟ ଉମେଶ ଯାଦବ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରିରୁ ମୁକୁଳି ଦଳକୁ ପ୍ରତ୍ୟାବର୍ତ୍ତନ କରିବା କଷ୍ଟକର ହେବ। ଏପରିସ୍ଥିତିରେ ୧୯ ଏବଂ ୯ ଟେଷ୍ଟ ଖେଳିଥିବା ମହମ୍ମଦ ସିରାଜ ଓ ଶାର୍ଦ୍ଦୂଳ ଠାକୁରଙ୍କୁ ନେଇ ଗଠିତ ଭାରତୀୟ ପେସ୍ ବାହିନୀ ୱେଷ୍ଟଇଣ୍ଡିଜ ତୁଳନାରେ ଅଭିଜ୍ଞତାରେ ପଛରେ ରହିବ। ତେବେ ଦୁଇ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ (୪୭୪ ଉଇକେଟ) ଓ ରବୀନ୍ଦ୍ର ଜାଡେଜା (୨୬୮)ଙ୍କୁ ୱେଷ୍ଟଇଣ୍ଡିଜ ବ୍ୟାଟରମାନେ କିପରି ମୁକାବିଲା କରୁଛନ୍ତି ତା' ଉପରେ ଅନେକ କିଛି ନିର୍ଭର କରିବ।

**ପ୍ରସ୍ତୁତି: ତପନ ସ୍ୱାଇଁ**

### ରେକର୍ଡ

ମୋଟ ମ୍ୟାଚ: ୯୮
ୱେଷ୍ଟଇଣ୍ଡିଜ ବିଜୟୀ: ୩୦
ଭାରତ ବିଜୟୀ: ୨୨
ମ୍ୟାଚ ଡ୍ର: ୪୬

### ଖେଳାଳି ତାଲିକା

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଋତୁରାଜ ଗାଏକ୍‌ୱାଡ୍, ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଅଜିଙ୍କ୍ୟ ରାହାନେ (ଉପ-ଅଧିନାୟକ), କେ.ଏସ. ଭରତ, ଇଶାନ କିଶନ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ଅକ୍ଷର ପଟେଲ, ମହମ୍ମଦ ସିରାଜ, ମୁକେଶ କୁମାର, ଜୟଦେବ ଉନାଡ୍‌କଟ୍, ନବଦୀପ ସଇନୀ।

**ୱେଷ୍ଟଇଣ୍ଡିଜ ଦଳ:** କ୍ରେଗ୍ ବ୍ରାଥ୍‌ୱେଟ (ଅଧିନାୟକ), ଜର୍ମେନ ବ୍ଲାକ୍‌ଉଡ୍ (ଉପ-ଅଧିନାୟକ), ଜୋଶୁଆ ଡା ସିଲ୍‌ଭା (ଉଇକେଟ କିପର), ଆଲିକ୍ ଆଥାନାଜେ, ରାକିମ କର୍ନୱେଲ, ଶାନନ ଗାବ୍ରିଏଲ୍, ଜାସନ ହୋଲ୍ଡର, ଆଲ୍‌ଜାରି ଜୋସେଫ, ରେମନ ରେଇଫର, କେମର ରୋଚ୍, ଟାଗେନାରିନ ଚନ୍ଦ୍ରପଲ, କିର୍କ ମ୍ୟାକେଞ୍ଜି, ଜୋମେଲ ୱାରିକାନ।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା ୩୦**
**ପ୍ରସାରଣ: ଡିଡି ସ୍ପୋର୍ଟ୍ସ**


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

A beautiful, fair, highly-educated with good permanent Govt./Private Job, believer bride for a Bhubaneswar established, permanent job Software Engineer, handsome, fair, ht 5'11", 30, parent well established in BBSR is required. Contact: 7077549777, 9437281290. D-0805

**GROOM WANTED**

Beautiful Brahmin girl 1994, 5'4", MBA only daughter "SUNASANSAR". 9937512659, 8249969649. D-74887


REAL ESTATE

**SALE**

Duplex sale at Bhubaneswar @ 57 Lakhs only. Contact: 9777433701. D-74881

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

**For sale residential cum commercial plot 6km. from Phulnakhara, from Bhubaneswar 11km. 3500sqft. 7809525452.** D-75008

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛଡାବର 1200sqft., 3,00,000/-, ନଖରା- 300/-. 7978663279. D-74883

ଭୁବନେଶ୍ୱର ପିତାପଲ୍ଲି ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner- 9090963952.** D-74885

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75004

Newly open health benefits SPA special offer @ 799 Jaydev Vihar. 8018429809. D-75128

Newly opened (one 8 SPA)/ (Salon service) with export therapist. 9938843929. D-75129

Herbal full body massage by smart/expert therapist. Contact: 9124139069. D-75005

Newly open Spa positively health benefits with expert therapist. 9040286886. D-75127

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Spa Kerala Body Massage only best Therapist @699/- Bhubaneswar, 9337672475. D-0750

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LOST**

ଆମେ ସୁଚେତା ଦାସ ଓ ଅକ୍ଷୟ କୁମାର ରାଉତ ଗୋଟିଏ Property ରଘୁନାଥପୁର ମୌଜାରେ କିଣିଅଛୁ, ଯାହାର ଖାତା-729-3055, ପ୍ଲଟ୍ ନଂ-2043-2756, Area- AC.o. 020dec. ଏବଂ ଏହା ପୁରୁଣା ଖାତା- 531, Plot No- 2043, Area Ac.o. 020decରୁ ଆସିଛି ଏବଂ ଏହି Propertyକୁ ଆମ୍ଭେ ଦେବୀ ପ୍ରଶାଦ ଦାଶଙ୍କ ଠାରୁ କିଣିଅଛୁ। ଦେବୀ ପ୍ରଶାଦ ଦାଶ ତାଙ୍କ କବଲା ନଂ- ୪୭୫, ତା- ୨୮।୦୧।୨୦୦୦ କିଣିବା ସମୟରେ Original ଦେଇ ଦେଇଥିଲେ। ମୁଁ ପରିବା କିଣିବା ସମୟରେ ବଡ଼ଗଡ଼ ହାଟରେ କୋଉଠି Original Sale Deedକୁ ହଜାଇଦେଇଛି। ଯେତେ ଖୋଜାଖୋଜି କଲାପରେ ମଧ୍ୟ ମିଳିଲା ନାହିଁ। ମୁଁ ସେଥିପାଇଁ ବଡ଼ଗଡ଼ ଥାନାରେ 07।07।2023 ରିଖରେ F.I.R. ଦେଇଛି ଯେ ମୁଁ କୌଣସି ବ୍ୟାଙ୍କରେ କିମ୍ବା ଋଣ ଦେଉଥିବା ସଂସ୍ଥାରେ ବନ୍ଧକ ହିସାବରେ ଦେଇନାହିଁ। ମୁଁ ମୋର Original Sale Deedକୁ SBIରେ ବନ୍ଧକ ହିସାବରେ ଦେଇ ଗୋଟିଏ Housing Loan ନେଇଛି। ଯଦି କୌଣସି ସହୃଦୟ ବ୍ୟକ୍ତିଙ୍କୁ ଏହି Documentଟି ମିଳେ କିମ୍ବା କୌଣସି ଲୋକର କିଛି ଆପତ୍ତି ଥାଏ ତେବେ ୧୫ ଦିନ ଭିତରେ SBI, RACPC Bhubaneswar (Branch Code- 04485) ଜଣାଇବାକୁ ଅନୁରୋଧ। ଧ-୦୭୯୮

**AFFIDAVIT**

By virtue of an affidavit sworn before the Notary Public, Sambalpur on the 11th July 2023, I Chandrika Ben Patel, aged about 62 years, Wife of Ramesh Kumar Patel, resident of Nayapara, Golebazar, P.S.: Town, Dist. Sambalpur, Odisha have changed my name from Money Patel to Chandrika Ben Patel. Henceforth I shall be known as Chandrika Ben Patel for all purposes. D-0801

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଜମି ଅନୁଯାୟୀ ଅନ୍ତଃ ଫସଲ



ବର୍ଷାଧାର ଜମିରେ ଧାନ ବଦଳରେ ବିଭିନ୍ନ ଅଣଧାନ ଫସଲ ଯଥା – ମକା, ମାଣ୍ଡିଆ, ମୁଗ, ବିରି, ଝୁଡ଼ଙ୍ଗ, ହରଡ଼, ଚିନାବାଦାମ, ରାଶି, ପନିପରିବା ଇତ୍ୟାଦି ଚାଷ କରନ୍ତୁ । ମରୁଡ଼ିପ୍ରବଣ ଢିପଜମିରେ ଧାନ କିମ୍ବା ହରଡ଼ ସହ ବିଭିନ୍ନ ଅନ୍ତଃଫସଲ (ପନିପରିବା, ମକା, ଡାଲିଜାତୀୟ ଫସଲ)ଚାଷ କରନ୍ତୁ।

## କୀଟନାଶକ ପ୍ରୟୋଗ ସମୟ



ଗୋଟିଏ ଜମିରେ ବାରମ୍ବାର ଏକପ୍ରକାର ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ। ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ପରାଶ୍ରୟୀ ପୋକମାନଙ୍କୁ ପ୍ରୟୋଗକରି କୀଟ ନିୟନ୍ତ୍ରଣ କରିବା ପାଇଁ କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ ।

## ତୈଳବୀଜ ଫସଲରେ ବିହନ ଉପଚାର



ବିହନକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ଉପଚାର କରାଇ ଏ ମାସର ମଧ୍ୟଭାଗ ସୁଦ୍ଧା ବୁଣା କାର୍ଯ୍ୟ ଶେଷ କରନ୍ତୁ। ରାଶି ଗଛ ସଂଖ୍ୟା ଅଧିକ ଥିଲେ ୨ ସପ୍ତାହ ମଧ୍ୟରେ ଆବଶ୍ୟକ ଗଛ ରଖି ବାକି ଗଛ ଉପାଡ଼ି ଦିଅନ୍ତୁ ଏବଂ ୨୦–୨୧ ଦିନରେ କୋଡ଼ାଖୋସା କରି ଘାସ ବାଛି ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।

# ପରିବା ପ୍ରଦୂଷଣ ଓ ନିରାକରଣ



ପ୍ର. ସୁବୋଧ କୁମାର ସାହୁ

ପରିବା ଆମ ଖାଦ୍ୟର ଏକ ମୁଖ୍ୟ ଅଂଶ । ବର୍ତ୍ତମାନ ଚାଷୀ ସ୍ଥାନୀୟ କିସମ ବିହନ ପରିବର୍ତ୍ତେ ଉନ୍ନତ, ଅଧିକ ଅମଳକ୍ଷମ ଏବଂ ସଙ୍କର ଜାତୀୟ ପରିବା ଚାଷ କରୁଛନ୍ତି । ଏଥିରୁ ଅଧିକ ଅମଳ ପାଇଁ ଚାଷୀ ଆବଶ୍ୟକଠାରୁ ଯଥେଷ୍ଟ ରାସାୟନିକ ସାର ପ୍ରୟୋଗ କରୁଛନ୍ତି । ଏହାଦ୍ୱାରା ଫସଲ ଅଧିକ ସବୁଜ ଏବଂ କୋମଳ ହୋଇ ବଢ଼େ। ଉକ୍ତ ଛନଛନିଆ ପରିବା ଫସଲ ବିଭିନ୍ନ ପୋକ ଓ ରୋଗ ଦ୍ୱାରା ଆକର୍ଷିତ ହୁଏ । ଫସଲକୁ ରୋଗପୋକ ଆକ୍ରମଣରୁ ରକ୍ଷାକରିବା ପାଇଁ ଚାଷୀ ବିଭିନ୍ନ ରାସାୟନିକ ବିଷାକ୍ତ ଦ୍ରବ୍ୟ ମନଇଚ୍ଛା ପ୍ରୟୋଗ କରନ୍ତି । ପ୍ରୟୋଗ ରାସାୟନିକ ଦ୍ରବ୍ୟର ପ୍ରଭାବ ଫସଲରେ କିଛି ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ରହେ । ଫସଲରୁ ରାସାୟନିକ ବିଷର ପ୍ରବାହ ନ ଯିବା ପୂର୍ବରୁ ଚାଷୀ ପରିବା ତୋଳି ଖାଆନ୍ତି ଏବଂ ବଜାରରେ ବିକ୍ରି କରନ୍ତି । ଉକ୍ତ ପ୍ରଦୂଷିତ ପରିବାକୁ ଖାଇ ଆମେ ବିଭିନ୍ନ ରୋଗ ଯଥା ତରଳ ଝାଡ଼ା, ବାନ୍ତି, ମୁଣ୍ଡବିନ୍ଧା, ଚକ୍ଷୁରୋଗ ଏବଂ କ୍ୟାନ୍‌ସର ପରି ମାରାତ୍ମକ ରୋଗରେ ପୀଡ଼ିତ ହେଉ।

ବିଭିନ୍ନ ପରିବା ଫସଲ ମଧ୍ୟରେ ଆଳୁ ମୁଖ୍ୟ । ମାଟିରେ ଆଳୁ ଫଳିବା ପରେ ଉଇ ଏବଂ ଧଳାଗ୍ରବ ଆଳୁକୁ କଣାକରି ନଷ୍ଟ କରନ୍ତି । ଉକ୍ତ ପୋକର ଆକ୍ରମଣ ପ୍ରବାହରୁ ଆଳୁକୁ ରକ୍ଷା କରିବା ପାଇଁ ଚାଷୀ ଆଳୁ ଲଗାଇବା ସମୟରେ ମାଟିରେ ଏକର ପିଛା ୧୦ ରୁ ୧୨ କି.ଗ୍ରା. ଆଲ୍‌ଡ୍ରିନ କିମ୍ବା କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତି । ଉକ୍ତ ବିଷାକ୍ତ ଦ୍ରବ୍ୟର ଅବଶିଷ୍ଟାଂଶ ମାଟିରେ ଦୀର୍ଘଦିନ ଧରି ରହେ। ଏହାର କିଛି ଅବଶିଷ୍ଟାଂଶ ଆଳୁରେ ମଧ୍ୟ ରହେ। ଉକ୍ତ ଆଳୁ ଖାଇଲେ ଆମେ ରୋଗାକ୍ରାନ୍ତ ହେବା ଆଶଙ୍କା ଥାଏ। ଆଳୁ ପରି କନ୍ଦମୂଳରେ ମଧ୍ୟ ଉଇ ଲାଗନ୍ତି । ଏଥିପାଇଁ ଚାଷୀ କ୍ଲୋରୋପାଇରିଫସ୍ ଗୁଣ୍ଡ ମାଟିରେ ପ୍ରୟୋଗ କରନ୍ତି । ଏହାଦ୍ୱାରା କନ୍ଦମୂଳ ପ୍ରଦୂଷିତ ହୁଏ । କଞ୍ଚା କନ୍ଦମୂଳ ଖାଇ ଅନେକ ଲୋକଙ୍କର ବାନ୍ତି ହେବା ମଧ୍ୟ ନଜିର ଅଛି।

ବାଇଗଣ ଏବଂ ପୋଟଳ ଫସଲରେ କାଣ୍ଡ ଏବଂ ଫଳବିନ୍ଧା ପୋକର ପ୍ରାଦୁର୍ଭାବ ଅଧିକ । ଉକ୍ତ ପୋକର ଲାର୍ଭା ବାଇଗଣ ଗଛର ନରମ କାଣ୍ଡକୁ କଣାକରି ଏଥିରେ ପଶି କାଣ୍ଡର ଅଗ୍ରଭାଗକୁ ଭାଙ୍ଗିଦିଏ। ବାଇଗଣ ଏବଂ ପୋଟଳ ଫସଲକୁ କଣାକରି ଫଳ ଭିତରେ ରହି ଫଳକୁ ନଷ୍ଟକରେ । ଉକ୍ତ ପୋକର ଦମନ ପାଇଁ ଚାଷୀ ଦାନାଦାର ଫୋରେଟ ଗଛ ମୂଳରେ ପ୍ରୟୋଗ କରନ୍ତି । ଗଛର କାଣ୍ଡ ଏବଂ ଫଳରେ ବିଷର ପ୍ରବାହ ପ୍ରାୟ ୩୦ ରୁ ୩୫ ଦିନ ପର୍ଯ୍ୟନ୍ତ ରହେ । ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପରିବା ତୋଳି ଖାଇଲେ ଆମେ ରୋଗାକ୍ରାନ୍ତ ହେବା ସମ୍ଭାବନା ଥାଏ । ଛୁଇଁ ଜାତୀୟ ଫସଲ ଯଥା ବିନ୍, ଶିମ୍ବ, ମଟର,ସଜନା ଆଦିର ପତ୍ର, ଡାଳ ଏବଂ ଫଳରେ ଜଉପୋକ ମେଞ୍ଚା ମେଞ୍ଚା ହୋଇ ଲାଗନ୍ତି । ପତ୍ର ଏବଂ ଫଳର ସବୁଜ ଅଂଶକୁ ଶୋଷି ଫସଲର କ୍ଷତି ଘଟାନ୍ତି । ଉକ୍ତ ପୋକର ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀ ମାତ୍ରାଧିକ ପରିମାଣର ମେଟାସିଷ୍ଟକ୍ କିମ୍ବା ଏଣ୍ଡୋସଲ୍‌ଫାନ୍ ପରି ତରଳ ବିଷକୁ ପତ୍ର ଛିଞ୍ଚା କରନ୍ତି । ଉକ୍ତ ବିଷର ପ୍ରଭାବ ଫସଲରେ ୧୫ ରୁ ୧୮ ଦିନ ପର୍ଯ୍ୟନ୍ତ ରହେ । ଏହି ସମୟ ମଧ୍ୟରେ ପରିବା ତୋଳି ଖାଇଲେ ଆମେ ଅସୁସ୍ଥ ହେବା ।

କଲରା ଏକ ପରିବା ଯାହାକି କାଙ୍କେଡିଆ ପୋକ ଦ୍ୱାରା ବିଶେଷଭାବେ ଆକ୍ରାନ୍ତ ହୋଇ ଯଥେଷ୍ଟ କ୍ଷତି ହୁଏ । ଉକ୍ତ ପୋକ କଲରାପତ୍ର ଖାଇ ଜାଲି କରନ୍ତି । ଦ୍ୱିତୀୟତଃ ଫଳମାଛିର ଲାର୍ଭା କଲରା ଭିତରେ ପଶି କଲରାକୁ ନଷ୍ଟ କରନ୍ତି । ଉକ୍ତ ପୋକ ଦ୍ୱୟର ଦମନ ପାଇଁ ଚାଷୀ ରୋଗର କିମ୍ବା ସେଭିନ୍ ଗୁଣ୍ଡ ପ୍ରତି ସପ୍ତାହରେ ପ୍ରୟୋଗ କରନ୍ତି । ଉକ୍ତ ବିଷର ପ୍ରଭାବ କଲରାରେ ୧୦ ରୁ ୧୨ ଦିନ ପର୍ଯ୍ୟନ୍ତ ରହେ । ଏହାଛଡ଼ା ଉକ୍ତ ବିଷ କଲରାର ୨ ଶିରା ମଧ୍ୟରେ ସଂଲଗ୍ନ ହୋଇ ରହେ । ଏହି ସମୟରେ କଲରା ତୋଳି ଖାଇଲେ ଆମେ ଅସୁସ୍ଥ ହେଉ। ଲଙ୍କା ଫସଲରେ ଫୁଲ କଷି ଆସିବା ସମୟରେ ଖାଲି ଆଖିକୁ ଦେଖାଯାଉ ନ ଥିବା ଥ୍ରିପସ୍ ନାମକ ଏକ କ୍ଷୁଦ୍ର ପୋକ ଗଛର ସବୁଜ ପତ୍ର ଏବଂ କଞ୍ଚାଲଙ୍କାରୁ ରସ ଶୋଷି ଫସଲର କ୍ଷତି ଘଟାନ୍ତି । ଉକ୍ତ ପୋକ ଆକ୍ରମଣରୁ ଲଙ୍କାକୁ ରକ୍ଷା ପାଇଁ ଫସପାମିଡନ୍ ନାମକ ରସାୟନିକ କୀଟ ନିରୋଧକ ଔଷଧ ପତ୍ର ଛିଞ୍ଚା କରାଯାଏ। ଏହାର ବିଷାକ୍ତ ଗୁଣ ଲଙ୍କାରେ ପ୍ରାୟ ୨୦ ରୁ ୨୫ ଦିନ ରହେ । ଏହି ସମୟରେ କଞ୍ଚାଲଙ୍କା ତୋଳି ଖାଇଲେ ଏହାର ବିଷାକ୍ତ ପ୍ରବାହ ଶରୀରକୁ ଆସେ ।

କଖାରୁ ଜାତୀୟ ଫସଲରେ ପାଉଁଶିଆ ରୋଗ ହୁଏ । ଉକ୍ତ ରୋଗର ନିରାକରଣ ପାଇଁ ସଲ୍‌ଫର ଗୁଣ୍ଡ ଗଛରେ ପ୍ରୟୋଗ କରାଯାଏ। ଉକ୍ତ ଗୁଣ୍ଡର ଅବଶିଷ୍ଟାଂଶ ପତ୍ର, ଫୁଲ ଏବଂ ଫଳରେ ପ୍ରାୟ ୧୫ ରୁ ୨୦ ଦିନ ପର୍ଯ୍ୟନ୍ତ ଲାଖି ରହେ । ଏହି ସମୟରେ କଖାରୁ ଶାଗ ଫୁଲ ଓ ଫଳ ଖାଇଲେ ସଲ୍‌ଫର ଗୁଣ୍ଡ ଆମ ଶରୀରରେ କ୍ଷତି ଘଟାଏ । କେତେଜଣ ପରିବା ବ୍ୟବସାୟୀ ପୋଟଳକୁ ସବୁଜ ଏବଂ ସତେଜ ରଖିବା ପାଇଁ କପରସଲ୍‌ଫେଟ୍ ନାମକ ରାସାୟନିକ ଦ୍ରବଣରେ ପୋଟଳକୁ ବୁଡ଼ାଇ ବିକ୍ରି କରନ୍ତି। ଏହାଦ୍ୱାରା ପୋଟଳ ପ୍ରଦୂଷିତ ହୁଏ। କେତେଜଣ ଅସାଧୁ କୋବି ବ୍ୟବସାୟୀ ଫୁଲକୋବିର ଧଳାରଙ୍ଗକୁ ଅକ୍ଷତ ରଖିବା ପାଇଁ ଥିମେଟ ନାମକ ବିଷାକ୍ତ ଦାନାଦାର ଲଘୁ ଦ୍ରବଣରେ ଉପଚାରକରି ବଜାରରେ ବିକ୍ରି କରିବାର ନଜିର ଅଛି । ପରୀକ୍ଷାରୁ ଜଣାପଡ଼ିଛି ଯେ ଦାନାଦାର ଉପଚାର ହୋଇଥିବା ଫୁଲକୋବିରେ ବିଷ ଭାଗ ପ୍ରାୟ ୨୦ ରୁ ୨୫ ପ୍ରତିଶତ ଅଛି । ଉକ୍ତ କୋବି ଖାଇଲେ ଝାଡ଼ାବାନ୍ତି, ମୁଣ୍ଡ ବୁଲା ରୋଗ ହେବା ପ୍ରମାଣ ମିଳିଛି । ପ୍ରଦୂଷିତ ପନିପରିବାରୁ ବିଷର ପ୍ରଭାବ ଦୂରୀକରଣ ପାଇଁ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମୃତ୍ତିକା ଏବଂ ରସାୟନିକ ବିଭାଗର କୃଷି ରସାୟନବିତ୍‌ଙ୍କ ଦ୍ୱାରା କେତେକ ସରଳ ଏବଂ କମ୍ ଖର୍ଚ୍ଚରେ ହୋଇପାରୁଥିବା ଉପାୟମାନ ନିର୍ଣ୍ଣୟ କରାଯାଇଛି । ନିମ୍ନରେ ଏହା ବର୍ଣ୍ଣନା କରାଗଲା ।

ଚାଷୀ ପରିବା ଫସଲରେ ପୋକ ତଥା ରୋଗ ନିୟନ୍ତ୍ରଣ ପାଇଁ ପ୍ରୟୋଗ ରାସାୟନିକ ବିଷର ଠିକ୍ ମାତ୍ରା କୃଷି ବିଶେଷଜ୍ଞଙ୍କଠାରୁ ବୁଝି ନେବା ଉଚିତ୍ । କେଉଁ ପ୍ରକାର ରାସାୟନିକ ଔଷଧର ବିଷ ପ୍ରୟୋଗ ପରେ ଏହାର ବିଷାକ୍ତ ପ୍ରଭାବ ପରିବାରେ କେତେ ଦିନ ପର୍ଯ୍ୟନ୍ତ ରହୁଛି ତାହା ଜାଣିନେବା ଉଚିତ୍ । ସେହି ନିର୍ଦ୍ଦିଷ୍ଟ ଦିନ ପରେ ପରିବା ତୋଳି ଖାଇବା ଏବଂ ବଜାରରେ ବିକ୍ରି କରିବା ଉଚିତ୍। ବଜାରରୁ ପରିବା କିଣି ଏହାକୁ ସତେଜ ରଖିବା ପାଇଁ ଫ୍ରିଜରେ ରଖିବା ପୂର୍ବରୁ ବିଶୁଦ୍ଧ ପାଣିରେ ଦୁଇରୁ ତିନି ଥର ଧୋଇ ନିଅନ୍ତୁ । ଏହାଦ୍ୱାରା ପରିବାରେ ସଂଲଗ୍ନ ଥିବା କିଛି ବିଷ ଅଂଶ ଧୋଇଯାଏ । ପରିବାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ନିମ୍ନଲିଖିତ ଯେକୌଣସି ଉପାୟ ଅବଲମ୍ବନ କରାଯାଇପାରିବ। ପରିବାକୁ ଶତକଡ଼ା ୮ ରୁ ୧୦ ଭାଗ ଲୁଣପାଣିରେ ୧୫ ରୁ ୨୦ ମିନିଟ୍ ବୁଡାଇ ପରିଷ୍କାର ପାଣିରେ ଧୋଇଲେ ପରିବାରେ ଥିବା ବିଷ ଭାଗ ନଷ୍ଟ ହୁଏ। ଦ୍ୱିତୀୟରେ ତୋଳା ପରିବାକୁ ପାଣିରେ ଧୋଇ ଶତକଡା ୧୦ ଭାଗ ହଳଦୀ ପାଣିରେ ୧୫ ରୁ ୨୦ ମିନିଟ୍ ବୁଡାଇଲେ ପରିବାରୁ ବିଷ ଅଂଶ ଦୂରହେବ । ତୃତୀୟରେ ୪ ରୁ ୫ ଭାଗ ଖାଇବା ସୋଡ଼ାରେ ୫ ରୁ ୬ ମିନିଟ୍ ବୁଡାଇ ପରିଷ୍କାର ପାଣିରେ ଧୋଇଲେ ପରିବାରୁ ଅନେକ ବିଷ ଭାଗ ଦୂରହେବ। ଚତୁର୍ଥରେ ଶତକଡା ୧୦ଭାଗ ଅର୍ଥାତ୍ ୧୦୦ ମି.ଲି. ଭିନେଗାରକୁ ୧ ଲିଟର ପାଣିରେ ପରିବାକୁ ୫ ରୁ ୬ ମିନିଟ୍ ବୁଡାଇ ପାଣିରେ ଧୋଇ ରୋଷେଇ କଲେ ପରିବାରେ ଥିବା ବିଷ ଭାଗ ସମ୍ପୂର୍ଣ୍ଣ ଦୂରହେବ ।ସର୍ବୋପରି ବଜାରରୁ କିଣା ପରିବାରେ ରୋଗ ଓ ପୋକ ନିରୋଧକ ରାସାୟନିକ ବିଷାକ୍ତ ଔଷଧ ପ୍ରୟୋଗ ହେଉ ଅବା ନ ହେଉ ; ସହଜରେ ଘରେ ମିଳୁଥିବା ଉପରୋକ୍ତ ଯେକୌଣସି ପଦାର୍ଥରେ ପରିବାକୁ ଉପଚାର କରି ରୋଷେଇ କଲେ ଆମେ ଖାଉଥିବା ପରିବା ପ୍ରଦୂଷଣ ମୁକ୍ତ ହେବା ସହ ଆମ ଶରୀର ସୁସ୍ଥ ରହିବ ।









ଶୈଳଶ୍ରୀ ବିହାର
ମୋ–୯୫୫୬୨୬୬୦୮୫

## ଡେଏରି ଫାର୍ମ ଦେଇଛି ସ୍ୱତନ୍ତ୍ର ପରିଚୟ



ନିଜ ଡେଏରି ଫାର୍ମରେ ରାମଚନ୍ଦ୍ର।

**ସଫଳ ଚାଷୀ**
**ରାମଚନ୍ଦ୍ର ବାରିକ**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଉରିପଦା ପଞ୍ଚାୟତ ଅଧୀନ ଭୁବନପୁର ଅଞ୍ଚଳର ରାମଚନ୍ଦ୍ର ବାରିକ (ମୋ–୯୧୭୮୭୭୧୮୬୨)। ସ୍ୱର୍ଗତ ବିଜୁଳି ଓ ଶିବଙ୍କ ପୁତ୍ର ରାମଚନ୍ଦ୍ର ଡେଏରି ଫାର୍ମ କରି ନିଜକୁ ସ୍ୱାବଲମ୍ବୀ କରାଇବାରେ ସକ୍ଷମ ହୋଇଛନ୍ତି । ମାଟ୍ରିକ୍ ପାସ୍ ପରେ ସେ ଗୋପାଳନ ପ୍ରତି ମନ ବଳାଇଥିଲେ। ନିଜ ସମ୍ପର୍କରେ ରାମଚନ୍ଦ୍ର କହନ୍ତି,“ ୨୦୦୧ରୁ ମାତ୍ର ୩ଟି ଦେଶୀ ଗାଈରୁ ନିଜ ଫାର୍ମ ଆରମ୍ଭ କରିଥିଲି। ବର୍ତ୍ତମାନ ମୋ ଫାର୍ମରେ ୧୫ଟି ବିଭିନ୍ନ କିସମର ଗାଈ ସମେତ ୧୨ଟି ବାଛୁରି ଅଛନ୍ତି । କେବଳ ସେତିକି ନୁହେଁ ଏମାନଙ୍କ ପାଇଁ ମୁଁ ନିଜର ୫ଏକର ଜମି ମଧ୍ୟରୁ ଏକ ଏକର ଜମିରେ ଘାସ ଚାଷ କରିଛି। ତା’ ସହ ଗୋବର ଓ ଖତର ସୁପରିଚାଳନା ପାଇଁ ୨ଏକର ଜମିରେ ଧାନ ଚାଷ, ଏକ ଏକର ଜମିରେ ମାଛ ପୋଖରୀ କରିଛି । ପ୍ରତ୍ୟେକ ଦିନ ପ୍ରାୟ ମୋ ଫାର୍ମରୁ ୧୪୦ଲିଟର କ୍ଷୀର ଉତ୍ପାଦନ ହେଉଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ମୁଁ ‘ଭୁବନପୁର ମହିଳା ଦୁଗ୍ଧ ଉତ୍ପାଦନ ସମବାୟ ସମିତି’ ନାମରେ ଏକ ସଙ୍ଗଠନ କରିଛି। ଏଥିରେ ୭୫ଜଣ ଚାଷୀ ସାମିଲ ହେବା ସହିତ ଦୈନିକ ୧୫୦ ଲିଟର କ୍ଷୀର ଉତ୍ପାଦନ ହେଉଛି। ସରକାରଙ୍କ ଓମ୍‌ଫେଡ ଅଧୀନରେ କାର୍ଯ୍ୟକରୁଥିବା ବାମୁଲ ସଂସ୍ଥାକୁ ଦୈନିକ ୨୯୦ଲିଟର କ୍ଷୀର ଯୋଗାଉଛି । ମୋ ଫାର୍ମରୁ ମାସିକ ପ୍ରାୟ ୯୦ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୪୦ହଜାର ଟଙ୍କା ଆୟ ହେଉଛି। ଏଭଳି କୃତିତ୍ୱ ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି। ଆୟଟଙ୍କାରେ ପରିବାରକୁ ଚଳାଇବା ସହ ନିଜର ଚାରିଝିଅ ଏବଂ ଜଣେ ପୁଅକୁ ଉଚ୍ଚଶିକ୍ଷିତ କରାଇପାରିଛନ୍ତି ରାମଚନ୍ଦ୍ର। ସ୍ଥାନୀୟ ଅଞ୍ଚଳରେ ସେ ଏଥିପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

–ସନ୍ତୋଷ କୁମାର ନାୟକ

## ଫୁଲଚାଷ



■ ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

■ ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡସିପ୍, ଫ୍ରେଣ୍ଡସିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଧିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡ଼ିଓଲି ବିହନ ସଂଗ୍ରହ କରନ୍ତୁ ।

## ପନିପରିବା ଚାଷରେ ତଳିପଟି

ପନିପରିବାରେ ଆପଣ ଲଙ୍କାମରିଚ, ବାଇଗଣ ଫସଲ ତଳି ପକାନ୍ତୁ। ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ । ତଳି ପ୍ରସ୍ତୁତି – ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ତଳି ପଟି ତିଆରି କରନ୍ତୁ । ୨ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ । ତଳି ପଟିର ଚାରିପଟୁ ମାଟି ନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ତଳି ପଟିରେ ୨–୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ । ତା’ ପରେ ପ୍ରତି ତଳି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନକରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା ଦ୍ୱାରା ପତଳା ଭାବେ ଘୋଡ଼ାଇ ତା’ ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ଛଣ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ତଳି ୨୫ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।

# ମାଛଚାଷ କିପରି କରିବେ

ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀ ମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାରର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ୨ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ । ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.) ଛଡ଼ାଯାଏ । କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ଟି, ରୋହି ୧୬୦୦ଟି, ମିରିକାଳି ୮୦୦ଟି ଏବଂ ବିଲାତି ରୋହି ୪୦୦ଟି (୨୧–୪୦ ମି.ମି.) ଛାଡ଼ିବାକୁ ହେବ ।

୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ ।

ଯାଆଁଳ ସକାଳ ବା ସନ୍ଧ୍ୟା ସମୟରେ ଛଡ଼ାଯାଏ । ଯାଆଁଳ ଛାଡ଼ିବା ପୂର୍ବରୁ ଯାଆଁଳ ମୁଣାକୁ କିଛି ସମୟ ପାଇଁ ପୋଖରୀ ପାଣିରେ ଭସାଇ ରଖିବା ଉଚିତ । ଏହାଦ୍ୱାରା ମୁଣା ଭିତରେ ଓ ବାହାରର ଉତ୍ତାପ ସମାନ ସ୍ତରକୁ ଆସିଥାଏ । ତା’ ପରେ ମୁଣାଟିର ମୁହଁ ଖୋଲି ଧୀରେ ଧୀରେ ପୋଖରୀ ପାଣି ଭର୍ତ୍ତି କରନ୍ତୁ ଓ ମୁଣାଟିକୁ ତଳ ପାଖରୁ ଟେକି ଯାଆଁଳ ଗୁଡ଼ିକୁ ପୋଖରୀରେ ଛାଡ଼ନ୍ତୁ ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁଲାଇ ୧୨/୨୦୨୩ Bhubaneswar, Wednesday, July 12/ 2023

# ହନୁମାନ ହେଲେ ଅଫିସିଆଲ ମାସ୍କଟ୍

**ବ୍ୟାଙ୍କକ୍, ୧୧।୭ (ପି.ଟି.)**

ଭାରତୀୟ ଭଗବାନ ତଥା ଶକ୍ତି ଓ ସାହସର ପ୍ରତୀକ ପ୍ରଭୁ ହନୁମାନଙ୍କୁ ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପର ମାସ୍କଟ ଘୋଷଣା କରାଯାଇଛି। ବୁଧବାର ଠାରୁ ଆରମ୍ଭ ହୋଉଥିବା ଏହି ଚାମ୍ପିୟନଶିପ୍‌ର ୫୦ ବର୍ଷ ପୂର୍ତ୍ତି ଅବସରରେ ଏସିଆନ୍ ଆଥଲେଟିକ୍ସ ଆସୋସିଏଶନ୍ ପକ୍ଷରୁ ହନୁମାନଙ୍କୁ ପ୍ରଭୁ ଶ୍ରୀରାମଙ୍କ ସେବାର ପ୍ରତୀକ ଭାବରେ ଦର୍ଶାଇ ମାସ୍କଟ ଘୋଷଣା କରାଯାଇଛି। ହନୁମାନଙ୍କ ଶକ୍ତି ଓ ସାମର୍ଥ୍ୟ କାରଣରୁ ତାଙ୍କୁ ଶ୍ରେଷ୍ଠ ଆଥଲେଟ ଓ ଦଳଗତ ଖେଳାଳି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ବୋଲି ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି।




### ସୋସିଆଲ ମିଡିଆରେ ବିବାଦ

ଭାରତୀୟଙ୍କ ଆରାଧ୍ୟ ଦେବତା ହନୁମାନଙ୍କୁ ମାସ୍କଟ ଘୋଷଣା କରାଯିବାକୁ ନେଇ ଏହାକୁ ପ୍ରଶଂସା କରାଯାଇଥିବା ବେଳେ ଅନେକ ସୋସିଆଲ ମିଡିଆ ୟୁଜର ଏହାକୁ ନିନ୍ଦା କରିଛନ୍ତି। ଏକ କ୍ରୀଡା ଇଭେଣ୍ଟରେ କାହିଁକି ଏକ ନିର୍ଦ୍ଦିଷ୍ଟ ଧର୍ମର ଦେବତାଙ୍କୁ ମାସ୍କଟ କରାଯାଇଛି ବୋଲି ମଧ୍ୟ ଅନେକ ବ୍ୟବହାରକାରୀ ପ୍ରଶ୍ନ ଉଠାଇଛନ୍ତି।

ତେବେ କିଛି ଗଣମାଧ୍ୟମର ରିପୋର୍ଟ ଅନୁସାରେ ମାସ୍କଟ ଭାବରେ ସ୍ଥାନ ପାଇଥିବା ହନୁମାନ ଭାରତୀୟ ହନୁମାନ ନୁହନ୍ତି ବରଂ ଏହା ଥାଇ ହନୁମାନ। ଭାରତରେ ରାମାୟଣ ଭଳି ଥାଇଲାଣ୍ଡରେ ମଧ୍ୟ ରାମାକିଏନ୍ ପ୍ରସିଦ୍ଧ। ସେଠାରେ ମଧ୍ୟ ଭାରତୀୟ ସଂସ୍କୃତି ପରି ଶ୍ରୀରାମ ଓ ହନୁମାନଙ୍କୁ ପୂଜା କରାଯାଏ। ରାମାକିଏନ୍ ଅନୁସାରେ ଥାଇ ହନୁମାନ ମାର୍ଶାଲ ଆର୍ଟ୍ସରେ ପାରଙ୍ଗମ ଓ ସିପକ୍ ଟାକ୍ର ଖେଳନ୍ତି। ତେବେ କୌଣସି କ୍ରୀଡା ଇଭେଣ୍ଟରେ ଦେବାଦେବୀଙ୍କ ବ୍ୟବହାର ପ୍ରଥମ ଥର ପାଇଁ ହୋଇ ନାହିଁ। ପୂର୍ବରୁ ୨୦୦୯ରେ ଅନୁଷ୍ଠିତ ଏସିଆନ୍ ମାର୍ଶାଲ ଆର୍ଟ୍ସ ଗେମ୍ସରେ ଥାଇ ହନୁମାନ ନୋଇଙ୍କୁ ମାସ୍କଟ କରାଯାଇଥିଲା। ୨୦୧୭ରେ ୟୁଥ ଭାରୋତ୍ତୋଳନ ଓ ୨୦୧୮ ବଧିର ଗେମ୍ସରେ ମଧ୍ୟ ଥାଇ ହନୁମାନଙ୍କୁ ମାସ୍କଟ କରାଯାଇଥିଲା। ଏହା ବ୍ୟତିତ ମାଲେସିଆରେ ୧୯୯୭ରେ ଆୟୋଜିତ ସାଉଥ୍‌ଇଷ୍ଟ ଏସିଆନ୍ ଗେମ୍ସରେ ହନୁମାନ ମାସ୍କଟ ରହିଥିଲେ।

## ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଭାରତୀୟ ଆଥ୍‌ଲେଟିକ୍ ମହାସଂଘ ପକ୍ଷରୁ ଏସିଆନ୍ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍ ପାଇଁ ୫୪ ଜଣିଆ ଦଳ ଘୋଷଣା କରାଯାଇଛି। ତାଜିନ୍ଦର ପାଲ ସିଂ ତୁର୍‌ଙ୍କ ନେତୃତ୍ୱରେ ଭାରତ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ।

## ମହିଳା ଅନ୍ତର୍ଜାତୀୟ ଟି୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍

# ଟପ୍ ୧୦କୁ ଫେରିଲେ ହରମନ୍‌ପ୍ରୀତ

**ଦୁବାଇ,୧୧।୭(ପି.ଟି.):** ସଦ୍ୟ ପ୍ରକାଶିତ ଆଇସିସି ମହିଳା ଅନ୍ତର୍ଜାତୀୟ ଟି୨୦ ର୍‍ୟାଙ୍କିଙ୍ଗ ତାଲିକାରେ ଟପ୍ ୧୦କୁ ଫେରିଛନ୍ତି ଭାରତ ଅଧିନାୟକ ହରମନ୍‌ପ୍ରୀତ କୌର। ବାଂଲାଦେଶ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ଟି୨୦ ସିରିଜ ଅନ୍ତର୍ଗତ ପ୍ରଥମ ମ୍ୟାଚରେ ସେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ମ୍ୟାଚରେ ଭାରତ ୧୧୫ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ କୌର ୩୫ ବଲରୁ ମ୍ୟାଚ ବିଜୟୀ ଅପରାଜିତ ୫୪ ରନ କରିଥିଲେ। ସେ ୪ ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନରେ ପହଞ୍ଚିଛନ୍ତି। ବ୍ୟାଟର ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି ଅଷ୍ଟ୍ରେଲିଆର ଟାଲିଆ ମ୍ୟାକ୍‌ଗ୍ରା (୭୮୪ ରେଟିଂ ପଏଣ୍ଟ)। ତାଙ୍କ ପଛକୁ ପଛ ଯଥାକ୍ରମେ ରହିଛନ୍ତି ତାଙ୍କ ଟିମ୍‌ମେଟ୍ ବେଥ୍ ମୁନି (୭୬୭), ସ୍ମୃତି ମନ୍ଧାନା (୭୨୮), ସୋଫି ଡିଭାଇନ୍ (୬୮୩) ଓ ବେଟ୍ସ (୬୬୭)। ବାଂଲାଦେଶ ବିପକ୍ଷ ପ୍ରଥମ ଟି୨୦ରେ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୪ ରନ ଦେଇଥିବାରୁ ଦୀପ୍ତି ଶର୍ମା ବୋଲର ତାଲିକାର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଯଥାକ୍ରମେ ରହିଛନ୍ତି ନନ୍‌କୁଲୁଲେକୋ ଏମ୍‌ଲାବା (୭୪୫) ଓ ସୋଫି ଏକ୍‌ଲେଷ୍ଟୋନ୍ (୭୮୮)।




# ମାନବାଧିକାର କୋର୍ଟରେ ସିମେନ୍ୟା ବିଜୟୀ

**ୱାଶିଂଟନ୍, ୧୧।୭(ପି.ଟି.)**

ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ଦକ୍ଷିଣ ଆଫ୍ରିକାର କାଷ୍ଟର ସିମେନ୍ୟା ହାଇ ଟେଷ୍ଟୋଷ୍ଟେରନ ମାମଲାରେ ମାନବାଧିକାର କୋର୍ଟରେ ବିଜୟୀ ହୋଇଛନ୍ତି। ଏହା ସହିତ ବିଶ୍ୱ ଆଥଲେଟିକ୍ସରେ ରହିଥିବା ଟେଷ୍ଟୋଷ୍ଟେରନ ନିୟମ ବଦଳିବାର ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଏହି ମାମଲାଟି ସେମେନ୍ୟା ସ୍ୱିଜରଲାଣ୍ଡ ସରକାରଙ୍କ ବିପକ୍ଷରେ ଲଢିଥିଲେ। ତେବେ ବିଶ୍ୱ ଆଥଲେଟିକ୍ସ ଏହି ରାୟକୁ ଗ୍ରହଣ କରିବା ପାଇଁ ବାଧ୍ୟ ଅଟେ। ଜନ୍ମରୁ ସିମେନ୍ୟା ମହିଳା ଅଟନ୍ତି। ତେବେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ୨୦୧୯ରେ ନୂତନ ନିୟମ ଲାଗୁ ହେବା ପରେ ସିମେନ୍ୟାଙ୍କ ଅଂଶଗ୍ରହଣ ଉପରେ ଆଶଙ୍କା ଦେଖା ଦେଇଥିଲା। ହରମୋନ୍ ନିୟନ୍ତ୍ରଣ ପାଇଁ ସପ୍ରେସର ବ୍ୟବହାର କରିବାକୁ ସିମେନ୍ୟା ମନା କରିବା ସହିତ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାକୁ କୋର୍ଟ ଖାରଜ କରି ଦେଇଥିଲେ। ୨୦୨୦ରେ ଦ୍ୱିତୀୟ ଥର ସ୍ୱିଜରଲ୍ୟାଣ୍ଡ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ସିମେନ୍ୟା। ସେତେବେଳେ ଏହି ଆବେଦନକୁ ଖାରଜ କରି ଦିଆଯାଇଥିଲା। ଏହାପରେ ଷ୍ଟ୍ରାସବର୍ଗରେ ଥିବା ମାନବାଧିକାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସେମେନ୍ୟା। ୭ ଜଣିଆ ଖଣ୍ଡପୀଠ ମାମଲାର ବିଚାର କରିଥିବା ବେଳେ ସେମେନ୍ୟାଙ୍କ ସପକ୍ଷରେ ୪-୩ରେ ରାୟ ଆସିଥିଲା। ୮୦୦ ମିଟର ଦୌଡରେ ସିମେନ୍ୟା ୨୦୧୨ ଓ ୨୦୧୬ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ସେ ଅଂଶଗ୍ରହଣ କରି ନ ଥିଲେ।

## ଟେଷ୍ଟୋଷ୍ଟେରନ୍ ନିୟମ

# ସେମିରେ ଭୋନ୍ଦ୍ରୋସୋଭା

**ୱିମ୍ବଲେଡନ୍, ୧୧।୭:** ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନରେ ଆଉ ଏକ ବିପର୍ଯ୍ୟୟ ଘଟାଇ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋନ୍ଦ୍ରୋସୋଭା। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ଆମେରିକାର ଜେସିକା ପେଗୁଲାଙ୍କୁ ୬-୪, ୨-୬ ଓ ୬-୪ ସେଟ୍‌ରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଅଲ ଇଂଲଣ୍ଡ କ୍ଲବର କୋର୍ଟ ନମ୍ବର-୧ରେ ଖେଳା ଯାଇଥିବା ମ୍ୟାଚ୍‌ରେ ଅଣସିଡେଡ୍ ଭୋନ୍ଦ୍ରୋସୋଭା ସମ୍ପୂର୍ଣ୍ଣ ଭାବରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ।

ପ୍ରଥମ ସେଟ୍‌କୁ ୬-୪ରେ ଜିତି ନେଇଥିଲେ ଭୋନ୍ଦ୍ରୋସୋଭା। ପରବର୍ତ୍ତୀ ସେଟରେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ପେଗୁଲା ୬-୨ରେ ଜିତି ନେଇଥିଲେ। ଅନ୍ତିମ ତଥା ନିର୍ଣ୍ଣାୟକ ସେଟ୍‌କୁ ଜିତିବା ସହିତ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ୨୦୧୯ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରି ରନର୍ସ ଅପ୍ ରହିଥିଲେ ଭୋନ୍ଦ୍ରୋସୋଭା।

## ୱିମ୍ବଲେଡନ୍ ଟେନିସ୍




# ମହିଳା ଟି୨୦: ସିରିଜ୍ ଜିତିଲା ଭାରତ

**ମୀରପୁର, ୧୧।୭:** ବାଂଲାଦେଶ ମହିଳା ଦଳ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ଟି୨୦ ସିରିଜର ଦ୍ୱିତୀୟ ମ୍ୟାଚ୍‌କୁ ଜିତିବା ସହିତ ସିରିଜ୍ ଉପରେ ଆଗୁଆ କବ୍‌ଜା କରି ନେଇଛି ଭାରତ। ମୀରପୁରର ଶେର ଏ ବାଂଲା ଷ୍ଟାଡିୟମରେ ଖେଳାଯାଇଥିବା ଲୋ ସ୍କୋରିଂ ମ୍ୟାଚରେ ଭାରତ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟରେ ୯୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତୀୟ ସ୍ପିନରଙ୍କ ଘାତକ ବୋଲିଂ ବଳରେ ବାଂଲାଦେଶ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୮୭ ରନ୍ କରିଥିଲା। ୮ ରନ୍‌ରେ ମ୍ୟାଚକୁ ଜିତିବା ସହିତ ଭାରତ ସିରିଜ୍‌ରେ ୨-୦ରେ ଆଗୁଆ ରହିଛି। ଭାରତ ପକ୍ଷରୁ ଶେଫାଳି ବର୍ମା ଓ ଦୀପ୍ତି ଶର୍ମା ଉଭୟ ବ୍ୟାଟ୍ ଓ ବଲ୍ ଜରିଆରେ ଚମତ୍କାର ପ୍ରଦର୍ଶନ କରିଥିଲେ।

**ସ୍ପିନରଙ୍କ ଦବ୍‌ଦବା:** ମଙ୍ଗଳବାର ଭାରତୀୟ ଅଧିନାୟିକା ହରମନ୍‌ପ୍ରୀତ୍ କୌର୍ ଟସ୍ ଜିତି ବ୍ୟାଟିଂ ନେଇଥିଲେ। ଦୁଇ ଓପନର ସ୍ମୃତି ମନ୍ଧାନା (୧୩) ଓ ଶେଫାଳି ବର୍ମା(୧୯) ପ୍ରଥମ ଉଇକେଟରେ ୩୩ ରନ୍ ଯୋଡିଥିଲେ। ମାତ୍ର ୬ ବଲ୍ ମଧ୍ୟରେ ଉଭୟ ଓପନରଙ୍କ ସହିତ ପ୍ରଥମ ମ୍ୟାଚ୍‌ର ଅର୍ଦ୍ଧଶତକ ହାସଲକାରୀ ହରମନ୍‌ପ୍ରୀତ କୌର ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ୧୪ ବଲ୍‌ର ଶେଫାଳିଙ୍କ ଇନିଂସରେ ୪ ଚୌକା ସାମିଲ ଥିଲା। ପରେ ୟସ୍ତିକା ଭାଟିଆ ୧୧ ରନ୍ କରି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ ମଧ୍ୟ ବଡ଼ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ।

**ଜେମିମା-ହରଲିନ୍‌ଙ୍କ ଧିମା ବ୍ୟାଟିଂ:** ଭାରତୀୟ ଦଳ ୪୮ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିବା ବେଳେ ଜେମିମା ରୋଡ୍ରିଗୁଏଜ୍ ଓ ହରଲିନ୍ ଦେଓଲ ଅତ୍ୟନ୍ତ ଧିମା ବ୍ୟାଟିଂ କରିଥିଲେ। ବାଂଲାଦେଶୀ ଲେଗ୍ ସ୍ପିନର ଫହିମା ଖାତୁନ୍ ଓ ରାବେୟା ଖାନ୍ ଉଭୟ ଖେଳାଳିଙ୍କୁ ହାତ ଖୋଲିବାର ସୁଯୋଗ ଦେଇ ନ ଥିଲେ। ଜେମିମା ୨୦ ବଲ୍ ଖେଳି ୮ ରନ୍ କରିଥିବା ବେଳେ ହରଲିନ୍ ୨୧ ବଲ୍ ଖେଳି ମାତ୍ର ୬ ରନ୍ ସ୍କୋର କରିଥିଲେ। ଶେଷ ଭାଗରେ ଦୀପ୍ତି ଶର୍ମା୧୦ ଓ ଅମନଜୋତ କୌର ୧୪ ରନ୍ ସ୍କୋର କରିବାରୁ ଭାରତ ୯୫ ରନ୍‌ରେ ପହଞ୍ଚିଥିଲା। ଏକଦା ଭାରତ ୧୫୦ ରନ୍ କରିବା ଭଳି ମନେହେଉଥିଲେ ହେଁ ବାଂଲାଦେଶ ବୋଲର ଭାରତକୁ ୧୦୦ ରନ୍ ମଧ୍ୟରେ ସୀମିତ ରଖିଥିଲେ। ପ୍ରଥମ ୧୦ ଓଭରରେ ଭାରତ ୫୧ ରନ୍ କରିଥିବା ବେଳେ ଦ୍ୱିତୀୟ ୧୦ ଓଭରରେ ମାତ୍ର ୪୪ ରନ୍ କରିଥିଲା।

**ସଂକ୍ଷିପ୍ତ ସ୍କୋର:** ଭାରତ ୨୦ ଓଭରରେ ୯୫/୮(ଶେଫାଳି ବର୍ମା-୧୯, ଅମନଜୋତ କୌର-୧୪, ସ୍ମୃତି ମନ୍ଧାନା-୧୩, ସୁଲତାନା ଖାତୁନ ୩/୨୧, ଫହିମା ଖାତୁନ-୨/୧୬, ନାହିଦା ଅଖତର-୧/୧୪)।
ବାଂଲାଦେଶ ୨୦ ଓଭରରେ ୮୭/୧୦(ନିଗାର ସୁଲତାନା ଜ୍ୟୋତି-୩୮, ଦୀପ୍ତି ଶର୍ମା-୩/୧୨, ଶେଫାଳି ବର୍ମା୩/୧୫, ମିନୁ ମଣି-୨/୯)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ